# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୨/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, September 22/2023 | Page 18 | ₹ 7.00

୪୯ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 298 | ମୂଲ୍ୟ ₹୭/-


# ସବୁଠୁ କମ୍ ଗଢ଼ା ମଜୁରୀ ପାଇଁ ଇତିହାସ ରଚିଲା ଲାଲ୍‌ଚାନ୍ଦ

- ଲାଲ୍‌ଚାନ୍ଦ ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ର ନବୀକରଣ
- ଗ୍ରାହକଙ୍କ ସୁବିଧା ପାଇଁ ପାର୍କିଂ ସହ ଖୋଲିଲା ଆଉ ଗୋଟିଏ ପ୍ରବେଶ ଦ୍ୱାର



ପୂର୍ବଭାରତର ବୃହତ୍ତମ ତଥା ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ନିଜର ଭୁବନେଶ୍ୱର, ମାଷ୍ଟର୍ କ୍ୟାଣ୍ଟିନ୍‌ସ୍ଥିତ ଶୋ'ରୁମ୍‌କୁ ନୂଆ ରୂପରେ ସୁସଜ୍ଜିତ କରିଛି। ସେପ୍ଟେମ୍ବର ୧୯ ତାରିଖ ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ଶୋ'ରୁମର ପଛପାର୍ଶ୍ୱରେ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ସହ ନୂତନ ପ୍ରବେଶ ଦ୍ୱାର ଉନ୍ମୁକ୍ତ କରାଯାଇଛି।

ଏହି ଅବସରରେ ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଲାଲ୍‌ଚାନ୍ଦ୍ ସ୍ୱର୍ଣ୍ଣ ଅଳଙ୍କାରର ମେକିଂ ଚାର୍ଜ ରଖିଛନ୍ତି ଫ୍ଲାଟ୍ ୪୯୯ ଟଙ୍କା ପ୍ରତି ଗ୍ରାମ୍। ସମ୍ପ୍ରତି ଓଡ଼ିଶାରେ ଅନେକ ଜୁଏଲର ଅନେକ ଲୋଭନୀୟ ଅଫର୍ ଦେଉଛନ୍ତି, ଯେଉଁଥିରେ ଅଳ୍ପ କେତେକ ଆଇଟମ୍ ଉପରେ ମେକିଂ ଚାର୍ଜରେ ରିହାତି ଦେଇ ଗ୍ରାହକଙ୍କୁ ଭ୍ରମିତ କରାଯାଉଛି। କିନ୍ତୁ ଲାଲ୍‌ଚାନ୍ଦ୍‌ରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଗହଣାର ଗଢ଼ା ମଜୁରୀ ଫ୍ଲାଟ୍ ୪୯୯ଟଙ୍କା ରହିଛି। ସେହିପରି ରୁପା ଗହଣାର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୫୦% ରିହାତି ଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ଓ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍ ଗୁଡ଼ିକ ଉପରେ ଫ୍ଲାଟ୍ ୨୦% ରିହାତି ରହିଛି। ପ୍ରତି ୨୫ ହଜାର ଟଙ୍କାର କ୍ରୟ ଉପରେ ରୁପାମୁଦ୍ରା ସମ୍ପୂର୍ଣ୍ଣ ମାଗଣା ଦିଆଯାଉଛି। ଏହି ଅଫର୍ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ।



ଲାଲ୍‌ଚାନ୍ଦ୍ ସବୁବେଳେ ଓଲିଉଡ୍‌କୁ ପ୍ରୋତ୍ସାହନ ଦେଇ ଆସିଛି। ଶୋ'ରୁମ୍‌ର ଏହି ନୂତନ ସଂସ୍କରଣର ଲୋକାର୍ପଣ ଅବସରରେ ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ, ଆକାଶ ଦାଶନାୟକ, ଅଭିନେତ୍ରୀ ଭୂମିକା ଓ ସୂର୍ଯ୍ୟମୟୀ ଯୋଗଦେଇଥିଲେ। ଗ୍ରାହକମାନେ ଓଲିଉଡ୍ ତାରକାମାନଙ୍କ ସହ ସେଲ୍ଫି ନେଇଥିଲେ। ଆଉଥରେ ଆସନ୍ତା ଶନିବାର ଓ ରବିବାର ସଂଧ୍ୟା ୫ଟାରୁ ୭ଟା ମଧ୍ୟରେ ଭୂମିକା ଓ ସୂର୍ଯ୍ୟମୟୀଙ୍କ ସହ ଗ୍ରାହକମାନେ ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ରେ ସେଲ୍ଫି ନେଇ ପାରିବେ।

"ସ୍ୱର୍ଣ୍ଣ ଅଳଙ୍କାରରେ ଏତେ କମ୍ ମେକିଂ ଚାର୍ଜ ରଖିବାରେ ଲାଲ୍‌ଚାନ୍ଦ୍ ପ୍ରଥମ। ଗ୍ରାହକମାନଙ୍କ ପାଇଁ ଏହା ଏକ "ୱାନ୍ ଟାଇମ୍ ଅପରଚୁନିଟି" କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ସ୍କିମ୍ ରବିବାର ଦିନ ଶେଷ ହୋଇଯାଉଛି। ଆଉ କେବେ ଏଭଳି ସୁଯୋଗ ମିଳିବ କି ନମିଳିବ, ସେଥିପାଇଁ ଯଦି ବାହାଘର ଏବଂ ଆଗକୁ ଆସୁଥିବା ପର୍ବପର୍ବାଣୀ ଯଥା ଦଶହରା ଓ ଦୀପାବଳୀ ଉପଲକ୍ଷେ ଅଳଙ୍କାର କିଣାକିଣି କରିବାର ଅଛି, ତେବେ ଏହି ସୁଯୋଗର ସଦ୍‌ବ୍ୟବହାର କରି ଏବେଠାରୁ କିଣି ନେବା ଦରକାର" ବୋଲି ଲାଲ୍‌ଚାନ୍ଦ୍‌ର ଫାଉଣ୍ଡର ଚେୟାର୍‌ମ୍ୟାନ୍ ଶ୍ରୀ ସଂଜୟ ହଂସ ପ୍ରକାଶ କରିଛନ୍ତି।

ଏହି ଅବସରରେ କିଛି ଗ୍ରାହକମାନଙ୍କଠାରୁ ମଧ୍ୟ ଆମେ ମତାମତ ନେଇଥିଲୁ। ଜନୈକ ଗ୍ରାହକ ପ୍ରସନ୍ନ ମିଶ୍ର କହିଲେ – "ଆମେ ଅନେକ ଜୁଏଲାରୀ ଦୋକାନ ବୁଲି ଦେଖିଛୁ। କିନ୍ତୁ ଲାଲ୍‌ଚାନ୍ଦ୍‌ର ଅଳଙ୍କାର ଡିଜାଇନ୍ ଆଉ କେଉଁଠି ନାହିଁ। ଅନ୍ୟ ଜୁଏଲର୍‌ମାନଙ୍କ ଅଫର୍ ତୁଳନାରେ ଲାଲ୍‌ଚାନ୍ଦ୍‌ର ଅଫର୍ ଖୁବ୍ ସ୍ୱଚ୍ଛ, ସ୍ପଷ୍ଟ ଏବଂ ମେକିଂ ଚାର୍ଜ ବି କମ୍। ଆମେ ଝିଅ ବାହାଘର ପାଇଁ ଆଣ୍ଟିକ୍ ଗହଣା କିଣିଲୁ। ଆମର ବିଶ୍ୱାସ ହେଲା ନାହିଁ ଯେ, ଆଣ୍ଟିକ୍ ଗହଣା ମାତ୍ର ୪୯୯ ଟଙ୍କା ମେକିଂରେ ମିଳିଯିବ! ଆମେ ଅନେକ ଜୁଏଲାରୀ ସପ୍ ବୁଲିଛୁ କିନ୍ତୁ, ଏତେ କମ୍ ମେକିଂ କେଉଁଠି ନାହିଁ।"

> "ପ୍ରଥମରୁ ହିଁ ଆମେ ଗ୍ରାହକମାନଙ୍କୁ ଗହଣାର ଶୁଦ୍ଧତା ଏବଂ ଅଳଙ୍କାର ବଜାରରେ ଚାଲିଥିବା ବିଭ୍ରାନ୍ତକାରୀ ଅଫରର ସତ୍ୟତା ସମ୍ପର୍କରେ ସଚେତନ କରି ଆସିଛୁ। ସବୁଠୁ ବଡ଼ କଥା ହେଲା ଆମର ଗୋଟିଏ ଅଫର ସମସ୍ତ ଆଇଟମ୍ ଉପରେ ଲାଗୁ ହୁଏ। କୌଣସି ସର୍ତ୍ତ ନଥାଏ। ପ୍ରଥମ ଥର ପାଇଁ ସୁନା ଅଳଙ୍କାରରେ ଆମେ ସବୁଠୁ କମ୍ ମେକିଂ ରଖିଛୁ। ଏଭଳି ସୁଯୋଗ ମିଳି ନ ପାରେ, ତେଣୁ ବାହାଘର ପାଇଁ ବା ପୂଜା ଓ ଦୀପାବଳୀ ପାଇଁ ଗହଣା କିଣିବାର ଏହା ସୁବର୍ଣ୍ଣ ସୁଯୋଗ।"
>
> **ଶ୍ରୀ ସଞ୍ଜୟ ହଂସ**
> ଫାଉଣ୍ଡର୍ ଚେୟାରମ୍ୟାନ୍, ଲାଲ୍‌ଚାନ୍ଦ୍ ଗ୍ରୁପ୍

ଏକ ହୀରା ମୁଦି କିଣି ଖୁସିରେ ଫେରୁଥିବା କଟକର କାଞ୍ଚନ ମହାନ୍ତି କହିଲେ – "ଆମେ ଆଇଜିଆଇ ସାର୍ଟିଫାଏଡ୍ ହୀରା ଉପରେ ଫ୍ଲାଟ୍ ୩୦ ପ୍ରତିଶତ ରିହାତି ପାଇଲୁ। ଏତେ ଅଧିକ ରିହାତି ବୋଧହୁଏ ସାରା ଭାରତରେ ମିଳିବ ନାହିଁ। ଲାଲ୍‌ଚାନ୍ଦ୍‌ର ଅଧ୍ୟକ୍ଷଙ୍କୁ ଜଗନ୍ନାଥ ଆଶୀର୍ବାଦ ଦିଅନ୍ତୁ, ସେ ଆମ ପାଇଁ ଏହିଭଳି ରିହାତି ଅଫର ଆଣନ୍ତୁ।"

ଲାଲ୍‌ଚାନ୍ଦ୍‌ର ଭାଲେ ପାର୍କିଂ ବ୍ୟବସ୍ଥା ଉପରେ ନିଜର ସନ୍ତୋଷ ବ୍ୟକ୍ତ କରି ଖୋର୍ଦ୍ଧାର ଚାରୁପଦ୍ମା ଖୁଣ୍ଟିଆ କହିଲେ - ଆମକୁ ଲାଲ୍‌ଚାନ୍ଦ୍‌ର ଭାଲେ ପାର୍କିଂ ବ୍ୟବସ୍ଥା ଖୁବ୍ ଭଲ ଲାଗିଲା। ଲାଲ୍‌ଚାନ୍ଦ୍ ତରଫରୁ ୫/୬ ଜଣ ଡ୍ରାଇଭର ଷ୍ଟାଫ୍‌ଙ୍କୁ ଭାଲେ ପାର୍କିଂ ପାଇଁ ରଖାଯାଇଛି। ଆମେ ଡ୍ରାଇଭରକୁ ଚାବି ଦେଇଦେଲୁ। ସେ ଆମ ଗାଡ଼ିକୁ ଠିକ୍ ଜାଗାରେ ପାର୍କିଂ କରି ଆମକୁ ଚାବି ଫେରାଇଦେଲା। ଆମେ ସପିଂ କରି ଫେରିବା ପରେ ଭାଲେ ପାର୍କିଂ ଷ୍ଟାଫ୍ ମାନେ ଆମ ଗାଡ଼ି ବାହାର କରିଦେଲେ। ଆମକୁ ଆଦୌ ଚିନ୍ତା କରିବାକୁ ପଡ଼ିଲା ନାହିଁ। ଖୁବ୍ ଖୁସିରେ ସପିଂ କରି ଫେରିଲୁ। ମେଟ୍ରୋ ସହର ମାନଙ୍କରେ ଏଭଳି ସୁବିଧା ଆମେ ଦେଖିଥିଲୁ, କିନ୍ତୁ ଭୁବନେଶ୍ୱରରେ ଏତେ ସୁନ୍ଦର ଅନୁଭବ ଆମ ପାଇଁ ପ୍ରଥମ।








ଆଉ ମାତ୍ର ୩ ଦିନ
୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ

ଫ୍ଲାଟ୍
## ୪୯୯ ଟଙ୍କା/ଗ୍ରାମ୍
ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ

ଫ୍ଲାଟ୍ ୫୦% ରିହାତି – ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ
ଫ୍ଲାଟ୍ ୩୦% ରିହାତି – ହୀରା ମୂଲ୍ୟ ଉପରେ
ଫ୍ଲାଟ୍ ୨୦% ରିହାତି – ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍ ଗୁଡ଼ିକ ଉପରେ

କେବଳ ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ଠାରେ ପ୍ରତି ୨୫,୦୦୦/- ଟଙ୍କାର କ୍ରୟ ଉପରେ
**ରୁପା ମୁଦ୍ରା ସମ୍ପୂର୍ଣ୍ଣ ମାଗଣା**

ଆପଣଙ୍କ ପ୍ରିୟ ଅଭିନେତ୍ରୀ
**ଭୂମିକା ଦାଶ ଓ ସୂର୍ଯ୍ୟମୟୀ ମହାପାତ୍ରଙ୍କ ସହ**
ସେଲ୍ଫି ନିଅନ୍ତୁ ୨୩ ଓ ୨୪ ସେପ୍ଟେମ୍ବର ସନ୍ଧ୍ୟା ୫ଟାରୁ ୭ଟା

LALCHND
Trusted Brand Since 1948






ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

JEWELLERS SINCE 1988

ଭୁବନେଶ୍ୱର ରଘୁନାଥପୁର ୦୬୭୪-୨୪୬୯୧୪୯/୧୫୦/୧୫୧ | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ ୦୬୭୪-୨୫୩୪୦୧୬/୧୭/୧୮ | ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ୍ +୯୧-୯୯୩୭୨୨୯୭୨୫ | ବ୍ରହ୍ମପୁର ଧର୍ମ ନଗର ୦୬୮୦-୨୨୨୯୪୦୧/୦୨/୦୪ | କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ୦୬୭୧-୨୩୦୨୫୦୫/୩୫୦୫/୪୫୦୫ | ନୂଆଦିଲ୍ଲୀ ଲାଜପତ୍ ନଗର ୦୧୧-୪୫୭୬୯୫୬୪

DSPL-241

# ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତୁଳନୀୟ ପରିବର୍ତ୍ତନ



## ଓଡ଼ିଶା: ସ୍ୱାସ୍ଥ୍ୟ ସୂଚକାଙ୍କରେ ଅଗ୍ରଣୀ

- ଶିଶୁ ମୃତ୍ୟୁହାରରେ ସର୍ବାଧିକ ହ୍ରାସ
- ସର୍ବାଧିକ ଟୀକାକରଣ କଭରେଜ୍
- ମ୍ୟାଲେରିଆରେ ସର୍ବାଧିକ ହ୍ରାସ
- ମାତୃ ମୃତ୍ୟୁ ଅନୁପାତରେ ଦ୍ୱିତୀୟ ସର୍ବାଧିକ ହ୍ରାସ
- ଟିବି ହ୍ରାସରେ ଦ୍ୱିତୀୟ ର୍ୟାଙ୍କ

"ପ୍ରତିଟି ଜୀବନ ମୂଲ୍ୟବାନ"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ଡାକ୍ତରୀ ଶିକ୍ଷାରେ ରୂପାନ୍ତରଣ

- ୬ ବର୍ଷ ମଧ୍ୟରେ ୮ ଟି ନୂଆ ମେଡିକାଲ୍ କଲେଜ୍
- ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲର ରୂପାନ୍ତରଣ
- ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି



## ବିଏସ୍‌କେୱାଇ: ଜୀବନରେ ପରିବର୍ତ୍ତନ ଆଣୁଛି

- ୭୦୦ ରୁ ଅଧିକ ଘରୋଇ ହସ୍ପିଟାଲରେ ୯୬.୫ ଲକ୍ଷ ପରିବାରକୁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା
- ୧.୨୫ ଲକ୍ଷ ରୋଗୀ ପ୍ରତି ମାସରେ ୨୫୦ କୋଟିର ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ଲାଭ କରୁଛନ୍ତି
- ସମସ୍ତ କୋଭିଡ୍‌ଜନିତ ହସ୍ପିଟାଲରେ ଭର୍ତ୍ତି ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଇଛି
- ସରକାରୀ ହସ୍ପିଟାଲରେ ସମସ୍ତଙ୍କ ପାଇଁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା

## ଭବିଷ୍ୟତ ପାଇଁ ଲକ୍ଷ୍ୟ

- ଆଗାମୀ ୩ ବର୍ଷରେ ୨୦ ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲ ସ୍ଥାପନାର ଯୋଜନା କରାଯାଇଛି
- ରୋଗୀ-କେନ୍ଦ୍ରିକ ସ୍ୱାସ୍ଥ୍ୟସେବାରେ ଦୃଢ଼ୀକରଣ ନିମନ୍ତେ "ଆମ ହସ୍ପିଟାଲ" ଅଧିନରେ ହସ୍ପିଟାଲ ରୂପାନ୍ତରୀକରଣ
- କ୍ୟାନ୍‌ସର ଚିକିତ୍ସାରେ ଓଡ଼ିଶା ଦେଶର ପ୍ରମୁଖ କେନ୍ଦ୍ର ହେବ

୯୮% ହିତାଧିକାରୀମାନଙ୍କ ଠାରୁ ମିଳିଥିବା ମତାମତ ସନ୍ତୋଷଜନକ



ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

OIPR-10001/13/0071/2324

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୨/୨୦୨୩ | Bhubaneswar, Friday, September 22/2023 | ପୃଷ୍ଠା-୧



## ନୟନତାରା ଖୁସିନାହାନ୍ତି

ଫିଲ୍ମ 'ଜୱାନ'ରେ ସାଉଥ୍ ଅଭିନେତ୍ରୀ ନୟନତାରାଙ୍କୁ କମ୍ ଗୁରୁତ୍ୱ ମିଳିଥିବା ନେଇ ଅସନ୍ତୋଷ ବ୍ୟକ୍ତ କରି ସେ ନିର୍ଦ୍ଦେଶକ ଏଟଲି କୁମାରଙ୍କ ଉପରେ ରାଗିଛନ୍ତି।

୧୧

୧୬

## ଭାରତକୁ ଜିତାଇଲେ ଛେତ୍ରୀ

ଏସିଆନ ଗେମ୍ସ ପୁରୁଷ ଫୁଟ୍‌ବଲରେ ଭାରତ ସୁନୀଲ ଛେତ୍ରୀଙ୍କ ଗୋଲ୍ ବଳରେ ବାଂଲାଦେଶକୁ ହରାଇଦେଇଛି।



# ଆଜିଠୁ ବିଧାନସଭା

**ଭୁବନେଶ୍ୱର,୨୧।୯(ଅନିଲ ଦାସ)**

ଷୋଡ଼ଶ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହା ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୮ଟି କାର୍ଯ୍ୟଦିବସ ରହିଛି। ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ। ପରଲୋକଗତ ସଦସ୍ୟମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ ହେବ। ଏହାପରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ। ସେପ୍ଟେମ୍ବର ୨୩ ଓ ☞ପୃଷ୍ଠା-୨

# ପ୍ରାର୍ଥୀପତ୍ର ଦାଖଲ କଲେ ପ୍ରମିଳା

## ଆଜି ବାଚସ୍ପତି ନିର୍ବାଚନ

**ଭୁବନେଶ୍ୱର,୨୧।୯(ଅନିଲ ଦାସ)**

ବିଜେଡିର ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ ବାଚସ୍ପତି ପଦ ପାଇଁ ଗୁରୁବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମନ୍ତ୍ରୀ ଓ ଦଳୀୟ ନେତାଙ୍କ ସହ ଆସି ସେ ବିଧାନସଭା ସଚିବଙ୍କ ନିକଟରେ ନାମାଙ୍କନ ଭରିଛନ୍ତି। ପ୍ରମିଳା ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବକ ଓ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସମର୍ଥକ ରହିଥିଲେ। ଶୁକ୍ରବାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କର୍କଟ ଚିକିତ୍ସା ପାଇଁ ସୁଯୋଗ**




କେନ୍ଦୁଝର ଜିଲା ବଡ଼ବିଲ ୧୦ ନଂ ରାଜ୍ୟ ରାଜପଥଠାରେ ଗୁରୁବାର ବେପରୁଆ ଗାଡ଼ିଚାଳନା ଯୋଗୁ ଏକ ଭାରିଯାନ ସୂଚନା ଫଳକ ସହ ଧକ୍କା ହୋଇ ଉପରକୁ ଉଠିଯାଇଛି। **(ଫଟୋ: ଦେବପ୍ରିୟ ରଣା)**

# ମହିଳା ସଂରକ୍ଷଣ ବିଲ୍ ଗୃହୀତ

## ନାରୀଶକ୍ତି ବନ୍ଦନ ଅଧିନିୟମକୁ ରାଜ୍ୟ ସଭାର ମଞ୍ଜୁରୀ

**ନୂଆଦିଲ୍ଲୀ,୨୧।୯**

ଗୁରୁବାର ଥିଲା ସ୍ୱତନ୍ତ୍ର ଅଧିବେଶନର ଚତୁର୍ଥ ଦିନ। ଐତିହାସିକ 'ନାରୀଶକ୍ତି ବନ୍ଦନ ଅଧିନିୟମ,୨୦୨୩' ବୁଧବାର ଲୋକ ସଭାରେ ଦୁଇ-ତୃତୀୟାଂଶରୁ ଊର୍ଦ୍ଧ୍ୱ ସମର୍ଥନରେ ପାରିତ ହେବାର ଦିନକ ପରେ ରାଜ୍ୟ ସଭାରେ ଏହାକୁ ଆଗତ କରାଯାଇଥିଲା। ଦୀର୍ଘ ୧୧ ଘଣ୍ଟାର ବିତର୍କ ପରେ ରାତି ପ୍ରାୟ ୧୦ଟା ୨୦ରେ ଭୋଟିଂ କରାଯାଇଥିଲା। ବିଲ୍ ସପକ୍ଷରେ ଉକ୍ତ ସଦନରେ ଉପସ୍ଥିତ ସବୁ ଦଳର ସମସ୍ତ ୨୧୪ ସଦସ୍ୟ ଭୋଟ ଦେଇ ଗୃହୀତ କରାଇଥିଲେ। ଏହା ବିପକ୍ଷରେ ଜଣେ ହେଲେ ସଦସ୍ୟ ଯାଇ ନ ଥିଲେ। ବିରୋଧୀ ଦଳଗୁଡ଼ିକ ଜନଗଣନା ☞ପୃଷ୍ଠା-୨

# ବିଜେଡିରୁ ୨ ବହିଷ୍କୃତ

**ଭୁବନେଶ୍ୱର,୨୧।୯(ଅନିଲ ଦାସ)**

ଦୁର୍ନୀତି ଓ ଜନ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ୨ ବିଧାୟକଙ୍କୁ ଗୁରୁବାର ବହିଷ୍କାର କରାଯାଇଛି। ନବୀନ ନିବାସଠାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏବଂ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଦଳରୁ ବିଦା କରାଯାଇଛି। ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ଉଭୟଙ୍କୁ ବହିଷ୍କାର କରାଯାଇଛି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି ଯେ ସମ୍ବାଦ ଖବରକାଗଜର ଜଣେ ପୂର୍ବତନ କର୍ମଚାରୀ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ସୌମ୍ୟରଞ୍ଜନଙ୍କ ନାମରେ ବ୍ୟାଙ୍କ ଋଣ ଦୁର୍ନୀତି ନେଇ ଏଫ୍‌ଆଇଆର୍ ଦେଇଛନ୍ତି। ଏହି ଅଭିଯୋଗ ଆଧାରରେ ଆଇପିସି ଦଫା ୫୦୬/୪୬୭/୪୬୮/୪୭୧/୪୨୦/୧୨୦(ବି)ରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସମ୍ବାଦ ଖବରକାଗଜର ଅନେକ ପୂର୍ବତନ କର୍ମଚାରୀ ମଧ୍ୟ ଏଭଳି ଅଭିଯୋଗ ଇଓଡବ୍ଲ୍ୟୁରେ କରିଛନ୍ତି। ଏହା ଏକ ଗୁରୁତର ପ୍ରାୟୋଜିତ ଅନେକ କୋଟି ଟଙ୍କାର ବ୍ୟାଙ୍କ ଦୁର୍ନୀତି। ୩ ଶହରୁ ଅଧିକ କର୍ମଚାରୀଙ୍କ ନାଁରେ ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତ କରି ଋଣ ଉଠାଯାଇଛି। ଋଣ ଉଠାଇବା ପାଇଁ ଏହା ଏକ ସଙ୍ଗଠିତ ବ୍ୟାଙ୍କ୍ ଜାଲିଆତି ବୋଲି ଉଲ୍ଲେଖ କରାଯାଇଛି।



ସୁଧାଂଶୁ ଶେଖର ପରିଡ଼ା



ସୌମ୍ୟରଞ୍ଜନ ପଟ୍ଟନାୟକ



କୃଷି ଯନ୍ତ୍ରାଂଶ ସବ୍‌ସିଡି ନାଁରେ ହଡ଼ପ

ଲୋକାଯୁକ୍ତଙ୍କ ନିକଟରେ ମାମଲା

■ ଜାଲିଆତି କରି ଏସ୍‌ସି, ଏସ୍‌ଟି ହିତାଧିକାରୀଙ୍କ ନାମରେ ଟଙ୍କକଟା

■ ରେମୁଣା ବିଧାୟକଙ୍କ ମାଲିକାନାରେ ରହିଛି ନିଗମାନନ୍ଦ ଆସୋସିଏଟ୍ସ

ସୁଧାଂଶୁ ପରିଡ଼ାଙ୍କ ମାଲିକାନାରେ ଥିବା ନିଗମ ଆସୋସିଏଟ୍ସରେ 'କୃଷି ଯନ୍ତ୍ରାଂଶ ସବ୍‌ସିଡି ନାଁରେ ହଡ଼ପ' ଶୀର୍ଷକ ଏକ ଖବର ପ୍ରଥମେ ୨୦୨୧ ମାର୍ଚ୍ଚ ୧୧ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା।

## କର୍ମଚାରୀଙ୍କ ନାଁରେ ସୌମ୍ୟଙ୍କ ଋଣ ଜାଲିଆତି

ସେହିପରି ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କୁ ସରକାରୀ ସବ୍‌ସିଡି ଅର୍ଥ ଅପବ୍ୟବହାର ମାମଲାରେ ବହିଷ୍କାର କରାଯାଇଛି। ସୁଧାଂଶୁ ନିଗମାନନ୍ଦ ଆସୋସିଏଟର ମ୍ୟାନେଜିଂ ପାର୍ଟନର ଥିବା ବେଳେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସବ୍‌ସିଡି ବାବଦ ଅର୍ଥକୁ ହଡ଼ପ କରିଛନ୍ତି। ୨୦୧୭-୧୮ରୁ ୨୦୧୯-୨୦ ମଧ୍ୟରେ ସେ ଚାଷୀମାନଙ୍କ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଛନ୍ତି। ଲୋକାଯୁକ୍ତଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ଦ୍ୱାରା ତାଙ୍କ ନାମରେ ଥିବା ମାମଲାର ତଦନ୍ତ କରାଯାଉଛି ବୋଲି ବିଜେଡି ପକ୍ଷରୁ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି। ସୂଚନାଯୋଗ୍ୟ, କିଛିଦିନ ଦେବ ସୌମ୍ୟ ତାଙ୍କ ସମ୍ପାଦକୀୟ ଲେଖାରେ ରାଜ୍ୟର ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାରତ ଏହି କ୍ଷେତ୍ରରେ ଖୁବ୍‌ଶୀଘ୍ର ତୃତୀୟ ସ୍ଥାନ ଅଧିକାର କରିବାକୁ ଯାଉଛି। ଏଥିରେ ଉତ୍ତର ପ୍ରଦେଶର ବଡ଼ ଅବଦାନ ରହିବ।

– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ଛତିଆ ବିରିକିଣି**
**ଖାଆଲୋ ରଙ୍କୁଣୀ ମନ ଜାଣି !**

ଯିଏ ଖାଇବାକୁ ନ ପାଏ ସେ ଖାଦ୍ୟ ରଙ୍କୁଣୀ। ଭଲ କରି ଦିନକୁ ଦି'ଓଳି ଦି' ମୁଠା ଖାଇବାକୁ ପାଉ ନ ଥିବା ଖାଦ୍ୟ ରଙ୍କୁଣୀକୁ ମନଭରି ଖାଇବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛିଲୋ ବୋଇଲି ଛିଟିକିଣିକି**
**ଛିଣ୍ଡେଇ ନ କହୁ କଥା**
**ଭିତରେ ଭିତରେ ଗୁଣେଇ ହେଉ**
**ଏ କୋଉ ଛାର କଥା ?**

କଥା ଖୋଲିକରି କହିଲେ ସମସ୍ୟା ଅନେକାଂଶରେ କମିଯାଇଥାଏ। ଏହା ଜାଣିକରି ମଧ୍ୟ କିଛି ବ୍ୟକ୍ତି କଥାକୁ ଆଦୌ ଫିଟେଇ କହି ନ ଥାନ୍ତି। ଯେତେ ଛୋଟ ବା ମାମୁଲି କଥା ହୋଇଥିଲେ ମଧ୍ୟ ତାକୁ ଧରି ମନେମନେ ଗୁଣି ହୋଇ ନାନା ପ୍ରକାର ବିଭ୍ରାନ୍ତି ସୃଷ୍ଟି କରିଥାନ୍ତି। କେତେକ ମହିଳାଙ୍କ ଏପରି ସ୍ୱଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ତୁମୁଡିବନ୍ଧରେ ମାଓବାଦୀ ପୋଷ୍ଟର



ମାଓବାଦୀ ପୋଷ୍ଟର

ତୁମୁଡିବନ୍ଧ,୨୧।୯(ଦୀପକ କୁମାର ପରାସେଠ୍)

କନ୍ଧମାଳ ଜିଲା ତୁମୁଡିବନ୍ଧ ଅଞ୍ଚଳରେ ପ୍ରତିବର୍ଷ କୌଣସି ନା କୌଣସି ସ୍ଥାନରେ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରୁଛନ୍ତି। ମାଓବାଦୀଙ୍କ ଶହୀଦ ସପ୍ତାହ କିମ୍ବା ପିଏଲଜିଏ ସପ୍ତାହ ପାଳନ ବେଳେ ପୋଷ୍ଟର, ବ୍ୟାନର ଆଦି ମାରୁଛନ୍ତି। ଗୁରୁବାର ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ଝିରିପାଣିଠାରୁ ରାୟଗଡା ଜିଲାର ଅମ୍ବାଦଳାକୁ ସଂଯୋଗ କରୁଥିବା ରାସ୍ତାର ବରଗୁଡ଼ା ଛକଠାରେ କିଛି ହାତଲେଖା ମାଓବାଦୀ ପୋଷ୍ଟର ପଡିଥିବା ଦେଖାଯାଇଛି। ସେଥିରେ ସେପ୍ଟେମ୍ବର ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଗଣତାନ୍ତ୍ରିକ ବିପ୍ଳବ ସପ୍ତାହକୁ ପାଳନ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ଜନସାଧାରଣ ନୂଆ ଗଣତାନ୍ତ୍ରିକ ବିପ୍ଳବରେ ଯୋଗ ଯୋଗ ଦେବା, ୯୦% ଶୋଷିତ ଜନତାଙ୍କୁ ମୁକ୍ତ, ଜଳ, ଜମି, ଜଙ୍ଗଲର ଅଧିକାର ପାଇଁ ଶସସ୍ତ୍ର ବର୍ଗ ସଂଘର୍ଷ କରିବାକୁ ପୋଷ୍ଟରରେ ଲେଖାଯାଇଛି। ତଳେ ସିପିଆଇ ମାଓବାଦୀ (ବା.ଘୁ.ନା. ଡିଭିଜନ) ବୋଲି ଉଲ୍ଲେଖ ରହିଛି। ଯାହାକୁ ନେଇ ଝିରିପାଣି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଆତ୍ମହତ୍ୟା ପାଇଁ ଉସୁକାଇ ଜେଲ ଗଲେ ୩ ଯୁବକ

## ବ୍ଲାକମେଲିଂରୁ ଯୁବତୀଙ୍କ ଆତ୍ମହତ୍ୟା ଘଟଣା

ନୟାଗଡ,୨୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ଗୋବିନ୍ଦପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ବିବାହ କରିବା ପାଇଁ ଏକତରଫା ପ୍ରେମ କରି ବାରମ୍ବାର ବ୍ଲାକମେଲିଂ କରିବା ପରେ ସମ୍ପୃକ୍ତା ଯୁବତୀ ଆତ୍ମହତ୍ୟା କରିଥିଲେ। ଯୁବତୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଘଟଣାରେ ଇଟାମାଟି ଥାନା ପୋଲିସ ବୋଦାପଡ଼ାର ନିରଞ୍ଜନ ପରିଡା(୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ନିରଞ୍ଜନଙ୍କୁ ସହଯୋଗ କରିବା ଅଭିଯୋଗରେ ବୋଦାପଡା ଗାଁର ତ୍ରିଲୋଚନ ପରିଡ଼ା(୨୩) ଓ ସୁମନ୍ତ ପରିଡ଼ା(୨୬) ମଧ୍ୟ କୋର୍ଟ ଚାଲାଣ ହୋଇଛନ୍ତି। ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଗୋବିନ୍ଦପୁରର ଜଣେ ୧୮ ବର୍ଷୀୟା ଯୁବତୀ ନୟାଗଡ଼ କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ। ଛାତ୍ରୀଙ୍କୁ ବୋଦାପଡା ଗାଁର ନିରଞ୍ଜନ ପରିଡା (୨୬) ଏକତରଫା ପ୍ରେମ କରି ବିବାହ କରିବାକୁ ବାଧ୍ୟ କରୁଥିଲେ। ଛାତ୍ରୀଙ୍କୁ ନିରଞ୍ଜନ ୧ମାସ ହେଲା ହଇରାଣ ହରକତ କରି ବ୍ଲାକମେଲିଂ କରୁଥିଲେ। ତେବେ ୫ଦିନ ହେଲା ବ୍ଲାକମେଲିଂ ସୀମା ଟପିଥିଲା। ଗତ ରବିବାର ପୂର୍ବାହ୍ନରେ ଛାତ୍ରୀ ଜଣକ ନିଜ ଘରେ ଆତ୍ମହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ୩୫୪ ଡି.୫୦୦, ୫୦୬, ୩୦୬ ଆଇପିସି ଦଫାରେ ୧୯୮/୨୩ରେ ନିରଞ୍ଜନ ପରିଡାଙ୍କ ନାମରେ ମାମଲା ରୁଜୁ କରିଥିଲା। ନୟାଗଡ଼ ସଦର ଥାନାର ଏହି ଘଟଣାରେ ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ଗତ ୧୮ରେ ଛାତ୍ରୀଙ୍କ ପରିବାର ଲୋକ ଏସ୍‌ପିଙ୍କୁ ଭେଟିଥିଲେ। ପରେ ନୟାଗଡ଼ ଏସ୍‌ପି ଏକ ଟିମ୍ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ନିରଞ୍ଜନଙ୍କୁ ସହଯୋଗ କରିଥିବା ୨ ସହଯୋଗୀଙ୍କୁ ମଧ୍ୟ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଛି।




# ଲାଗିଲା ରେଡ୍ ଲାଇଟ୍ ସିଗ୍‌ନାଲ

## ଢେଙ୍କାନାଳ-କପିଳାସ ରାସ୍ତାରେ ହାତୀ ପାଇଁ ସତର୍କତା

- **ମୋବାଇଲ ଦ୍ୱାରା ଅପରେଟ୍ ହେବ**
- **୩ ମିନିଟ୍ ଯାଏ ବାଜିବ ସାଇରନ**
- **ଗାଡ଼ି ଚାଳକ, ନିକଟସ୍ଥ ଅଞ୍ଚଳବାସୀ ହେବେ ସତର୍କ**

ଢେଙ୍କାନାଳ,୨୧।୯(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ରାସ୍ତା ପାର୍ ହୋଇ ହାତୀ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାଉଛନ୍ତି। ଏପରି କି ୫୫ନଂ. ଜାତୀୟ ରାଜପଥ ଉପରେ ମଧ୍ୟ ଅନେକ ସମୟରେ ହାତୀ ଠିଆ ହୋଇ ରହୁଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ଭାରିଯାନ ଧକ୍କାରେ ମଧ୍ୟ ହାତୀଙ୍କ ମୃତ୍ୟୁ ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ତେଣୁ ରାସ୍ତା ପାର ହେଉଥିବା ହାତୀଙ୍କ ସମ୍ପର୍କରେ କିପରି ଗାଡ଼ି ଚାଳକ, ଯାତ୍ରୀ ଓ ନିକଟସ୍ଥ ଅଞ୍ଚଳବାସୀ ସୂଚନା ପାଇପାରିବେ ଏବଂ ସତର୍କ ହୋଇପାରିବେ ସେ ନେଇ ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ଗୁରୁବାର ରେଡ୍‌ଲାଇଟ୍ ସହିତ ସାଇରନ ବ୍ୟବସ୍ଥା କରାଯାଇଛି। ମୋବାଇଲ ଦ୍ୱାରା ପରିଚାଳିତ ଏହି ବ୍ୟବସ୍ଥା ରାଜ୍ୟରେ ପ୍ରଥମ କରି ତଥା ଢେଙ୍କାନାଳ ଜିଲାରେ ଆରମ୍ଭ ହୋଇଥିବା ସୂଚନା ମିଳିଛି।

ଢେଙ୍କାନାଳ ଜିଲାରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ରେଞ୍ଜ୍‌ରେ ମୋଟ ୨୫ଟି ରେଡ୍‌ଲାଇଟ ଓ ସାଇରନ ବ୍ୟବସ୍ଥା କରାଯିବ। ସେଥିରୁ ପ୍ରାୟ ୨୨ଟି ରେଡ ଲାଇଟ୍ ଓ ସାଇରନ କେବଳ ହିନ୍ଦୋଳ ଓ ସଦର ରେଞ୍ଜ୍‌ରେ ଲାଗିବ। ସଦର ରେଞ୍ଜ୍ ଅଧୀନ ଢେଙ୍କାନାଳ-କପିଳାସ ରାସ୍ତାର ମେଘା ଜଙ୍ଗଲ କଡ଼ରେ ଏହି ରେଡ ଲାଇଟ୍ ଓ ସାଇରନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ବିଦ୍ୟୁତ୍ ଖୁଣ୍ଟଭଳି ଏକ ଖୁଣ୍ଟରେ ଏହାକୁ ଲଗାଯାଇଛି। ଏହା ସୌରକିରଣ ମାଧ୍ୟମରେ କାର୍ଯ୍ୟ କରିବ। ଏହାସହିତ ଏକ ଷ୍ଟ୍ରିଟ୍‌ଲାଇଟ୍ ମଧ୍ୟ ଲଗାଯାଇଛି। ଏହାକୁ ୪ଟି ମୋବାଇଲ ଫୋନ ଦ୍ୱାରା ପରିଚାଳନା କରାଯିବ। ୪ଟି ମୋବାଇଲ ମଧ୍ୟରୁ ୩ଟି ମୋବାଇଲ ଫୋନ୍ ଓ ଏଥିରେ ଥିବା ନମ୍ବର ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟରମାନଙ୍କ ପାଖରେ ରହିଛି। ଅନ୍ୟଟି ଜିଲା ବନଖଣ୍ଡ କାର୍ଯ୍ୟାଳୟରେ ରହିଛି। ହାତୀଙ୍କ ଗତିବିଧି ସମ୍ପର୍କରେ ସୂଚନା ପାଇଲା ମାତ୍ରେ ସମ୍ପୃକ୍ତ ଅଞ୍ଚଳରେ ଥିବା ଫରେଷ୍ଟ ଗାର୍ଡ ଓ ଫରେଷ୍ଟରମାନେ ନିଜ ମୋବାଇଲ ନମ୍ବରରୁ ତାଙ୍କୁ ଦିଆଯାଇଥିବା ଏହି ନୂଆ ବ୍ୟବସ୍ଥାର ନମ୍ବରକୁ ଡାଏଲ କଲେ ଜୋର୍‌ରେ ସାଇରନ ବାଜିବା ସହିତ ରେଡ୍ ଲାଇଟ୍ ଜଳି ଉଠିବ।


ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଲଗାଯାଇଥିବା ସାଇରନ ଓ ସିଗନାଲ ବ୍ୟବସ୍ଥା।

ଏହା ୩ ମିନିଟ ପର୍ଯ୍ୟନ୍ତ ବାଜିବ। ଏହି ସାଇରନ ୨ କିଲୋମିଟର ପର୍ଯ୍ୟନ୍ତ ଶୁଣାଯିବ ଓ ଲାଇଟ୍ ମଧ୍ୟ ବହୁ ଦୂର ପର୍ଯ୍ୟନ୍ତ ଦେଖାଯିବ। ଏଥିସହିତ ରେଡ୍ ଲାଇଟ୍ ସହ ସିଗନାଲ କାର୍ଯ୍ୟକ୍ଷମ ହେବା ମାତ୍ରେ ବନ କର୍ମଚାରୀମାନଙ୍କୁ ମେସେଜ୍ ଯିବ। ଗୋଟିଏ ରେଡ୍‌ଲାଇଟ ଓ ସିଗନାଲ ବ୍ୟବସ୍ଥା ପାଇଁ ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ହାତୀଙ୍କୁ ନେଇ ସତର୍କ ରହିବା ପାଇଁ ଢେଙ୍କାନାଳ ଜିଲାରେ ମୋବାଇଲ ଦ୍ୱାରା ପରିଚାଳିତ ଏପରି ରେଡ୍‌ଲାଇଟ ଓ ସାଇରନ ବ୍ୟବସ୍ଥା ରାଜ୍ୟରେ ପ୍ରଥମ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି। ପ୍ରଥମ ପର୍ଯ୍ୟାୟ ପରେ ପରବର୍ତ୍ତୀ ସମୟରେ ଅନ୍ୟସ୍ଥାନଗୁଡ଼ିକରେ ଏହା ଲଗାଯିବା ଲକ୍ଷ୍ୟ ରଖାଯାଇଛି। ଢେଙ୍କାନାଳ ଜିଲାର ହିନ୍ଦୋଳ ରେଞ୍ଜ୍‌ରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ହାତୀ ରହୁଥିବା ବେଳେ ସଦର ରେଞ୍ଜ୍‌ରେ ୧୦୦ରୁ ଅଧିକ ରହିଛନ୍ତି। ଏହି ରେଡ୍‌ଲାଇଟ ଓ ସାଇରନ ବ୍ୟବସ୍ଥା ଯୋଗୁ ରାସ୍ତା ଆଖପାଖ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକୁ ମଧ୍ୟ ସତର୍କ ସୂଚନା ଦେଇହେବ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ମହିଳା ସଂରକ୍ଷଣ...

ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ହେବା ଯାଏ ଅପେକ୍ଷା ନ କରି ଆଗାମୀ ନିର୍ବାଚନଗୁଡ଼ିକରୁ ଏହାକୁ କାର୍ଯ୍ୟକାରୀ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। କେତେଜଣ ସଦସ୍ୟ ବିଲ୍ ଆଗତ କରାଇବା ସମୟ ଉପରେ ପ୍ରଶ୍ନ ଉଠାଇ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ସ୍ୱତନ୍ତ୍ର ଅଧିବେଶନକୁ ଦିନେ ବାକି ଥିବାବେଳେ ରାଜ୍ୟ ସଭାରେ ସରକାରଙ୍କ ପକ୍ଷରୁ ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ୧୨୮ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଥିଲେ। ବିଲ୍ ଉପରେ ବକ୍ତବ୍ୟ ରଖି ମେଘୱାଲ କହିଥିଲେ, ମହିଳା ସଶକ୍ତୀକରଣ ଦିଗରେ ମୋଦି ସରକାର ଦୀର୍ଘ ୯ ବର୍ଷ ଧରି ନେଇଆସୁଥିବା ଅନେକ ପଦକ୍ଷେପର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଅଧିନିୟମ ଆଇନରେ ପରିଣତ ହେଲେ ଜନଗଣନା ଆଧାରରେ ସୀମା ନିର୍ଦ୍ଧାରଣ ପରେ ମହିଳାମାନଙ୍କୁ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩% ସଂରକ୍ଷଣ ମିଳିବ। କେଉଁ ଆସନଗୁଡ଼ିକରେ କେବଳ ମହିଳାମାନେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ତାହା ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କମିଶନ ସ୍ଥିର କରିବେ।

ବିଲ୍ ଗୃହୀତ ହେବା ପରେ ରାଜ୍ୟ ସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନକର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇ ଏକ ଐତିହାସିକ ସଫଳତା ମିଳିଥିବା କହିଥିଲେ। ଏଥିସହ ତିଥି ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଗୁରୁବାର ହୋଇଥିବାରୁ ଏକ ଅପୂର୍ବ ସଂଯୋଗ ବୋଲି ଗୃହକୁ ସୂଚନା ଦେଇଥିଲେ।

ଅନ୍ୟପକ୍ଷେ ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିଲ୍ ପାରିତ ହେବା ଉପରେ ବକ୍ତବ୍ୟ ରଖି ଅଧିନିୟମକୁ ଭାରତର ସଂସଦୀୟ ଯାତ୍ରାରେ ଏକ ସୁବର୍ଣ୍ଣ ମୁହୂର୍ତ୍ତ ଭାବେ ଅଭିହିତ କରିଥିଲେ। ନିମ୍ନ ସଦନରେ ବୁଧବାର ଦୀର୍ଘ ୭ ଘଣ୍ଟା ଧରି ବିତର୍କ ଚାଲିବା ପରେ ବିଲ୍ ଗୃହୀତ ହୋଇଥିଲା। ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ନାରୀଶକ୍ତି ବନ୍ଦନ ଅଧିନିୟମ ସପକ୍ଷରେ ୪୫୪ ଓ ବିପକ୍ଷରେ ହାଇଦ୍ରାବାଦ୍ ଏମ୍‌ପି ଅସାଦୁଦ୍ଦିନ ଓୱାଇସି ଏବଂ ତାଙ୍କ ନେତୃତ୍ୱାଧୀନ ଏଆଇଏମ୍‌ଆଇଏମ୍ ସଦସ୍ୟ ଇମ୍‌ତିଆଜ ଜଲିଲ ଭୋଟ ଦେଇଥିଲେ।

ପ୍ରକାଶ ଯେ, ୧୯୯୬ ପରଠୁ ମହିଳା ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇବା ପାଇଁ ଏହା ଥିଲା ସପ୍ତମ ଉଦ୍ୟମ। ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ଏବଂ ତେଲଙ୍ଗାନାରେ କ୍ଷମତାସୀନ ଭାରତ ରାଷ୍ଟ୍ର ସମିତି ଦୀର୍ଘ ବର୍ଷ ଧରି ମହିଳା ସଂରକ୍ଷଣ ବିଲ୍‌କୁ ଆଇନରେ ପରିଣତ କରି ମହିଳାମାନଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉଚିତ ପ୍ରତିନିଧିତ୍ୱ ଦେବା ପାଇଁ ମିଶନ ମୋଡ୍‌ରେ ପ୍ରୟାସ ଚଳାଇଥିଲେ। ବର୍ତ୍ତମାନ ଦେଶର ୯୫ କୋଟି ପଞ୍ଜୀକୃତ ଭୋଟରଙ୍କ ମଧ୍ୟରୁ ପ୍ରାୟ ଅଧା ହେଉଛନ୍ତି ମହିଳା। ଏହାସତ୍ତ୍ୱେ ପାର୍ଲାମେଣ୍ଟର ଆଇନପ୍ରଣେତାମାନଙ୍କ ମଧ୍ୟରୁ ମାତ୍ର ୧୫% ମହିଳା ଥିବାବେଳେ ବିଧାନସଭାଗୁଡ଼ିକରେ ଆହୁରି ନଗଣ୍ୟ ଅର୍ଥାତ୍ ୧୦% ପ୍ରତିନିଧିତ୍ୱ ସୁଯୋଗ ମିଳିଛି। ୩୩% ସଂରକ୍ଷଣ ସୁବିଧା ନିମ୍ନ ସଦନ ଏବଂ ରାଜ୍ୟ ବିଧାନ ପରିଷଦଗୁଡ଼ିକର ଆସନ କ୍ଷେତ୍ରରେ ଲାଗୁହେବ। କିନ୍ତୁ ରାଜ୍ୟ ସଭାରେ ଏହା ଲାଗୁହେବନାହିଁ। ଭାଜପା ଗତ ୨ଟି ଯାକ ଲୋକ ସଭା ନିର୍ବାଚନ ବେଳେ ଇସ୍ତାହାରରେ ମହିଳା ସଂରକ୍ଷଣ ବିଲ୍ ଆଣିବା ନେଇ ପ୍ରତିଶ୍ରୁତି ଦେଇଥିଲା। ବିଲ୍ ପାରିତ ହେବା ପରେ ସଫଳତାର ଶ୍ରେୟ ନେବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। କାରଣ ଆଉ କିଛି ମାସ ପରେ ରହିଛି ବିଧାନସଭା ଭୋଟ ଓ ଏକ ସାଧାରଣ ନିର୍ବାଚନ।

## ଆଜିଠୁ ବିଧାନସଭା...

୨୪ ତାରିଖ ବିଧାନସଭା ଛୁଟି ରହିବ। ୨୫ରୁ ୨୭ ତାରିଖ ଯାଏ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୨୮ ଓ ୩୦ ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟର ଖର୍ଚ୍ଚ ଦାବି ଆଲୋଚନା ହେବ। ଅକ୍ଟୋବର ୧ ଓ ୨ ତାରିଖ ରବିବାର ଓ ଗାନ୍ଧୀ ଜୟନ୍ତୀ ପାଇଁ ବିଧାନସଭା ଛୁଟି ରହିବ। ଅକ୍ଟୋବର ୩ ତାରିଖରେ ପ୍ରଥମ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ଗୃହୀତ ହେବ। ଅକ୍ଟୋବର ୪ ତାରିଖରେ ବେସରକାରୀ କାର୍ଯ୍ୟଦିବସ ରହିଛି।

ଚଳିତ ଅଧିବେଶନ ସ୍ୱଳ୍ପ ସମୟ ପାଇଁ ବସୁଥିଲେ ମଧ୍ୟ ଏହା ସରଗରମ ହେବ। ଚାଷୀ, ବେକାରି, ଆଇନଶୃଙ୍ଖଳା, ଶିକ୍ଷକ ସମସ୍ୟା, ଦୁର୍ନୀତି ଆଦି ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ତେବେ ବିରୋଧୀଙ୍କୁ କାଉଣ୍ଟର କରିବା ପାଇଁ ମଧ୍ୟ ଶାସକ ଦଳ ପ୍ରସ୍ତୁତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ବିଧାନସଭା ପରିସରରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ଉଭୟ ବିରୋଧୀ ଓ ଶାସକ ଚୂଡ଼ାନ୍ତ ରଣନୀତି ପ୍ରସ୍ତୁତ କରିବେ।

## ବିଜେଡିରୁ ୨...

ଶାସନ ବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ ସମାଲୋଚନା କରିଥିଲେ। ନବୀନଙ୍କ କାର୍ଯ୍ୟକଳାପ ଉପରେ ମଧ୍ୟ ସେ ଅଙ୍ଗୁଳି ଉଠାଇଥିଲେ। ନିକଟରେ ସମ୍ବାଦର ଜଣେ ପୂର୍ବତନ କର୍ମଚାରୀ ଋଣ ଠକେଇ ଅଭିଯୋଗକରି ଇଓଡବ୍ଲ୍ୟୁରେ ଏକ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଖବରକାଗଜ ସଂସ୍ଥା 'ସମ୍ବାଦ' ଉପରେ ଇଓଡବ୍ଲ୍ୟୁ ଚଢ଼ାଉ କରିଥିଲା। ଏପରି କି ସେପ୍ଟେମ୍ବର ୧୨ ତାରିଖରେ ସୌମ୍ୟଙ୍କୁ ବିଜେଡିର ଉପସଭାପତି ପଦରୁ ବହିଷ୍କାର କରାଯାଇଥିଲା। ସୌମ୍ୟରଞ୍ଜନ ୨୦୧୮ ମାର୍ଚ୍ଚରେ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଥିଲେ। ୨୦୨୦ରେ ବିଜେଡି ତାଙ୍କୁ ଦଳର ଉପସଭାପତି ପଦ ସହ ବିଭିନ୍ନ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଥିଲା। ପରେ ତାଙ୍କୁ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। ପ୍ରକାଶ ଯେ, ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଏବଂ ବୈଜ୍ଞାନିକ ପଦ୍ଧତିରେ ଉନ୍ନତ ମାନର ଚାଷ ପାଇଁ କୃଷି ଯନ୍ତ୍ରାଂଶ କିଣାରେ ରାଜ୍ୟ ସରକାର ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡ୍ ଅର୍ଥ ପ୍ରଦାନ କରୁଛନ୍ତି। ହେଲେ ରେମୁଣା ବିଧାୟକ ସୁଧାଂଶୁଙ୍କ ମାଲିକାନାରେ ଥିବା ନିଗମ ଆସୋସିଏଟ୍‌ସ ଜାଲିଆତି କରି ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲାର ବହୁ ସଂଖ୍ୟକ ଭୂମିହୀନ ଏସ୍‌ସିଏସ୍‌ଟି ବର୍ଗର ଚାଷୀଙ୍କ ନାମରେ ଜାଲିଆତି କରି ୨୦୧୭ରୁ ୨୦୨୦ ମଧ୍ୟରେ ବହୁ କୋଟି ଟଙ୍କାର ସବ୍‌ସିଡି ଅର୍ଥ ହଡ଼ପ୍ କରିଥିଲା। ଏନେଇ ୨୦୨୧ ଫେବୃୟାରୀ ୪ତାରିଖରେ ଲୋକାୟୁକ୍ତରେ ଏକ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ଏସମ୍ପର୍କିତ ଏକ ରିପୋର୍ଟ 'ଧରିତ୍ରୀ'ରେ ପ୍ରଥମେ ୨୦୨୧ ମାର୍ଚ୍ଚ ୧୧ରେ ଖବର ପ୍ରକାଶ ପାଇଥିଲା। ପରେ ଲୋକାୟୁକ୍ତ ୨୦୨୨ ମେ ୧୩ ଉକ୍ତ ଘଟଣାର ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମାମଲା ଏବେ ବିଚାରାଧୀନ ରହିଛି।

## ପ୍ରାର୍ଥିପତ୍ର ଦାଖଲ...



ସକାଳ ୯ଟା ୩୦ ମିନିଟରେ ବାଚସ୍ପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରମିଳାଙ୍କୁ ବୁଧବାର ବିଜେଡି ବାଚସ୍ପତି ପ୍ରାର୍ଥୀ ଘୋଷଣା କରିଥିଲା। ଗୁରୁବାର ସେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ବିକ୍ରମ କେଶରୀ ଆରୁଖଙ୍କୁ ମନ୍ତ୍ରୀ କରାଯିବା ପରେ ଦୀର୍ଘ ଦିନ ଧରି ବାଚସ୍ପତି ପଦବୀ ଖାଲି ପଡ଼ିଥିଲା। ବିଧାନସଭାର ବାଚସ୍ପତି କାହାକୁ କରାଯିବ ସେନେଇ ଗତ କିଛିଦିନ ଧରି ଚର୍ଚ୍ଚା ଜୋର ଧରିଥିଲା। ବିଜେଡି ପ୍ରମିଳାଙ୍କୁ ବାଚସ୍ପତି ପ୍ରାର୍ଥୀ ଘୋଷଣା କରିବା ପରେ ସବୁ କଳ୍ପନାଜଳ୍ପନାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ପ୍ରମିଳା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ହେବା ଏକପ୍ରକାର ନିଶ୍ଚିତ ହୋଇଛି। ବିଜେଡିର ପଞ୍ଚମ ପାଳିରେ ରାଜସ୍ୱ ମନ୍ତ୍ରୀ ଥିବା ପ୍ରମିଳା ୬ ଥର ବିଧାୟିକା ହୋଇଛନ୍ତି। ବିଜେଡି ସରକାରରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି।

### ସୁଦାମ ମାରାଣ୍ଡିଙ୍କୁ ରାଜସ୍ୱ ବିଭାଗ ଅତିରିକ୍ତ ଦାୟିତ୍ୱ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ପଦରୁ ପ୍ରମିଳା ମଲ୍ଲିକ ଗୁରୁବାର ଇସ୍ତଫା ଦେଇ ବାଚସ୍ପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଏହି ବିଭାଗର ଦାୟିତ୍ୱକୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଦିଆଯାଇଛି। ଅତିରିକ୍ତ ଭାବେ ସେ ଏହି ଦାୟିତ୍ୱ ତୁଲାଇବେ। ପୂର୍ବରୁ ମଧ୍ୟ ସୁଦାମ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କୁ ପୁଣିଥରେ ଏହି ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି। ଦାୟିତ୍ୱ ତୁଲାଇବାକୁ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

ରାଜ୍ୟ ମନ୍ତ୍ରିମଣ୍ଡଳରେ ଏବେ ରାଜସ୍ୱ ଓ ଉଚ୍ଚଶିକ୍ଷା ଭଳି ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀପଦ ଖାଲି ପଡ଼ିଛି। ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ଥିବାରୁ ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। କିଛିଦିନ ପୂର୍ବେ ରୋହିତ ପୂଜାରୀଙ୍କୁ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ପଦବୀରୁ ହଟାଇ ଦିଆଯାଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘ ଦିନରୁ ରହିଆସିଥିବା ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ସାହାଯ୍ୟ କରିବେ। ଯାତ୍ରା, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସୁଫଳ ମିଳିବ। କାର୍ଯ୍ୟକ୍ଷେତ୍ରରେ ସାଧାରଣ ଘଟଣାରେ ମନସ୍ତାପ କରିବାକୁ ପଡ଼ିବାର ଆଶଙ୍କା ରହିଛି। ପାରିବାରିକ, ରାଜନୈତିକ ଓ ପ୍ରଶାସନିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା ଓ ସରକାରୀ ସ୍ତରରେ ଥିବା ପ୍ରତିବନ୍ଧକ ଦୂରେଇବା ସମ୍ବନ୍ଧରେ ଚିନ୍ତା କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ରାଜନୀତି, ସଭାସମିତି ଓ ସଂଗଠନରେ ଅଟକି ରହିଥିବା କାମକୁ ଶେଷ କରିପାରିବେ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ।

**ମିଥୁନ** ପାରିବାରିକ ସମସ୍ୟା ମଧ୍ୟରେ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। ସତର୍କତା ଅଭାବରୁ ବିନା କାରଣରେ ଶତ୍ରୁତା ମଧ୍ୟ ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇଯିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ଭୁଲ୍ ବୁଝାମଣା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ଅନ୍ୟମାନଙ୍କ କାନ କୁହା କଥାକୁ ସତ୍ୟ ମନେକଲେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପାରିବାରିକ କଳହକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହେବ। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ** ଗତକାଲି ପରି ଆଜି ମଧ୍ୟ ଅଫିସ୍‌ର ପରିସ୍ଥିତି ଠିକ୍ ରହି ନ ପାରେ। ଅଧୈର୍ଯ୍ୟ ପୂର୍ବକ ଏଣୁ ତେଣୁ କୌଣସି କଥା ଚିନ୍ତା ନ କରି ନିଜ କାମରେ ମନ ଦିଅନ୍ତୁ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ଅସ୍ୱାଭାବିକ ପରିସ୍ଥିତି ମଧ୍ୟରେ ଗତି କରିବା କାରଣରୁ ବିଚଳିତ ବୋଧ କରିବେ। ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି। ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ ଓ ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିବେ। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** ଆଜି ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। କର୍ମକ୍ଷେତ୍ରରେ କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ବିଛା** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ବନ୍ଧୁମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ** କର୍ମକ୍ଷେତ୍ରରେ ନିଜର ମନ ଅନୁଯାୟୀ କାମ ନ ହେବା କାରଣରୁ ଅଶାନ୍ତ ରହିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ, ସାହାଯ୍ୟ ସହଯୋଗ ପାଇବେ। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ।

**ମକର** ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତିମାନେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କୌଣସି ବ୍ୟକ୍ତିଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** କୌଶଳ କରି କାମ ହାସଲରେ ସମର୍ଥ ହେବେ। ନମ୍ରତା ପ୍ରଦର୍ଶନ କଲେ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଚେଷ୍ଟା କରୁଥିବା କାମରେ, କଚେରି ମାମଲାରେ, ଜମିଜମା ବିବାଦରେ, ଉପକୃତ ହେବେ।

**ମୀନ** କୌଣସି ଅସୁବିଧା ନ ହେଲେ ମଧ୍ୟ ସମସ୍ୟାଗୁଡ଼ିକୁ ସାମ୍ନା କରି ନ ପାରି ବିବ୍ରତ ବୋଧ କରିପାରନ୍ତି। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ, ଫଳରେ ବାରମ୍ବାର ଅନ୍ୟମାନଙ୍କ ସାହାଯ୍ୟ ଆଶା କରିବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଭାଦ୍ରବ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ଶୁକ୍ରବାର, ପ୍ରସ୍ତାବ, ଶ୍ରୀମନ୍ଦିରରେ କେକେଶୀ ବଧ ପ୍ରସ୍ତାବ, ଦୁର୍ଗାଶୟନ, ସେପ୍ଟେମ୍ବର ୨୨ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୩୮ମି. ଗତେ ଘ.୦୬.୨୭ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୦୮.୩୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦.୦୯ମି. ଗତେ ଘ.୧୧.୩୯ମି. ମଧ୍ୟେ ରାହୁକାଳ।

# ବରଗଡ଼ରେ କେନ୍ଦ୍ରୀୟ ଆୟକର ବିଭାଗର ଚଢ଼ାଉ

**ବରଗଡ଼/ସୋହେଲା,୨୧।୯ (ପ୍ରେମାନନ୍ଦ ଖମାରୀ/ ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ବ୍ୟବସାୟୀଙ୍କ ଘରେ ଗୁରୁବାର ସକାଳେ କେନ୍ଦ୍ରୀୟ ଆୟକର ବିଭାଗର ଚଢ଼ାଉ କରାଯାଇଛି। ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବିପୁଳ ପରମାଣର ଆୟକର ଫାଙ୍କିଥିବା ସୂଚନା ପାଇ ବିଭାଗ ପକ୍ଷରୁ ଜିଲାର ବରଗଡ଼ ସହର ସମେତ ସୋହେଲା ଆଦି ସ୍ଥାନରେ ଏହି ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ସଶସ୍ତ୍ର ଯବାନମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ସୋହେଲା ରୋଡ୍ ସ୍ଥିତ ଅଏଲ୍ ମିଲ୍ ମାଲିକଙ୍କ ବାସଭବନ, ଫାର୍ମ ହାଉସ୍ ଏବଂ ତାଙ୍କ ଲିଙ୍କ୍‌ରେ ରହିଥିବା ବ୍ୟବସାୟୀଙ୍କ ଘର ଏବଂ ପ୍ରତିଷ୍ଠାନରେ ଏକକାଳୀନ ଚଢ଼ାଉ କରାଯାଇଛି। ବରଗଡ଼ ମହାନ୍ତିପଡ଼ା ଗଜାନନ କମ୍ପ୍ଲେକ୍ସ, ମାଁ ଶ୍ୟାମା ଏନକ୍ଲେଭ, ରିୟଲ ଇଷ୍ଟେଟ୍‌ରେ କାରବାର କରୁଥିବା ସ୍ଥାନୀୟ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଘରେ ଚଢ଼ାଉ ହୋଇଛି। ସେହିପରି ସୋହେଲାର ଏକ ଔଷଧ ଦୋକାନରେ ମଧ୍ୟ ଆୟକର ବିଭାଗର ଟିମ୍ ଚଢ଼ାଉ କରିଛନ୍ତି। ସୋହେଲା ଥାନା ଲମ୍ବରୁପାଲି ଗ୍ରାମରୁ ଏହି ଟିମ୍ ଜଣେ ଯୁବକଙ୍କୁ ଉଠାଇ ଆଣି ପଚରାଉଚୁରା କରିଥିବା ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ ସହିତ ସମ୍ପୃକ୍ତ ଯୁବକଙ୍କ ସମ୍ପର୍କ ରହିଥିବା ସାଧାରଣରେ ଆଲୋଚନା ହେଉଛି। ସମ୍ପୃକ୍ତ ବ୍ୟବସାୟୀ ଏବଂ ତାଙ୍କ ପ୍ରତିଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କ ମୋବାଇଲ, ଲାପ୍‌ଟପ୍ ଏବଂ ଅନ୍ୟ କାଗଜପତ୍ର ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ଚଢ଼ାଉ ଜାରି ରହିଥିବାରୁ ସବିଶେଷ ସୂଚନା ମିଳିପାରିନାହିଁ।



ବିଧାନସଭା ପରିସରରେ ପୋଲିସ ଡିଜି ସୁନୀଲ ବଂଶଲ, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। (ଫଟୋ–ମନୋରଞ୍ଜନ)

# ତ୍ରିସ୍ତରୀୟ ସୁରକ୍ଷାବଳୟରେ ବିଧାନସଭା

**ଭୁବନେଶ୍ୱର,୨୧।୯ (ସତ୍ୟଜିତ୍ ରାଉତ)**

## ଆଜିଠୁ ମୌସୁମୀ ଅଧିବେଶନ

ବିଧାନସଭାରେ ଶୁକ୍ରବାରଠାରୁ ଆରମ୍ଭ ହେଉଥିବା ମୌସୁମୀ ଅଧିବେଶନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ବିଧାନସଭା ରହିଛି। ଗୁରୁବାର ପୂର୍ବାହ୍ନରେ ପୋଲିସ ଡିଜି ସୁନୀଲ ବଂଶଲ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତାଙ୍କ ସହ ଉପସ୍ଥିତ ଥିଲେ। ଏଥିସହ ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଡିଜିପି ଆଲୋଚନା କରିଥିଲେ। ଭୁବନେଶ୍ୱର ଡିସିପି ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସୁରକ୍ଷା ବ୍ୟବସ୍ଥା ରହିଛି। ପ୍ରାୟ ୩୦ ପ୍ଲାଟୁନ ଫୋର୍ସ ଓ ୧୨୫ ଅଫିସରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ଧାରଣାସ୍ଥଳ ଅର୍ଥାତ୍ ମହାତ୍ମା ଗାନ୍ଧୀ ମାର୍ଗକୁ ସିସିଟିଭି ନଜରରେ ରଖାଯାଇଛି। କୌଣସି ଜରୁରିକାଳୀନ ପରିସ୍ଥିତି ପାଇଁ ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ ଏବଂ କମିଶନରେଟ୍ ପୋଲିସର କାଉଣ୍ଟର ଟେରରିଷ୍ଟ ସ୍କ୍ୱାଡ୍ (ସିଟିଏସ୍)କୁ ସଜାଗ ରଖାଯାଇଛି। ବିଧାନସଭା ଭିତର, ପରିସର ଏବଂ ପିଏମ୍‌ଜି ଛକ ଆଦି ସମ୍ପୂର୍ଣ୍ଣ ସ୍ଥାନକୁ ସିଲ୍ କରାଯାଇଛି। ପଦଯାତ୍ରା, ଧାରଣା, ବିକ୍ଷୋଭ ଓ ସୁରକ୍ଷାକୁ ନଜରରେ ରଖି ୫ଟି କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲାଯାଇଛି। ୯ଟି କୁଇକ୍ ରିଆକ୍ସନ୍ ଟିମ୍ ଏବଂ ୨ଟି ମୋବାଇଲ କୁଇକ୍ ରିଆକ୍ସନ୍ ଟିମ୍ ମୁତୟନ କରାଯାଇଛି। ସେହିଭଳି ଆତ୍ମାହୂତି ଏବଂ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ପ୍ରତିହତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ମୁତୟନ କରାଯାଇଛି। ବିଧାନସଭା ଚତୁର୍ପାର୍ଶ୍ୱର ସର୍ବସାଧାରଣ ସ୍ଥାନକୁ ଜନସାଧାରଣଙ୍କ ଯାତାୟାତ ପାଇଁ ନିଷେଧ କରାଯାଇଛି। ଡିଜିପି ବଂଶଲ କହିଛନ୍ତି, ଏହି ଅଧିବେଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଧିବେଶନ ସୁରୁଖୁରୁରେ ସମ୍ପର୍ଣ୍ଣ ହେବ ବୋଲି ଆମର ଆଶା ରହିଛି। ଆମ ଦାୟିତ୍ୱ ଅନୁଯାୟୀ ସମସ୍ତ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି। ପୋଲିସ କମିଶନର ପ୍ରିୟଦର୍ଶୀ କହିଛନ୍ତି, ବିଧାନସଭାର ସୁରକ୍ଷା, ଅଧିବେଶନ ସମୟରେ ଆଇନ ଶୃଙ୍ଖଳା ସ୍ଥିତି ଓ ଟ୍ରାଫିକ୍ ଦିଗକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯାଇଛି। ବିଧାନସଭା ଚାଲିଥିବା ସମୟରେ ଅନେକ ଧାରଣା ଓ ଆନ୍ଦୋଳନ ଚାଲିଥାଏ। ତେଣୁ ଧାରଣାସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯେଉଁଠି ବ୍ୟାରିକେଟ୍ ଲଗାଯିବା କଥା, ତାହା ଲଗାଯାଇଛି। ବିଧାନସଭା ଅଧିବେଶନକୁ ସୁରୁଖୁରୁରେ ଚଲାଇବାକୁ କମିଶନରେଟ୍ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କମିଶନର କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ଗଲା ୭ ଜୀବନ

**ଭବାନୀପାଟଣା/ଦେବଗଡ଼/ଆସିକା, ୨୧।୯(ଉତ୍ତମ କୁମାର ଦାଶ/ଶଶାଙ୍କ ଶେଖର ଝାଙ୍କର/ସୁରେନ୍ଦ୍ର ନାଥ ସାହୁ)/ ଉମରକୋଟ,(ସନ୍ତୋଷ ଶତପଥୀ)**

କଳାହାଣ୍ଡି, ଦେବଗଡ଼, ଗଞ୍ଜାମ ଓ ନବରଙ୍ଗପୁର ଜିଲାରେ ଗୁରୁବାର ସଡ଼କ ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଗୋପୀନାଥପୁର ଗ୍ରାମର କୁନା ମାଝି (୨୧) ଓ ବୈକୁଣ୍ଠ ଗୌଡ଼ (୧୯)। ଅନ୍ୟ ୨ଜଣ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ବଲାଣି ଗ୍ରାମର ଚିନ୍ତାମଣି ସାହୁ ଓ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ସେହିପରି ଗଞ୍ଜାମ ଜିଲା ଆସିକା ସହର ଉପକଣ୍ଠ ବଡ଼ନଦୀ ବ୍ରିଜ ଉପରେ ଦୁର୍ଘଟଣାରେ ଧରାକୋଟ ଥାନା ଅନ୍ତର୍ଗତ କୁଶୁରବା ଗ୍ରାମର ପୂଜାଶ୍ରିତା(୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା’ ଗୀତାଞ୍ଜଳି ମୋହିନୀ ଆହତ ହୋଇଛନ୍ତି। ଅନୁରୂପ ଭାବେ ନବରଙ୍ଗପୁର ଜିଲା ଉମରକୋଟରେ ଦୁଇ ଜଣ ରାସ୍ତାକଡ଼ରେ ବାଇକ୍ ନିକଟରେ ଠିଆ ହୋଇଥିବାବେଳେ କାଠବୋଝେଇ ଟ୍ରକ୍ ମାଡ଼ିଯିବାରୁ ଉଭୟଙ୍କର ମୃତ୍ୟୁ ଘଟିଛି।

ଭବାନୀପାଟଣା ସଦର ଥାନା ଗୋପୀନାଥପୁର ଗ୍ରାମର କୁନା ଓ ବୈକୁଣ୍ଠ କୌଣସି କାମରେ ବୁଧବାର ରାତିରେ ଭବାନୀପାଟଣା ଯାଇ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଦୁର୍ଘଟଣା ଘଟାଇ ଥିବା ଟ୍ରକ ଚାଳକ ଫେରାର ହୋଇଯାଇଛି। ଏ ନେଇ ଭବାନୀପାଟଣା ସଦର ଥାନାରେ (ନଂ.୩୫୯/୨୩) ମାମଲା ରୁଜୁ ହୋଇଛି। ସେହିପରି ଗୁରୁବାର ଅପରାହ୍ନ ୨ଟାରେ ଚିନ୍ତାମଣି ଓ ସୋନୁ ବାଇକ୍ (ନଂ. ଓଆର୍୧୪ଟି–୪୭୮୭) ଯୋଗେ କାଦୋପଡ଼ା ଆଡ଼କୁ ଯାଉଥିଲେ। ୨୩ ନମ୍ବର ଜାତୀୟ ରାଜପଥର ମରଡଙ୍ଗ ଛକଠାରେ ବଣାଇଁ ପଟୁ ବାରକୋଟ ଅଭିମୁଖେ ଆସୁଥିବା ଏକ ବାଇକ୍ (ନଂ. ଓଡି୦୨ ବିଜେ ୯୯୫୩ )ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ସେହିପରି ଆସିକାରେ ବଡ଼ନଦୀ ବ୍ରିଜ ଉପର ଦେଇ ଯାଉଥିବା ଏକ ସ୍କୁଟିକୁ ପାର୍ଶ୍ୱରୁ ହାଇୱା ଧକ୍କା ଦେଇଥିଲା। ସ୍କୁଟିରେ ବାପା ବିନାୟକ ମୋହିନୀଙ୍କ ସହ ଗୀତାଞ୍ଜଳି ଓ ତାଙ୍କ ଝିଅ ପୂଜାଶ୍ରିତାଙ୍କୁ ଧରି ଯାଉଥିବା ବେଳେ ଉଭାୟ ଛିଟିକି ତଳେ ପଡି ଯାଇଥିଲେ। ହାଇୱାର ପଛଚକା ପୂଜାଶ୍ରିତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୀତାଞ୍ଜଳି ମୋହିନୀଙ୍କ ଦୁଇ ଗୋଡ ଉପରେ ହାଇୱା ମାଡ଼ିଯାଇଥିବାରୁ ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବାପା କୌଣସି ପ୍ରକାରେ ବର୍ତ୍ତି ଯାଇଛନ୍ତି। ଏ ସମ୍ପର୍କରେ ଗୀତାଞ୍ଜଳିଙ୍କ ଦେଢ଼ଶୁର ରାଜେନ୍ଦ୍ର ମହାନ୍ତି ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୫୬୯/୨୩ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇ ଥିବା ହାଇୱାକୁ ଜବତ କରିଛି। ଚାଳକ ଜଣଙ୍କ ଫେରାର ଥିବା ଆସିକା ଥାନା ଅଧିକାରୀ ସ୍ୱରୂପ କିଶାନ ସୂଚନା ଦେଇଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ସହର ଆଦର୍ଶ ବିଦ୍ୟାଳୟ ନିକଟରେ ଗୁରୁବାର ରାତି ପ୍ରାୟ ୧୧.୩୦ମିନିଟ୍ ସମୟରେ ୨ ବାଇକ୍ ଚାଳକ ରାସ୍ତା କଡରେ ଛିଡା ହୋଇଥିବା ବେଳେ ଏକ କାଠ ବୋଝେଇ ଟ୍ରକ (ଓଡି ୧୬ ଇ ୦୮୧୮) ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ଉମରକୋଟ ପୌରାଞ୍ଚଳ ଚଢେଇଗୁଡା ଗ୍ରାମର ଅଜୟ ସୁନା ଓ ମହେଶ ଗଣ୍ଡ। ଦୁର୍ଘଟଣା ସ୍ଥଳଠାରୁ ପ୍ରାୟ ୩ଶହ ମିଟର ଦୂରକୁ ବାଇକ୍‌କୁ ଘୋଷାଡି ନେଇଥିଲା ଟ୍ରକ୍। ସେଠାରେ ଡ୍ରାଇଭର ଟ୍ରକ ଛାଡି ଫେରାର ହୋଇଯାଇଛନ୍ତି। ମୃତଦେହ ଉମରକୋଟ ମେଡିକାଲରେ ବ୍ୟବଚ୍ଛେଦ ଲାଗି ରଖାଯାଇଛି।

# ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀଙ୍କୁ ଇଓଡବ୍ଲ୍ୟୁର ପଚରାଉଚରା

**ଭୁବନେଶ୍ୱର,୨୧।୯ (ସତ୍ୟଜିତ୍ ରାଉତ)**

## ଇଷ୍ଟର୍ନ ମିଡିଆ ନାଁରେ ଋଣ ଦୁର୍ନୀତି ମାମଲା

ଇଷ୍ଟର୍ନ ମିଡିଆ ଲିମିଟେଡ୍ ସଂସ୍ଥା ଦ୍ୱାରା ପରିଚାଳିତ ଦୈନିକ ଖବରକାଗଜ ସମ୍ବାଦରେ କର୍ମଚାରୀଙ୍କ ନାମରେ ଜାଲିଆତି କରି ବ୍ୟାଙ୍କରୁ ଋଣ ଉଠାଣ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ବୁଧବାର ୫ଜଣ ଅଭିଯୋଗକାରୀଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ପଚରାଉଚରା କରାଯାଇଥିବାବେଳେ ଗୁରୁବାର ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍‌ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ୩ ଅଧିକାରୀଙ୍କୁ ୨ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଇଓଡବ୍ଲ୍ୟୁ ପଚରାଉଚରା କରିଛି। ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରୁ ଆରମ୍ଭ ହୋଇଥିବା ଏହି ପଚରାଉଚରାରେ ଇଓଡବ୍ଲ୍ୟୁ ଋଣ ଦୁର୍ନୀତି ମାମଲାରେ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରି ବହୁ ତଥ୍ୟ ପାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅପରାହ୍ନରେ ଇଓଡବ୍ଲ୍ୟୁ ପକ୍ଷରୁ ପୁଣି ଥରେ ଭୁବନେଶ୍ୱର ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଇଷ୍ଟର୍ନ ମିଡିଆର ମୁଖ୍ୟ କାର୍ଯ୍ୟାଳୟରେ ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ଏହି ଯାଞ୍ଚରେ ଇଓଡବ୍ଲ୍ୟୁର ୨ଟି ଟିମ୍‌ରେ ୬ଜଣ ଅଧିକାରୀ ସାମିଲ ଥିଲେ। ସୋମବାର ମଧ୍ୟ ଇଓଡବ୍ଲ୍ୟୁ ଟିମ୍ ଚଢ଼ାଉ କରି ଯାଞ୍ଚ କରିବା ସହ ସେଠାରୁ ଅଭିଯୋଗ ସମ୍ବନ୍ଧୀୟ ଏକାଧିକ ଦସ୍ତାବିଜ୍ ଜବତ କରିଥିଲା। ଉଲ୍ଲେଖଯୋଗ୍ୟ, ଇଷ୍ଟର୍ନ ମିଡିଆ ଲିମିଟେଡ୍‌ର ପୂର୍ବତନ କର୍ମଚାରୀ ଅସୀମ ମହାପାତ୍ର ଏହି ବ୍ୟାଙ୍କ ଋଣ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ଇଓଡବ୍ଲ୍ୟୁ ଗତ ୧୬ ତାରିଖରେ ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ମାନବ ସମ୍ବଳ ଅଧିକାରୀ ବୈଜୟନ୍ତୀ କରଙ୍କ ସମେତ ଅନ୍ୟ କେତେଜଣଙ୍କ ନାମରେ ଏକ ମାମଲା (ନଂ.୨୪/୨୦୨୩) ରୁଜୁ କରିଛି।







ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବନ୍ଧୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ



# କର୍କଟ ଚିକିତ୍ସା ପାଇଁ ସୁଯୋଗ



ସୋନାଲି ଜନ୍‌ସନ୍

ୟୁନିଭର୍ସାଲ ହେଲ୍‌ଥ କଭରେଜ (ୟୁଏଚ୍‌ସି) ଏକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ଏଥିରେ ବିନା ଆର୍ଥିକ କଷ୍ଟରେ ବିଶ୍ୱରେ ରୋଗ ନିବାରଣ, ପ୍ରଭାବଶାଳୀ ଚିକିତ୍ସା, ପୁନଃ ଥଇଥାନ ଏବଂ ଉପଶମକ ସେବା ଯୋଗାଇଦିଆଯାଏ। ୟୁଏଚ୍‌ସି ଉପରେ ଅନୁଷ୍ଠିତ ଜାତିସଂଘର ଦ୍ୱିତୀୟ ମିଳିତ ଉଚ୍ଚସ୍ତରୀୟ ବୈଠକରେ ବିଶ୍ୱର ବିଭିନ୍ନ ସରକାର ୟୁଏଚ୍‌ସିର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଉପରେ ଏକ ନୂତନ ପ୍ରତିବଦ୍ଧତା ପ୍ରକାଶ କରିବେ ବୋଲି ଆଶା କରାଯାଉଛି। ବ୍ୟାପକ କ୍ୟାନ୍‌ସର ବା କର୍କଟ ସେବାଗୁଡ଼ିକୁ ଯଦି ୟୁଏଚ୍‌ସିରେ ଅନ୍ତର୍ଭୁକ୍ତ କରା ନ ଯାଏ, ତେବେ କୌଣସି ପ୍ରସ୍ତାବ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ଏକ ଆକଳନ ଅନୁଯାୟୀ, ପ୍ରତିବର୍ଷ କ୍ୟାନ୍‌ସରରେ ୧ କୋଟି ଲୋକଙ୍କ ମୃତ୍ୟୁ ହେଉଛି। ଏହି ରୋଗ ବଢ଼ିବା ସହ ଏହାର ଗମ୍ଭୀରତା ପ୍ରକାଶ ପାଉଛି। ଏହାର ଅର୍ଥନୈତିକ ପରିଣାମ ମଧ୍ୟ ଅଛି। ୨୦୩୦ ସୁଦ୍ଧା ସାରା ବିଶ୍ୱରେ କର୍କଟ ଚିକିତ୍ସା ଖର୍ଚ୍ଚ ୪୫୮ ବିଲିୟନ ଡଲାରରେ ପହଞ୍ଚିବ। ଏବେ ଅନେକ ଦେଶରେ କର୍କଟର ଚିକିତ୍ସା ପାଇଁ ରୋଗୀଙ୍କୁ ସେମାନଙ୍କ ପକେଟ୍‌ରୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏହି ବୋଝ ବହୁ ସମୟରେ ଆର୍ଥିକ ବିପର୍ଯ୍ୟୟର କାରଣ ହେଉଛି। ଏସବୁ ଦୃଷ୍ଟିରୁ କମ୍ ଖର୍ଚ୍ଚରେ ରୋଗ ନିବାରଣ ଲାଗି ନିବେଶ ଏବଂ ଆରମ୍ଭରୁ ରୋଗ ଚିହ୍ନଟ କୌଶଳ ଅର୍ଥନୈତିକ ଦିଗରୁ ଗୁରୁତ୍ୱପୂର୍ଣ୍ଣ। ଚିକିତ୍ସା ଅପେକ୍ଷା ପ୍ରତିଷେଧକ ସେବା ଶସ୍ତା। କର୍କଟ ରୋଗକୁ ରୋକାଯାଇପାରୁ ନ ଥିବାବେଳେ ସେ କ୍ଷେତ୍ରରେ ପ୍ରାରମ୍ଭିକ ଚିହ୍ନଟ ଯୋଗୁ ଚିକିତ୍ସା ବହୁ କମ୍ ମୂଲ୍ୟରେ ସଫଳ ହେବାର ଅଧିକ ସମ୍ଭାବନା। ଯେତେବେଳେ କର୍କଟ ରୋଗ ବଢ଼ିଚାଲେ ସେତେବେଳେ ଅସ୍ତ୍ରୋପଚାର, ବିକିରଣ ଏବଂ କେମୋଥେରାପି ଉପଲବ୍ଧ ହେବା ଉଚିତ ଏବଂ ସମସ୍ତଙ୍କ ପାଇଁ ଏହା ଶସ୍ତା ଓ ସୁଲଭ ହେବା ଦରକାର। ସାମଗ୍ରିକ ଭାବେ ଅଣସଂକ୍ରମିତ ରୋଗ ପାଇଁ ଶସ୍ତା ତଥା ପ୍ରଭାବଶାଳୀ ସେବାରେ ୧ ଡଲାର ନିବେଶ କଲେ ସେଥିରୁ ୭ ଡଲାର ପର୍ଯ୍ୟନ୍ତ ଲାଭ ମିଳିପାରିବ।

ରୋଗ ପ୍ରତିଷେଧକ ଏବଂ ଚିକିତ୍ସା ଯେମିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେମିତି ଉପଶମକ ସେବା ମଧ୍ୟ ମହତ୍ତ୍ୱପୂର୍ଣ୍ଣ; ଯାହା ରୋଗୀ, ସେମାନଙ୍କ ପରିବାର ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କର ଅନାବଶ୍ୟକ ଯନ୍ତ୍ରଣା ଦୂର କରିଥାଏ ଏବଂ ଆଗକୁ ସୁସ୍ଥ ଭାବେ ବଞ୍ଚିବାର ଏକ ଯୋଜନା ଯୋଗାଇ ଦେଇଥାଏ। କୋଭିଡ୍ ମହାମାରୀରେ ଉପଶମକ ସେବାରେ ଅତ୍ୟଧିକ ବ୍ୟାଘାତ ଘଟିଥିଲା। ଫଳରେ ବିଶ୍ୱବ୍ୟାପୀ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଣୁ ଚିକିତ୍ସା ଓ ଉପଶମକ ସେବା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଜରୁରୀ। ସମାନତା, ସାମାଜିକ ନ୍ୟାୟ ଓ ସ୍ୱାସ୍ଥ୍ୟ ସହ ଜଡ଼ିତ ସାମାଜିକ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ବ୍ୟାପକ କର୍କଟ ଚିକିତ୍ସା ଜରୁରୀ। ତେବେ ବୈଶ୍ୱିକ ସେବା ହାସଲ କରିବା ଲାଗି ଅଧିକ ରାଜନୈତିକ ଇଚ୍ଛାଶକ୍ତି ଦରକାର। ପାକିସ୍ତାନରେ ଶୌକତ ଖାନମ କ୍ୟାନ୍‌ସର ହସ୍ପିଟାଲ ନେଟ୍‌ୱର୍କ ବିଶ୍ୱସ୍ତରୀୟ କର୍କଟ ଚିକିତ୍ସା ପ୍ରଦାନ କରୁଛି। ଦି କିଙ୍ଗ ହୁସେନ କ୍ୟାନ୍‌ସର ସେଣ୍ଟର ଜୋର୍ଡାନରେ କର୍କଟ ଚିକିତ୍ସା ଏବଂ ବୈଜ୍ଞାନିକ ଗବେଷଣା ଦିଗରେ ଯଥେଷ୍ଟ ବିସ୍ତାର କରିଛି ଏବଂ ସିରିଆ ଓ ଲେବାନନର ରୋଗୀଙ୍କୁ ଚିକିତ୍ସା ଯୋଗାଇବା ପାଇଁ ସେଣ୍ଟ ଜୁଡେ ଚିଲ୍ଡ୍ରେନ୍ ରିସର୍ଚ୍ଚ ହସ୍ପିଟାଲ ଭଳି ଅନ୍ତର୍ଜାତୀୟ ସହଭାଗୀଙ୍କ ସହ କାର୍ଯ୍ୟ କରୁଛି।

କିନ୍ତୁ ୟୁଏଚ୍‌ସି ଯୋଜନାରେ କର୍କଟ ଚିକିତ୍ସାକୁ ଅନ୍ତର୍ଭୁକ୍ତ କରିବାରେ ଦେଶଗୁଡ଼ିକ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଉଦାହରଣ ସ୍ୱରୂପ, କେନିଆରେ ବିଭିନ୍ନ କର୍କଟ ନିୟନ୍ତ୍ରଣ ସଂଗଠନଗୁଡ଼ିକର ସମ୍ମିଳିତ ପ୍ରୟାସ ସେବା ଉପଲବ୍ଧତାକୁ ସମ୍ପ୍ରସାରିତ କରି ଆର୍ଥିକ ପ୍ରତିବନ୍ଧକକୁ ହଟାଇ ଦେଇଛି। କିନ୍ତୁ ଗ୍ରାମୀଣ ଲୋକଙ୍କ ପାଖରେ ପହଞ୍ଚିବା କଷ୍ଟସାଧ୍ୟ ହୋଇଛି। ଇଣ୍ଡୋନେସିଆରେ ଏକ ବିକେନ୍ଦ୍ରିକୃତ ସ୍ୱାସ୍ଥ୍ୟ ବ୍ୟବସ୍ଥା ସ୍ୱାସ୍ଥ୍ୟ ସମାନତା ବୃଦ୍ଧି କରିଛି। ଏପରିକି ଥାଇଲାଣ୍ଡ ମଧ୍ୟ କର୍କଟ ନିୟନ୍ତ୍ରଣର ୬ଟି କ୍ଷେତ୍ର ଯଥା କର୍କଟ ସୂଚନା, ପ୍ରାଥମିକ ନିରାକରଣ, ଶୀଘ୍ର ଚିହ୍ନଟ, ଚିକିତ୍ସା, ଉପଶମକାରୀ ସେବା ଏବଂ କର୍କଟ ନିୟନ୍ତ୍ରଣ ଗବେଷଣାକୁ ୟୁଏଚ୍‌ସି ଯୋଜନାରେ ସାମିଲ କରିଛି। ଏହାବ୍ୟତୀତ ଉପଯୋଗୀ ସେବାଗୁଡ଼ିକର ଉପଯୋଗକୁ ନିଶ୍ଚିତ କରିବା ଲାଗି ଆବଶ୍ୟକ ଜନସଚେତନତା ପଦକ୍ଷେପରେ ଉନ୍ନତି ଆଣିପାରିଛି। ଥାଇ ମଡେଲ ୟୁଏଚ୍‌ସି ଯୋଜନାଗୁଡ଼ିକର ସମ୍ଭାବ୍ୟ ଜନସ୍ୱାସ୍ଥ୍ୟ ଉପକାରିତାକୁ ସାମ୍ନାକୁ ଆଣିଛି, ଯେଉଁଥିରେ ବ୍ୟାପକ କର୍କଟ ଚିକିତ୍ସା ଅନ୍ତର୍ଭୁକ୍ତ। ସେହି ସମ୍ଭାବନାକୁ ଚିହ୍ନଟ କରି ଅନ୍ତର୍ଜାତୀୟ କର୍କଟ ନିୟନ୍ତ୍ରଣ ସଂଘ ବିଶ୍ୱରେ ଜାତୀୟ କର୍କଟ ନିୟନ୍ତ୍ରଣ ରଣନୀତିର ବିକାଶ ଓ ତାହାକୁ କାର୍ଯ୍ୟକାରୀ କରିବା ଲାଗି ବିଭିନ୍ନ ସରକାର ଓ ଅଂଶୀଦାରଙ୍କ ସହିତ ଲଗାତର କାମ କରୁଛି। ଏହା ବ୍ୟତୀତ ସେମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରୁଛି। ଏହି ସଂଘରେ ୧୭୦ରୁ ଅଧିକ ଦେଶ ତଥା ବିଭିନ୍ନ କ୍ଷେତ୍ରରୁ ୧୧୫୦ରୁ ଅଧିକ ସଦସ୍ୟ ରହିଛନ୍ତି।



ଯେଭଳି ଯୋଜନା ବିନା ଏକ ଲକ୍ଷ୍ୟ କେବଳ ଆଶାରେ ରହିଯାଏ, ସେହିଭଳି ଉତ୍ସର୍ଗୀକୃତ ଉତ୍ସ ବିନା ଏକ ଯୋଜନା ମୂଲ୍ୟହୀନ ହୋଇଥାଏ। ଯେପର୍ଯ୍ୟନ୍ତ ଅତ୍ୟାବଶ୍ୟକ କର୍କଟ ସେବାଗୁଡ଼ିକ ମୌଳିକ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ସେବା ଚାହୁଁଥିବା ଅନେକଙ୍କ ପାଇଁ ସେଗୁଡ଼ିକ ମହଙ୍ଗା ଓ ଅପହଞ୍ଚ ହୋଇ ରହିବ। ଯେଉଁଠି ବୀମା ଅଛି, ସେଠାରେ ନିଜ ଖର୍ଚ୍ଚର ସୀମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରୋଗ ନିର୍ଣ୍ଣୟ ପରେ ବହୁ ସଂଖ୍ୟକ ପରୀକ୍ଷା ଏବଂ ପ୍ରକ୍ରିୟା ଆବଶ୍ୟକ ପଡୁଥିବାରୁ କର୍କଟ ରୋଗୀମାନେ ବୀମାରୁ ଟଙ୍କା କାଟିବା ଆରମ୍ଭ କରିଦିଅନ୍ତି। କିନ୍ତୁ ଚିକିତ୍ସା ବହୁ ସମୟରେ ଅନେକ ମାସ କିମ୍ବା ବର୍ଷ ଧରିଚାଲେ ଏବଂ ଏଥିରେ ଅନେକ ଥର ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼େ। ଏହା ସହ ଏଥିରେ ଅନେକ ପରୀକ୍ଷା, ଅସ୍ତ୍ରୋପଚାର, ବିକିରଣ ଚିକିତ୍ସା, ଔଷଧ ଏବଂ ଅନ୍ୟାନ୍ୟ ସେବା ବି ରହିଛି।

ଏକ ପ୍ରଭାବଶାଳୀ ଜାତୀୟ କର୍କଟ ନିୟନ୍ତ୍ରଣ ରଣନୀତି ନିଶ୍ଚିତ ଭାବରେ କମ୍ ଖର୍ଚ୍ଚ ବିଶିଷ୍ଟ ସେବାର ସୂକ୍ଷ୍ମ ବିଚାରକୁ ପ୍ରତିଫଳିତ କରିବା ଉଚିତ ଯାହା ଅଗ୍ରିମ ଖର୍ଚ୍ଚ, ଦୀର୍ଘସ୍ଥାୟୀ ସଞ୍ଚୟ, ଉନ୍ନତ ମାନର ଜୀବନ ଏବଂ ଉତ୍ପାଦନ ବୃଦ୍ଧିକୁ ବି ସାମିଲ କରେ। ଅସୁସ୍ଥତା ଦୂର କରିବା ପ୍ରତିବଦ୍ଧତା ପ୍ରକାଶ କରିବା ସହ ରଣନୀତିରେ ପ୍ରତ୍ୟେକ ବ୍ୟକ୍ତିର ସାମଗ୍ରିକ ଅଭିଜ୍ଞତାକୁ ସାମିଲ କରିବା ଉଚିତ। ପ୍ରାରମ୍ଭିକ ରୋଗ ଚିହ୍ନଟ ଏବଂ ଚିକିତ୍ସାରେ ଥିବା ଆର୍ଥିକ ଓ ସାଂସ୍କୃତିକ ପ୍ରତିବନ୍ଧକକୁ ଭାଙ୍ଗିବା ପାଇଁ ଏକ ଦୃଢ଼ ସଂକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ମିଳିତ ଜାତିସଂଘର ଉଚ୍ଚସ୍ତରୀୟ ବୈଠକ ବିଶ୍ୱ ୟୁଏଚ୍‌ସି କାର୍ଯ୍ୟସୂଚୀରେ କର୍କଟ ସେବାକୁ ଆଗକୁ ବଢ଼ାଇବା ପାଇଁ ଏକ ଅପୂର୍ବ ସୁଯୋଗ ଆଣିଦେଇଛି। ଏହି କାରଣରୁ ବୈଠକର ଚିଠା ପ୍ରସ୍ତାବରେ କର୍କଟ ବିଷୟରେ ଉଲ୍ଲେଖ କରାଯାଇଥିବା ସ୍ୱାଗତଯୋଗ୍ୟ ଖବର। କିନ୍ତୁ ସରକାରଗୁଡ଼ିକ ବଡ଼ ପ୍ରତିଶ୍ରୁତି ଏବଂ ମୌଖିକ ପ୍ରତିବଦ୍ଧତାରେ ଅଟକିଯିବା ଉଚିତ ନୁହେଁ। ୟୁଏଚ୍‌ସିକୁ କାର୍ଯ୍ୟକାରୀ କରିବା ପାଇଁ ଠୋସ୍ ପଦକ୍ଷେପ ନେବା ଦରକାର। ଏଥିରେ ଗୁଣାତ୍ମକ କର୍କଟ ସେବା ଏବଂ ବିଭିନ୍ନ ଅଞ୍ଚଳଗୁଡ଼ିକରେ ଲୋକଙ୍କର ବିବିଧ ଆବଶ୍ୟକତାକୁ ବିଚାରକୁ ନେବା ଆବଶ୍ୟକ। ବୈଶ୍ୱିକ ସ୍ୱାସ୍ଥ୍ୟ ଅସମାନତାରେ କ୍ୟାନ୍‌ସର ସେବା ଯେଭଳି ହଜି ନ ଯାଏ, ତାହା ମଧ୍ୟ ନିଶ୍ଚିତ କରିବାକୁ ପଡ଼ିବ।

**ହେଡ୍ ଅଫ୍ ନଲେଜ୍ ଆଣ୍ଡ ଆଡ୍‌ଭୋକେସି,**
**ଅନ୍ତଃରାଷ୍ଟ୍ରୀୟ କ୍ୟାନ୍‌ସର ନିୟନ୍ତ୍ରଣ ସଂଘ**

## ଏଇ ଭାରତରେ

ତ୍ରିପୁରାରେ ବାଲ୍ୟବିବାହ ବନ୍ଦ କରିବା ସହ ପଢ଼ା ଛାଡୁଥିବା ଝିଅମାନଙ୍କୁ ପୁଣି ସ୍କୁଲକୁ ଫେରାଇ ଆଣିବା ଲାଗି ଆଇଏଏସ୍ ଅଧିକାରୀ ସାଜୁ ବହିଦଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଦକ୍ଷିଣ ତ୍ରିପୁରା ଜିଲାର ଜିଲାପାଳ ଅଛନ୍ତି। ପ୍ରତି ୧୦ ଜଣରେ ଜଣେ ଝିଅ ୧୮ ବର୍ଷ ବୟସ ପୂର୍ବରୁ ତ୍ରିପୁରାରେ ବିବାହ କରୁଥିବାରୁ ସେଠାରେ ଏଭଳି ଏକ ପ୍ରଥାକୁ ରୋକିବା ଲାଗି ସେ ଜିଲାର ୧୫୮ଟି ସ୍କୁଲରେ ସ୍କୁଲ କ୍ଲବ ସହିତ ମଞ୍ଚ ଗଠନ କରାଯାଇଛି। ଏହାର ନାମ ରଖିଥିଲେ 'ବାଳିକା ମଞ୍ଚ' ଓ ଏହା ମାଧ୍ୟମରେ ବହିଦ କାର୍ଯ୍ୟ ସଂଚାଳନ କରୁଛନ୍ତି। ଏହି ମଞ୍ଚ ୨୦୨୦ରେ ଜିଲାର ପୂର୍ବତନ ଜିଲାପାଳ ଦେବପ୍ରିୟ ବର୍ଦ୍ଧନଙ୍କ ଦ୍ୱାରା ଗଠନ କରାଯାଇଥିଲା। କୋଭିଡ୍‌ରେ ଏହା ବନ୍ଦ ରହିଥିଲା ଓ ପରେ ବହିଦ ତାକୁ ପୁନର୍ଗଠନ କରିଛନ୍ତି। ସ୍କୁଲରେ ଗଠିତ ବାଳିକା ମଞ୍ଚର ଅଧକ୍ଷା ରହିଛନ୍ତି ଜଣେ ଶିକ୍ଷୟିତ୍ରୀ ଓ ଜଣେ ଛାତ୍ରୀ ସଂଯୋଜକ ଭାବେ କାର୍ଯ୍ୟ କରୁଛନ୍ତି। ୬-୧୨ ଶ୍ରେଣୀର ଝିଅମାନେ କ୍ଲବର ସଦସ୍ୟ ଅଛନ୍ତି। ବାଲ୍ୟବିବାହ ସମ୍ପର୍କରେ ଖବର ପାଇବା କ୍ଷଣି ଏହି ମଞ୍ଚ ଜିଲାପାଳଙ୍କୁ ଅବଗତ କରୁଛି। ପରେ ଜିଲାପାଳ ସ୍ଥାନୀୟ ଅଧିକାରୀମାନଙ୍କ ସହାୟତାରେ ତାହାକୁ ରୋକିପାରୁଛନ୍ତି। ଗତ ବର୍ଷ ୯୦ଟି ବାଲ୍ୟବିବାହକୁ ରୋକାଯାଇଛି। ତେବେ ଏବେ ସୁଦ୍ଧା ଜିଲାରେ ମୋଟ ୯୦% ବାଲ୍ୟବିବାହ ବନ୍ଦ କରାଯାଇପାରିଛି। ଏହା ବ୍ୟତୀତ ଯେଉଁ ଛାତ୍ରୀ ସପ୍ତାହରୁ ଅଧିକ ସମୟ ସ୍କୁଲକୁ ଆସୁନାହାନ୍ତି ସେମାନଙ୍କ ଘରେ ଏହି ମଞ୍ଚ ପହଞ୍ଚି ବାସ୍ତବତା ଅନୁଧ୍ୟାନ କରୁଛନ୍ତି ଓ ପିଲାକୁ ବୁଝାଇ ପୁଣି ସ୍କୁଲକୁ ଆଣିବାରେ ସକ୍ଷମ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୮

- ପ୍ରସ୍ତାବିତ ଉତ୍ତରାଞ୍ଚଳ ରାଜ୍ୟରେ ହରିଦ୍ୱାର ଜିଲାକୁ ସାମିଲ ନ କରିବା ପାଇଁ ଉତ୍ତର ପ୍ରଦେଶ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି।
- ବହୁ ବିତର୍କିତ ବିହାର ପୁନର୍ଗଠନ ବିଲ ରାଜ୍ୟ ବିଧାନସଭାରେ ୧୮୧-୧୦୭ ଭୋଟ ବ୍ୟବଧାନରେ କାଟ୍ ଖାଇଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | 9 | | | 7 | | |
| 4 | | | | | 7 | | 1 | |
| | | | | 6 | | | | 4 |
| 6 | | | | | 1 | | | 5 |
| | 7 | | 4 | | | | 8 | 2 |
| 3 | | | | 5 | | 4 | | |
| | 8 | 7 | | | | | 5 | |
| | | | | | | | 6 | |
| | | | | 2 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 8 | 2 | 3 | 7 | 6 | 9 | 5 |
| 9 | 2 | 7 | 5 | 4 | 6 | 8 | 1 | 3 |
| 6 | 3 | 5 | 9 | 8 | 1 | 7 | 2 | 4 |
| 4 | 8 | 9 | 7 | 1 | 3 | 2 | 5 | 6 |
| 2 | 1 | 6 | 4 | 5 | 9 | 3 | 7 | 8 |
| 5 | 7 | 3 | 6 | 2 | 8 | 9 | 4 | 1 |
| 8 | 6 | 2 | 1 | 9 | 5 | 4 | 3 | 7 |
| 3 | 9 | 1 | 8 | 7 | 4 | 5 | 6 | 2 |
| 7 | 5 | 4 | 3 | 6 | 2 | 1 | 8 | 9 |

ଗତକାଲିର ଉତ୍ତର

# ଏକ ଅଧୁରା ବିଲ୍



ଭାଲଚନ୍ଦ୍ର ଷଡ଼ଙ୍ଗୀ

କେନ୍ଦ୍ର ସରକାରଙ୍କ ଦ୍ୱାରା ତରବରିଆ ଭାବେ ଡକାଯାଇଥିବା ସଂସଦର ବିଶେଷ ଅଧିବେଶନରେ ବହୁଚର୍ଚ୍ଚିତ ମହିଳା ସଂରକ୍ଷଣ ବିଲ୍('ନାରୀଶକ୍ତି ବନ୍ଦନା ଅଧିନିୟମ - ୨୦୨୩' ନାମରେ ନାମିତ) କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ସିଂ ମେଘୱାଲ ସଂସଦରେ ଉପସ୍ଥାପନ କରିବା ପରେ ତାହା ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଗୃହୀତ ହୋଇଯାଇଛି। ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବା ପରେ ଏହା ଆଇନରେ ପରିଣତ ହେବ। ତେବେ ମହିଳା ସଂରକ୍ଷଣ ବିଲ୍‌କୁ ଆଣିବା ପରି ଯେଉଁ ପବିତ୍ର କାର୍ଯ୍ୟଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଦାବି କରିଛନ୍ତି, ତାହା କୌଣସି ନୂଆ ନୁହେଁ। ତାଙ୍କ ପୂର୍ବରୁ ଅନ୍ୟ ପ୍ରଧାନମନ୍ତ୍ରୀମାନେ ମଧ୍ୟ ଏ ଦିଗରେ ଅନେକ ପ୍ରୟାସ କରିଛନ୍ତି। ୧୯୯୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଦେବଗୌଡ଼ାଙ୍କ ମିଳିତ ସାମ୍ମୁଖ୍ୟ ସରକାର ହିଁ ସର୍ବପ୍ରଥମେ ମହିଳା ସଂରକ୍ଷଣ ବିଲ୍‌କୁ ଉପସ୍ଥାପନ କରିଥିଲେ। ତେବେ ବିଲ୍‌ରେ ଓବିସି ମହିଳାଙ୍କ ପାଇଁ କୋଟାର ପ୍ରସଙ୍ଗକୁ ନେଇ ସରକାରଙ୍କ ମେଣ୍ଟଭୁକ୍ତ ଦଳମାନଙ୍କ ମଧ୍ୟରେ ସହମତି ହୋଇ ନ ପାରିବାରୁ ଏହା ପାସ୍ ହୋଇପାରି ନ ଥିଲା। ପରେ ୧୯୯୮ ଓ ୨୦୦୪ରେ ବାଜପେୟୀଙ୍କ ସରକାର ସମୟରେ ଏହି ବିଲ୍ ଆଗତ ହୋଇଥିଲେ ମଧ୍ୟ ଉତ୍ତର ଭାରତର ଓବିସି ନେତାମାନଙ୍କ ଦୃଢ଼ ବିରୋଧ ଯୋଗୁ ଗୃହୀତ ହୋଇପାରି ନ ଥିଲା। ପରେ ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାର ସମୟରେ ୨୦୧୦ରେ ମହିଳା ସଂରକ୍ଷଣ ବିଲ୍ ରାଜ୍ୟ ସଭାରେ ପାସ୍ ହୋଇଥିଲେ ମଧ୍ୟ ଓବିସି କୋଟା ପ୍ରସଙ୍ଗକୁ ନେଇ ଅନୁରୂପ ବିରୋଧ ଲାଗି ତାହା ଲୋକ ସଭାରେ ଗୃହୀତ ହୋଇପାରି ନ ଥିଲା। ଅତଏବ ମହିଳା ସଂରକ୍ଷଣ ବିଲ୍ ପାଇଁ କେବଳ ବର୍ତ୍ତମାନର ସରକାର ହିଁ ଶ୍ରେୟ ନେବା ଠିକ୍ ନୁହେଁ। ବରଂ ଆଜି ଏହା ଆଇନର ରୂପ ନେବା ଦୀର୍ଘ ୨୭ ବର୍ଷର ଉଦ୍ୟମର ପରିଣାମ ବୋଲି କୁହାଯାଇପାରେ।

ଯଦିଓ କେନ୍ଦ୍ର ସରକାର ବର୍ତ୍ତମାନର ବିଲ୍‌ଟିକୁ ଐତିହାସିକ ବୋଲି କହିଛନ୍ତି, କିନ୍ତୁ ତାହା ଉପା ସରକାରଙ୍କ ଦ୍ୱାରା ଅଣାଯାଇଥିବା 'ମହିଳା ସଂରକ୍ଷଣ ବିଲ୍-୨୦୦୮ର ଏକ ସଂଶୋଧିତ ରୂପ ମାତ୍ର। ତୁଳନାତ୍ମକ ଭାବେ ଦେଖିଲେ ବର୍ତ୍ତମାନର ବିଲ୍ ତୁଳନାରେ ପୂର୍ବର ବିଲ୍‌ଟି ହିଁ ଅଧିକ ପ୍ରଗତିଶୀଳ ଥିଲା। ପୂର୍ବ ବିଲ୍‌ରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ କୌଣସି ସର୍ତ୍ତ ରଖାଯାଇ ନ ଥିବା ବେଳେ ବର୍ତ୍ତମାନର ବିଲ୍‌ରେ ତାକୁ ଅନେକଗୁଡ଼ିଏ ଅନାବଶ୍ୟକ ସର୍ତ୍ତ ମଧ୍ୟରେ ବାନ୍ଧି ଦିଆଯାଇଛି। ମହିଳା ସଂରକ୍ଷଣର କାର୍ଯ୍ୟକାରିତାକୁ ଜନଗଣନା ଓ ନିର୍ବାଚନମଣ୍ଡଳୀ ପରିସୀମା ସଂଶୋଧନ ପ୍ରକ୍ରିୟା ସହ ଯୋଡ଼ି ଦିଆଯାଇଛି। ବିଲ୍‌ରେ ଲେଖାଯାଇଛି ଯେ ଏହା ଆଇନରେ ପରିଣତ ହେବା ପରେ ଯେଉଁ ପ୍ରଥମ ଜନଗଣନା ହେବ ତା'ର ତଥ୍ୟ ପ୍ରକାଶ ପାଇବା ପରେ ଏବଂ ତା'ର ଆଧାରରେ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ୍ ପରେ ଯାଇ ହିଁ ଏହା କାର୍ଯ୍ୟକାରୀ ହେବ। ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ସହ ଜନଗଣନା କିମ୍ବା ଡିଲିମିଟେସନ୍ ପ୍ରକ୍ରିୟାର କ'ଣ ସମ୍ପର୍କ ବୁଝିହେଉ ନାହିଁ। କାରଣ ୨୦୨୧ରେ ସମ୍ପୂର୍ଣ୍ଣ ହେବାକୁ ଥିବା ଜନଗଣନା କାର୍ଯ୍ୟକ୍ରମ ଏଯାଏ ଆରମ୍ଭ ହୋଇନାହିଁ। କେନ୍ଦ୍ର ସରକାର ବିଭିନ୍ନ ଆଳରେ ଏହି ଜନଗଣନାର କାର୍ଯ୍ୟକ୍ରମକୁ ଏଯାଏ ଛଅଥର ସ୍ଥଗିତ ରଖିଲେଣି। ଯେହେତୁ ଜନଗଣନା ସହିତ ସରକାର ବିବାଦୀୟ ଜାତୀୟ ଜନସଂଖ୍ୟା ପଞ୍ଜୀକରଣ (ଏନ୍‌ପିଆର୍) କରି ଦେଶର ଅନେକ ଲୋକଙ୍କୁ ନାଗରିକତାରୁ ବଞ୍ଚିତ କରିବାକୁ ଚାହୁଁଛନ୍ତି, ତେଣୁ ତାକୁ ସେତେବେଳେ ବିରୋଧ ହୋଇଥିଲା। ଏହା ସହିତ ଜାତିଗତ ଜନଗଣନା କରିବାର ଯେଉଁ ଚାପ ରହିଛି, ତାକୁ ଏଡ଼େଇବା ପାଇଁ ବି ଜନଗଣନା କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଚାଲିଛନ୍ତି ବୋଲି କୁହାଯାଉଛି। ଅତଏବ ଏହି ପ୍ରକ୍ରିୟାଟି କେବେ ଆରମ୍ଭ ହେବ ଓ କେବେ ସମାପ୍ତି ହେବ ତା'ର କୌଣସି ନିଶ୍ଚିତତା ନାହିଁ।



ସରକାରଙ୍କ ଯଦି ଆନ୍ତରିକତା ଥାଆନ୍ତା, ତା'ହେଲେ ମହିଳାଙ୍କ ପାଇଁ ସଂରକ୍ଷଣକୁ ବିନା କୌଣସି ସର୍ତ୍ତରେ ତୁରନ୍ତ ଲାଗୁ କରି ପାରିଥା'ନ୍ତେ। ଆଗାମୀ କିଛି ମାସ ମଧ୍ୟରେ ହେବାକୁ ଥିବା ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଓ ୨୦୨୪ ଲୋକ ସଭା ନିର୍ବାଚନରେ ଏହାକୁ ଆରମ୍ଭ କରାଯାଇ ପାରନ୍ତା। କିନ୍ତୁ ବିଲ୍‌ରେ ଥିବା ସର୍ତ୍ତ ଅନୁଯାୟୀ କମ୍ ସେ କମ୍ ଆସନ୍ତା ୨୦୨୯ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏଠାରେ ପ୍ରଶ୍ନ ଉଠେ, ଯଦି ମହିଳାଙ୍କ ପାଇଁ ସଂରକ୍ଷଣକୁ ଏଭଳି ଆହୁରି ସାତ ଆଠ ବର୍ଷ ପରେ ଲାଗୁ କରିବାର ଥିଲା, ତା'ହେଲେ ଗତ ସାଢ଼େ ନଅ ବର୍ଷ ଧରି ସରକାର ଏନେଇ ନୀରବତା ଅବଲମ୍ବନ କରିଥିଲେ କାହିଁକି? ବର୍ତ୍ତମାନ ତରବରିଆ ଭାବେ ସଂସଦର ବିଶେଷ ଅଧିବେଶନ ଡାକି ଏହି ବିଲ୍‌ଟିକୁ ଆଣିଲେ କାହିଁକି ? ରାଜନୈତିକ ଫାଇଦା ପାଇଁ ତରବରିଆ ଭାବେ ଅଣାଯାଇଥିବା ବର୍ତ୍ତମାନର ମହିଳା ସଂରକ୍ଷଣ ବିଲ୍‌ଟିରେ ଅନେକ ଦୁର୍ବଳତା ରହିଛି। ଏଥିରେ ମାତ୍ର ୧୫ ବର୍ଷ ପାଇଁ ହିଁ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି। କ'ଣ ୧୫ ବର୍ଷ ପରେ ଦେଶରେ ନାରୀ ପୁରୁଷ ସମାନତା ଆସିଯିବ ନା ସଂସଦ ଓ ବିଧାନସଭାରେ ମହିଳା ସଦସ୍ୟାଙ୍କ ହାର ସ୍ୱତଃ ୩୩% ହୋଇଯିବ ? ପୁଣି ୨୦୧୦ର ବିଲ୍‌ରେ ଚକ୍ରାକାରରେ ଦେଶର ସବୁ ନିର୍ବାଚନମଣ୍ଡଳୀ ମହିଳାଙ୍କ ପାଇଁ ସଂରକ୍ଷିତ ହେବ ବୋଲି କୁହାଯାଇଥିବା ବେଳେ ବର୍ତ୍ତମାନର ବିଲ୍‌ରେ ସେ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ପୁରୁଣା ବିଲ୍‌ରେ ପ୍ରତି ରାଜ୍ୟର ମୋଟ ଲୋକ ସଭା ନିର୍ବାଚନମଣ୍ଡଳୀର ଏକ ତୃତୀୟାଂଶ ସଂରକ୍ଷିତ ହେବ ବୋଲି କୁହାଯାଇଥିବା ବେଳେ ଚଳିତ ବିଲ୍‌ରେ କେବଳ ଜାତୀୟ ସ୍ତରରେ ଏକ ତୃତୀୟାଂଶ ଆସନର ସଂରକ୍ଷଣର କଥା କୁହାଯାଇଛି। ସେପରି ହେଲେ ସଂରକ୍ଷଣ ଏକପାଖିଆ ହେବାର ସମ୍ଭାବନା ରହିଛି। ସବୁ ରାଜ୍ୟର ୩୩% ଆସନ ସଂରକ୍ଷିତ ନ ହୋଇ ହୁଏତ କେଉଁ ରାଜ୍ୟରେ ୩୩%ରୁ ବେଶି ତ କେଉଁ ରାଜ୍ୟରେ ବହୁତ କମ୍ ହେବାର ସମ୍ଭାବନା ରହିଛି। ଉଦ୍‌ବେଗଜନକ କଥା ହେଲା, ବିଲ୍‌ରେ ଦେଶର ରାଜ୍ୟ ସଭା ଓ ବିଧାନ ପରିଷଦଗୁଡ଼ିକୁ ମହିଳା ସଂରକ୍ଷଣ ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି। ଏହାର ଅର୍ଥ ହେଲା, ମହିଳାଙ୍କୁ ସଂରକ୍ଷଣ ଦେବାରେ ସରକାର ଏକ ଅଧା ଅଧୁରା ଉଦ୍ୟମ କରିଛନ୍ତି।

ବର୍ତ୍ତମାନ ଲୋକ ସଭାରେ ୭୮ ଜଣ (୧୪%) ଓ ରାଜ୍ୟ ସଭାରେ ୩୨ ଜଣ (୧୧%) ମହିଳା ସାଂସଦ ରହିଥିବା ବେଳେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମାତ୍ର ୭% ମହିଳା ମନ୍ତ୍ରୀ ରହିଛନ୍ତି। ଦେଶର ବିଧାନସଭାରେ ମହିଳା ବିଧାୟକଙ୍କ ସଂଖ୍ୟା ୧୦%ରୁ ବି କମ୍ ରହିଛି। ଅନ୍ୟପଟେ ଫ୍ରାନ୍ସ, ସ୍ୱେନ୍, ମେକ୍ସିକୋ, ନିକାରାଗୁଆ, ନ୍ୟୁଜିଲାଣ୍ଡ, ୟୁଏଇ, କ୍ୟୁବା, ରୱାଣ୍ଡା ଏପରି କି ଆମର ପଡ଼ୋଶୀ ନେପାଳ ପରି ବିଶ୍ୱର ଅନେକଗୁଡ଼ିଏ ଦେଶରେ ୫୦%ରୁ ଅଧିକ ମହିଳା ସାଂସଦ ଅଛନ୍ତି। ଏଭଳି ପରିସ୍ଥିତିରେ ମହିଳାଙ୍କ ପାଇଁ ୫୦% ବଦଳରେ ୩୩% ସ୍ଥାନ ସଂରକ୍ଷଣ କରିବାର ସରକାରୀ ଯୁକ୍ତିଟି ବୁଝିହେଉ ନାହିଁ।

**ମୋ:୯୪୩୭୧୬୬୩୯୧**

# ଆତଙ୍କବାଦୀ ଆକ୍ରମଣ ଓ କଶ୍ମୀର



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାର ଗଡୋଲ ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ସେନାର ୪ ଯବାନ ଶହୀଦ ହେବା ଘଟଣା ଜମ୍ମୁ-କଶ୍ମୀର ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟା ପ୍ରତି କେବଳ ଏକ ନୂତନ ଚାଲେଞ୍ଜ ଭାବେ ଉଭା ହୋଇନାହିଁ, ଶାନ୍ତି ପ୍ରକ୍ରିୟା ଉପରେ ଏକ କଳାଦାଗ ସୃଷ୍ଟି କରିପାରିଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ୨୦୧୯ ଅଗଷ୍ଟ ୫ ତାରିଖ ଦିନ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଏବଂ ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରି ଜମ୍ମୁ-କଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ ପରେ ଅର୍ଥାତ୍ ଦୀର୍ଘ ସାଢେ ୩ବର୍ଷରେ ଉପତ୍ୟକାରେ ଏହା ହେଉଛି ସବୁଠାରୁ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ। ଉଲ୍ଲେଖଯୋଗ୍ୟ ଯେ, ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ସହକାରେ ବିଚାର ବିମର୍ଷ କରୁଥିବା ସମୟରେ ଏବଂ ତୃଣମୂଳ ସ୍ତରରେ ଗଣତନ୍ତ୍ର ପୁନଃ ପ୍ରତିଷ୍ଠା ଆସନ୍ତା ଅକ୍ଟୋବର ମାସରେ ଗ୍ରାମପଞ୍ଚାୟତ ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାରେ ନିର୍ବାଚନ କରିବା ଲାଗି ସରକାରୀ କାର୍ଯ୍ୟସୂଚୀ ଘୋଷଣା କରିଥିବାବେଳେ ସୀମାପାର ଆତଙ୍କବାଦୀ ବଡ଼ ଧରଣର ଆକ୍ରମଣ ଏହାକୁ ଭଣ୍ଡୁର କରିବା ପାଇଁ ଏକ ଷଡ଼ଯନ୍ତ୍ର ବ୍ୟତୀତ ଅନ୍ୟ କିଛି ନୁହେଁ। ଅନନ୍ତନାଗ ଜିଲାର ଗଡୋଲ ତଥା ପୀର ପାୱାର ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ କଲୋନେଲ ମନପ୍ରୀତ୍ ସିଂହ, ମେଜର ଆଶିଷ ଧୋନଚାକ ଏବଂ ପୋଲିସ ଡିଏସ୍‌ପି ହୁମାୟନ ଭଟ୍ଟ ଏନ୍‌କାଉଣ୍ଟରରେ ଶହୀଦ ହୋଇଥିବାବେଳେ ଗୁଳିମାଡ଼ରେ ଗୁରୁତର ଆହତ ଅନ୍ୟଜଣେ ଯବାନ ହସ୍‌ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ହାତ ଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି ଆକ୍ରମଣ ଘଟଣା ଜମ୍ମୁ-କଶ୍ମୀର ପୀର ପଞ୍ଜାଲ ଅଞ୍ଚଳ ଏବେ ଆତଙ୍କବାଦୀଙ୍କ ନୂଆ ଆଡ୍‌ଡା ସ୍ଥଳୀରେ ପରିଣତ ହୋଇଛି ବୋଲି କୁହାଯାଇପାରେ।

ଉଲ୍ଲେଖଯୋଗ୍ୟ ଯେ, ପୀର ପଞ୍ଜାଲ ଅଞ୍ଚଳରେ ୨୦୨୧ ଜାନୁୟାରୀଠାରୁ ୨୦୨୩ ମେ' ୩୦ ମଧ୍ୟରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୪ଜଣ ସୁରକ୍ଷାକର୍ମୀ ଶହୀଦ ହୋଇଥିବାବେଳେ ୭୫ଜଣ ସାଧାରଣ ନାଗରିକ ନିହତ ହୋଇଛନ୍ତି। କିନ୍ତୁ ସହସଂଗଠିତ ଆତଙ୍କବାଦୀ ଆକ୍ରମଣ ଏବଂ କେନ୍ଦ୍ର ଓ ରାଜ୍ୟ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି, ଏଥିରେ ସନ୍ଦେହ ନାହିଁ। ଏହା ନିଶ୍ଚିତ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଏବଂ ରାଜ୍ୟ ମାନ୍ୟତା ପ୍ରତ୍ୟାହାର ପରେ ଆତଙ୍କବାଦୀ ଆତଙ୍କବାଦର ନୂଆ ନୂଆ କୌଶଳ ଅବଲମ୍ବନ କରିଥିଲେ ମଧ୍ୟ ୪ ଯବାନ ଶହୀଦ ହେବା ପ୍ରଥମ ଘଟଣା। ଗତ ୪୦ ମାସ ରାଜ୍ୟରେ କାଁ ଭାଁ ଆକ୍ରମଣ ବ୍ୟତୀତ ବଡ଼ ଧରଣର ଆତଙ୍କବାଦୀ ହିଂସାକାଣ୍ଡ ଘଟି ନ ଥିଲା। ପରିସ୍ଥିତି ଏବଂ ପରିବେଶ ଏକ ପ୍ରକାର ଶାନ୍ତ ରହିଆସିଥିଲା। ଆତଙ୍କବାଦୀଙ୍କ ହିଂସାକାଣ୍ଡ ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇଥିଲା। ଏକ ରିପୋର୍ଟରୁ ଜଣାଯାଇଛି ଯେ, ଚଳିତବର୍ଷ ଆରମ୍ଭରୁ ଜୁଲାଇ ୩୧ ତାରିଖ ସୁଦ୍ଧା ୩୦ଟି ଆତଙ୍କବାଦୀ ହିଂସାକାଣ୍ଡ ସଂଗଠିତ ହୋଇଥିବାବେଳେ ୨୦୨୨ରେ ଏହି ସମୟ ମଧ୍ୟରେ ୧୨୫ଟି ହିଂସାକାଣ୍ଡ ଘଟଣା ଘଟିଥିଲା। ଏହା ସତ୍ତ୍ୱେ ଦେଶର ଭୂସ୍ୱର୍ଗ ଭାବେ ପରିଚିତ କଶ୍ମୀର ଉପତ୍ୟକାକୁ ଗତବର୍ଷ ୧କୋଟି ୮୮ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିବା ସରକାରୀ ରିପୋର୍ଟରୁ ଜଣାଯାଇଛି। ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ଯେ, ପାକିସ୍ତାନରେ ରାଜନୈତିକ ଅସ୍ଥିରତା, ଉତ୍କଟ ଦାରିଦ୍ର୍ୟ, ଆକାଶଛୁଆଁ ଦରଦାମ ଏବଂ ଲୋକେ ଭୋକ ଉପାସରେ ରହୁଥିବାବେଳେ ଭାରତରେ ଶାସନରେ ସ୍ଥିରତା, ବିଭିନ୍ନ କ୍ଷେତ୍ରରେ ପ୍ରଗତି, ଚନ୍ଦ୍ର ଅଭିଯାନରେ ଐତିହାସିକ ସଫଳତା ଏବଂ ବିଶ୍ୱ ଦରବାରରେ ପ୍ରତିଷ୍ଠାକୁ ସହ୍ୟ କରିପାରି ଆତଙ୍କବାଦୀଙ୍କୁ ଆୟୁଧ କରି ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ।

ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି 'ପାକ୍ ଅଧିକୃତ କଶ୍ମୀର' (ପୋକ୍)ର ଜନସାଧାରଣ ଭାରତରେ ମିଶିବା ପାଇଁ ଇସ୍‌ଲାମବାଦ ବିରୋଧରେ ବିଦ୍ରୋହ ଘୋଷଣା କରିଥିବା ସମୟରେ କଶ୍ମୀର-ଲସ୍କର-ଇ-ତୋଇବା ହିଂସାକାଣ୍ଡ ଭିଆଇଛି। କେବଳ ଏତିକି ନୁହେଁ, କଶ୍ମୀରର ପ୍ରକୃତ ନିୟନ୍ତ୍ରଣରେଖା ସୀମାନ୍ତ ଅଞ୍ଚଳରେ ଏବେ ବହୁ ଆତଙ୍କବାଦୀ ତାଲିମ ଶିବିର ପ୍ରତିଷ୍ଠା ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏହା ଯଦି ସତ୍ୟ ହୋଇଥାଏ, ତେବେ ଆତଙ୍କବାଦୀଙ୍କ ଅନୁପ୍ରବେଶ ପ୍ରତି ସତର୍କ ରହିବା ଜରୁରୀ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ-୯୪୩୭୯୯୪୩୭୯**

## ପାଠକ ଶ୍ରେଷ୍ଠ ବିଚାରକ

### ସୋସିଆଲ ମିଡିଆ ଉପରେ କଟକଣା ରହୁ

ମହାଶୟ,

ପିଲାମାନଙ୍କର ସୋସିଆଲ ମିଡିଆ ବ୍ୟବହାର କରିବାର ବୟସ ସୀମା ରହିବା ଦରକାର। କାରଣ ପାଠ ପଢ଼ିବା ବୟସରେ ସେମାନେ ଅଧିକ ସମୟ ମୋବାଇଲ ବ୍ୟବହାର କରୁଛନ୍ତି ଏବଂ ସୋସିଆଲ ମିଡିଆ ଚଳାଉଛନ୍ତି। ନିର୍ଦ୍ଦିଷ୍ଟ ବୟସସୀମା ଏବଂ ଜରୁରୀ ସୂଚନା ପ୍ରଦାନ କରିବାକୁ ନିୟମ ରହିବା ଦରକାର। ସୋସିଆଲ ମିଡିଆରେ ଆସୁଥିବା ଆପତ୍ତିଜନକ ଭିଡିଓ, ଫଟୋ ଆଦି ବିଷୟବସ୍ତୁଗୁଡ଼ିକ ଉପରେ ବି କଟକଣା ଲଗାଯାଉ। ପିଲାମାନେ ସାମାଜିକ ଗଣମାଧ୍ୟମରେ ଅଳ୍ପ ସମୟ ମଧ୍ୟରେ ନିଜକୁ ପରିଚିତ କରିବା ପାଇଁ ଅନେକ ଉପାୟ ବାହାର କରୁଛନ୍ତି ; ଯେଉଁଥିରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ସୋସିଆଲ ମିଡିଆ ନୁହେଁ, ଇଣ୍ଟରନେଟ ବ୍ୟବହାର କରିବାରେ ମଧ୍ୟ କଠୋର ନିୟମ ଲାଗୁ କରାଯାଉ। କର୍ଣ୍ଣାଟକ ହାଇକୋର୍ଟ ଏହି ଦିଗରେ ପଦକ୍ଷେପ ନେବା ପାଇଁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ବୟସ ସୀମା ୨୧ ବର୍ଷ ରଖିବାକୁ କୋର୍ଟ କହିଛନ୍ତି। ଏହି ଦିଗରେ ଏବେଠାରୁ ପଦକ୍ଷେପ ନ ନେଲେ ଆଗକୁ ବିଭିନ୍ନ ପ୍ରକାର ସମସ୍ୟାମାନ ସୃଷ୍ଟି ହୋଇପାରେ।

**- ଚନ୍ଦନ ପ୍ରସାଦ ଦାଶ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କଳିଉଠୁ ଜଳେ ସ୍ଥଳେ ଉଜ୍ଜ୍ୱଳାଇ
ସକଳ ମେଦିନୀ
ଟାଣ୍ଟୁ ତାର ରଶ୍ମିଜାଲି ହସି ଉଠୁ
ତିମିର ଯାମିନୀ।

-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଗୁରୁବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୭୦.୬୦ ପଏଣ୍ଟ ହ୍ରାସ ଘଟି ୬୬, ୨୩୦.୨୪ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୧୫୯.୦୫ ପଏଣ୍ଟ କମି ୧୯,୭୪୨.୩୫ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ସର୍ବକାଳୀନ ଆଲୁମିନିୟମ ଧାତୁ ବିକ୍ରୟ ରେକର୍ଡ




ନାଲ୍‌କୋର ୪୨ତମ ବାର୍ଷିକ ସାଧାରଣ ବୈଠକରେ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

## ନାଲ୍‌କୋର ୪୨ତମ ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର,୨୧।୯ (ଅଭୟ ଦାଶ)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ କମ୍ପାନୀ ନାଲ୍‌କୋର ୪୨ତମ ବାର୍ଷିକ ସାଧାରଣ ବୈଠକ ଗୁରୁବାର ଭିସି (ଭର୍ଚୁଆଲ ମୋଡ୍) ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଂଶଧନଧାରୀମାନେ ଆର୍ଥିକ ବର୍ଷ ୨୦୨୨-୨୩ନିମନ୍ତେ ୧୪,୧୪୧ କୋଟି ଟଙ୍କାର ବିକ୍ରୟ କାରବାର ସହ ୧,୫୪୪ କୋଟିର ଲାଭାଂଶ ଏବଂ ୪,୨୧୭ କୋଟି ଟଙ୍କାର ରପ୍ତାନି ସମ୍ବନ୍ଧୀୟ ବାର୍ଷିକ କାରବାରକୁ ଅନୁମୋଦନ କରିଛନ୍ତି। ଏଥିସହ ଇକ୍ୱିଟି ଶେୟାର ପିଛା ୧ ଟଙ୍କା ହିସାବରେ ୨୦% ଚୂଡ଼ାନ୍ତ ଲାଭାଂଶକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୯୧୮.୩୨ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ନାଲ୍‌କୋ ସର୍ବକାଳୀନ ରେକର୍ଡ ବକ୍ସାଇଟ ଉତ୍ତୋଳନ କରିବା ସହ ୨୧.୩ ଲକ୍ଷ ଟନ ଆଲୁମିନା ହାଇଡ୍ରେଟ ଉତ୍ପାଦନ କରିଛି, ଯାହା ଉତ୍ପାଦନ କ୍ଷମତା ବିନିଯୋଗର ୧୦୧.୧% ବୋଲି କୁହାଯାଇଛି। ସେହିପରି ନାଲ୍‌କୋ ମୋଟ ୪.୬୪ ଲକ୍ଷ ଟନର ଧାତୁ ବିକ୍ରୟ ସହ ଘରୋଇ ବଜାରରେ ସର୍ବକାଳୀନ ରେକର୍ଡ ଧାତୁ ବିକ୍ରି କରିପାରିଛି। ବିଶେଷକରି କାରଖାନାର ଯନ୍ତ୍ରାଂଶଗୁଡ଼ିକ ଠିକ୍ ରକ୍ଷଣାବେକ୍ଷଣ ଯୋଗୁ ୪ ଦଶନ୍ଧିରୁ ଅଧିକ ସମୟ ହୋଇଥିଲେ ମଧ ପୂର୍ଣ୍ଣ କ୍ଷମତାର ଉର୍ଦ୍ଧ୍ୱରେ କାର୍ଯ୍ୟ କରିବା ସହ ଆଶାନ୍ୱିତ ଉତ୍ପାଦନ ହାସଲ କରିପାରିଛି। ଏ ସମ୍ପର୍କରେ ନାଲକୋର ଅଧ୍ୟକ୍ଷ ଶ୍ରୀଧର ପାତ୍ର ଅଂଶଧନଧାରୀମାନଙ୍କୁ ସମ୍ବୋଧିତ କରି ସେମାନଙ୍କ ନିରନ୍ତର ବିଶ୍ୱାସ ଓ ନାଲ୍‌କୋ ସମୁଦାୟର ସହଯୋଗ ବଳରେ କମ୍ପାନୀ ଉଭୟ ଉତ୍ପାଦନ ଓ ବ୍ୟବସାୟିକ ସଫଳତା ହାସଲ କରିପାରିଛି ବୋଲି ପାତ୍ର ମତପ୍ରକାଶ କରିଛନ୍ତି। ସେହଭଳି ସର୍ବନିମ୍ନ ଉତ୍ପାଦନ ଖର୍ଚ୍ଚରେ ବକ୍ସାଇଟ ଓ ଆଲୁମିନା ଉତ୍ପାଦକ ହେବାର ରେକର୍ଡ ନାଲ୍‌କୋ ପାଖରେ ରହିଛି। ବର୍ତ୍ତମାନ ସମୟରେ କମ୍ପାନୀ ତା'ର ୫ମ ଷ୍ଟ୍ରିମ୍ ରିଫାଇନେରି ପ୍ରକଳ୍ପର ତ୍ୱରିତ ସମାପ୍ତି ଏବଂ ପୋଟାଙ୍ଗି ବକ୍ସାଇଟ୍ ମାଇନ୍ସର ବିକାଶ ଏବଂ ଓଡ଼ିଶାରେ କମ୍ପାନୀର ଅବଶିଷ୍ଟ ଆବଣ୍ଟିତ କୋଇଲା ବ୍ଲକକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦେଉଛି ବୋଲି ପାତ୍ର କହିଛନ୍ତି।

# ଟ୍ରୁକଲର ନ୍ୟୁ ବ୍ରାଣ୍ଡ୍ ଆଇଡେଣ୍ଟିଟି

ଭୁବନେଶ୍ୱର,୨୧।୯

ଟ୍ରୁ କଲରର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଟ୍ରୁକଲର ନ୍ୟୁ ବ୍ରାଣ୍ଡ୍ ଆଇଡେଣ୍ଟିଟି ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଟ୍ରୁ କଲରର କର୍ପୋରେଟ୍ ରିବ୍ରାଣ୍ଡିଂ ଏବଂ ନୂତନ ଆପ୍ ଆଇକନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯାହାକି ତୁରନ୍ତ ଗୁଗଲ୍ ପ୍ଲେ ଷ୍ଟୋର ଓ ଆପଲ୍ ଆପ୍ ଷ୍ଟୋରରେ ଚିହ୍ନଟ କରାଯାଇପାରିବ। ଏହି ନୂତନ ବ୍ରାଣ୍ଡ୍ ପରିଚୟର ଟାଇମିଂ ଡିଜିଟାଲ ସ୍ପେସ୍‌ରେ ହେଉଥିବା ଉଲ୍ଲେଖନୀୟ ରୂପାନ୍ତରଣ ସହ କାର୍ଯ୍ୟକାରୀ କରାଯାଇଛି। ଏହି ରିବ୍ରାଣ୍ଡିଂର ମୂଳରେ ଟ୍ରୁକଲରର ନବୀକୃତ ଉଦ୍ଦେଶ୍ୟ, ଶକ୍ତି ଓ ପ୍ରତିଶ୍ରୁତିବଦ୍ଧତା ସାମିଲ ରହିଛି। ଏ ସମ୍ପର୍କରେ ଟ୍ରୁକଲରର ସହ-ପ୍ରତିଷ୍ଠାତା ତଥା ସିଇଓ ଆଲାନ୍ ମାମେଦି କହିଛନ୍ତି, ଆମେ ଆମର ନୂତନ ବ୍ରାଣ୍ଡ୍ ପରିଚୟ ଓ ଲୋଗୋର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ।

# ଏଲ୍‌ଜିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨୧।୯

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଏଲ୍‌ଜିର ୱାଇଫାଇ କନ୍‌ଭର୍ଟିବୁଲ ସାଇଡ୍ ବାଇ ସାଇଡ୍ ରେଫ୍ରିଜେଟରକୁ ବଜାର ପ୍ରବେଶ କରାଇଛି। ଉକ୍ତ ରେଫ୍ରିଜେଟରରେ ଅନେକ ପ୍ରକାର ନୂତନ ଫିଚର ସହ ଆଧୁନିକ ବୈଶିଷ୍ଟ୍ୟ ସାମିଲ ରହିଛି। ସେହିଭଳି ଏଲ୍‌ଜିର ୱାଇଫାଇ କନ୍‌ଭର୍ଟିବୁଲ ସାଇଡ୍ ବାଇ ସାଇଡ୍ ରେଫ୍ରିଜରେଟର ୯ଟି ମଡେଲରେ ଉପଲବ୍ଧ। ଏପରିକି ୬୫୦ ଲିଟର କ୍ଷମତା ବିଶିଷ୍ଟ ଉକ୍ତ ରେଫ୍ରିଜେଟରରେ ଏକ ସ୍ୱତନ୍ତ୍ର ଆପ୍ ରହିଛି।

ଏ ସମ୍ପର୍କରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସର ନିର୍ଦ୍ଦେଶକ (ହୋମ୍ ଆପ୍ଲାଏନ୍ସ ଆଣ୍ଡ ଏୟାର କଣ୍ଡସନର) ହ୍ୱାୟଙ୍ଗ ସୁବ୍‌ଜି କହିଛନ୍ତି, ଆମେ ଆଜି ଏଲ୍‌ଜିର ୱାଇଫାଇ କନ୍‌ଭର୍ଟିବୁଲ ସାଇଡ୍ ବାଇ ସାଇଡ୍ ରେଫ୍ରିଜରେଟରକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଉକ୍ତ ରେଫ୍ରିଜରେଟରରେ ଅନେକ ଅତ୍ୟାଧୁନିକ ଓ ପ୍ରଥମ ଧରଣର ଟେକ୍ନୋଲୋଜିକୁ ଅନ୍ତର୍ଭୁକ୍ତ କରାଇଛୁ। ସେହିଭଳି ନୂତନ ଉତ୍ପାଦର ଆବଷ୍କାର ସହ ଗ୍ରାହକଙ୍କ ଚାହିଦା ପୂରଣକୁ ଗୁରୁତ୍ୱ ଦେଇଥାଉ। ଏଥିରେ ଏକ ଶକ୍ତିଶାଳୀ ଏଲ୍‌ଜି ଥିନ୍କ୍ ଆପ୍‌କୁ ସଂଯୋଗ କରାଯାଇଛି, ଯାହା ରିମୋଟ ଦ୍ୱାରା ପରିଚାଳିତ ହୋଇଥାଏ।

# ସେନ୍‌କୋର ପ୍ରଥମ ଭର୍ଚୁଆଲ୍ ଶୋ'ରୁମ୍ 'ସେନ୍‌କୋଭର୍ସ'

ଭୁବନେଶ୍ୱର,୨୧।୯

ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ପ୍ରଥମ ଭର୍ଚୁଆଲ୍ ଶୋ'ରୁମ୍ 'ସେନ୍‌କୋଭର୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି କମ୍ପାନୀ (ବ୍ରାଣ୍ଡ) ମେଟାଭର୍ସରେ ପ୍ରବେଶ ସହ ଭାରତର ପ୍ରଥମ ଗହଣା ଶୋ'ରୁମ୍ ଭାବେ ନୂଆ ପିଢ଼ିର ଗ୍ରାହକମାନଙ୍କ ସହ ବେଶ୍ ଯୋଡ଼ି ହୋଇପାରିବ ଓ ସେମାନଙ୍କୁ ସୁହାଇବା ଭଳି ଏବଂ ନିରବଚ୍ଛିନ୍ନ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରି ଶପିଙ୍ଗ୍‌ରେ ପରିବର୍ତ୍ତନ ଆଣିବ ବୋଲି ସେନ୍‌କୋ ପକ୍ଷରୁ କୁହାଯାଇଛି। ଏପରିକି ଭର୍ଚୁଆଲ୍ ଦୁନିଆରେ ବ୍ରାଣ୍ଡର ଗହଣାଗୁଡ଼ିକୁ ଜୀବନ୍ତ ଭାବେ ଉପସ୍ଥିତ କରିବା ପାଇଁ ସେନ୍‌କୋଭର୍ସରେ ପ୍ରଯୁକ୍ତି ଓ କଳାକାରର ଏକ ଦୃଢ଼ ସମ୍ମିଶ୍ରଣ ରହିଛି। ଏହା ଗ୍ରାହକମାନଙ୍କୁ ଏଣ୍ଡ୍-ଟୁ-ଏଣ୍ଡ୍ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବ। ସେହିଭଳି ଗ୍ରାହକମାନେ ନିରବଚ୍ଛିନ୍ନ ଭାବେ ଭର୍ଚୁଆଲ ଶୋ'ରୁମ୍‌ରେ ବ୍ରାଉଜିଂ କରିବା ସହ ନିଜ ପସନ୍ଦର ଗହଣାକୁ ଚୟନକରି ଘରେ ଡେଲିଭରି ପାଇପାରିବେ।

ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ଆମର ଡିଜିଟାଲ ରୂପାନ୍ତରଣ ଯାତ୍ରା ଓ ଆମ ମୂଲ୍ୟବାନ୍ ଗ୍ରାହକମାନଙ୍କୁ ଉଲ୍ଲେଖନୀୟ ଓ ଚିନ୍ତାମୁକ୍ତ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ଆମର ରହିଥିବା ପ୍ରତିବଦ୍ଧତା ଦିଗରେ ସେନ୍‌କୋଭର୍ସର ଶୁଭାରମ୍ଭ ଏକ ବଡ଼ ପଦକ୍ଷେପ। ସେଥିପାଇଁ ଆମେ ସେମାନଙ୍କୁ ବ୍ୟକ୍ତିଗତ ସୁହାଇବା ଭଳି ଓ ସୁବିଧାଜନକ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବାରେ ଆଗରେ ରହିବାକୁ ଚାହୁଁଛୁ। ସେହିଭଳି ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ନିର୍ଦ୍ଦେଶିକା ଓ ଡିଜାଇନ୍ ତଥା ମାର୍କେଟିଂ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ମେଟାଭର୍ସରେ ଭାରତର ପ୍ରଥମ ଗହଣା ଶୋ'ରୁମ୍ ସେନ୍‌କୋଭର୍ସର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକମାନଙ୍କୁ ଅଭିନବ ସେବା ପ୍ରଦାନ କରିବା ଆମ ଯାତ୍ରାରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ହୋଇଥିବାବେଳେ ଭାରତର ସବୁଠୁ ବିଶ୍ୱାସଯୋଗ୍ୟ ବ୍ରାଣ୍ଡ୍ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର କାରିଗରୀ ଓ ଗୁଣାତ୍ମକ ମାନ ପାଇଁ ବେଶ ପରିଚିତ ରହିଛି।

# ଦି ଟ୍ରିଟ୍‌ମେଣ୍ଟ ସଲ୍ୟୁଶନ ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୯

ରାଜ୍ୟର ଅଗ୍ରଣୀ ହେଲ୍‌ଥ ପ୍ଲାଟ୍‌ଫର୍ମ ଦି ଟ୍ରିଟ୍‌ମେଣ୍ଟ ସଲ୍ୟୁଶନ ପକ୍ଷରୁ ଭିଏସ୍‌ଏସ୍‌ନଗରସ୍ଥିତ ପୁସ୍ତକ ମହଲ ସମ୍ମୁଖରେ ଏକ ନୂତନ ପଲ୍ଲୀ କ୍ଲିନିକ 'ଦି ଟ୍ରିଟ୍‌ମେଣ୍ଟ ସଲ୍ୟୁଶନ' ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ପଞ୍ଚମୁଖୀ ମେଡିସିନ ଷ୍ଟୋର ସହଭାଗିତାରେ ଉକ୍ତ କ୍ଲିନିକର ଶୁଭାରମ୍ଭ କରାଯାଇଛି ବୋଲି ପ୍ଲାଟ୍‌ଫର୍ମ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଡା. ସଗୁଫାତ ଫିର୍ଦୋସ କହିଛନ୍ତି, ଏଠାରେ ଆମେ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା ଓ ଆବଶ୍ୟକ ସେବା ଯୋଗାଇଦେବୁ। ଏପରିକି ବହୁ ବିଶେଷଜ୍ଞଙ୍କ ପରାମର୍ଶ ସହ ସବୁ ବର୍ଗର ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଓ ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ୪ ଶଯ୍ୟା ବିଶିଷ୍ଟ ଉକ୍ତ କ୍ଲିନିକ୍ ଜରିଆରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଇସିଜି, ପାଥୋଲୋଜି ଟେଷ୍ଟ ଏବଂ ଫାଷ୍ଟଏଡ୍ ଟ୍ରିଟ୍‌ମେଣ୍ଟ ମଧ ଲୋକମାନେ ଜଣାଶୁଣା ଚିକିତ୍ସକଙ୍କ ନିକଟରେ କରିପାରିବେ ବୋଲି ଡା. ସଗୁଫାତ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଏଠାକୁ ଆସୁଥିବା ସମସ୍ତ ରୋଗୀ ଗୋଟିଏ ଛାତ ତଳେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ସହ ପଞ୍ଚମୁଖୀ ମେଡିସିନ ଷ୍ଟୋରରୁ ୨୦% ରିହାତିରେ ମେଡିସିନ କ୍ରୟ କରିପାରିବେ ଅଥବା କ୍ଲିନିକ ପକ୍ଷରୁ ଆବଶ୍ୟକ ମେଡିସନ ଯୋଗାଇ ଦିଆଯିବ ବୋଲି କ୍ଲିନିକ୍‌ର କୋ ପାର୍ଟନର ଲୋପାମୁଦ୍ରା ପାତ୍ର ମତପ୍ରକାଶ କରିଛନ୍ତି।

# ଏଜିଇଏଲ୍ ସହ ଟୋଟାଲ ଏନର୍ଜିସ୍‌ର ସମ୍ପ୍ରସାରଣ ସହଭାଗିତା

ଭୁବନେଶ୍ୱର,୨୧।୯




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦାନୀ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ (ଏଜିଇଏଲ୍) ଏବଂ ଟୋଟାଲ ଏନର୍ଜିସ୍ ମଧ୍ୟରେ ଏକ ଯୌଥ ଉଦ୍ୟୋଗ ନେଇ ବୁଝାମଣା ହୋଇଛି। ଉକ୍ତ ବୁଝାମଣା ଅନୁଯାୟୀ ଉଭୟ କମ୍ପାନୀର ଅଂଶଧନ ସମାନ ରହିବ। ଉଲ୍ଲେଖଯୋଗ୍ୟ, ୧୦୫୦ ମେଗାୱାଟ୍ ପୋର୍ଟଫୋଲିଓଯୁକ୍ତ ସୌର ଓ ପବନ ଶକ୍ତି ଉଦ୍ୟୋଗରେ ବର୍ତ୍ତମାନ ସୁଦ୍ଧା ୩୦୦ ମେଗାୱାଟ୍ କାର୍ଯ୍ୟକ୍ଷମ ହୋଇଛି, ଯାହାକି ପୂର୍ବରୁ ନିର୍ମିତ ହୋଇଥିଲା। ସେହିଭଳି ୫୦୦ ମେଗାୱାଟ ନିର୍ମାଣାଧୀନ ଅବସ୍ଥାରେ ରହିଥିବାବେଳେ ୨୫୦ ମେଗାୱାଟ ଅଣ୍ଡର ଡେଭଲପମେଣ୍ଟ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ଆଦାନୀ ଗ୍ରୁପ୍‌ର ଚେୟାରମ୍ୟାନ ଗୌତମ ଆଦାନୀ କହିଛନ୍ତି, ଟୋଟାଲ ଏନର୍ଜିସ୍ ସହ ଆମେ ଦୀର୍ଘତମ ସହଭାଗିତା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଜିଇଏଲ୍ ସହ ଟୋଟାଲ ଏନର୍ଜିସ୍‌ର ସମ୍ପ୍ରସାରଣ ସହଭାଗିତା ଆଗାମୀ ଦିନରେ ଏକ ବୈପ୍ଳବିକ ପରିବର୍ତ୍ତନ ଶିଳ୍ପରେ ଆଣିବ ବୋଲି ଆଶା କରାଯାଉଛି। ୨୦୨୩୦ ସୁଦ୍ଧା ଆମେ ୪୫ ଜିଡବ୍ଲ୍ୟୁ ରିନ୍ୟୁଏବୁଲ ଏନର୍ଜି ଉତ୍ପାଦନ କରିବୁ ବୋଲି ଆକଳନ କରିଛୁ। ସେହିଭଳି ଟୋଟାଲ ଏନର୍ଜିସ୍‌ର ଚେୟାରମ୍ୟାନ ଏବଂ ସିଇଓ ପାଟ୍ରିକ୍ ପୋୟାନେ କହିଛନ୍ତି, ଆମେ ଏଜିଇଏଲ୍ ସହ ସହଭାଗିତା କରି ବେଶ୍ ଆନନ୍ଦିତ ରହିଥିବାବେଳେ ଆଗାମୀ ଦିନରେ ଅକ୍ଷୟ ଶକ୍ତି ଶିଳ୍ପରେ ଉଲ୍ଲେଖନୀୟ ସଫଳତା ନେଇ ଆଶା ବାନ୍ଧିଛୁ।

# ଆଜିଠାରୁ ଆଜିଓ ଅଲ୍ ଷ୍ଟାର୍ସ ସେଲ୍

ଭୁବନେଶ୍ୱର,୨୧।୯




ଭାରତର ପ୍ରିମିୟମ ଫ୍ୟାଶନ ଇ-ଟେଲର ଆଜିଓର ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ 'ଅଲ୍ ଷ୍ଟାର୍ସ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମାର୍କସ୍ ଆଣ୍ଡ ସ୍ପେନ୍‌ସର ଏବଂ ଲି ଓ ରାଙ୍ଗଲର ସହଭାଗିତାରେ କରାଯାଉଥିବା ଏହି 'ଅଲ୍ ଷ୍ଟାର୍ସ ସେଲ୍' ୨୦୨୩ ସେପ୍ଟେମ୍ବର ୨୨ରୁ ଆରମ୍ଭ ହେଉଛି, ଏହା ପୂର୍ବ (୨୦୨୩ ସେପ୍ଟେମ୍ବେର ୧୭)ରୁ ଗ୍ରାହକମାନେ ପ୍ରତିଦିନ ୬ ଘଣ୍ଟାର ଲିମିଟେଡ୍ ଆକ୍ସେସ୍ ଲାଭ କରିଛନ୍ତି। ବିଶେଷ କରି ଆଜିଓ ଅଲ୍ ଷ୍ଟାର୍ସ ସେଲ୍ (ଏଏଏସ୍‌ଏସ୍) ଜରିଆରେ ଗ୍ରାହକମାନେ ୫୫୦୦ ରୁ ଅଧିକ ବ୍ରାଣ୍ଡ୍ ମଧ୍ୟରୁ କ୍ରୟ କରିପାରିବେ, ଯେଉଁଥିରେ ଅତୁଳନୀୟ ଶପିଂ ଅନୁଭବ ପ୍ରଦାନ କରୁଥିବା ୧.୫ ମିଲିୟନରୁ ଅଧିକ ଫ୍ୟାଶନ ଷ୍ଟାଇଲ୍ ରହିଛି। ଏ ସମ୍ପର୍କରେ ଆଜିଓର ସିଇଓ ବିନୀଥ ନାୟର କହିଛନ୍ତି, ଅଲ୍ ଷ୍ଟାର୍ସ ସେଲ୍ ଫ୍ୟାଶନର ସର୍ବବୃହତ୍ ବ୍ରାଣ୍ଡକୁ ଗ୍ରାହକଙ୍କ ନିକଟକୁ ଆଣି ଏକ ବାସ୍ତବିକ ଆକର୍ଷଣୀୟ ଶପିଂ ଅନୁଭବ ପ୍ରଦାନ କରିଥାଏ ଏହି ସଂସ୍କରଣରେ ଆମେ ଛୋଟ ସହର ଓ ନଗରରୁ କ୍ରମାଗତ ଚାହିଦା ଓ ଅଧିକ ଅର୍ଡର୍‌ର ଆଶା କରୁଛୁ, ଇଣ୍ଟରନେଟର ବହୁଳ ବ୍ୟବହାର ସହିତ ୫ଜିର ଶୁଭାରମ୍ଭ ଦ୍ୱାରା ଅଧିକରୁ ଅଧିକ ଭାରତୀୟ ଅନ୍‌ଲାଇନ ଶପିଂକୁ ଆପଣାଇଛନ୍ତି ଓ ଆମେ ଆଶା କରୁଛୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ପ୍ରଥମ ଥର କ୍ରେତାମାନେ ଆଜିଓରେ ଥିବା ୧.୫ମିଲିୟନରୁ ଅଧିକ ଷ୍ଟାଇଲରୁ କିଣାକିଣି କରିପାରିବେ। ସେହିଭଳି ଆଗାମୀ ପାର୍ବଣ ଋତୁରେ ଏଥିନିକ୍ ବ୍ରାଣ୍ଡ୍‌ର ନୂତନ ଷ୍ଟାଇଲ୍ ସାରା ଭାରତର ଗ୍ରାହକମାନଙ୍କ ନିକଟରେ ଲୋକପ୍ରିୟତା ହାସଲ କରିଛି। ଏହି ସେଲ୍‌ରେ ନୂତନ ଏଥିନିକ୍ ବ୍ରାଣ୍ଡ ରିୱାକୁ ଆଜିଓରେ ଶୁଭାରମ୍ଭ କରାଯିବ ସହିତ ମିଡ୍-ପ୍ରିମିୟମ ବ୍ରାଣ୍ଡ୍‌ରେ ୨୦୦୦ରୁ ଅଧିକ ଷ୍ଟାଇଲର ଶୁଭାରମ୍ଭ କରାଯିବ। ଏଥିରେ ସମୟାତୀତ ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଫିଟ୍‌ନେସ୍ ରହିଛି, ଯାହାକି ଭାରତୀୟ ମହିଳାମାନଙ୍କୁ ଏକ ବ୍ୟାପକ ଶ୍ରେଣୀୟ ଡିଜାଇନ୍ ପ୍ରଦାନ କରୁଛି, ଯାହାକୁ ସେମାନେ ସ୍ୱତନ୍ତ୍ର ଅବସରରେ ପରିଧାନ କରିପାରିବେ। ରିୱାର ଡିଜାଇନ୍ ଦର୍ଶନ ବହୁ ପୁରୁଣା ମୋଟିଫ୍‌ରୁ ଅନୁପ୍ରେରିତ ଓ ଏଥିରେ ଏକ ସମସାମୟିକ ରୂପ ପ୍ରଦାନ କରାଯାଇଛି ତଥା ଏହାକୁ ଏକ ଆକର୍ଷଣୀୟ ଓ ନୂତନ ରୂପରେ ପ୍ରସ୍ତୁତ କରାଯାଇଛି। ସେହିପରି ଗ୍ରାହକମାନେ ସର୍ବାଧିକ ପସନ୍ଦ କରୁଥିବା ଅନ୍ୟାନ୍ୟ ଲୋକପ୍ରିୟ ବ୍ରାଣ୍ଡ୍ ଇଣ୍ଡି ପିକ୍‌ସ, ଡବ୍ଲ୍ୟୁ, ବିବା, ଗ୍ଲୋବାଲ୍ ଦେଶୀ, କଳାନିକେଥନ୍, ଆଭାସା, ଗୁଲମୋହର ଜୟପୁର ଭଳି ୫୦୦ ନୂତନ ବ୍ରାଣ୍ଡ ସାମିଲ୍ ହେବା ସହିତ ଏଏଏସଏସ୍‌ରେ ସାରା ଭାରତର ୧୯,୦୦୦ ରୁ ଅଧିକ ପିନକୋଡର ଗ୍ରାହକମାନେ ବ୍ୟାପକସ୍ତରୀୟ ସିଲେକ୍‌ସନରୁ କିଣାକିଣି କରିପାରିବେ। ଯେଉଁଥିରେ ଏକ୍ସକ୍ଲୁସିଭ୍ ଇଣ୍ଟରନ୍ୟାଶନାଲ୍ ବ୍ରାଣ୍ଡ ସହିତ ନିଜସ୍ୱ ଲେବଲ୍ ଓ ହୋମଗ୍ରୋନ୍ ଭଳି ବିଭିନ୍ନ ବର୍ଗରେ ପ୍ରଦାନ କରାଯାଉଥିବା ଆକର୍ଷଣୀୟ ଡିଲ୍ ଓ ଅଫର ସାମିଲ ରହିଛି। ଉଲ୍ଲେଖଯୋଗ୍ୟ, ବଲିଉଡ୍ ଷ୍ଟାର ଶ୍ରଦ୍ଧା କପୁର, ବାଣୀ କପୁର, ବାଦଶାହ ଓ ଜିମ୍ ସର୍ଭ ଅଲ୍ ଷ୍ଟାର କ୍ୟାମ୍ପେନ ଫିଲ୍ମ ସହିତ ପୁଣିଥରେ ଆସିଛନ୍ତି ଓ ସେମାନଙ୍କୁ ବିଶ୍ୱର ସର୍ବବୃହତ୍ ବ୍ରାଣ୍ଡ ସହିତ ଦେଖାଯାଇଛି। ୱେଷ୍ଟର୍ନ ଉୟର, ଆଥଲିଜର, ସ୍ନିକର, ଟପ୍ ଡେନିମ୍ ବ୍ରାଣ୍ଡ ଇତ୍ୟାଦିରେ ସେମାନେ ସେମାନଙ୍କର ପ୍ରିୟ ଷ୍ଟାଇଲକୁ ପ୍ରଦର୍ଶିତ କରିଛନ୍ତି, ୩୬୦-ଡିଗ୍ରୀ କ୍ୟାମ୍ପେନ ସମସ୍ତ ଓଟିଟି, ସୋସିଆଲ୍ ଓ ଡିଜିଟାଲ୍ ମାଧ୍ୟମରେ କରାଯିବ।

# ବଜାରରେ ହୋଣ୍ଡାର ରେପ୍‌ସଲ୍ ଏଡିସନ୍

ଭୁବନେଶ୍ୱର,୨୧।୯




ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରେପ୍‌ସଲ୍ ଏଡିସନ୍'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ୨୦୨୩ ରେପ୍‌ସଲ୍ ଏଡିସନ୍‌ର ହର୍ନେଟ୍ ୨.୦ ଓ ଡିଓ ୧୨୫କୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ଦୁଇ ଗାଡ଼ିର ମୂଲ୍ୟ ଯଥାକ୍ରମେ ୧,୪୦,୦୦୦ ଟଙ୍କା ଓ ୯୨,୩୦୦ ଟଙ୍କା ରହିଛି। ସାରା ଦେଶରେ ଥିବା ହୋଣ୍ଡା ରେଡ୍ ୱିଙ୍ଗ୍ ଆଉଟ୍‌ଲେଟ୍‌ରେ ଏହି ୨ ଲିମିଟେଡ୍ ଏଡିସନ୍ ବା ରେପ୍‌ସଲ୍ ମଡେଲ ଉପଲବ୍ଧ ହେବ। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ରେସିଂ ହେଉଛି ହୋଣ୍ଡାର ହୃତ୍‌ପିଣ୍ଡ। ପ୍ରଥମ ଥର ପାଇଁ ଭାରତରେ ରେସିଂର ଶିଖର ଭାବେ ପରିଚିତ ମୋଟୋ ଜିପି ପ୍ରଥମ ଥର ପାଇଁ ଭାରତରେ ଆୟୋଜନ ହେଉଥିବା ବେଳେ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ରହିବା ଲାଗି ଭାରତୀୟ ଯୁବ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ସେହି ଉତ୍ସାହକୁ ଆହୁରି ବଢ଼ାଇବା ପାଇଁ ଆମେ ହର୍ନେଟ୍ ୨.୦ ଓ ଡିଓ ୧୨୫ର ୨୦୨୩ ରେପ୍‌ସଲ୍ ଏଡିସନ୍‌କୁ ଉନ୍ମୋଚନ କରିଛୁ। ଆମେ ଆଗାମୀ ଭାରତ ଜିପିର ବଡ଼ ସଫଳତା କାମନା କରୁଛୁ। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ (ବିକ୍ରି ଓ ବିପଣନ) ଯୋଗେଶ ମାଥୁର କହିଛନ୍ତି,ହର୍ନେଟ୍ ୨.୦ ଓ ଡିଓ ୧୨୫ର ୨୦୨୩ ରେପ୍‌ସଲ୍ ଏଡିସନ୍‌କୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଉଭୟ ମଡେଲ ନିଜ ନିଜ କ୍ଷେତ୍ରରେ ଗ୍ରାହକଙ୍କୁ ଉଲ୍ଲସିତ କରିଛନ୍ତି ଏବଂ ତାହାର ଲିମିଟେଡ୍ ଏଡିସନ୍ ଭର୍ସନ ଉନ୍ମୋଚନକରି ଭାରତରେ ମୋଟୋଜିପି ପ୍ରଶଂସକଙ୍କ ପାଇଁ ଭାରତୀୟ ରାସ୍ତାରେ ହୋଣ୍ଡାର ରେସିଂ ଡିଏନ୍‌ରେ ପରିବର୍ତ୍ତନ ଆଣି ଆମେ ଆନନ୍ଦିତ। ପ୍ରଥମ ଭାରତ ଜିପି ପାଇଁ ରେପ୍‌ସଲ୍ ହୋଣ୍ଡା ଟିମ୍‌କୁ ଆମେ ଶୁଭକାମନା ଜଣାଉଛୁ।



# ମାର୍କେଟ ବିଲ୍ଡିଂରେ ବଢୁଛି ସମସ୍ୟା, ଗ୍ରାହକ ହନ୍ତସନ୍ତ

## ଆମ ହାଟ ବଜାର

**ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ)**

ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ବଜାର ୟୁନିଟ-୨ସ୍ଥିତ ମାର୍କେଟ ବିଲ୍ଡିଂ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ୭୫ବର୍ଷ ପୂର୍ବେ ହାତଗଣତି କେତେଜଣ ବ୍ୟବସାୟୀଙ୍କୁ ନେଇ ଗଠନ ହୋଇଥିବା ଏହି ମାର୍କେଟରେ ଏବେ ୧୭୦ରୁ ଊର୍ଦ୍ଧ୍ୱ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ତା' ମଧ୍ୟରେ ଛୋଟ ବଡ଼ ଶୋ'ରୁମ୍ ମଧ୍ୟ ରହିଛି। କମ୍ ଦାମ୍‌ରେ ଚାହୁଁଥିବା ଭଳି ସବୁ ଜିନିଷ ମିଳୁଥିବାରୁ ଶପିଂ ପାଇଁ ମାର୍କେଟ ବିଲ୍ଡିଂ ଲୋକଙ୍କର ପ୍ରଥମ ପସନ୍ଦ ପାଲଟିଛି। କେବଳ ରାଜଧାନୀବାସୀ ନୁହନ୍ତି, କଟକ, ଖୋର୍ଦ୍ଧା, ପୁରୀ ଜିଲା ଆଦି ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଶହଶହ ଲୋକ ଏଠାକୁ ଆସିଥାନ୍ତି। ଆଉ ପର୍ବପର୍ବାଣି ଥିଲେ ମାର୍କେଟରେ ପଶିବା କଷ୍ଟକର ହୋଇପଡେ। ତେବେ ଏତେବଡ଼ ମାର୍କେଟରେ ଗ୍ରାହକଙ୍କୁ ମୌଳିକ ସୁବିଧା ମିଳୁ ନ ଥିବାରୁ ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ମାର୍କେଟ ପରିସରରେ ଶୌଚାଳୟ ବ୍ୟବସ୍ଥା ନାହିଁ। ତେଣୁ ଲୋକମାନେ ରାସ୍ତା କଡ଼ରେ କିମ୍ବା ବାହାରେ ଶୌଚ ହେଉଛନ୍ତି। ପୁରୁଷମାନେ ଯାହା ଯେମିତି କାମ ଚଳାଉଥିବାବେଳେ ମହିଳାମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଡ଼ି ଷ୍ଟାଣ୍ଡ ପାଖରେ ଗୋଟିଏ ସୁଲଭ ଶୌଚାଳୟ ଥିଲେ ବି ସେଠାରେ ୧୦ଟଙ୍କା ନେଉଥିବାରୁ ଅଧିକାଂଶ ଲୋକ ଯିବାକୁ ରାଜି ହେଉନାହାନ୍ତି। ମାର୍କେଟ ଭିତରେ ପିଇବା ପାଣି ବ୍ୟବସ୍ଥା ମଧ୍ୟ ନାହିଁ। ପୂର୍ବରୁ ଲାଗିଥିବା ଆକ୍ୱାଗାର୍ଡ ଫନି ପରଠାରୁ ଭାଙ୍ଗିରୁଜି ପଡିଥିଲେ ବି ଏହା ଉପରେ କାହାର ନଜର ପଡୁନାହିଁ। ଫଳରେ ଶୋଷ ମେଣ୍ଟାଇବା ପାଇଁ ଗ୍ରାହକଙ୍କୁ ଦୋକାନରୁ ପାଣି ବୋତଲ କିଣି ପିଇବାକୁ ପଡୁଛି। ଅପରପକ୍ଷେ ପାର୍କିଂ ବ୍ୟବସ୍ଥା ମାର୍କେଟ ପାଇଁ ଅନ୍ୟ ଏକ ସମସ୍ୟା ପାଲଟିଛି। ବିଏମ୍‌ସି ପକ୍ଷରୁ ଯଦିଓ ପାର୍କିଂ ପାଇଁ ୨ଟି ଷ୍ଟାଣ୍ଡ କରାଯାଇଛି ତେବେ ଭିଡ଼ ସମୟରେ ଗାଡ଼ି ରଖିବାକୁ ତାହା ପର୍ଯ୍ୟାପ୍ତ ହେଉନାହିଁ। ଅଧିକାଂଶ ଲୋକ ମାର୍କେଟ ମୁଖ୍ୟ ଗେଟ୍ ସମ୍ମୁଖରେ ଏବଂ କେଶରୀ ମଲ୍ ପାଖରେ ଗାଡ଼ି ରଖୁଥିବାରୁ ଯାତାୟାତ ସମସ୍ୟା ସୃଷ୍ଟି ହେଉଛି। ହାତଗଣତି କେତେକ ବଡ଼ ଶୋ'ରୁମ୍‌କୁ ବାଦ୍‌ଦେଲେ ମାର୍କେଟରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନାହିଁ। ନିକଟରେ ଥିବା ବିଏମ୍‌ସି କେଶରୀ ମଲ୍‌ରେ ୨ଥର ଶର୍ଟସର୍କିଟ୍‌ରୁ ନିଆଁ ଲାଗି ସାରିଲାଣି। ଏପରିକି ମାର୍କେଟରେ ଥିବା ଉଷା ଶୋ'ରୁମ୍‌ରେ ମଧ୍ୟ କିଛି ମାସ ତଳେ ନିଆଁ ଲାଗିଥିଲା। ହେଲେ ଆସୋସିଏଶନ୍ କିମ୍ବା ବିଏମ୍‌ସି କେହି ବି ମାର୍କେଟର ସୁରକ୍ଷା ନେଇ ପଦକ୍ଷେପ ନେଉ ନାହାନ୍ତି। ବଡ଼ଧରଣର ନିଆଁ ଲାଗିଲେ ବା ଦୁର୍ଘଟଣା ଘଟିଲେ ମାର୍କେଟ ବିଲ୍ଡିଂ ଭିତରକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ପଶି ପାରିବ ନାହିଁ। କେବଳ ସେତିକି ନୁହେଁ, ମାର୍କେଟରେ ଯେତିକି ଲାଇଟ୍ ଲାଗିବା କଥା ତାହା ମଧ୍ୟ ନାହିଁ। ମାର୍କେଟର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନ ଥିବାରୁ ଏଭଳି ଦୁର୍ଦ୍ଦଶା ହୋଇଛି। ସେହିପରି ବିଶ୍ୱକପ୍ ହକି ସମୟରେ ମାର୍କେଟର ଭିତରେ ବସିବା ପାଇଁ କିଛି ଚୌକି ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ସେଥିରୁ କେତେକ ଭାଙ୍ଗି ଗଲାଣି। ଗତ କିଛିଦିନ ହେବ ମାର୍କେଟର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଏମ୍‌ସି ଆସୋସିଏଶନ୍‌କୁ ଦେଇଛି। ମାତ୍ର ସମସ୍ୟା ଓ ଅବ୍ୟବସ୍ଥା ବଢ଼ିଯାଇଥିବାରୁ ବିଏମ୍‌ସି ସହଯୋଗ କରିବା ଆବଶ୍ୟକ ବୋଲି ଆସୋସିଏଶନ୍ ପକ୍ଷରୁ କୁହାଯାଇଛି।







ମାର୍କେଟ ବିଲ୍ଡିଂ ପରିସରରେ ଥିବା ୱାଟର ଫାଉଣ୍ଟେନ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଭଙ୍ଗାରୁଜା ଅବସ୍ଥାରେ ଥିବା ପିଇବା ପାଣି ସ୍ଥାନ ଓ ପାଣିଟ୍ୟାପ୍। (ଫଟୋ: ମୌସମ ନନ୍ଦ)

### ବିଏମ୍‌ସି ମାର୍କେଟ ବିଲ୍ଡିଂରେ ଇ-ଟଏଲେଟ୍ କରୁ



ରାଜଧାନୀର ଏକ ପ୍ରମୁଖ ମାର୍କେଟ ହୋଇଥିଲେ ମଧ୍ୟ ମୌଳିକ ସୁବିଧା ନାହିଁ। ବିଏମ୍‌ସି ବିଭିନ୍ନ ସ୍ଥାନରେ ଇ-ଟଏଲେଟ୍ ନିର୍ମାଣ କରୁଛି ବୋଲି କହୁଛି, ମାତ୍ର ମାର୍କେଟ ବିଲ୍ଡିଂ ଭିତରେ ଗୋଟିଏ ବି ଟଏଲେଟ୍ ନାହିଁ। ତେଣୁ ଶୌଚ ପାଇଁ ପାଖରେ ଥିବା ମଲ୍ ଉପରେ ଆମକୁ ନିର୍ଭର କରିବାକୁ ପଡୁଛି।

**- ରଶ୍ମିତା ନାୟକ, ଛାତ୍ରୀ ତଥା ଗ୍ରାହକ**

### ପାଣି ଧରି ଆସିବାକୁ ପଡୁଛି, ଗାଡି ରଖିବାକୁ ହଟହଟା



ମାର୍କେଟକୁ ଆସିଲେ ସାଙ୍ଗରେ ପାଣି ବୋତଲ ଧରି ଆସିବାକୁ ପଡୁଛି। ଏତେବଡ ମାର୍କେଟରେ ପିଇବା ପାଣି ବ୍ୟବସ୍ଥା ନାହିଁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ସେହିପରି ପାର୍କିଂ ବ୍ୟବସ୍ଥା ନ କହିବା ଭଲ। ଯଦି ଛୁଟିଦିନରେ ମାର୍କେଟ ଆସିଛ, ତା'ହେଲେ ଷ୍ଟାଣ୍ଡରେ ଗାଡ଼ି ରଖିବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗି ଯାଉଛି।

**- ମାନସ ରଞ୍ଜନ ବିଶ୍ୱାଳ, କର୍ମଜୀବୀ ତଥା ଗ୍ରାହକ**

### ବିଏମ୍‌ସି ବ୍ୟବସ୍ଥା କରୁ, ରକ୍ଷଣାବେକ୍ଷଣ କରିବ ଆସୋସିଏଶନ



ମାର୍କେଟରେ ଏବେ ଟଏଲେଟ୍ ଓ ପାଣି ମୁଖ୍ୟ ସମସ୍ୟା। ପୂର୍ବରୁ ଏଠାରେ ପୋଲିସ୍ ଆଉଟ୍‌ପୋଷ୍ଟ ଥିଲା। କିଛି ଘଟଣା ବା ସମସ୍ୟା ହେଲେ ତୁରନ୍ତ ସେଠାରେ ଅଭିଯୋଗ କରାଯାଉଥିଲା। ମାତ୍ର ଅପରାଜିତା ଷଡ଼ଙ୍ଗୀଙ୍କ ପରେ ଏସବୁ ଉଠିଗଲା। ଏବେ ମାର୍କେଟରେ ଭଲ ପ୍ରବେଶ ଗେଟ୍ ନାହିଁ। ଲୋକେ ଦୁଇ ପାର୍ଶ୍ୱରେ ଗାଡ଼ି ରଖି ରାସ୍ତା ବ୍ଲକ୍ କରି ଦେଉଛନ୍ତି। ବିଏମ୍‌ସି ଆମଠାରୁ ଟ୍ରେଡ୍ ଲାଇସେନ୍ସ ଫି' ନେଉଛି। ତେଣୁ ଲାଇଟ୍, ପାଣି, ଶୌଚାଳୟ ନିର୍ମାଣ କରିବା ତା'ର ଦାୟିତ୍ୱ। ଏହାପରେ ଆସୋସିଏଶନ ତାହାର ରକ୍ଷଣାବେକ୍ଷଣ କରିବ। ମାତ୍ର ମୌଳିକ ସୁବିଧା ନ ଦେଇ ସବୁକିଛି ଆସୋସିଏଶନ୍ ଉପରେ ଛାଡିଦେବା ଠିକ୍ ନୁହେଁ।

**- ରଞ୍ଜିତ ମହାନ୍ତି, ଜଏଣ୍ଟ ସେକ୍ରେଟାରି, ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ**

## ସଂକ୍ଷେପରେ

### ଡାକ୍ତରୀ ଛାତ୍ରୀ ସୁଶ୍ରୀ ସୁମେଧାଙ୍କୁ 'ୟଙ୍ଗ୍ ଆଚିଭର ଆୱାର୍ଡ'



**ଭୁବନେଶ୍ୱର, ୨୧।୯ (ଅସମାପିକା ସାହୁ):** ବ୍ରେନ୍ ଟ୍ୟୁମର ଉପରେ ସ୍ୱତନ୍ତ୍ର ଗବେଷଣା ପାଇଁ ଇମ୍ୟୁନୋହେମାଟୋଲୋଜି ଆଣ୍ଡ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ ବିଭାଗର ପିଜି ଛାତ୍ରୀ ଡା. ସୁଶ୍ରୀ ସୁମେଧା ଦାଶଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍କଲାର ପକ୍ଷରୁ 'ୟଙ୍ଗ୍ ଆଚିଭର ଆୱାର୍ଡ' ପ୍ରଦାନ କରାଯାଇଛି। ମେଡିସିନ କ୍ଷେତ୍ରରେ ନିଜର ଉତ୍ସର୍ଗୀକୃତ ଅବଦାନ ପାଇଁ ସେ ଏହି ପୁରସ୍କାର ପାଇଛନ୍ତି। ତାଙ୍କ ଗବେଷଣା ନିବନ୍ଧ 'ଇମ୍ୟୁନୋହିଷ୍ଟୋକେମିକାଲ ଏକ୍ସପ୍ରେସନ ଅଫ୍ ଏପିଡର୍ମାଲ ଗ୍ରୋଥ୍ ଫ୍ୟାକ୍ଟର ରିସେପ୍ଟର ଆଣ୍ଡ୍ ପି୫୩ ଇନ୍ ଗ୍ଲିଓମାସ ଆଣ୍ଡ କୋରେଲେସନ ୱିଥ୍ କ୍ଲିନିକୋପାଥୋଲୋଜିକାଲ ପାରାମିଟର୍ସ' (Immunohistochemical Expression of Epidermal Growth Factor Receptor (EGFR) and p53 in Gliomas and Correlation with Clinicopathological Parameters) ଜର୍ନାଲ ଅଫ୍ ମେଡିକାଲ ଫାର୍ମାସ୍ୟୁଟିକାଲ ଆଣ୍ଡ୍ ଆଲାଏଡ୍ ସାଇନ୍ସେସ୍‌ରେ ପ୍ରକାଶ ପାଇଛି।

### ପ୍ଲାଟୋ ଷ୍ଟେଜ୍‌ରେ ଡେଙ୍ଗୁ ସଂକ୍ରମଣ

**୨୦ଦିନରେ ରାଜଧାନୀରୁ ୧୮ଶହରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ**

**ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ):** ଭୁବନେଶ୍ୱରରେ ଡେଙ୍ଗୁ ସଂକ୍ରମଣ ଜାରି ରହିଛି। ଅଗଷ୍ଟରେ ସହରରୁ ହଜାରେରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସେପ୍ଟେମ୍ବରରେ ଏହି ସଂଖ୍ୟା ଆହୁରି ବଢ଼ିଯାଇଛି। ୨୦ ଦିନ ମଧ୍ୟରେ ୧୮ଶହରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ମଧ୍ୟ ମାସ ଆରମ୍ଭ ଅପେକ୍ଷା ଏବେ ଦୈନିକ ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ବିଏମ୍‌ସି ସୂଚନା ଅନୁଯାୟୀ, ଅଗଷ୍ଟ ପହିଲାରୁ ସେପ୍ଟେମ୍ବର ୨୦ ମଧ୍ୟରେ ବିଏମ୍‌ସି ଅଞ୍ଚଳରୁ ମୋଟ ୨୯୨୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଚଳିତ ମାସ ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ସଂକ୍ରମଣ ପିକ୍‌ରେ ଥିବାବେଳେ ଏବେ ତାହା ପ୍ଲାଟୋ ଷ୍ଟେଜ୍‌କୁ ଖସି ଆସିଛି। ଦୈନିକ ୪୦ରୁ ୬୦ ଭିତରେ ରୋଗୀ ଚିହ୍ନଟ ହେଉଛନ୍ତି। ସେହିପରି ମେଡିକାଲରେ ଗୁରୁତର ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି। କ୍ୟାପିଟାଲ ହସ୍ପିଟାଲ, ୟୁସିଏଚ୍‌ସିରେ ଗୁରୁତର ରୋଗୀ ନ ଥିବାବେଳେ କେହି ଆଇସିୟୁରେ ଚିକିତ୍ସିତ ହେଉ ନ ଥିବା ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଲଗାଣ ବର୍ଷା ଫଳରେ ମଶା ବଂଶ ବୃଦ୍ଧି ହେବା ଆଶଙ୍କା ରହିଛି। ତେଣୁ ଘର ଆଖପାଖ ପରିଷ୍କାର ପରିଚ୍ଛନ୍ନ ରଖି ଡେଙ୍ଗୁ କବଳରୁ ନିଜକୁ ତଥା ନିଜ ପରିବାରବର୍ଗଙ୍କୁ ସୁରକ୍ଷିତ ରଖିବାକୁ ବିଏମ୍‌ସି ଅପିଲ କରିଛି। ଏଥିସହ ନାଗରିକ ସହଭାଗିତାରେ ହିଁ ଡେଙ୍ଗୁ ମୁକାବିଲା ସମ୍ଭବ ବୋଲି ବିଏମସି ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ମିଶ୍ର କହିଛନ୍ତି।

## ଅନ୍ତର୍ଜାତୀୟ ଶାନ୍ତି ଦିବସରେ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା





**ପୁରୁଣା ଭୁବନେଶ୍ୱର, ୨୧।୯ (ସୁବାସ ଚନ୍ଦ୍ର ପ୍ରଧାନ)**

ପ୍ରତିବର୍ଷ ସେପ୍ଟେମ୍ବର ୨୧କୁ ଅନ୍ତର୍ଜାତୀୟ ଶାନ୍ତିଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱ ଶାନ୍ତି ପାଇଁ ଏହି ଦିନଟି ଉତ୍ସର୍ଗୀକୃତ। ଏହି ଦିବସ ଅବସରରେ କେଉଁଠି ସଭା, ଶୋଭାଯାତ୍ରା, ସାଇକେଲ ରାଲି ଆଦି କାର୍ଯ୍ୟକ୍ରମ ପାଳନ ହେଉଥିବା ବେଳେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ର ଶିଳ୍ପୀ ଶାନ୍ତନୁ ତ୍ରିରଙ୍ଗା ତଳେ ପ୍ରଦୀପ ପ୍ରଜ୍ୱଳନ କରି ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଶାନ୍ତନୁ କହିଛନ୍ତି, ଭାରତ ହେଉଛି ଏକ ଶାନ୍ତି ପ୍ରିୟ ଦେଶ। ଯୁଦ୍ଧ, ହିଂସା ଦ୍ୱାରା ଶାନ୍ତି ପ୍ରତିଷ୍ଠା ହୁଏନାହିଁ। ସ୍ନେହ, ପ୍ରେମ, ଅହିଂସା ମାଧ୍ୟମରେ ହିଁ ଶାନ୍ତି ବିରାଜମାନ ହେବା ସହ ରାଷ୍ଟ୍ରର ବିକାଶ ହୋଇପାରିଥାଏ ବୋଲି ସେ କହିଛନ୍ତି।

## ବରିଷ୍ଠ ନାଗରିକ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା

**ବାଲିଅନ୍ତା, ୨୧।୯ (ନୀଳମାଧବ ସାହୁ)**

ବାଲିଅନ୍ତା ବରିଷ୍ଠ ନାଗରିକ ସଂଘର ସଭାପତି, ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ଧୀରେନ କରଙ୍କ ୭୦ତମ ଜୟନ୍ତୀ ଗୁରୁବାର ସ୍ଥାନୀୟ ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏଥିରେ ସଂଘର ୫୦ଜଣ ବରିଷ୍ଠ ନାଗରିକ ଯୋଗଦେଇ ଧୀରେନଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଣୁପୁର ସେବା ସମବାୟ ସମିତିର ସଭାପତି ପୂର୍ଣ୍ଣଚନ୍ଦ୍ର ରାୟ, ଆରଏମ୍‌ସିର ସମ୍ପାଦକ ନିରଞ୍ଜନ ନାଥ, ବିଭିନ୍ନ ସମିତିର ସମ୍ପାଦକ, ଡାଇରେକ୍ଟର, ବଜାର କମିଟିର ସଭାପତି ଅଲେଖ ଚନ୍ଦ୍ର ଦଳାଇ ଓ ବହୁ ସାଙ୍ଗ ସାଥୀ ଯୋଗଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

## ପୂଜା ବଜାରକୁ ଜମାଇବ ୩ ଚଳଚ୍ଚିତ୍ର

**ଭୁବନେଶ୍ୱର, ୨୧।୯ (ଶର୍ମିଷ୍ଠା ପାଣିଗ୍ରାହୀ)**





ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାବେଳେ ନୂଆ ନୂଆ ଫିଲ୍ମ ପରଦାକୁ ଆସିବାକୁ ଅପେକ୍ଷା କରିଛି। ତେବେ ଏଥର ଫିଲ୍ମ ଫ୍ରାଇ ଡେ'ରେ ଓଡ଼ିଆ ଚଳଚ୍ଚିତ୍ର 'କହିଦେ ଥରେ ଆଇ ଲଭ୍ ୟୁ' ସହ ହିନ୍ଦୀ ଚଳଚ୍ଚିତ୍ର 'ଦ ଗ୍ରେଟ୍ ଇଣ୍ଡିଆନ୍ ଫ୍ୟାମିଲି' ଓ 'ସୁଖୀ' ରିଲିଜ ହେଉଛି। 'କହିଦେ ଥରେ ଆଇ ଲଭ୍ ୟୁ'ରେ ମୁଖ୍ୟ ଚରିତ୍ରରେ ଅଭିନେତା ରାଜେଶ, ଅଭିନେତ୍ରୀ ଭୂମିକା ଓ ସସ୍ମିତା ରହିଛନ୍ତି। ଚଣ୍ଡି ପରିଜାଙ୍କ ନିର୍ଦ୍ଦେଶିତ ଏହି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଏଥର ପୂଜା ବଜାରରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।





ସେହିଭଳି ବିକି କୌଶଳଙ୍କ ହିନ୍ଦୀ ଚଳଚ୍ଚିତ୍ର 'ଦ ଗ୍ରେଟ୍ ଇଣ୍ଡିଆନ୍ ଫ୍ୟାମିଲି' ମଧ୍ୟ ଓଡ଼ିଶାରେ ଭଲ ମାଇଲେଜ୍ ନେବାକୁ ଯାଉଛି। ମୁସଲିମ ଘରେ ଜନ୍ମ ନେଇଥିବା ବିକି ଜଣେ ହିନ୍ଦୁ ଭାବେ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବେ। ପରେ ସେ ଜଣେ ମୁସଲମାନ ବୋଲି ଜଣାପଡ଼ିଛି। ପାରିବାରିକ ସହ କମେଡି ତଡ଼କା ଦେବ ବିକିଙ୍କ ଏହି ଫିଲ୍ମ। ବିଜୟ କ୍ରିଷ୍ଣା ଚୌଧୁରୀଙ୍କ ଦ୍ୱାରା ରଚିତ ତଥା ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜକ ହେଉଛନ୍ତି ଆଦିତ୍ୟ ଚୋପ୍ରା। ଫିଲ୍ମରେ ବିକିଙ୍କ ସହ ଅଭିନେତ୍ରୀ ମାନୁଷୀ ଚିଲ୍ଲର, କୁମୁଦ ମିଶ୍ରା, ମନୋଜ ପାୱା, ସାଦିୟା ସିଦ୍ଦିକ୍, ଅଲ୍‌କା ଅମିନ୍ ପ୍ରମୁଖ ରହିଛନ୍ତି। ଅନ୍ୟତମ ହିନ୍ଦୀ ଚଳଚ୍ଚିତ୍ର 'ସୁଖୀ' ମଧ୍ୟ ଶୁକ୍ରବାର ରିଲିଜ ହେଉଛି। ଜଣେ ୩୮ବର୍ଷୀୟା ପଞ୍ଜାବୀ ମହିଳାଙ୍କୁ ନେଇ କାହାଣୀ ପ୍ରସ୍ତୁତ ହୋଇଛି। ସ୍କୁଲ ରିୟୁନିୟନକୁ ଯାଇ ସେ ନିଜକୁ ଜଣେ ୧୬ବର୍ଷୀୟା ଯୁବତୀର ଅନୁଭବ ପାଇଥିଲେ। ପରେ ସେଠାରୁ ଆସି ଜଣେ ମା' ଓ ସ୍ତ୍ରୀ ହେବା ସହ ନିଜେ ଏକ ନାରୀ ଭାବରେ ବଞ୍ଚିବା ଆରମ୍ଭ କରିଛନ୍ତି। ଫିଲ୍ମଟିର ମୁଖ୍ୟ ଭୂମିକାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ଦେଖିବାକୁ ମିଳିଛି। ତାଙ୍କ ସହ କୁଶା କପିଳା, ଚୈତନ୍ୟ ଚୌଧୁରୀ, ଅମିତ୍ ସାଧ୍ ପ୍ରମୁଖ ରହିଛନ୍ତି। ସୋନାଲ ଜୋଷୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

**ପାଚେରି ଭୁଶୁଡ଼ିବା ଘଟଣା**

## ରମାଦେବୀ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗର ଚିଠି

**ଭୁବନେଶ୍ୱର, ୨୧।୯ (ଅନୁରାଧା ମହାରଣା)**

ରମାଦେବୀ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ଦୃଷ୍ଟିରେ ରଖି ନୂଆ ପାଚେରି ନିର୍ମାଣ ହୋଇଥିଲା। ମାତ୍ର ୨ମାସରେ ଅର୍ଥାତ୍ ଏପ୍ରିଲ ୯ରେ ଜନପଥକୁ ଲାଗିଥିବା ଏହି ନବନିର୍ମିତ ପାଚେରି ଭୁଶୁଡ଼ି ପଡିଥିଲା। ଘଟଣାକୁ ୭ ମାସ ବିତିଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ କି ଉକ୍ତ ପାଚେରିର ପୁନଃ ନିର୍ମାଣ ହୋଇ ନ ଥିବାରୁ ପ୍ରଶ୍ନ ଉଠିଛି। ଏପରିସ୍ଥିତିରେ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖି ପାଚେରି ନିର୍ମାଣ ଦାୟିତ୍ୱ ନେଇଥିବା ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓଏଚ୍‌ଡବ୍ଲ୍ୟୁସି)ର ରିପୋର୍ଟ ଉପରେ ମତ ରଖିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ପାଚେରି ଭୁଶୁଡିବା ପରେ ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଏଚ୍‌ଡବ୍ଲ୍ୟୁସିକୁ ଅବଗତ କରାଯାଇଥିଲା। ଏହାପରେ ଏକ ଦୁଇଜଣିଆ କମିଟି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଏପ୍ରିଲ ୧୩ରେ ବିଶ୍ୱବିଦ୍ୟାଳୟକୁ ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟ ଅନୁସାରେ, ଘଟଣାଦିନ ପାଚେରି ଭୁଶୁଡି ବିଶ୍ୱବିଦ୍ୟାଳୟ ବଗିଚାରେ ପଡ଼ିଥିଲା। ପୁରୁଣା ପାଚେରି ଉପରେ ନୂଆ ଇଟା ଥୋଇ ବିନା ପିଲରରେ ନିର୍ମାଣ କରାଯାଇଥିବାରୁ ପ୍ଲିନ୍ଥ ବଙ୍କା ରହିଥିଲା। ଏଥିସହ ପାଚେରି କଡ଼ରେ ଥିବା ଭେଣ୍ଡିଂ ଜୋନ୍‌ରେ ପ୍ରାୟ ୩୦ଟି ଦୋକାନରୁ ନିଷ୍କାସିତ ବର୍ଜ୍ୟଜଳ ପାଚେରି ଦେଇ ଯାଉଥିବାରୁ ମୂଳ ଦୁର୍ବଳ ହୋଇ ଏପରି ଦୁର୍ଘଟଣା ଘଟିଥିବା ଓଏଚ୍‌ଡବ୍ଲ୍ୟୁସି ପକ୍ଷରୁ ଦର୍ଶାଯାଇଥିଲା। ସେହିପରି ପିଏଚ୍ ବିଭାଗ ମଧ୍ୟ ଏହି ପାଚେରି ଦେଇ ଜଳ ନିଷ୍କାସନ କରିବା ଅନ୍ୟ ଏକ କାରଣ ବୋଲି ଉଲ୍ଲେଖ କରାଯାଇଛି। ତେବେ ଜୁଲାଇ ୨୮ରେ ଉଚ୍ଚଶିକ୍ଷା ବିଭାଗ ନିକଟରେ ତଥ୍ୟ ଦାଖଲ କରିବା ପାଇଁ ବିଭାଗ ପକ୍ଷରୁ ଓଏଚ୍‌ଡବ୍ଲ୍ୟୁସିକୁ ଚିଠି ଲେଖାଯାଇଥିଲା। ଏହାର ଜବାବରେ ଓଏଚ୍‌ଡବ୍ଲ୍ୟୁସି ବିଶ୍ୱବିଦ୍ୟାଳୟକୁ ରିପୋର୍ଟ ପ୍ରଦାନ କରିଥିବା ଜଣାଇଥିଲା। ଏହି କ୍ରମରେ ଓଏଚ୍‌ଡବ୍ଲ୍ୟୁସିର ରିପୋର୍ଟ ଉପରେ ମତ ରଖିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖିଥିବା ଜଣାପଡିଛି।

## ବୈଜୟନ୍ତଙ୍କୁ ହତ୍ୟା ଧମକ, ଦିଲ୍ଲୀ ପୋଲିସରେ ଏତଲା

**ଭୁବନେଶ୍ୱର, ୨୧।୯ (ସୁନିତ୍ ମିଶ୍ର)**



ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ହତ୍ୟା ଧମକ ମିଳିଛି। ତତ୍କାଳୀନ ମନ୍ତ୍ରୀ ନବ ଦାସଙ୍କ ଭଳି ଜୟ ପଣ୍ଡାଙ୍କ ଅବସ୍ଥା କରାଯିବ ବୋଲି ବୈଜୟନ୍ତଙ୍କ ସହାୟକଙ୍କୁ କେହି ଜଣେ ଫୋନ୍ ମାଧ୍ୟମରେ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଧମକପୂର୍ଣ୍ଣ କଲ୍ ଘଟଣାରେ ଦିଲ୍ଲୀ ପୋଲିସରେ ଏତଲା ରୁଜୁହେବା ସହ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ବୈଜୟନ୍ତଙ୍କ କାର୍ଯ୍ୟାଳୟର ଏକ୍‌ଜିକ୍ୟୁଟିଭ ସେକ୍ରେଟେରି ରାଜେଶ୍ୱର ଅରୋରା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ହତ୍ୟା ଧମକ ଦିଆଯାଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୈଜୟନ୍ତଙ୍କ ସହାୟକଙ୍କୁ କେହି ଜଣେ କଲ୍ କରି ଏହି ଧମକ ଦେଇଛନ୍ତି। ବ୍ୟକ୍ତି ଜଣକ ହିନ୍ଦୀ ଭାଷାରେ ଧମକ ଦେଉଥିବା ବେଳେ ସେ କେଉଁଠିକାର ବାସିନ୍ଦା ତାହା ସ୍ପଷ୍ଟ ହୋଇପାରିନାହିଁ। ତେବେ ଏହା ବ୍ୟକ୍ତିଗତ ଆକ୍ରୋଶ ନା ଏହା ପଛରେ ଆଉ କିଏ ଅଛନ୍ତି ତାହା ମଧ୍ୟ ଜଣାପଡ଼ିନାହିଁ। ଏଭଳି ଘଟଣାକୁ ହାଲକା ଭାବେ ନ ନେଇ ସମସ୍ତ ତଥ୍ୟ ଦିଲ୍ଲୀ ପୋଲିସକୁ ଦିଆଯାଇଛି। ପୋଲିସ ଏହାର ତଦନ୍ତ କରୁଛି ବୋଲି ଅରୋରା କହିଛନ୍ତି।



ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ କୁଆଖାଇରେ ମାଟି ଅନୁକୂଳ ପାଇଁ ଗୁରୁବାର ମଣ୍ଡପ ନିକଟରୁ ବାହାରିଥିବା ଶୋଭାଯାତ୍ରା। (ଫଟୋ - ମନୋରଞ୍ଜନ ମିଶ୍ର)





ଅନ୍ତର୍ଜାତୀୟ ଶାନ୍ତି ଦିବସ ପରିପ୍ରେକ୍ଷୀରେ ଭୁବନେଶ୍ୱର ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ ଛକ ଅଭିମୁଖେ ବାହାରିଥିବା ଶାନ୍ତି ପଦଯାତ୍ରା। (ଫଟୋ- ବିକାଶ ନାୟକ)

# ଜଟଣୀର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଗଜାନନ



ସୀତାରାମ ଛକ ବ୍ୟବସାୟୀ ସଂଘ ପୂଜା କମିଟି।



ଥାନା ଛକ ବ୍ୟବସାୟୀ ସଂଘ ପୂଜା କମିଟି।



ନୂଆ ବସ୍‌ଷ୍ଟାଣ୍ଡ ମା' ଡାଳଖାଇ ଫ୍ରେଣ୍ଡସ୍ କ୍ଲବ ପୂଜା ମଣ୍ଡପ।



ଜଟଣୀ ଗାଁ ହାଟ ବଜାର ପୂଜା କମିଟି।



ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପୂଜା କମିଟି।



ରାମଚନ୍ଦ୍ରପୁର ବଜାର ସିଦ୍ଧିବିନାୟକ କ୍ଲବ୍।

## ଶାରୀରିକ ଶିକ୍ଷା ଶିକ୍ଷକ ସମୂହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମହାବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ଆନୁକୂଲ୍ୟରେ ଜଟଣୀ କଲେଜ ସମ୍ମିଳନୀ କକ୍ଷରେ ଶାରୀରିକ ଶିକ୍ଷା ଶିକ୍ଷକ ସମୂହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷା ଶିକ୍ଷକମାନେ ବ୍ୟକ୍ତିଗତ ସମସ୍ୟା, ସାଙ୍ଗଠନିକ ବ୍ୟବସ୍ଥା, କାଉନସିଲ ଓ ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦ, ସମସ୍ତ ବନ୍ଧୁମାନଙ୍କ ମଧ୍ୟରେ ବର୍ଷକୁ ଥରେ ବନ୍ଧୁମିଳନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅବସର ନେଇଥିବା ଶାରୀରିକ ଶିକ୍ଷା ଶିକ୍ଷକ ବୈରାଗୀ ଚରଣ ବଳ (ଗୋଦାବରୀଶ କଲେଜ), ଦକ୍ଷବ୍ରହ୍ମା ରାଉତରାୟ (ଜୟଦେବ କଲେଜ), ବିଜୟ ରାଉତ (ବାଲୁଗାଁ କଲେଜ), ଓମ୍ ପ୍ରକାଶ ମିଶ୍ର (ନିରାକାରପୁର କଲେଜ), ଦିଗମ୍ବର ବଳିଆରସିଂହ (ଶ୍ରୀଜଗନ୍ନାଥ କଲେଜ), ମନୋଜ ମାନସିଂହ (ମହର୍ଷି କଲେଜ), ଭଞ୍ଜ କିଶୋର ଯତି (ବୋଲଗଡ଼ କଲେଜ), ରମେଶ ଚନ୍ଦ୍ର ବିଧାର (ଏକାମ୍ର କଲେଜ), ଆନିଜ ସୁଲତାନା (କମଳା ନେହେରୁ କଲେଜ)ଙ୍କୁ ଜିଲା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡ. ବେଣୁଧର ଦାସ, ଡ. ପ୍ରବୀର କୁମାର ମହାନ୍ତି, ସୂର୍ଯ୍ୟମଣି ମାଝୀ, ଦୀନବନ୍ଧୁ ସାହୁ, ଚତୁର୍ଭୁଜ ଜେନା, ପ୍ରମୋଦ ବଳିଆରସିଂହ, ପ୍ରଦୀପ ସାମନ୍ତସିଂହାର, ସାଧନା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶିବ ଜେନା, ଅଧ୍ୟାପକ ରଞ୍ଜନ ନାୟକ, ଦିଲୀପ ମହାନ୍ତି, ରବି ନାରାୟଣ ପ୍ରଧାନ, ନିରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# 'ପାଇକ ବିଦ୍ରୋହ ଓଡ଼ିଆ ଜାତିର ଗୌରବ'

### ଗଣପତି ମହୋତ୍ସବ-୨୦୨୩ ଉଦ୍‌ଘାଟିତ

ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନନୀନାବାଗଠାରେ ବକ୍ସି ଜଗବନ୍ଧୁ କ୍ଲବ ପକ୍ଷରୁ ଗୁରୁବାର ଗଣପତି ମହୋତ୍ସବ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ୪ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ବକ୍ସି ଜଗବନ୍ଧୁ କ୍ଲବର ସମ୍ପାଦକ ସଞ୍ଜୟ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପାତ୍ର ଖୋର୍ଦ୍ଧାର ଐତିହ୍ୟ, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ପାଇକ ପରମ୍ପରାକୁ ଦେଶ ତଥା ଦେଶ ବାହାରେ କିପରି ଅଧିକରୁ ଅଧିକ ପ୍ରଚାର ଓ ପ୍ରସାର କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ଏଥିସହିତ ପାଇକ ବିଦ୍ରୋହର ଗୌରବମୟ ଇତିହାସ ରୋମନ୍ଥନ କରିଥିଲେ। ଉତ୍କଳୀୟ ସଂସ୍କୃତି, ପରମ୍ପରା, ଭାସ୍କର୍ଯ୍ୟ ବିଶ୍ୱକୁ ଆକର୍ଷିତ



ଗଣପତି ମହୋତ୍ସବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ଅନ୍ୟ ଅତିଥି।

କରୁଛି। ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ମାନ୍ୟତା ମିଳିବା ପାଇଁ ମତବ୍ୟକ୍ତ କରିଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ତାଙ୍କ ବକ୍ତବ୍ୟରେ ପାଇକ ସ୍ମାରକୀ ଯଥାଶୀଘ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଶେଷ କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲତା ମହାନ୍ତି, ୬ନଂ. ୱାର୍ଡ କାଉନ୍‌ସିଲର କମଳ କୁମାର ପ୍ରଧାନ, ୫ନଂ. ୱାର୍ଡ କାଉନସିଲର ଅମିୟ ମହାନ୍ତି, ଅନୁଷ୍ଠାନର ସଭାପତି ଦେବେନ୍ଦ୍ର ଶତପଥୀ, ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ଗଣପତି ମହୋତ୍ସବକୁ ଆଗାମୀ ବର୍ଷମାନଙ୍କରେ କିପରି ଅଧିକ ଲୋକାଭିମୁଖୀ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୁରୀର ଶିଳ୍ପୀ ଡ୍ୟାନ୍ସ ଗ୍ରୁପ, ନିରାକାରପୁରର ସାଇ ଡ୍ୟାନ୍ସ ଗ୍ରୁପ, ଖୋର୍ଦ୍ଧା ମା' ବରୁଣେଇ ପାଇକ ଆଖଡ଼ା ଦଳ ଆଦି ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରଭାତ ରାଉତ, ଲିଲିନ ପାଇକରାୟ, ଅରବିନ୍ଦ ଶତପଥୀ, ସତ୍ୟପ୍ରକାଶ ସାହୁ, ସୌମ୍ୟରଞ୍ଜନ ପାତ୍ର ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ'

ବୋଲଗଡ଼,୨୧।୯(ଦେବବ୍ରତ ହୋତା)

ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ପନ୍ଦରଦୋଳ ପଡ଼ିଆସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ଏହାର ସମାଧାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା-ମୋ ପରିବାରର ଅଧ୍ୟକ୍ଷ ଅରୂପ କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଓ ଅନୁଭୂତି ଜୀବନ ଜୀବିକା ପାଇଁ ସମାଜର ପଥ ପ୍ରଦର୍ଶନ କରିଥାଏ। ବୟସ ବଢ଼ିଲେ ସମସ୍ୟା ବୃଦ୍ଧି ପାଇଥାଏ। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ପାଇଁ ନିଶ୍ଚିତ ସାହାଯ୍ୟ କରିବେ ବୋଲି ପଟ୍ଟନାୟକ କହିଥିଲେ। ବିଜେଡି ଯୁବନେତା ବ୍ରଜବନ୍ଧୁ ସୁବୁଦ୍ଧି ବକ୍ତାଭାବେ ଯୋଗଦେଇ ବରିଷ୍ଠଙ୍କ ଆଶୀର୍ବାଦରେ ସମସ୍ତ କାର୍ଯ୍ୟ ସିଦ୍ଧି ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ପଟ୍ଟନାୟକ ଓ ସୁବୁଦ୍ଧିଙ୍କୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ପ୍ରଶାସନିକ ଅଧିକାରୀ ନବକିଶୋର ପଟ୍ଟନାୟକ, ଐତିହାସିକ ରବୀନ୍ଦ୍ର ପରିଡ଼ା, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ଓଡ଼ିଶା ମୋ ପରିବାର ଖୋର୍ଦ୍ଧା ଜିଲା ସଂଯୋଜକ ଦିଲ୍ଲୀପ ହୋତା, ଶିକ୍ଷାବିତ୍ ପୁରେନ୍ଦ୍ର ବେହେରା ଓ ପ୍ରଫୁଲ୍ଲ ମହାପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସେବତୀ ପରିଡ଼ା, ହରିବନ୍ଧୁ ସାହୁ, ରଘୁନାଥ ଦଳବେହେରା, ରାଧାଶ୍ୟାମ ରାୟଗୁରୁ, ଲଛମନ ପରିଡ଼ା, ଭକ୍ତବଲ୍ଲଭ ପଟ୍ଟନାୟକ ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ମଞ୍ଚ ସମ୍ପାଦକ ବାଲ୍ମୀକି ବଳିଆରସିଂ ଧନ୍ୟବାଦ ଦେଇଥିଲେ।

## କୁହୁଡ଼ି ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

ଟାଙ୍ଗୀ,୨୧।୯(ରଘୁନାଥ ସାହୁ)

କୁହୁଡ଼ି ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ ମହାବୀର କ୍ଲବ ପରିସରରେ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତବର୍ଷ ଟୁର୍ନାମେଣ୍ଟର ଆୟବ୍ୟୟର ବିବରଣୀ ପ୍ରକାଶ ପାଇଥିଲା। ଚଳିତବର୍ଷ ନିର୍ଦ୍ଧାରିତ ସମୟରେ ଟୁର୍ନାମେଣ୍ଟ କରାଯିବ। ବିଭିନ୍ନ ରାଜ୍ୟର ଖ୍ୟାତନାମା ଫୁଟବଲ ଦଳ ସହିତ ପତ୍ରାଳାପ କରିବାକୁ ସମ୍ପାଦକ ମନୋଜ କୁମାର ମାନସିଂହଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବରିଷ୍ଠ ସଭ୍ୟ କମଳାକାନ୍ତ ସାମନ୍ତରାୟ, ଅମୂଲ୍ୟ ରଣସିଂହ, ପ୍ରଶାନ୍ତ ଭୁଜବଳ, କେଦାରେଶ୍ୱର ପାତାଳସିଂ, ଶରତ ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ବୈଠକରେ ସମସ୍ତ ସଦସ୍ୟ ଯୋଗଦେଇ ଟୁର୍ନାମେଣ୍ଟ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ।

## ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତାଦେଶ

ଟାଙ୍ଗୀ,୨୧।୯
(ରଘୁନାଥ ସାହୁ)

ଟାଙ୍ଗୀ ତହସିଲ ଅନ୍ତର୍ଗତ ବଡ଼ପାରୀ ଗ୍ରାମରେ ଥିବା ସରକାରୀ ଜାଗାକୁ କେତେଜଣ ବ୍ୟକ୍ତି ଜବରଦଖଲ କରିବା ସହ ସେଠାରେ ଘର ନିର୍ମାଣ କରିଛନ୍ତି। ଏହାକୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ଗିରିଗୋବର୍ଦ୍ଧନ ଜଙ୍ଗଲ କମିଟି ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲ ଉଚ୍ଛେଦ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ଏହାକୁ ସ୍ଥଗିତାଦେଶ ପାଇଁ ଜବରଦଖଲକାରୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟର ରିଟ୍ ପିଟିଶନ ନମ୍ବର ୩୦୨୭୩/୨୩ରେ ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତାଦେଶ ମିଳିଛି। ଫଳରେ ଜବରଦଖଲକାରୀଙ୍କୁ ଆଶ୍ୱସ୍ତ ମିଳିପାରିଛି। ଅନ୍ୟପକ୍ଷରେ ଦୀର୍ଘଦିନର ନ୍ୟାୟିକ ଲଢେଇ ପରେ ମଧ୍ୟ ଏହି ସମସ୍ୟାର ସମାଧାନ ହେଉ ନ ଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଗଣେଶ ମଣ୍ଡପ ବୁଲିଲେ ବିଜେଡି ନେତ୍ରୀ



ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରର ବିଭିନ୍ନ ମଣ୍ଡପରେ ମହାଆଡ଼ମ୍ବରରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଚାଲିଛି। ଆକର୍ଷଣୀୟ ତୋରଣ, ସାଜସଜ୍ଜାରେ ଝଲସୁଛି ପୂଜା ମଣ୍ଡପ। ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ରହିଛି ଉତ୍ସାହର ମାହୋଲ। ଏହି ଅବସରରେ ଖୋର୍ଦ୍ଧାର ବିଭିନ୍ନ ପୂଜା କମିଟିର ଆମନ୍ତ୍ରଣକ୍ରମେ ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ପୂଜା ମଣ୍ଡପ ପରିଦର୍ଶନ କରି ଗଜାନନଙ୍କ ଦର୍ଶନ କରିଥିଲେ। ଏଥିସହିତ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ପୂଜା ମଣ୍ଡପରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ସହ ସମସ୍ତ ଜନସାଧାରଣଙ୍କ ବିଘ୍ନ ନାଶନ କରି ସୁଖ ଶାନ୍ତି ଓ ସମୃଦ୍ଧି ପ୍ରଦାନ କରିବାକୁ ଭକ୍ତି ଅର୍ଘ୍ୟ ବାଢିଥିଲେ।

## କୁହୁଡ଼ି ଷ୍ଟେଶନରେ ରିଜର୍ଭେଶନ ଟିକେଟ କାଉଣ୍ଟର ଖୋଲିବାକୁ ଦାବି

ଟାଙ୍ଗୀ,୨୧।୯(ରଘୁନାଥ ସାହୁ)

କୁହୁଡ଼ି ରେଳ ଷ୍ଟେଶନରେ ଟିକେଟ ରିଜର୍ଭେଶନ କାଉଣ୍ଟର ଖୋଲିବାକୁ ରେଳଯାତ୍ରୀ ମଙ୍ଗଳ ସମିତି ତରଫରୁ ଦାବି କରାଯାଇଛି। ଖୋର୍ଦ୍ଧାରୋଡ୍ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜରଙ୍କୁ କାର୍ଯ୍ୟାଳୟରେ ସମିତିର ପ୍ରତିନିଧି ମଣ୍ଡଳୀ ସାକ୍ଷାତ୍ କରି କାଉଣ୍ଟର ଖୋଲିବା ପାଇଁ ଆଲୋଚନା କରିଛନ୍ତି। ରେଳଯାତ୍ରୀ ମଙ୍ଗଳ ସମିତି ସମ୍ପାଦକ ମନୋଜ କୁମାର ମାନସିଂହ, ପୂର୍ବତନ ସରପଞ୍ଚ ବିପିନ ଉଦୟସିଂ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଖୁବଶୀଘ୍ର କୁହୁଡ଼ିରେ ରିଜର୍ଭେଶନ କାଉଣ୍ଟର ଖୋଲିବାକୁ ଡିଭିଜନାଲ କମର୍ସିଆଲ ମ୍ୟାନେଜର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ସିଂଘମ୍ ନୃତ୍ୟରେ ଦର୍ଶକ ବିଭୋର

### ଜଙ୍କିଆ ପଲ୍ଲୀ ଉତ୍ସବର ତୃତୀୟ ସନ୍ଧ୍ୟା

ନିରାକାରପୁର,୨୧।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆଠାରେ ଓଁଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡିଆଠାରେ ଚାଲିଥିବା ଦ୍ୱାଦଶତମ 'ଜଙ୍କିଆ ପଲ୍ଲୀ ଉତ୍ସବ'ର ତୃତୀୟ ସନ୍ଧ୍ୟାରେ ଶିଳ୍ପୀକା ସିଂଘମ୍ ଡ୍ୟାନ୍ସ ଗ୍ରୁପ ବାଙ୍କୀର ସିଂଘମ୍ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଅନୁରୂପ ଭାବେ ମାହାରି ନୃତ୍ୟ ପୁରୀ, ଯୋଡି ଶଙ୍ଖ ଗଞ୍ଜାମ ଓ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ କହିଥିଲେ, ଏ ହେଉଛି



ଜଙ୍କିଆ ପଲ୍ଲୀ ଉତ୍ସବର ତୃତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ବୀର ମାଟି। ଏ ମାଟିକୁ ସ୍ପର୍ଶ କଲେ ଦେହ ଶିହରଣ ହୋଇ ଉଠେ। ସେହିପରି ମୁଖ୍ୟ ବକ୍ତାଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଅନୁଷ୍ଠାନର ଉନ୍ନତି ନିମନ୍ତେ ଚେଷ୍ଟା କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଏଥିରେ ଭାଗନେଇଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବ କିଭଳି ଜିଲାରେ ମାନ୍ୟତା ପାଇବ ସେଥିପାଇଁ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ବିଶ୍ୱ ଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। କେଦାରେଶ୍ୱର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, କୁଳଦୀପ ଛୋଟରାୟ, ରମାକାନ୍ତ ସାମନ୍ତରାୟ, ଇନ୍ଦ୍ରଜିତ ଦାସ, ବିଶ୍ୱରଞ୍ଜନ ମଲ୍ଲ, ରାଜେଶ ପାତାଳସିଂ ପ୍ରମୁଖ ସହଯୋଗ କରିଥିଲେ।

**କ୍ଲବ ସତ୍ୟବାଦୀ ପକ୍ଷରୁ ରକ୍ତଦାନ ଶିବିର**

ସାକ୍ଷୀଗୋପାଳ,(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)- ପୁରୀ ଜିଲା ଭାଜପାର ଯୁବନେତା ନିଶିକାନ୍ତ ପ୍ରଧାନଙ୍କ ସ୍ମୃତିରେ କ୍ଲବ ସତ୍ୟବାଦୀ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଗ୍ରାମ ନିକଟ ଏକ ନର୍ସିଂହୋମରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ସ୍ୱର୍ଗତ ନିଶିକାନ୍ତଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। କ୍ଲବ ସତ୍ୟବାଦୀର ନୀହାର ରଞ୍ଜନ ସ୍ୱାଇଁ, ସତ୍ୟବାଦୀ ସେବା ଟ୍ରଷ୍ଟର ଆଇନଜୀବୀ ସୁଶାନ୍ତ ରଥ, ନିଶିକାନ୍ତ ସ୍ମୃତିପରିଷଦର ବିଶ୍ୱକାନ୍ତ ଓ ଚନ୍ଦ୍ରକାନ୍ତ ପ୍ରଧାନ, ଭାରତ ବିକାଶ ପରିଷଦର ସତ୍ୟବାଦୀ ଦାଶ ପ୍ରମୁଖଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଏକ ଟିମ୍ ନିଶିକାନ୍ତଙ୍କ ୨ ଭାଇ ବିଶ୍ୱାକାନ୍ତ ଓ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ସମେତ ୨୫ ଜଣଙ୍କଠାରୁ ରକ୍ତ ସଂଗ୍ରହ କରିଥିଲା। ଶ୍ରୀବତ୍ସ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଲୋକ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୧।୯।୨୦୨୩

୨,୬୩,୫୫୧ ଟଙ୍କା

# ୯ ବାଇକ ଜବତ: ୧.୫୩ ଲକ୍ଷ ଟଙ୍କା ଜରିମାନା

**ମୋଡିଫାଏଡ୍ ସାଇଲେନ୍ସର ଲଗାଇ ଗାଡ଼ି ଚାଳନା**

- ୩ ମାସରେ ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍ ଅଭିଯୋଗରେ ୮ ମାମଲା ରୁଜୁ
- ବିଭିନ୍ନ ନିୟମ ଅବମାନନା ନେଇ ୩୧୩୦ ମାମଲା, ୧୬.୧୫ ଲକ୍ଷ ଜରିମାନା



ପୁରୀ, ୨୧।୯(ଅଜିତ ମହାନ୍ତି):

ପୁରୀରେ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି। ତେବେ ବର୍ତ୍ତମାନ ପାର୍ବଣ ଋତୁ ଚାଲିଥିବାରୁ ଅପରାଧୀ ଓ ନିୟମ ମାନୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି ପୋଲିସ। ଏହି କ୍ରମରେ ସହରରେ ପ୍ରଚଣ୍ଡ ଶବ୍ଦ କରି ବେପରୁଆ ଭାବେ ଗାଡ଼ିଚାଳନା କରୁଥିବା ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ବିକୃତ ଶବ୍ଦ କରି ବେପରୁଆ ଭାବେ ଗାଡ଼ି ଚଳାଉଥିବା ୯ ଜଣ ଚାଳକଙ୍କ ଠାରୁ ୯ଟି ଗାଡ଼ି ଜବତ କରାଯାଇଛି। ଏନେଇ ଗୁରୁବାର ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ସିଟି ଡିଏସ୍‌ପି ସାହୁ କହିଛନ୍ତି, ବାଇକ ଆରୋହୀମାନେ ସେମାନଙ୍କ ବୁଲେଟ ଗୁଡ଼ିକରେ ମୋଡିଫାଏଡ ସାଇଲେନ୍ସର ଲଗାଇ ଗାଡ଼ି ଚଳାଉଥିଲେ, ଯେଉଁଥିପାଇଁ ସହରରେ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେବା ସହ ଏଥିରେ ଜନସାଧାରଣ ଅତିଷ୍ଠ ହୋଇପଡୁଥିଲେ। ଏପରିକି ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ପରିଲକ୍ଷିତ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଅଭିଯାନ କରାଯାଇ ୯ଟି ଗାଡ଼ିକୁ ଜବତ କରାଯାଇଛି। ଏଥିମଧ୍ୟରେ ୮ଟି ବୁଲେଟ ରହିଥିବା ବେଳେ ଗୋଟିଏ ୟାମା ବାଇକ୍ ରହିଛି। ଉକ୍ତ ୯ଟି ବାଇକ୍‌ରୁ ସାଇଲେନ୍ସର୍ ପାଇପ୍‌କୁ କଢାଯାଇ ଆର୍‌ଟିଓଙ୍କୁ ଜିମାଦିଆଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଛି। ସେହିପରି ସହରରେ ଯେଉଁମାନେ ଏପରି ବାଇକ ଚଳାଉଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗାଡ଼ି ଜବତ କରାଯିବ ବୋଲି ସାହୁ କହିଛନ୍ତି। ଜବତ ହୋଇଥିବା ୯ଟି ଗାଡ଼ି ଉପରେ ଆର୍‌ଟିଓ ପକ୍ଷରୁ ୧ ଲକ୍ଷ ୫୩ ହଜାର ୫୦୦ ଟଙ୍କା ଜରିମାନା ଲାଗୁ କରାଯାଇଛି। ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଗତ ୩ମାସରେ ପୁରୀ ପୋଲିସ ପକ୍ଷରୁ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭରେ ୮ଟି ମାମଲା ରୁଜୁ ହୋଇଛି। ସେହିପରି ଗାଡ଼ି ଯାଞ୍ଚ, ନୋ ପାର୍କିଂ, ବିନା ହେଲ୍‌ମେଟରେ ଗାଡ଼ି ଚାଳନା, ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର ଏବଂ ଟ୍ରାଫିକ ନିୟମ ଅବମାନନା କରିବା ଅଭିଯୋଗରେ ପୋଲିସ ପକ୍ଷରୁ ୩୧୩୦ଟି ମାମଲା କରାଯାଇ ୧୬ଲକ୍ଷ ୧୫ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସିଟି ଡିଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟ୍ରାଫିକ ଥାନା ଅଧିକାରୀ ସଙ୍ଗୀତା ଦାଶ ଓ ଟାଉନ ଥାନା ଅଧିକାରୀ ସୁନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି

ପୁରୀ,୨୧।୯(ଅଜିତ ମହାନ୍ତି):



ପବିତ୍ର ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଚାଲିଛି। ଏହି କ୍ରମରେ ଗୁରୁବାର ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଧୂପ ବଢି ପାଣି ପଡ଼ିବା ପରେ ମହାଜନ ସେବକମାନେ ମଦନମୋହନଙ୍କୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ମଦନମୋହନଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ମଦନମୋହନଙ୍କୁ ନାଟମନ୍ଦିରରେ ଥିବା ଖଟରେ ବିଜେ କରାଇଥିଲେ। ସେଠାରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ବିମ୍ବାସୁର ବେଶରେ ଜଣେ ବ୍ୟକ୍ତି ସାହି ପରିକ୍ରମା କରି ଶ୍ରୀମନ୍ଦିରକୁ ଆସିଥିଲେ। ସେଠାରେ ବଧ ନୀତି ସମ୍ପନ୍ନ ହୋଇଥିଲା। ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ଏହାପରେ ଠାକୁର ବାହୁଡ଼ା ବିଜେ କରିଥିଲେ। ଜନଶ୍ରୁତି ଅନୁଯାୟୀ, ଦ୍ୱାପର ଯୁଗରେ କୃଷ୍ଣ ଓ ବଳରାମଙ୍କ ନିଧନ ନିମନ୍ତେ ବିମ୍ବାସୁର ନାମକ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। ତେବେ ଭଗବାନ ଶ୍ରୀକୃଷ୍ଣ ଲୀଳା କ୍ରମେ ବିମ୍ବାସୁରକୁ ବଧ କରିଥିଲେ। ଏହି ସ୍ମୃତିରେ ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ଷଷ୍ଠୀରେ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

**ସଂକ୍ଷେପରେ**

## ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ପାଳିଲେ କୁକୁଟି ବ୍ରତ

ପୁରୀ,୨୧।୯( ଅଜିତ୍ ମହାନ୍ତି)

ପବିତ୍ର ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ କୁକୁଟି ବ୍ରତ ପାଳନ କରିଛନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସକାଳ ଧୂପ ବଢ଼ିବା ପରେ ମହାଲକ୍ଷ୍ମୀ କୁକୁଟୀ ବ୍ରତ ନିମନ୍ତେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତ ପାହାଚ ଦ୍ୱାର ନିକଟରେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଶ୍ରୀଦେବୀଙ୍କୁ ନେଇ ଶ୍ରୀମନ୍ଦିର ବେଢାରେ ଥିବା ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଅଭିମୁଖେ ବିଜେ କରାଇଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନରେ ଥିବା ଖଟ ଶେଯ ଉପରେ ବିଜେ କରାଇଥିଲେ। ପରେ ସେଠାରେ ଠାକୁରାଣୀଙ୍କର ମାଜଣା ନୀତି ଅନୁଷ୍ଠିତ ହୋଇ ବେଶ ବଢିଥିଲା। ପରେ ଅନ୍ୟାନ୍ୟ ନୀତି ସହ ବ୍ରତ ନୀତି ସମ୍ପନ୍ନ ହୋଇଥିଲା। ପରେ ଶୀତଳ ଭୋଗ ଲାଗି ହୋଇ ବନ୍ଦାପନା ସମ୍ପନ୍ନ ହୋଇଥିଲା। ଏହା ପରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ।

## ପଞ୍ଚାୟତ ସମିତି ପକ୍ଷରୁ ଭତ୍ତା ବଣ୍ଟନ

ନିମାପଡ଼ା,୨୧।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଭତ୍ତା ବଣ୍ଟନ ସ୍ଥାନୀୟ ବ୍ଲକ ଅଧୀନ ରେଞ୍ଚ ଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ବିଡିଓ ବସନ୍ତ ମଲ୍ଲିକ, ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ସମିତି ସଭ୍ୟା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ନେତୃବୃନ୍ଦମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଦାଶ ରେଞ୍ଚ ଶାସନ, ହରିପୁର, ଗଡ଼ପଦନପୁର, ଧନୁଆଁ, ଅଲଣ୍ଡା ଆଦି ୫ ପଞ୍ଚାୟତର ୪୪୦ ଜନହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ।



ସାକ୍ଷୀଗୋପାଳ ସିଂହଦ୍ୱାର ଭଜନ ସମାରୋହ କମିଟି ପକ୍ଷରୁ ଆୟୋଜିତ ଶ୍ରୀରାଧା ଜନ୍ମୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଶ୍ରୀରାଧା ଜନ୍ମୋତ୍ସବ ଉଦ୍‌ଘାଟିତ

ସାକ୍ଷୀଗୋପାଳ,୨୧।୯ (ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

**ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ**

ଶ୍ରୀରାଧା ଜନ୍ମ ମହୋତ୍ସବ ପାଳନ ଅବସରରେ ସାକ୍ଷୀଗୋପୀନାଥ ମନ୍ଦିର ଏବେ ଚଳଚଞ୍ଚଳ ହୋଇପଡିଛି। ସାକ୍ଷୀଗୋପାଳ ସିଂହଦ୍ୱାର ଭଜନ ସମାରୋହ କମିଟି ପକ୍ଷରୁ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୩ ଦିନ ବ୍ୟାପୀ ଶ୍ରୀରାଧା ଜନ୍ମ ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ମନ୍ଦିର ସମ୍ମୁଖରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ବୈଦିକ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ଆହୁତି କରାଯାଇଛି। ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟ ମର୍ଦ୍ଦଳ, ଶଙ୍ଖ, କାହାଳୀ ସହିତ ଚନ୍ଦନ ପୁଷ୍କରିଣୀରୁ ଅଭିମନ୍ତ୍ରିତ ଜଳକଳସ ସଂଗ୍ରହ କରି ଘଟସ୍ଥାପନ, ପଞ୍ଚଦେବ ପୂଜା, ସହସ୍ର ନାମ, ଅଭିଷେକ ଆଦି ସମ୍ପନ୍ନ କରାଯାଇଥିଲା। ବୁଧବାର ଯଜ୍ଞର ଶାଳାଧିବାସ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ଘଟ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ, ଝୋଟି, ବକ୍ତୃତା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ସୁକାନ୍ତ କିଶୋର ସାମନ୍ତରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଧାଷ୍ଟମୀ ଯଜ୍ଞ କମିଟିର ସମ୍ପାଦକ ଦିବାକର ମହାପାତ୍ର ଯୋଗଦେଇ ସମାରୋହ ଆୟୋଜନରେ ସହଯୋଗୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜିତେନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଞ୍ଜନ ହୋତା ଓ ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିଲେ। ରାତ୍ରରେ ମୟୂରଭଞ୍ଜର ଛଉନୃତ୍ୟ, ସୁନ୍ଦରଗଡ଼ର ଝୁମୁରା ନୃତ୍ୟ ସହିତ ମ୍ୟାଜିକ୍ ଶୋ' ପରିବେଷଣ କରାଯାଇଥିଲା। ସ୍ଥାନୀୟ କଳାକାରମାନେ ଫାୟାର ମାର୍ଶାଲ ଆର୍ଟ ପରିବେଷଣ କରିଥିଲେ।

## ଦୁର୍ଗାପୂଜା, ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ

କୋଣାର୍କ,୨୧।୯(ଜ୍ୟୋତିରାଜ ମହାନ୍ତି)

ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଶାରଦୀୟ ଦୁର୍ଗାପୂଜା ଓ ମା' ଲକ୍ଷ୍ମୀଙ୍କ ପୂଜା ଅଳ୍ପ ଦିନ ରହିଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଗୁରୁବାର ଷଷ୍ଠୀଙ୍କ ଓଷା ଓ ଲଳିତା ସପ୍ତମୀ ତିଥିରେ କୋଣାର୍କ ନରସିଂହଦେବ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ମାଟି ଅନୁକୂଳ କରାଯାଇଛି। କମିଟି ସଭାପତି ସୁଶାନ୍ତ ମହାନ୍ତି, ଉପସଭାପତି ପ୍ରମୋଦ ଛୋଟରାୟ ଓ ବରିଷ୍ଠ ଉପଦେଷ୍ଟା ତଥା କର୍ତ୍ତା ରାମକୃଷ୍ଣ ମହାନ୍ତି, ସମ୍ପାଦକ ନଟବର ନାୟକ, ଯୁଗ୍ମ ସମ୍ପାଦକ ସୁବାସ ବେଉରା, କୋଷାଧକ୍ଷ ବୀରବର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସଭ୍ୟ ମିଳନ ରାଉତ, ପ୍ରେମାନନ୍ଦ ରାଉତରାୟ, ପୂର୍ବତନ ସଭାପତି ସୁବାସ ବେଉରା, ସୁବୋଧ ଖଟୁଆ, ସ୍ୱାଧୀନ ନାୟକ, ମହେଶ୍ୱର ଦଳାଇ, ଚିତ୍ରସେନ ପାତ୍ର, ପ୍ରମୋଦ ଛୋଟରାୟ ପ୍ରମୁଖ କୋଣାର୍କର ଅଧିଷ୍ଠାତ୍ରୀ ମା' ଭଗବତୀ ପୀଠ ଅଭିମୁଖେ ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ ବଜାଇ ଶୋଭାଯାତ୍ରାରେ ବାହାରି ମା' ଭଗବତୀଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରି ଆଜ୍ଞାମାଳ ନେଇ ମାଟି ଅନୁକୂଳ ପାଇଁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା କରି ମାଟି ଆଣିଥିଲେ। ଅନୁରୂପ ଭାବେ ମା' ଲକ୍ଷ୍ମୀ ପୂଜା କମିଟି କୋଣାର୍କ ପକ୍ଷରୁ ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ରୀତିନୀତି ଅନୁଯାୟୀ ତୀର୍ଥରୁ ମାଟି ଅନୁକୂଳ କରାଯାଇଛି। ଚଳିତବର୍ଷ ନରସିଂହ ଦେବ ପୂଜା କମିଟି ଓ ମା' ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାଆଡ଼ମ୍ବରରେ ପୂଜାର୍ଚ୍ଚନା କରାଯିବ ବୋଲି ଅନୁଷ୍ଠାନର ସଭାପତି ପ୍ରକାଶ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପୁରୀ, ୨୧।୯(ଅଜିତ ମହାନ୍ତି):

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାରଠାରୁ ବୀରହରେକୃଷ୍ଣପୁର ନୋଡାଲ ହାଇସ୍କୁଲ୍‌ରେ ବିଦ୍ୟାଳୟସ୍ତରୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଉକ୍ତ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି। ଏହି ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ଛୋଟ ଛୋଟ ସଚେତନତା ବାର୍ତ୍ତାମୂଳକ ଭିଡିଓ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍‌କାନୁନ୍ ଓ କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବେ ସେ ବିଷୟରେ ବୁଝାଇଥିଲେ। ପରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍‌ର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ।

## ଚଢ଼ାଉରେ ୧୪ ହଜାର ୫ଶହ ଜରିମାନା ଆଦାୟ



ପୋଲିସ ପକ୍ଷରୁ ବାଇକ୍ ଚେକିଂ କରାଯାଉଛି।

ନିମାପଡ଼ା,୨୧।୯(ବିଚିତ୍ରାନନ୍ଦ ସାହୁ)

ଚଳିତ ପାର୍ବଣ ଋତୁରେ ନିମାପଡ଼ା ଥାନା ପୋଲିସ ଗୁରୁବାର ସନ୍ଧ୍ୟାରେ ଥାନା ଅଧୀନ ଜୟଶ୍ରୀ ଛକ, ଗୋଲେଇ ଛକ, ନୂଆ ବସ୍‌ଷ୍ଟାଣ୍ଡ ଆଦି ଛକରୁ ଚଢ଼ାଉ କରିଛି। ବିନା ହେଲମେଟ୍‌ରେ ଗାଡ଼ି ଚାଳନା, ଲାଇସେନ୍ସ ବିନା ଗାଡ଼ି ଚାଳନା, ବେପରୁଆ ୩ ଜଣିଆ ଗାଡ଼ି ଚଳାଉଥିବା ୧୦ ଗାଡ଼ି ବିରୋଧରେ ପୋଲିସ ଏମ୍‌ଭିପିଆର୍ ଦିଆଯାଇଥିବାବେଳେ ମୋଟରେ ୧୪ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଛି। ପୁରୀ ଏସ୍‌ପି କନୱାର ବିଶାଲ ସିଂଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଆଇସି ବାମଦେବ ସ୍ୱାଇଁ, ଏଏସ୍‌ଆଇ ଶିଶିର ମହାନ୍ତି,ଏଏସ୍‌ଆଇ ଖଦାଳ ବିଶୋଇ, ଏକାଦଶୀ ବରାଳ, ଲକ୍ଷ୍ମୀଧର ନାୟକ, ତପନ ନାୟକ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ। ମୋଟ ୪୦ ବାଇକ୍ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ଜାରି ରହିବ ବୋଲି ଆଇଆଇସି ସ୍ୱାଇଁ ସୂଚନା ଦେଇଛନ୍ତି।

## ନିମାପଡ଼ା କଲେଜ, ଆଲୁମ୍‌ନି ଆସୋସିଏଶନର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ନିମାପଡ଼ା,୨୧।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କଲେଜ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ଶୁଶ୍ରୁତ ହସ୍ପିଟାଲ ଓ ଟ୍ରମାକେୟାର ଓ ଭୁବନେଶ୍ୱର ରୋଟାରି କ୍ଲବ ସହାୟତାରେ ଗୁରୁବାର ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଦୀପ ଦାଶ, ଡ. ରବୀନ୍ଦ୍ରନାଥ ପାଢ଼ୀ, ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିବିରର ସଫଳ କାମନା କରିଥିଲେ। ଶିବିରରେ ଡ. ଅମିତ୍ ସ୍ୱାଇଁ, ଡ. କୁମାର ଅଭିନନ୍ଦନ, ବ୍ୟବସାୟିକ ମୁଖ୍ୟ ତ୍ରିଲୋଚନ ସାହୁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଚିଦତ୍ମିକା ଖଟୁଆ, ଡ. ପଲ୍ଲିଶ୍ରୀ ଦଳେଇ, ଡ. କଳ୍ପନା ଦାସ, କ୍ଲିନିକାଲ ମ୍ୟାନେଜର ରାଜଶ୍ରୀ କର, ନର୍ସିଂ ଅଫିସର ଦୁର୍ଗା ପ୍ରସାଦ ପ୍ରମୁଖ ଯୋଗଦେଇ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ସାଧାରଣ ଜନତାଙ୍କ ସମେତ ୩ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ବିଭିନ୍ନ ରୋଗ ପାଇଁ ଔଷଧ ବଣ୍ଟନ କରାଯାଇଥିଲା। କଲେଜ ଆଲୁମ୍‌ନି ଆସୋସିଏଶନର ସମ୍ପାଦକ ବସନ୍ତ ପାତ୍ରଙ୍କ ସମେତ ବହୁ ଆଲୁମ୍‌ନି, କଲେଜର ଅଧ୍ୟାପିକା, ଅଧ୍ୟାପକମାନେ ଯୋଗଦେଇ ଶିବିରର ସଂଯୋଜନା ଓ ପରିଚାଳନା କରିଥିଲେ।




ମେଗା ଶିବିରରେ ବିଧାୟକ ସମୀର ରଞ୍ଜନ ଦାଶଙ୍କ ସମେତ ଅତିଥିବୃନ୍ଦ।

# ଗୀତ, ନାଚ ମାଧ୍ୟମରେ ସଚେତନତା ସୃଷ୍ଟି

**ଷଷ୍ଠ ରାଷ୍ଟ୍ରୀୟ ପୋଷଣ ମାହ ଉତ୍ସବ**

ସାକ୍ଷୀଗୋପାଳ,୨୧।୯ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଏବଂ ଅନ୍ୟମାନେ ।

ସତ୍ୟବାଦୀ ବ୍ଲକ ପେଣ୍ଠପଡ଼ା ପଞ୍ଚାୟତର କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଷଷ୍ଠ ରାଷ୍ଟ୍ରୀୟ ପୋଷଣ ମାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ଶିଶୁ ବିକାଶ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟୀ ରାଉତ ଯୋଗ ଦେଇଥିଲେ। ପୁରୀ ଜିଲାର ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା, ସଂଯୋଜକ ସସ୍ମିତା କର୍ମକାର, ଡିପିଏ ଆଶିଷ ନାୟକ, ଡିପିସି ପ୍ରଣତି ମହାନ୍ତି, ବୈଜ୍ଞାନିକ ସନ୍ଦୀପ ସେନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇ ଜିଲା ଓ ବ୍ଲକରେ ପର୍ଯ୍ୟାୟ କ୍ରମେ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ବିଶେଷକରି ସାମ୍ପ୍ରତିକ ସମୟରେ ଉତ୍ପାଦିତ ଖାଦ୍ୟ ଶସ୍ୟରେ ଅତ୍ୟଧିକ ରାସାୟନିକ ସାରର ବ୍ୟବହାର ଯୋଗୁ ଅନେକ ଲୋକ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ହେଉଛନ୍ତି। ଏଥିରୁ ମୁକ୍ତି ପାଇଁ ମାଣ୍ଡିଆ, ବାଜରା, ଗହମ ଓ ଅନ୍ୟ ଶସ୍ୟରୁ ଉତ୍ପାଦିତ ଖାଦ୍ୟକୁ ସଠିକ୍ ଓ ନିୟମିତ ଭାବେ ଖାଦ୍ୟରେ ସାମିଲ ପାଇଁ ଉପସ୍ଥିତ ଅଧିକାରୀ ଓ ଅତିଥି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଗୁରୁ ସୁବାସ ମିଶ୍ର ଓ ଭଗବାନ ପାଲ ପିଲାଙ୍କୁ ଯୋଗ ଶିକ୍ଷା ଓ ଯୋଗ କରିବାର କୌଶଳ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ପିଲା ଯୋଗଦେଇ 'ମେରି ମାଟି ମେରା ଦେଶ', ସଠିକ ପୋଷଣ ନିମନ୍ତେ ବିଭିନ୍ନ ଔଷଧୀୟ ବୃକ୍ଷର ପତ୍ର ମାଧ୍ୟମରେ ସଜ୍ଜିତ ହୋଇ ସଚେତନତାଧର୍ମୀ ଗୀତ ନାଚ ପରିବେଶ କରିଥିଲେ। ପୁଷ୍ଟିକର ଖାଦ୍ୟର ପ୍ରସ୍ତୁତି ଓ ବ୍ୟବହାର ସମ୍ପର୍କରେ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀ ଓ ସହାୟକଙ୍କ ପ୍ରସ୍ତୁତ ରନ୍ଧା ଖାଦ୍ୟ ମାଧ୍ୟମରେ ନୀରୋଗ ରହିବାର ବାର୍ତ୍ତା ଦେଇଥିଲେ। ସତ୍ୟବାଦୀ ଶିଶୁ ବିକାଶ ଅଧିକାରୀ ବିଜୟଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁପର ଭାଇଜର ପୀୟୂଷ ମାୟୀ ପଣ୍ଡା ସହଯୋଗ କରିଥିଲେ। ସତ୍ୟବାଦୀ ବ୍ଲକର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ପିଲାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସିଡିଏ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି

କଟକ,୨୧।୯(ସୁପ୍ରିୟା ପ୍ରିୟଦର୍ଶିନୀ)



କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ଅନିଲ ସାମଲଙ୍କ କାର୍ଯ୍ୟକାଳ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବର୍ଷ ବୃଦ୍ଧି କରାଯାଇଛି। ଏନେଇ ଗୁରୁବାର ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍ଟୋବର ପହିଲାରୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ସାମଲ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ନିଯୁକ୍ତି ପାଇ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରି ଅବସର ନେବା ପରେ ତାଙ୍କୁ ୨୦୨୧ ଅକ୍ଟୋବରରେ ସିଡିଏର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଏଥି ମଧ୍ୟରେ ସାମଲଙ୍କ କାର୍ଯ୍ୟକାଳ ପୁଣି ଏକ ବର୍ଷ ବୃଦ୍ଧି କରାଯାଇଛି।

### ପୂର୍ବତନ ମ୍ୟୁନିସିପାଲିଟି ଉପାଧ୍ୟକ୍ଷଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମେୟର

କଟକ,୨୧।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ପୂର୍ବତନ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ପୁଷ୍ପା ସାମଲ(୭୦) ଅସୁସ୍ଥ ଥିବା ଖବରପାଇ ମେୟର ସୁବାସ ସିଂ ଗୁରୁବାର ତାଙ୍କ ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ପୁଷ୍ପାଙ୍କ ୨ ଗୋଡ଼ ଅପରେଶନ ହୋଇ ସେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ପୁଷ୍ପାଙ୍କ ସ୍ୱାମୀ ଇଂ. ସୁବାସଚନ୍ଦ୍ର ସାମଲଙ୍କ ୨୦୧୦ରେ ଦେହାନ୍ତ ହୋଇଥିଲା। ସେ ବର୍ତ୍ତମାନ ପୁଅ ଓ ନାତିଙ୍କ ସହିତ ରହୁଛନ୍ତି। ୧୯୯୭ରୁ ୨୦୦୧ ପର୍ଯ୍ୟନ୍ତ ପୁଷ୍ପା କଂଗ୍ରେସ ଦଳର ପ୍ରତିନିଧିତ୍ୱ କରି ଉପାଧ୍ୟକ୍ଷ ହୋଇଥିଲେ। ମେୟରଙ୍କ ସହିତ କର୍ପୋରେଟର ରବି ନାରାୟଣ ସାହୁ, କର୍ପୋରେଟର ବନଲତା ପ୍ରଧାନ, ଅର୍ବାନ ବ୍ୟାଙ୍କର ସଭାପତି ପ୍ରଫୁଲ୍ଲ ମହାପାତ୍ର, ଶ୍ରୁତ ମହାନ୍ତି, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, କାଳୀଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ପ୍ରଶାସକଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ସଦର,୨୧।୯(ସୁଶାନ୍ତ ଜେନା)

କଟକ ସଦର ବ୍ଲକ ଅଧୀନ କୋଟୁଆଁ ଗ୍ରାମର ଅବସରପ୍ରାପ୍ତ ପ୍ରଶାସକ ସ୍ୱର୍ଗତ ସଚ୍ଚିଦାନନ୍ଦ ଖୁଣ୍ଟିଆଙ୍କୁ ଗୁରୁବାର ବିଭିନ୍ନ ବର୍ଗର ଲୋକେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବରିଷ୍ଠ ପ୍ରଶାସକ ଭାବେ ଦାୟିତ୍ୱ ତୁଲାଇବା ସହ ବହୁ ଉନ୍ନୟନମୂଳକ କାର୍ଯ୍ୟ କରି ଅନେକ ଥର ସେ କେନ୍ଦ୍ର କୃଷି ମନ୍ତ୍ରଣାଳୟରୁ ପୁରସ୍କୃତ ହୋଇଥିଲେ। ସଭାରେ କଟକ ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା, ଇଓ ପ୍ରକାଶଚନ୍ଦ୍ର ସେଠୀ, ଅଶୋକ ଖୁଣ୍ଟିଆ, ପ୍ରଣୟ ରଞ୍ଜନ ଖୁଣ୍ଟିଆ, ତପନ ଖୁଣ୍ଟିଆ, ରଶ୍ମିରଞ୍ଜନ ଖୁଣ୍ଟିଆ, ଜନ୍ମେଜୟ ଖୁଣ୍ଟିଆ, ତ୍ରିଲୋଚନ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କାର୍ଯ୍ୟକ୍ଷମ ହୋଇପାରିନି ଅର୍ବାନ ହାଟ

■ ଲୋକାର୍ପଣର ୫ଦିନ ବିତିଲା
■ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ

କଟକ,୨୧।୯(ସୁପ୍ରିୟା ପ୍ରିୟଦର୍ଶିନୀ)



କଟକ ଛତ୍ରବଜାର ଅର୍ବାନ ହାଟକୁ ବ୍ୟବସାୟୀମାନେ ଯାଇ ନ ଥିବାରୁ ଖାଲି ପଡ଼ିଛି।

ଏପ୍ରିଲ ପୂରି ସେପ୍ଟେମ୍ବର ସରିବାକୁ ବସିଲାଣି। ହେଲେ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ଛତ୍ରବଜାର ଅର୍ବାନ ହାଟ। ଏପରିକି ଚଳିତ ମାସ ୧୬ ତାରିଖରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଲୋକାର୍ପଣ ହେବାର ୫ ଦିନ ପରେ ବି ଅର୍ବାନ ହାଟ କାର୍ଯ୍ୟକ୍ଷମ ହେଲା ନାହିଁ। ଅପରପକ୍ଷରେ ସ୍ଥାୟୀ ଏବଂ କଂକ୍ରିଟ ପିଣ୍ଡିରେ ବସି ବେପାର କରିବା ଲକ୍ଷ୍ୟରେ ଥିବା ପରିବା ବ୍ୟବସାୟୀ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ଧାରରେ। କାରଣ ଏକ ହଜାରରୁ ଅଧିକ ବ୍ୟବସାୟୀ ଥିବାବେଳେ ନିର୍ମାଣ ହୋଇଥିବା ୫୫୦ ପିଣ୍ଡି କାହାକୁ ମିଳିବ ତା ସ୍ଥିର ହୋଇପାରିନାହିଁ। ସେଥିପାଇଁ ପିଣ୍ଡିଟିଏ ପାଇବା ପାଇଁ କେତେ ଦେୟ ଦେବାକୁ ହେବ, ହାଟ ଭିତରକୁ କେବେ ବ୍ୟବସାୟୀ ଯିବେ, ତାର ଠିକ୍ ସୂଚନା କାହା ପାଖରେ ନାହିଁ। ତେବେ ଏହାକୁ ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ତେଜିବାରେ ଲାଗିଛି।

ଛତ୍ରବଜାର ପରିବା ମାର୍କେଟ ଏବେ ସ୍ମାର୍ଟ ଅର୍ବାନ ହାଟର ରୂପ ଦେବା ପାଇଁ ସିଏମ୍‌ସି ପକ୍ଷରୁ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚରେ ଏହାକୁ ନିର୍ମାଣ କରାଯାଇଛି। ହାଟରେ ୫୫୦ ଜଣ ପରିବା ବ୍ୟବସାୟୀଙ୍କ ବସିବା ପାଇଁ ବ୍ୟବସ୍ଥା ହୋଇଛି। ତାଳଦଣ୍ଡା କେନାଲର ମୁଖ୍ୟ ରାସ୍ତା ପାର୍ଶ୍ୱରେ ନିର୍ମିତ ଏହି ସ୍ମାର୍ଟ ହାଟକୁ ପ୍ରବେଶ ପ୍ରସ୍ଥାନ ପାଇଁ ତିନୋଟି ମୁଖ୍ୟ ବାଟ ରହିଥିବା ବେଳେ ହାଟ ଆଗରେ ଦୁଇଚକିଆ ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯାଇଛି। ହେଲେ ଚାରିଚକିଆ ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯାଇ ନ ଥିବାରୁ ଆଗକୁ ଏହାକୁ ନେଇ ହୁଏତ ଟ୍ରାଫିକ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୁରୁଣା କ୍ୱାର୍ଟର୍ସର ପ୍ରାୟ ତିନି ଏକରରୁ ଅଧିକ ଜାଗାକୁ ୭ଫୁଟ ପୋତାଯାଇ ଏହି ସ୍ମାର୍ଟ ହାଟ ନିର୍ମାଣ କରାଯାଇଛି। ସ୍ମାର୍ଟ ହାଟ ଭିତରେ ୩୫ଟି ବ୍ଲକ କରାଯାଇ ପିଣ୍ଡି ହୋଇଛି। ଏହି ପିଣ୍ଡିଗୁଡ଼ିକରେ ପ୍ରାୟ ୫ଶହ ପରିବା ବ୍ୟବସାୟୀ ବ୍ୟବସାୟର ସୁଯୋଗ ପାଇବେ। ହେଲେ ପିଣ୍ଡି ସଂଖ୍ୟାଠାରୁ ଛତ୍ରବଜାରରେ ପରିବା ବ୍ୟବସାୟୀଙ୍କ ସଂଖ୍ୟା ଦୁଇଗୁଣ ରହିଛି। କାହାକୁ ପିଣ୍ଡି ମିଳିବ, କିଏ ବ୍ୟବସାୟ କରିବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ସେହିପରି ଗତ ଏପ୍ରିଲରେ ହାଟ କାର୍ଯ୍ୟକ୍ଷମ ହେବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଥିବା ବେଳେ ଲୋକାର୍ପଣ ପରେ ମଧ୍ୟ ଏହା ଚାଲୁ ହୋଇପାରିଲା ନାହିଁ। ଏହାକୁ ନେଇ ଚାଷୀ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଛତ୍ରବଜାର ରାସ୍ତାକଡ଼ରେ ବସୁଥିବା ଅନେକ ଚାଷୀ ଏବଂ ବ୍ୟବସାୟୀଙ୍କୁ ଥଇଥାନ କରିବା ଲାଗି ଅର୍ବାନ ହାଟର ପରିକଳ୍ପନା କରାଯାଇଥିଲା। ଯେଉଁଥିଲାଗି ୨୦୧୯ ମସିହାଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଗତ ୩ବର୍ଷ ଭିତରେ ଏ ନିଷ୍ପତ୍ତି ହୋଇପାରିନାହିଁ, ଯେ ଅର୍ବାନ ହାଟର ପ୍ରକୃତ ହିତାଧିକାରୀ କିଏ ହେବ। ତେଣୁ ଏହାର କାର୍ଯ୍ୟକାରିତା ଓ ସଫଳତା ନେଇ ପ୍ରଶ୍ନ ଉଠିଲାଣି।

# ଡ୍ରିମ୍‌ସ ନର୍ସିଂ କଲେଜରେ ବିଶ୍ୱ ଆଲଝିମର୍ସ ଦିବସ




ଆଲଝିମର୍ସ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଅନ୍ତେବାସୀ।

କଟକ,୨୧।୯(ସୁପ୍ରିୟା ପ୍ରିୟଦର୍ଶିନୀ):

ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ବିଶ୍ୱ ଆଲଝିମର୍ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ବାର୍ତ୍ତାରେ କହିଥିଲେ, ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳୁଥିବା ଆଲଝିମର୍ସ (ଭୁଲାପଣ) ପୀଡିତଙ୍କ ସେବା ଯତ୍ନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏକ୍ଷେତ୍ରରେ ସଚେତନତା ସୃଷ୍ଟି କରିବାରେ ନର୍ସିଂ ଛାତ୍ରୀଛାତ୍ରଙ୍କ ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଥିଲେ। ସୋଲରସ୍ଥିତ 'ସେବକ ଜରା ନିବାସ'ରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭରତ କୁମାର ବେହେରା, ନିତ୍ୟାନନ୍ଦ ପ୍ରଧାନ, ଅଧ୍ୟାପକ ସତୀଶ ରାଜମଣି, ଜରାନିବାସର ତତ୍ତ୍ୱବଧାରକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସମ୍ପ୍ରତି ସମାଜରେ ବୃଦ୍ଧି ପାଉଥିବା ବୟସ୍କ ବ୍ୟକ୍ତିଙ୍କ ସମସ୍ୟା ଏବଂ ଯୌଥ ପରିବାରର ପ୍ରାଧାନ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନୃତ୍ୟ ଓ ନାଟକ ମାଧ୍ୟମରେ ଆଲଝିମର୍ସ ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ।

# ଗଡ଼ଗଡ଼ିଆଘାଟ ପାହାଚ ଭୁଶୁଡ଼ି ବିରାଟ ଗର୍ତ୍ତ



ଗଡ଼ଗଡ଼ିଆଘାଟରେ ନିର୍ମିତ ହୋଇଥିବା ପାହାଚ ମହାନଦୀକୁ ଭୁଶୁଡ଼ି ପଡ଼ିଛି।

କଟକ,୨୧।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ମହାନଦୀ କୂଳରେ ଗଡ଼ଗଡ଼ିଆ ଘାଟରେ ନିର୍ମାଣ ହୋଇଥିବା କେତେକ ପାହାଚ ଧସିଯାଇଥିବା ଦେଖିବାକୁ ମିଳିଛି। ମାଟି ଧସିବା ଯୋଗୁ ସିମେଣ୍ଟ ନିର୍ମିତ ପାହାଚ ଭୁଶୁଡ଼ି ସେଠାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ନିମ୍ନମାନର କାମ ନଚେତ ବର୍ଷା ଯୋଗୁ ଏହା ଧସିଥିବା ଅନୁମାନ କରାଯାଉଛି। ରବିବାର ସନ୍ଧ୍ୟା ସମୟରେ କେତେଜଣ ବ୍ୟକ୍ତି ସେଠାରେ ବୁଲୁଥିବା ବେଳେ ହଠାତ ଶବ୍ଦ ଶୁଭିଥିଲା। ସେମାନେ ସେଠାରେ ପହଞ୍ଚି ପାହାଚ ଧସିଯାଇଥିବା ଦେଖିବାକୁ ପାଇଥିଲେ।

୨ବର୍ଷ ପୂର୍ବେ ଏଠାରେ ପ୍ରଶାସନ ପକ୍ଷରୁ ପାହାଚ ନିର୍ମାଣ କରାଯିବା ସହିତ ନଦୀକୂଳରେ ବସିବା ନିମନ୍ତେ ସିମେଣ୍ଟ ଚୌକି ତିଆରି ହୋଇଥିଲା। ହେଲେ ଉକ୍ତ ସ୍ଥାନରେ ଏବେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ସକାଳ ଓ ସନ୍ଧ୍ୟା ହେଲେ ଯୁବବର୍ଗ, ବରିଷ୍ଠ ନାଗରିକମାନେ ଭ୍ରମଣ କରିବାକୁ ଏଠାକୁ ଆସିଥାନ୍ତି। ବିଶେଷତଃ ଯୁବବର୍ଗଙ୍କ ରିଲ୍ ଓ ଖଟି ପାଇଁ ପସନ୍ଦର ସ୍ଥାନ। ସେହିଭଳି ସିଏମ୍‌ସି ପକ୍ଷରୁ ନିର୍ମାଣ ହୋଇଥିବା କଟକ-ଇନ୍-କଟକରେ ପିଲାଙ୍କ ଗହଳି ହୋଇଥାଏ। ହେଲେ ପ୍ରାୟ ୪ଟି ଶିଡି କ୍ଷତିଗ୍ରସ୍ତ ହୋଇ ଗର୍ତ୍ତ ସୃଷ୍ଟି ହୋଇଛି। ଶିଡ଼ି ଭୁଶୁଡ଼ି ଗର୍ତ୍ତ ସୃଷ୍ଟି ହେବାନେଇ ୫ ଦିନ ବିତିଥିଲେ ମଧ୍ୟ ଏହାର ମରାମତି ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହା ସେଠାକୁ ବୁଲିଯାଉଥିବା ଲୋକଙ୍କ ପ୍ରତି ବିପଦରେ ପଡିବା ଆଶଙ୍କାକୁ ଏଡ଼ାଇ ହେବନାହିଁ।

# ନାଗସାପ ଉଦ୍ଧାର

ଚୌଦ୍ୱାର,୨୧।୯(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ ଓଟିଏମ୍ କଲୋନୀ ବାସିନ୍ଦା ବୀରବର ରଣାଙ୍କ ଘରୁ ଗୁରୁବାର ଏକ ନାଗସାପ ଉଦ୍ଧାର କରାଯାଇଛି। ରଣାଙ୍କ ରୋଷେଇ ଘର ବେସିନ ପଛରେ ଏକ ବଡ଼ ନାଗସାପ ରହିଥିବା ଦେଖି ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ସାପଟିକୁ ଘଉଡ଼େଇବାକୁଚେଷ୍ଟା କରି ବିଫଳ ହେବାରୁ ସେ ସାପ ଧରାଳିଙ୍କୁ ଖବର ଦେଇଥିଲେ। ସାପ ଧରାଳି ଶୁଭେନ୍ଦୁ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଧରି ନିକଟ ଜଙ୍ଗଲରେ ଛାଡ଼ିଛନ୍ତି। ଉଦ୍ଧାର ସାପଟିର ଲମ୍ବ ୪ଫୁଟ ହେବ ବୋଲି ଜଣାପଡ଼ିଛି।

# ଡାକ୍ତରୀ ଛାତ୍ରୀ ସୁଶ୍ରୀ ସୁମେଧାଙ୍କୁ 'ୟଙ୍ଗ୍ ଆଚିଭର ଆୱାର୍ଡ'

ଭୁବନେଶ୍ୱର,୨୧।୯(ଅସମାପିକା ସାହୁ)

ବ୍ରେନ୍ ଟ୍ୟୁମର ଉପରେ ସ୍ୱତନ୍ତ୍ର ଗବେଷଣା ପାଇଁ ଇମ୍ୟୁନୋହେମାଟୋଲୋଜି ଆଣ୍ଡ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ ବିଭାଗର ପିଜି ଛାତ୍ରୀ ଡା. ସୁଶ୍ରୀ ସୁମେଧା ଦାଶଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍କଲାର ପକ୍ଷରୁ 'ୟଙ୍ଗ୍ ଆଚିଭର ଆୱାର୍ଡ' ପ୍ରଦାନ କରାଯାଇଛି। ମେଡିସିନ କ୍ଷେତ୍ରରେ ନିଜର ଉତ୍ସର୍ଗୀକୃତ ଅବଦାନ ପାଇଁ ସେ ଏହି ପୁରସ୍କାର ପାଇଛନ୍ତି। ତାଙ୍କ ଗବେଷଣା ନିବନ୍ଧ 'ଇମ୍ୟୁନୋହିଷ୍ଟୋକେମିକାଲ ଏକ୍ସପ୍ରେସନ ଅଫ୍ ଏପିଡର୍ମାଲ ଗ୍ରୋଥ୍ ଫ୍ୟାକ୍ଟର ରିସେପ୍ଟର ଆଣ୍ଡ ପି୫୩ ଇନ୍ ଗ୍ଲିଓମାସ ଆଣ୍ଡ କୋରେଲେସନ ୱିଥ୍ କ୍ଲିନିକୋପାଥୋଲୋଜିକାଲ ପାରାମିଟର୍ସ' (Immunohistochemical Expression of Epidermal Growth Factor Receptor (EGFR) and p53 in Gliomas and Correlation with Clinicopathological Parameters) ଜର୍ନାଲ ଅଫ୍ ମେଡିକାଲ ଫାର୍ମାସ୍ୟୁଟିକାଲ ଆଣ୍ଡ ଆଲାଏଡ୍ ସାଇନ୍ସେସ୍‌ରେ ପ୍ରକାଶ ପାଇଛି।

# କଟକ ଜିଲା ସମିତି ସଭ୍ୟଙ୍କ ସମ୍ମିଳନୀ

ବାରଙ୍ଗ,୨୧।୯(ଲିଙ୍ଗରାଜ ରାଉତ)

କଟକ ଜିଲା ସମିତି ସଭ୍ୟଙ୍କ ଏକ ସମ୍ମିଳନୀ ନନ୍ଦନକାନନ ଛକସ୍ଥିତ ଏକ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲାର ୧୪ଟି ବ୍ଲକର ବହୁ ସମିତି ସଭ୍ୟାସଭ୍ୟ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସରପଞ୍ଚମାନେ ଯେଉଁଭଳି ଭାବ ନିର୍ବାଚିତ ହେଉଛନ୍ତି ସେହିଭଳି ଭାବେ ସମିତିସଭ୍ୟ ନିର୍ବାଚିତ ହେଉଛନ୍ତି, ହେଲେ ସେମାନଙ୍କ କୌଣସି କ୍ଷମତା ନାହିଁ। ତେଣୁ ଆଗାମୀ ଦିନରେ ୮ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ କଟକ ଜିଲା ସମିତିସଭ୍ୟ ସଂଘ ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ବଡ଼ମ୍ବା ବ୍ଲକର ମନୋଜ ନନ୍ଦ ସଭାପତି, ବାରଙ୍ଗ ବ୍ଲକର କିଶାନ ଜେନା ଉପ-ସଭାପତି, ବାଙ୍କୀ ବ୍ଲକର ଭାଗୀରଥି ପାଣି ସମ୍ପାଦକ, ଡମପଡ଼ା ବ୍ଲକର ଦୀପକ ମଲ୍ଲିକ କୋଷାଧକ୍ଷ, ନିଆଳି ବ୍ଲକର ଦୀପକ ମଲ୍ଲିକ ସଂଯୋଜକ, ବାରଙ୍ଗ ବ୍ଲକର ଦୀପକ ସ୍ୱାଇଁ ସହସଂଯୋଜକ ଭାବେ ନିର୍ବାଚିତ ହୋଇଥିଲେ।

# ମହିମାଗାଦିରେ ନବାନ୍ନ ଭକ୍ଷଣ ମହୋତ୍ସବ



ମହିମାଧର୍ମ ସାଧୁମାନେ ନବାନ୍ନ ଭକ୍ଷଣ କରୁଛନ୍ତି।

ବାରଙ୍ଗ,୨୧।୯(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ସତ୍ୟମହିମା ଗୋବିନ୍ଦବାବାଙ୍କ ଗାଦିପୀଠରେ ନବାନ୍ନ ଭକ୍ଷଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାଧୁସନ୍ଥମାନେ ବୁଧବାର ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳ ପାଇଁ ସମବେତ ପ୍ରାର୍ଥନା, ଧର୍ମ ଅଲୋଚନା ଓ ଭଜନ ଗାନ ଅହୋରାତ୍ର କରିଥିଲେ। ସିଦ୍ଧସାଧୁ ଅବଧୂତ ଜୟକୃଷ୍ଣବାବାଙ୍କ ଆଦେଶାନୁସାରେ ଏବଂ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବାଙ୍କ ତତ୍ତ୍ୱାବଧାନରେ ଗୁରୁବାର ନୂଆ ଧାନରୁ ପ୍ରସ୍ତୁତ ଚୁଡ଼ାଘଷା ଭୋଗ ତିଆରି ହୋଇଥିଲା। ଚୁଡାଘଷା ଭୋଗ ସହ ଆମ୍ବୁଲଖଟା, ହଳଦୀ ପିଠା, ରସଗୋଲା ଆଦି ଭକ୍ତଙ୍କୁ ବଣ୍ଟାଯାଇଥିଲା। ଅପରାହ୍ନରେ ଗାଦିପୀଠରେ ନୂଆ ଚାଉଳରୁ ପ୍ରସ୍ତୁତ ଅନ୍ନ, ଡାଲମା, ଖଟା ଓ ଖିରି ଭକ୍ତମାନେ ପାଇଥିଲେ। ଦାରୁଠେଙ୍ଗ, ଅଳସୁଆ, ଅନ୍ଧାରୁଆ, ଚନ୍ଦକା, ବଡ଼ମ୍ବା ଆଦି ଅଞ୍ଚଳରୁ ଭକ୍ତମାନେ ସାମିଲ ହୋଇ ଅହୋରାତ୍ର ଭଜନଗାନ କରିଥିଲେ। ବ୍ରହ୍ମ ଅବଧୂତ ନକୁଳବାବା, ଯୋଗୀବାବା, ଲମ୍ବୋଦର ବାବା, ପ୍ରମୋଦବାବା, ସାଧୁ ମଧୁସୂଦନ ଦାସ, ସାଧୁ ସୁଧାକର ଦାସ, ସାଧୁ କ୍ଷମାଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଟିଇସିସି ପ୍ରତିନିଧିଙ୍କ ଆଇଆଇଟି ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)

ଶିକ୍ଷା ତଥା ଗବେଷଣା କ୍ଷେତ୍ରରେ ସହଭାଗିତା ସୁଯୋଗର ଅନୁଶୀଳନ ଓ ଅନୁସନ୍ଧାନ ଉଦ୍ଦେଶ୍ୟରେ ତାଇପେଇ ଇକୋନୋମିକ୍ ଆଣ୍ଡ୍ କଲ୍‌ଚରାଲ୍ ସେଣ୍ଟର ଇଣ୍ଡିଆ (ଟିଇସିସି)ର ଏକ ଦୁଇଜଣିଆ ପ୍ରତିନିଧିଦଳ ଭୁବନେଶ୍ୱରସ୍ଥିତ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଗସ୍ତ କରିଛନ୍ତି। ଇଣ୍ଟରନ୍ୟାଶନାଲ ରିଲେଶନ୍ସ କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ଏହି ଗସ୍ତରେ ଟିଇସିସିର ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଡିଭିଜନର କାଉନ୍‌ସିଲର ତଥା ନିର୍ଦ୍ଦେଶକ ପ୍ରଫେସର ସିଟି ୱାଙ୍ଗ୍ ଏବଂ ସହକାରୀ ନିର୍ଦ୍ଦେଶିକା ଏଲି ଚ୍ୟାଙ୍ଗ୍ ଉଭୟ ପ୍ରତିଷ୍ଠାନ ମଧ୍ୟରେ ଗବେଷଣା ଦିଗରେ ସହଭାଗିତାର ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକାର ସେମାନଙ୍କ ସହ ଆଲୋଚନା କରିଥିଲେ। ଟିଇସିସିର ୨ ପ୍ରତିନିଧି ଆଇଆଇଟି ଭୁବନେଶ୍ୱର ଓ ତାଇୱାନ୍‌ର କେତେଗୋଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ବିଶେଷତଃ ଇଣ୍ଟରନାଲ ଚିପ୍ (ଆଇସି) ଡିଜାଇନ ଏବଂ ମାଇକ୍ରୋ ବାୟୋଫୁଏଲ୍ ଆଦି ବିଷୟରେ ଗବେଷଣା ପାଇଁ ସହଭାଗିତା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ। ସେମାନେ ଆଇଆଇଟି ଭୁବନେଶ୍ୱରର ଛାତ୍ରୀଛାତ୍ରଙ୍କ ନିମନ୍ତେ ତାଇୱାନ୍‌ରେ ଅନ୍ତର୍ଜାତୀୟ ଇଣ୍ଟର୍ନଶିପ୍‌ର ସୁଯୋଗ ପ୍ରଦାନ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଉଭୟ ପ୍ରତିନିଧି ଆଇଆଇଟିର ବିଭିନ୍ନ ବିଭାଗ (ସ୍କୁଲ) ଗସ୍ତକରି ଅଧ୍ୟାପକଙ୍କ ସହ କଥା ହୋଇ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ବିଭିନ୍ନ ସ୍କୁଲର ମୁଖ୍ୟ ଓ ଅଧ୍ୟାପକମାନେ ସେମାନଙ୍କୁ ସେମାନଙ୍କ ବିଭାଗର ଶିକ୍ଷାରେ ଉତ୍କର୍ଷ ଓ ଗବେଷଣା ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ।

# ରାସ୍ତାରେ ସ୍ୱରେଜ ପାଣିକୁ ନେଇ ଅସନ୍ତୋଷ

କଟକ,୨୧।୯(ସୁପ୍ରିୟା ପ୍ରିୟଦର୍ଶିନୀ):



ବିଧାୟକ ମୋକିମ୍ ସେକ୍ଟର ୧୩ର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି।

**ବିଧାୟକ ମୋକିମ୍‌ଙ୍କ ସିଡିଏ ସେକ୍ଟର ୧୩ ଅଞ୍ଚଳ ପରିଦର୍ଶନ**

ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଗୁରୁବାର ସିଡିଏ ସେକ୍ଟର-୧୩ ଅଞ୍ଚଳ ପରିଦର୍ଶନ କରି ରାସ୍ତାଘାଟ, ପରିମଳ, ଆଲୋକୀକରଣ ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱରେଜର ବର୍ଜ୍ୟଜଳ ନିଷ୍କାସନ ବ୍ୟବସ୍ଥାରେ ଅନିୟମିତତା ଯୋଗୁ ମଇଳା ପାଣି ରାସ୍ତା ଉପରକୁ ଉଠି ଆସୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନାଳ ପାଣି ନିଷ୍କାସିତ ନ ହୋଇପାରି ରାସ୍ତାରେ ମାଡୁଛି ବୋଲି ସ୍ଥାନୀୟ ବାସିନ୍ଦା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୁସ କଟିଂ ନ ହେଉଥିବାରୁ ମଶାଙ୍କ ପାଦୁର୍ଭାବ ବଢ଼ି ଚାଲିଛି। ବିଦ୍ୟୁତ୍ ଖୁଣ୍ଟ ପଡିନଥିବାରୁ ଲୋକେ ବହୁ ଦୂରରୁ ଇଲେକ୍ଟ୍ରି ସଂଯୋଗ ନେଇଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ସମସ୍ତ ଅସୁବିଧାକୁ ତୁରନ୍ତ ସମାଧାନ କରାଯିବ ବୋଲି ବିଧାୟକ ମୋକିମ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ସେକ୍ଟର-୧୩ ଆବାସିକ ସଂଘର ସମ୍ପାଦକ ସୋମ ରଞ୍ଜନ ପଟ୍ଟନାୟକ, ଉପସଭାପତି ଫିରୋଦ କୁମାର ମହାପାତ୍ର, ପ୍ରିୟ ରଞ୍ଜନ ସାମନ୍ତରାୟ, ଗୋଲେଖ ବିହାରୀ ସାହୁ, ବଟକୃଷ୍ଣ ସାହୁ, ଅକ୍ଷୟ କୁମାର ସ୍ୱାଇଁ, ଉପେନ୍ଦ୍ର କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ୟୁସିସିସି ନିର୍ବାଚନ: ଆଇଜିଆରଙ୍କ ଦ୍ୱାରସ୍ଥ ହେଲେ ପୂର୍ବତନ କର୍ମକର୍ତ୍ତା

ଭୁବନେଶ୍ୱର,୨୧।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ନିଷ୍ପତ୍ତିକୁ ସମ୍ମାନ ଦେବୁ: ଏନ୍.ଜି. ରେଡ୍ଡୀ**

ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ(ୟୁସିସିସି)କୁ ନେଇ ୨ ପ୍ରଯୋଜକ ଗୋଷ୍ଠୀଙ୍କ ମଧ୍ୟରେ କନ୍ଦଳ ଥମିବାର ନାଁ ଧରୁନି। ବୁଧବାର ୟୁସିସିସିର ଗୋଟିଏ ଗୋଷ୍ଠୀ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇ ନୂତନ କର୍ମକର୍ତ୍ତା ଘୋଷଣା ସହ ନୂଆ ପଞ୍ଜୀକରଣ ଓ ନିୟମ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। କିନ୍ତୁ ଏହାକୁ ପୂର୍ବତନ କର୍ମକର୍ତ୍ତାଙ୍କ ସହ ରହିଥିବା ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିଛି। ୟୁସିସିସି ସଂକ୍ରାନ୍ତ କେସ୍ ହାଇକୋର୍ଟରେ ବିଚାରାଧୀନ ଥିବାବେଳେ କିଭଳି ନୂତନ କର୍ମକର୍ତ୍ତା ଚୟନ ହେଲେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏପରିକି ପୂର୍ବରୁ ୟୁସିସିସିର ସମ୍ପାଦକ ପଦରେ ଥିବା ପ୍ରଭାତ କୁମାର ସ୍ୱାଇଁ ଗୁରୁବାର ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍)ଙ୍କ ଦ୍ୱାରସ୍ଥ ହେବା ସହ ବେଆଇନ ଭାବେ ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍‌କୁ ରଦ୍ଦ କରିବାକୁ ଦାବି କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ଧାରା ୧୨ ଡି ଅନୁସାରେ, ଏକା ଭଳି ଗୋଟିଏ ନାଁରେ ଦୁଇଟି ସଂସ୍ଥା ହୋଇପାରିବ ନାହିଁ। ପୁଣି ପୁରୁଣା ସଂସ୍ଥାର ଅଫିସ ବିଅରରଙ୍କ ବିନା ପରାମର୍ଶରେ କିଭଳି ଏମାନେ ଅପ୍‌ଗ୍ରେଡ୍ କରିବାକୁ ପଦକ୍ଷେପ ନେଲେ। ଏହା ସୋସାଇଟି ରେଜିଷ୍ଟ୍ରେଶନ ନିୟମ ଅନୁସାରେ ବେଆଇନ। ଏଥିପାଇଁ ସାଧାରଣ ବୈଠକ ଡକାଯିବା ସହ ଦୁଇ ତୃତୀୟାଂଶ ସଭ୍ୟଙ୍କ ସହମତି ଭିତ୍ତିରେ ପଦକ୍ଷେପ ନେବା କଥା। ଯେଉଁ ଲୋକମାନଙ୍କୁ ପୂର୍ବରୁ ଦାୟିତ୍ୱ ଦିଆଯାଇଛି ସେହିମାନେ କେବଳ ଅପଗ୍ରେଡେଶନ ପାଇଁ ପଦକ୍ଷେପ ନେବା କଥା। ୟୁସିସିସି କ୍ଷେତ୍ରରେ ଏହା ହୋଇନାହିଁ। ପ୍ରଯୋଜକ ସଞ୍ଜୟ ନାୟକ ନିଜକୁ କିଭଳି ଭାବେ ସଭାପତି ଘୋଷଣା କରୁଛନ୍ତି। ପୂର୍ବରୁ ସେ ନିଜେ ଆବେଦନକାରୀ ଭାବେ ଉଚ୍ଚ ନ୍ୟାୟାଳୟ (ହାଇକୋର୍ଟ)ଙ୍କ ଦ୍ୱାରସ୍ଥ ହୋଇ ୟୁସିସିସିର ଇଲେକ୍ସନ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ୟୁସିସିସି ବିଷୟରେ ଅନୁସନ୍ଧାନ କରି ନିର୍ବାଚନକୁ ସ୍ଥଗିତ ରଖି ରିପୋର୍ଟ ଦେବାକୁ ଉଚ୍ଚ ନ୍ୟାୟାଳୟ କଟକ ଏଡିଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲା ଉଚ୍ଚ ନ୍ୟାୟାଳୟଙ୍କ ବିଚାରାଧୀନ ଥିବା ସମୟରେ ଚଞ୍ଚକତାପୂର୍ଣ୍ଣ ଭାବେ ଆଇଜିଆର୍‌ଙ୍କୁ ଭୁଲ୍ ତଥ୍ୟ ଦେଇ ବେନିୟମ ଭାବେ ଗୋଟିଏ ସାର୍ଟିଫିକେଟ ହାତେଇ ନେଇଛନ୍ତି ବୋଲି ସେ କହିଛନ୍ତି।

ଅପରପକ୍ଷରେ ନୂତନ ଭାବେ ମନୋନୀତ ହୋଇଥିବା ସମ୍ପାଦକ ଏନ୍.ଜି. ରେଡ୍ଡୀ କହିଛନ୍ତି, ଅଭିଯୋଗ କରିବା ଓ ଗ୍ରହଣ ହେବା ୨ଟା ଭିନ୍ନ କଥା। ଯଦିଓ ଅଭିଯୋଗ କପି ମୁଁ ଦେଖିନାହିଁ କିନ୍ତୁ ଏ ସମ୍ପର୍କରେ ଶୁଣିଛି। ଯଦି ସେମାନେ ଆଇଜିଆର୍‌ଙ୍କ ପାଖେ ଅଭିଯୋଗ କରିଛନ୍ତି, ତା'ହେଲେ ସେମାନେ ଠିକ୍ କରିଛନ୍ତି। ମୁଁ ଖୁସି ଯେ ସେମାନେ ଠିକ୍ ଜାଗାରେ ଅଭିଯୋଗ ଆଣିଛନ୍ତି। ଆଇଜିଆର୍ ଘଟଣାକୁ ବୁଝନ୍ତୁ, କିଏ ଠିକ୍ କିଏ ଭୁଲ୍ ବଳେ ଜଣାପଡ଼ିଯିବ। ଆଇଜିଆର୍ ଯାହା ନିଷ୍ପତ୍ତି ଦେବେ ତାକୁ ଆମେ ସମ୍ମାନ ଦେବୁ। ରାସ୍ତାଘାଟରେ ଗଡ଼ି ଝଗଡ଼ା ହେବା ଅପେକ୍ଷା ଆଇନର ଦ୍ୱାରସ୍ଥ ହେବା ବହୁତ ଭଲ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନ୍ୟାଶନାଲ ସ୍କିଲ ସେଭିଂ ଏଜେଣ୍ଟ୍ସ ଆସୋସିଏଶନର ପ୍ରଥମ ପ୍ରତିଷ୍ଠା ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ୍ ଆସୋସିଏଶନ ପକ୍ଷରୁ ବିଧାନସଭା ଘେରାଉ, ପୂର୍ବାହ୍ନ ୧୧ଟା ୩୦।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜାର ସାଂସ୍କୃତିକ କାର୍ଯ୍ୟକ୍ରମ, ଶହୀଦ ନଗର, ସନ୍ଧ୍ୟା ୭ଟା।

**ବାଲିଅନ୍ତା**
- ରକ୍ତଦାନ ଶିବିର, ନହରକଣ୍ଟା ଡାକ୍ତରଖାନା ପରିସର, ସକାଳ ୯ଟା।

**କଟକ**
- ନୀଳଶୈଳ, ରାଜକିଶୋର ରାଜ ସ୍ମୃତି ସଂସଦ ଓ ବିଶ୍ୱ ଓଡ଼ିଆ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଓଡ଼ିଆ ସ୍ୱାକ୍ଷର ସଂଙ୍କଳ୍ପ ଦିବସ ପାଳନ, ଶତାବ୍ଦୀ ଭବନ, ଅପରାହ୍ଣ ୪.୩୦।

**ଟିଗିରିଆ**
- ଟିଗିରିଆ ବ୍ଲକ ବିଜୁ ମହିଳା/ଯୁବ/ଛାତ୍ର ଜନତା ଦଳ ଏବଂ ଓଡ଼ିଶା ମୋ ପରିବାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ହାଟମାଳ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ ଆୟୋଜନ, ପୋପରା ଆବାସିକ ସେବାଶ୍ରମ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

## ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଗୋପ,୨୧।୯(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ ଥାନା ଅଧୀନ ଅଣ୍ଡିରା-ଇଚ୍ଛାପୁର ପଞ୍ଚାୟତ ଅଧୀନ ରଙ୍କୋଇ ଗ୍ରାମର ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏହି ଯୁବତୀଙ୍କୁ ସେହି ଗ୍ରାମର ଯୁବକ ବଳାତ୍କାର କରିଥିବା ଗୁରୁବାର ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୩୮୩/୨୩ରେ ଏକ ମକଦମା ରୁଜୁ କରିଛି। ହେଲେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଗୋପ ପୋଲିସ ଯୁବତୀଙ୍କ ନିକଟରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

ପ୍ରକାଶ ଯେ, କିଛି ଦିନ ତଳେ ଏହି ଯୁବତୀଙ୍କୁ ସେହି ଗ୍ରାମର ଯୁବକ ବଳାତ୍କାର କରିବାରୁ ସେ ଗର୍ଭବତୀ ହୋଇଥିଲେ। ପରେ ଯୁବତୀଙ୍କ ମା' ଜାଣି ଏ ସମ୍ପର୍କରେ ତାଙ୍କ ସ୍ୱାମୀଙ୍କୁ କହିବାରୁ ସେ ଗାଁ କମିଟିରେ ଅଭିଯୋଗ କରିଥିଲେ। କିନ୍ତୁ ଏପରି ଅଭିଯୋଗକୁ ନେଇ ଗାଁ କମିଟିରେ କୌଣସି ନିଷ୍ପତ୍ତି ହୋଇ ପାରି ନ ଥିଲା। ଗତ ୩ ତାରିଖରେ ଏହି ଯୁବତୀଙ୍କ ପ୍ରସବ ଜନିତ ଯନ୍ତ୍ରଣା ହେବାରୁ ପରିବାର ସଦସ୍ୟ ସ୍ଥାନୀୟ ଆଶାକର୍ମୀଙ୍କ ସହାୟତାରେ ପୁରୀ ସଦର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗତ ୧୮ ତାରିଖ ସକାଳେ ଏହି ଯୁବତୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଯୁବତୀ ଜଣଙ୍କ କିପରି ଗର୍ଭବତୀ ହେଲେ, କିଏ ସେ ଯୁବକ ବୋଲି ତାଙ୍କ ମା' ପଚାରିବାରେ ଯୁବତୀ ତାଙ୍କ ଗ୍ରାମର ସିଲୁ ବୋଲି କହିବା ସହ ମୋବାଇଲରେ ତାଙ୍କୁ ମଧ୍ୟ ଚିହ୍ନଟ କରିଥିଲେ। ଏପରି ଘଟଣା ସମ୍ପର୍କରେ ପରିବାର ସଦସ୍ୟ ଜାଣିବା ପରେ ଗୁରୁବାର ଯୁବତୀଙ୍କ ବାପା ଗୋପ ଥାନାରେ ଅଭିଯୋଗ କରିଥିଲେ।

# ୩ ଦିନରେ ଜବାବ ଦେବାକୁ ଏଏସ୍ଆଇକୁ ନିର୍ଦ୍ଦେଶ

**ମୂଷା ନଦୀର ଅଠରନଳା ପାଦଚଲା ସେତୁ ମାମଲା**



**ଅକ୍ଟୋବର ୧୮ରେ ପରବର୍ତ୍ତୀ ଶୁଣାଣି**

କଟକ,୨୧।୯ (କାର୍ତ୍ତିକ ସାହୁ)

ପୁରୀସ୍ଥିତ ମୂଷା ନଦୀର ଅଠରନଳା ସେତୁକୁ ପାଦଚଲା ରାସ୍ତା ଭାବେ ବ୍ୟବହାର କରାଯାଉ ନ ଥିବା ସଂକ୍ରାନ୍ତରେ ୩ଦିନରେ ଜବାବ ଦେବାକୁ ହାଇକୋର୍ଟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଏବଂ ବିଚାରପତି ଏ.କେ. ମହାପାତ୍ରଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ପାଇଁ ଅକ୍ଟୋବର ୧୮ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ମୂଷା ନଦୀ ଉପରେ ପାଦଚଲା ସେତୁ ନ ଥିବାରୁ ସ୍ଥାନୀୟ ଲୋକେ ତଥା ଯାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଠରନଳାକୁ ପାଦଚଲା ସେତୁ ଭାବେ ବ୍ୟବହାର ବନ୍ଦ କରାଯିବା ପରେ ଯାତ୍ରୀମାନେ ଅନ୍ୟ ରାସ୍ତାରେ ଚାଲିଚାଲି ଯାଉଛନ୍ତି। ଅଠରନଳା ପୋଲ ଅସୁରକ୍ଷିତ ଘୋଷଣା ହେବା ପରେ ୨୦୦୮ ଓ ୨୦୧୫ରେ ମୂଷା ନଦୀ ଉପରେ ଦୁଇଟି ସେତୁ ନିର୍ମାଣ ହୋଇଥିଲା। ମାତ୍ର ଏଥିରେ ପଥଚାରୀଙ୍କ ପାଦଚଲା ପଥ ବ୍ୟବସ୍ଥା ହୋଇ ନ ଥିଲା। ଫଳରେ ଅଠରନଳାକୁ ପାଦଚଲା ସେତୁ ଭାବେ ବ୍ୟବହାର କରାଯାଉଥିଲା। ହେଲେ ଏଏସ୍ଆଇ ପକ୍ଷରୁ ୨୦୨୦ ଜାନୁୟାରୀରେ ଅଠରନଳା ପୋଲକୁ ସର୍ବସାଧାରଣଙ୍କ ଯାତାୟାତ ପାଇଁ ପୁରା ବନ୍ଦ କରିଦିଆଗଲା। ଏଏସ୍ଆଇ ପକ୍ଷରୁ କାହିଁକି ପାଦଚଲା ସେତୁକୁ ବନ୍ଦ କରିଦିଆଯାଇଛି ତା'ର ଉତ୍ତର ରଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ସରକାରୀ ଓକିଲଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ କରାଯାଇଥିଲା। ଏଥିସହ ଗରୁଡ ସ୍କୋୟାରରେ ନୂତନ ଫୁଟ ଓଭରବ୍ରିଜ ନିର୍ମାଣ କରିବା ଓ ଏହି ରାସ୍ତାକୁ ସ୍ଥାନୀୟ ଲୋକଙ୍କ ବ୍ୟବହାର ଏବଂ ଜରୁରିକାଳୀନ ସେବା ବେଳେ ବ୍ୟବହାର କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ଯୋଜନା କାର୍ଯ୍ୟକାରୀ ନିମନ୍ତେ ସରକାରଙ୍କ ପରାମର୍ଶ ଲୋଡ଼ାଯାଇଥିଲା। ଏଥିସହ ଅଠରନଳା ସେତୁକୁ ପାଦଚଲା ସେତୁ ଭାବେ ବ୍ୟବହାର ନିମନ୍ତେ ଖୋଲା ରଖିବାକୁ ୨୦୨୩ ଜୁଲାଇ ୧୯ରେ ସରକାରୀ ଓକିଲଙ୍କ ଜରିଆରେ ଆବେଦନ କରାଯାଇଥିଲା। ମାତ୍ର ଏଏସ୍ଆଇ ପକ୍ଷରୁ ଏହାର କୌଣସି ପ୍ରତିଉତ୍ତର ଦିଆଯାଇନାହିଁ। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତିପକ୍ଷଙ୍କ ପକ୍ଷରୁ ଅତିରିକ୍ତ ଆବେଦନପତ୍ର ଅଦାଲତରେ ଦାଖଲ କରାଯାଇଥିଲା। ଆବେଦନକାରୀ କେଳୁଚରଣ ପାଇକରାୟ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି।



ଆସୁଛି ପାର୍ବଣ : କଟକ ମାନ୍‌ସିଂପାଟଣା ଅଞ୍ଚଳରେ କାରିଗରମାନେ ଦେବଦେବୀଙ୍କ ଚାନ୍ଦି ମୁକୁଟ ଓ ଅନ୍ୟାନ୍ୟ ଆଭୂଷଣ ପ୍ରସ୍ତୁତିରେ ଲାଗିପଡିଛନ୍ତି। (ଫଟୋ-ରାଜକିଶୋର ମହାନ୍ତି)

## ରାଧାକାନ୍ତ ମନ୍ଦିରରୁ ମୂର୍ତ୍ତି, କିରୀଟ ଚୋରି

ଗମ୍ଭାରୀମୁଣ୍ଡା,୨୧।୯(ଦିଲୀପ ସ୍ୱାଇଁ)

ନାଚୁଣୀ ଥାନା ଅଧୀନ ଦେଓଗାଁ ପଥରା ପାହାଡ଼ରେ ଥିବା ରାଧାକାନ୍ତ ଦେବଙ୍କ ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ମୁଖଶାଳାର ଉତ୍ତର ପାର୍ଶ୍ୱରେ ଥିବା କବାଟ ତାଲା ଭାଙ୍ଗିବା ସହ ମୁଖ୍ୟ ମନ୍ଦିରର ତାଲା ଭାଙ୍ଗି ମନ୍ଦିରରେ ପ୍ରବେଶ କରିଥିଲେ। ସେଠାରେ ଥିବା ଦାନବାକ୍ସ ଭାଙ୍ଗି ସେଥିରୁ ଟଙ୍କା ନେବା ସହିତ ଠାକୁରଙ୍କର ରୁପାର ଦୁଇଟି କିରୀଟ ଏବଂ ମୂର୍ତ୍ତି, ପିତ୍ତଳର ପୂଜା ସାମଗ୍ରୀ ଚୋରି କରିନେଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନାଚୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତୁରନ୍ତ ଦୁର୍ବୃତ୍ତମାନଙ୍କୁ ଧରିବା ସହ ଚୋରି ହୋଇଥିବା ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର ପାଇଁ ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଛନ୍ତି।

## ସାପ କାମୁଡ଼ାରେ ନାବାଳିକା ମୃତ

ଗମ୍ଭାରୀମୁଣ୍ଡା,୨୧।୯(ଦିଲୀପ ସ୍ୱାଇଁ)

ସାପ କାମୁଡ଼ାରେ ଗୁରୁବାର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ନିକଟ ମନଇଚ୍ଛାପୁର ଠେକୁଆପର୍ଳି ଗ୍ରାମର ରୂପାଲି ସାହୁ(୧୩)। ସୂଚନା ମୁତାବକ, ରୂପାଲି କୌଣସି କାରଣ ପାଇଁ ବାରିପଟକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏନେଇ ସେ ଘରେ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ରୂପାଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆସାମରୁ ଆଉ ଜଣଙ୍କୁ ଧରିଲା ଏସ୍‌ଟିଏଫ୍

**ପାକିସ୍ତାନୀ ଗୋଇନ୍ଦା ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲା**

**ମାଙ୍ଗାଲୁରୁ ବୋମା ବିସ୍ଫୋରଣରେ ସମ୍ପୃକ୍ତି ଥିବା ସନ୍ଦେହ**

ଭୁବନେଶ୍ୱର,୨୧।୯ (ସୂର୍ଯ୍ୟକାନ୍ତ ବେହେରା)

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତଦନ୍ତ ଜାରି ରଖିଛି। ଗୁରୁବାର ଆଉ ଜଣେ ଅଭିଯୁକ୍ତଙ୍କୁ ଆସାମରୁ ଗିରଫ କରିଛି। ତାଙ୍କ ନାମ ଇକ୍‌ବାଲ ହୁସେନ। ଗିରଫ ପରେ ଏସ୍‌ଟିଏଫ୍ ଟିମ୍ ଅଭିଯୁକ୍ତ ଇକ୍‌ବାଲ୍‌କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବାବେଳେ ଶୁକ୍ରବାର ଖବରଦାତା ସମ୍ମିଳନୀ କରାଯାଇ ଅଧିକ ତଥ୍ୟ ଦିଆଯିବ ବୋଲି କୁହାଯାଇଛି। ପାକିସ୍ତାନ ଏଜେଣ୍ଟକୁ ଗୁପ୍ତ ତଥ୍ୟ ପଠାଇବା ସହ ମାଙ୍ଗାଲୁରୁ ଅଟୋ ବୋମା ବିସ୍ଫୋରଣରେ ଇକ୍‌ବାଲର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

ସୂଚନାନୁସାରେ, ଇକ୍‌ବାଲ ଘର ଆସାମର ନାଗାଁଓ ଜିଲାର ଗେଣ୍ଡୁଆ ପୋଥାର ଗାଁରେ। ସେ ଦୀର୍ଘଦିନ ଧରି ବେଙ୍ଗାଲୁରୁରେ ରହୁଥିଲେ। କିଛିଦିନ ତଳେ ଘରକୁ ଫେରିଥିବା ସୂଚନା ପାଇବା ପରେ ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ତାଙ୍କୁ ଧରିଛି। ସେହିପରି ସେ ପାକିସ୍ତାନର ଗୋଇନ୍ଦା ଏଜେଣ୍ଟ ଅବଦୁଲ ହଲିମ୍‌ଙ୍କ ସହ ୨ ବର୍ଷ ହେବ ରୀତିମତ ସମ୍ପର୍କରେ ରହି ଗୁପ୍ତ ତଥ୍ୟ ଯୋଗାଉଥିଲେ। ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସୂଚନା ଆଧାରରେ ଏସ୍‌ଟିଏଫ୍ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଇତିମଧ୍ୟରେ ମୁଖ୍ୟ ଅଭିଯୁକ୍ତ ପଠାଣି ସାମନ୍ତଙ୍କ ସମେତ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ପ୍ରୀତମ୍ କର, ନୟାଗଡ଼ର ସରୋଜ କୁମାର ନାୟକ, ପ୍ରଦ୍ୟୁମ୍ନ କୁମାର ସାହୁ, ସୌମ୍ୟ ପଟ୍ଟନାୟକ ଓ ଅଭିଜିତ ସଞ୍ଜୟ ଜାମ୍ଭୁର ଗିରଫ ହୋଇ ଜେଲରେ ଥିବାବେଳେ ନିକଟରେ ଏସ୍‌ଟିଏଫ୍ ପକ୍ଷରୁ ସେମାନଙ୍କ ନାମରେ ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରସନ୍ନ



@ ସନମ୍



@ ସୁବ୍ରତ



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନନ୍ଦନକାନନକୁ ଆସିଲେ ୪ ଓଟପକ୍ଷୀ





ବାରଙ୍ଗ,୨୧।୯(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଗୁରୁବାର ଅପରାହ୍ନରେ ହାଇଦ୍ରାବାଦରୁ ଗୋଟିଏ ଅଣ୍ଡିରା ଓ ୩ଟି ମାଈ ଓଟପକ୍ଷୀ ଅଣାଯାଇଛି। ଫଳରେ ଏହି ପ୍ରଜାତିର ଓଟପକ୍ଷୀ ସଂଖ୍ୟା ନନ୍ଦନକାନନରେ ବୃଦ୍ଧି ପାଇଛି। ବେଗମ୍‌ପେଟସ୍ଥିତ ଏକ ସଂସ୍ଥାରୁ ଉପହାର ସ୍ୱରୂପ ଏହି ନୂଆ ଅତିଥିଙ୍କୁ ୮ଲକ୍ଷ ଟଙ୍କା ବାଟ ଖର୍ଚ୍ଚ କରି ନନ୍ଦନକାନନ କର୍ତ୍ତୃପକ୍ଷ ଆଣିଛନ୍ତି। ଏହି ନୂଆ ଅତିଥି ପ୍ରାଣୀ ଉଦ୍ୟାନକୁ ଆସିବା ପରେ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସେମାନଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏହାପରେ ସେମାନଙ୍କୁ ନନ୍ଦନକାନନ ନୂତନ କ୍ୱାରେଣ୍ଟାଇନର ପୃଥକୀକରଣ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ପୂର୍ବରୁ ପ୍ରାଣୀ ଉଦ୍ୟାନରେ ୭୧ନମ୍ବର(କ) ଏନ୍‌କ୍ଲୋଜରରେ ୨ଟି ଅଣ୍ଡିରା ଓଟପକ୍ଷୀ ଥିଲେ। ଏହି ଓଟପକ୍ଷୀ ନିଜ ବାଟ ଖର୍ଚ୍ଚରେ ଆଣିବାକୁ ନନ୍ଦନକାନନ ସୋସାଇଟିର ଗତ ଶେଷ ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଥିଲା ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ୍ ନାରାୟଣ କହିଛନ୍ତି। ତେବେ ଏହି ପ୍ରଜାତିର ଓଟପକ୍ଷୀ ୪୦ରୁ ୪୫ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି। ଏମାନେ ୨ରୁ ୪ବର୍ଷରେ ପ୍ରାପ୍ତ ବୟସ୍କ ହୋଇ ମାର୍ଚ୍ଚରୁ ଅପ୍ରେଲ ମାସ ମଧ୍ୟରେ ପ୍ରଜନନ ଋତୁରେ ମାଈ ଓଟପକ୍ଷୀଟି ୮ରୁ ୧୦ଟି ଅଣ୍ଡା ଦେଇଥାଏ।

# ଶ୍ରୀକ୍ଷେତ୍ର ମହତ୍ତ୍ୱ, ଜଗା ଭେଟିର ଶୁଭାରମ୍ଭ

**ଆଜିଠୁ ୧୦୦ ଟଙ୍କାରେ ପାଇପାରିବେ ଭକ୍ତ**

- ପେଡ଼ିରେ ରହିବ ଜଗନ୍ନାଥଙ୍କ ଫଟୋ, ଶଙ୍ଖ, କଉଡ଼ି, ଶରଧା ବାଲି ଓ ତୀର୍ଥ ପୁଷ୍କରିଣୀ ପାଣି
- ବସ୍‌ଷ୍ଟାଣ୍ଡ, ବଡ଼ଦାଣ୍ଡ, ରେଲୱେ ଷ୍ଟେଶନ, ଉଠାଦୋକାନରେ ଉପଲବ୍ଧ ହେବ

ପୁରୀ, ୨୧।୯(ଅଜିତ ମହାନ୍ତି)



ବଡ଼ଦାଣ୍ଡ ଉଠାଦୋକାନୀ ମହାସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ମହାପ୍ରଭୁଙ୍କ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ପ୍ରକାର ପ୍ରୟାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର ମହତ୍ତ୍ୱ ଓ ଜଗାଭେଟି ନାଁରେ ଏକ ପେଡ଼ି ପ୍ରସ୍ତୁତ କରାଯାଇଛି। ଗୁରୁବାର ଏହାର ଶୁଭାରମ୍ଭ ହୋଇଛି। ଏହି ପେଡ଼ିରେ ଶଙ୍ଖ, ବଳିତା, ଜଗନ୍ନାଥଙ୍କ ଫଟୋ, କଉଡ଼ି, ତିଳକ, ତୀର୍ଥ ପୁଷ୍କରିଣୀ ପାଣି, ଶରଧାବାଲି, ମହୋଦଧି ବାଲି ଆଦି ଶ୍ରୀକ୍ଷେତ୍ରର କିଛି ସାମଗ୍ରୀ ରଖାଯାଇଛି। ଯାହାର ଦାମ୍ ରହିଛି ମାତ୍ର ୧୦୦ ଟଙ୍କା। ଏ ନେଇ ଗୁରୁବାର ହେରାଗୋହିରୀ ସାହି ବୋଡିଙ୍ଗ ଛକ ବ୍ରାହ୍ମଣ ସମିତି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୀ ବଡ଼ଦାଣ୍ଡ ଉଠାଦୋକାନୀ ସଂଘର ଉପଦେଷ୍ଟା ସଚ୍ଚିନନ୍ଦନ ଦାଶ ସୂଚନା ଦେଇଛନ୍ତି।

ସଂଘର ଉପଦେଷ୍ଟା ଦାଶ କହିଛନ୍ତି, ଫନୀ ପରେ ଉଠାଦୋକାନୀମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିଲା। ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ କିପରି ରୋଜଗାର ଦିଆଯାଇପାରିବେ ସେ ନେଇ ଉଦ୍ୟମ ଆରମ୍ଭ ହୋଇଥିଲା। ଦୀର୍ଘ ୨ବର୍ଷ ହେବ ଲୋକାଲ ଫର ଭୋକାଲ କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର ମାହାତ୍ମ୍ୟ -ଜଗାଭେଟିର ଶୁଭାରମ୍ଭ କରାଯାଇଛି। ଏଥିରେ ଭକ୍ତଙ୍କୁ ଏକ ପେଡ଼ି ଦିଆଯିବ। ସେଥିରେ ପୁରୀ ତୀର୍ଥ ପୁଷ୍କରିଣୀର ପବିତ୍ର ଜଳ, ସାଗର ଜଳ, ଶରଧାବାଲି, ସମୁଦ୍ରବାଲି ଏବଂ ବଡ଼ଦାଣ୍ଡ ଧୂଳି ରହିବ। ଏହାଛଡା ସଞ୍ଜବଳିତା, ଶଙ୍ଖ, ତିଳକ ଆଦି ସମସ୍ତ ଜିନିଷ ରଖାଯାଇ ଏକ ପେଡ଼ି ପ୍ରସ୍ତୁତ କରାଯିବ, ଯାହାର ନାମ ଜଗାଭେଟି ରଖାଯାଇଛି। ଏହି ପେଡ଼ି ଗୁରୁବାର ଶୁଭାରମ୍ଭ ହୋଇଥିବାବେଳେ ଶୁକ୍ରବାରଠାରୁ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ଲୋକାଲ ଫର୍ ଭୋକାଲ ଅନୁଯାୟୀ, କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସହଭାଗିତାରେ ଉଠାଦୋକାନୀ ଓ ମହିଳା ସଙ୍ଗଠନ ପକ୍ଷରୁ ଏହାକୁ ବସ୍‌ଷ୍ଟାଣ୍ଡ, ବଡ଼ଦାଣ୍ଡ, ରେଲୱେ ଷ୍ଟେଶନ ଆଦି ୪ଟି ଜାଗାରେ ସୁଲଭ ଦରରେ ବିକ୍ରି କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଦୂରଦୂରାନ୍ତରୁ ପୁରୀକୁ ଆସୁଥିବା ଭକ୍ତ, ଦର୍ଶନାର୍ଥୀ ଓ ପର୍ଯ୍ୟଟକଙ୍କୁ ଆଉ ଶ୍ରୀକ୍ଷେତ୍ରର ପବିତ୍ର ସାମଗ୍ରୀ ଖୋଜିବାକୁ ପଡ଼ିବ ନାହିଁ। ଏହି ପେଡ଼ିରେ ସମସ୍ତ ସାମଗ୍ରୀ ଗ୍ରାହକମାନେ ପାଇପାରିବେ। ତେବେ ଭବିଷ୍ୟତରେ ପେଡ଼ିରେ ନିର୍ମାଲ୍ୟ, ରଥ ଦଉଡ଼ି, ପଞ୍ଚଗବ୍ୟ ଆଦି ଜିନିଷ ମଧ୍ୟ ଉପଲବ୍ଧ କରାଯିବ ବୋଲି ପ୍ରସ୍ତୁତ ରଖାଯାଇଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯିବ। ଉକ୍ତ ସାମଗ୍ରୀ ଉଠାଦୋକାନରେ ଭକ୍ତମାନଙ୍କୁ ମିଳିପାରିବ। ତେବେ ଦୋକାନୀମାନଙ୍କୁ ୮୦ ଟଙ୍କାରେ ପେଡ଼ି ପ୍ରଦାନ କରାଯିବ। ଦୋକାନୀମାନେ ୧୦୦ ଟଙ୍କାରେ ଭକ୍ତଙ୍କୁ ବିକ୍ରୟ କରିବେ। ସେହିପରି ବଡ଼ଦାଣ୍ଡ ଧୂଳି, ଶରଧାବାଲି, ସାଗର ଜଳ, ତୀର୍ଥ ପୁଷ୍କରିଣୀ ଜଳ ପାଇଁ କୌଣସି ଦେୟ ଦେବାକୁ ହେବ ନାହିଁ। ମାତ୍ର ଅନ୍ୟ ସାମଗ୍ରୀ ପାଇଁ ଭକ୍ତଙ୍କୁ ଦେୟ ଦେବାକୁ ପଡ଼ିବ ବୋଲି ଖବରଦାତା ସମ୍ମିଳନୀରେ ସଂଗଠନ ପକ୍ଷରୁ କୁହାଯାଇଛି।

**ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ଆସାମ କଂଗ୍ରେସର ଏତଲା**

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ଦଳ ପକ୍ଷରୁ ଏତଲା ଦିଆଯାଇଛି। ହିମନ୍ତ ମଧ୍ୟପ୍ରଦେଶର ବିଦିଶା ଜନଆଶୀର୍ବାଦ ରାଲିରେ କଟାକ୍ଷ କରି କହିଥିଲେ, କମଲନାଥ ହନୁମାନ ହୋଇଥିଲେ ସୋନିଆଙ୍କ ଦିଲ୍ଲୀ ବାସଭବନରେ ନିଆଁ ଲଗାଇବେ।




ନୂଆ ମହିଳା ସଂରକ୍ଷଣ ବିଲ୍ ରାଜ୍ୟ ସଭାରେ ଗୃହୀତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମହିଳା ଏମ୍‌ପିମାନେ ଶୁଭେଚ୍ଛା ଜଣାଉଛନ୍ତି।


ନୂଆ ପାର୍ଲାମେଣ୍ଟ ପରିସରରେ ଅଭିନେତ୍ରୀ ଖୁସ୍‌ବୁ ସୁନ୍ଦର ଓ ସ୍ମୃତି କଲରା।

*ଯାହାକୁ ନେଇ ଆଶା ଓ ଉତ୍କଣ୍ଠା ଲାଗିରହିଥିଲା, ସେହି ବହୁ ପ୍ରତିକ୍ଷୀତ ମୁହୂର୍ତ୍ତ ଉପନୀତ। ଦେଶର ମହିଳାମାନଙ୍କୁ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩% ଆସନ ସଂରକ୍ଷଣ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ନୂତନ ମହିଳା ସଂରକ୍ଷଣ ବିଲ୍ (ନାରୀଶକ୍ତି ବନ୍ଦନ ଅଧିନିୟମ, ୨୦୨୩) ନୂଆ ସଂସଦ ସ୍ୱତନ୍ତ୍ର ଅଧିବେଶନର ଚତୁର୍ଥ ଦିନ ଗୃହୀତ ହୋଇଛି। ଆଇନରେ ପରିଣତ ହେବା ପାଇଁ ଉକ୍ତ ବିଧେୟକ ଉପରେ ଏବେ ରାଷ୍ଟ୍ରପତିଙ୍କ ମୋହରକୁ ଅପେକ୍ଷା।*

"'ନାରୀଶକ୍ତି ବନ୍ଦନ ଅଧିନିୟମ,୨୦୨୩' ସଂସଦରେ ଗୃହୀତ ହୋଇଛି। ଏହି ଐତିହାସିକ ପଦକ୍ଷେପ ମହିଳାମାନଙ୍କ ସ୍ୱରକୁ ଅଧିକ ଶାଣିତ କରିବା ପାଇଁ ଏକ ପ୍ରତିବଦ୍ଧତା। ବିଲ୍‌କୁ ସମର୍ଥନ କରିଥିବାରୁ ସମସ୍ତ ଏମ୍‌ପିଙ୍କୁ ଧନ୍ୟବାଦ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

"ମହିଳା ସଂରକ୍ଷଣ ବିଲ୍ ଏକ ବଡ଼ ପଦକ୍ଷେପ। କିନ୍ତୁ ଏଥିରେ ଓବିସିଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ବିଧେୟକ ଅସମ୍ପୂର୍ଣ୍ଣ। ଭାରତ ସରକାରଙ୍କ ୯୦ ସଚିବଙ୍କ ମଧ୍ୟରୁ କେତେଜଣ ଅନ୍ୟ ପଛୁଆ ବର୍ଗର ?

-ରାହୁଲ ଗାନ୍ଧୀ, କଂଗ୍ରେସ ଏମ୍‌ପି

## ଅଲ୍-ଓମେନ୍ ପ୍ୟାନେଲରେ ୧୩ ଉପାଧ୍ୟକ୍ଷା

ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ଗୁରୁବାର ଏକ ଐତିହାସିକ ପଦକ୍ଷେପ କ୍ରମେ ଅଲ୍-ଓମେନ୍ ପ୍ୟାନେଲର ପୁନର୍ଗଠନ କରିଛନ୍ତି। ମହିଳା ସଂରକ୍ଷଣ ବିଧେୟକ (ନାରୀଶକ୍ତି ବନ୍ଦନ ଅଧିନିୟମ,୨୦୨୩)କୁ ଦୃଷ୍ଟିରେ ରଖି ଏଥିରେ ୧୩ ମହିଳାଙ୍କୁ ଉପାଧ୍ୟକ୍ଷା ରଖାଯାଇଛି। ଏହି ମହିଳାମାନେ ରାଜ୍ୟ ସଭାର ସଦସ୍ୟ ଅଛନ୍ତି। ସେମାନେ ହେଲେ ପି.ଟି. ଉଷା, ଜୟା ବଚ୍ଚନ, ସରୋଜା ପାଣ୍ଡେ, ସୁଲତା ଦେଓ, ଡ. ଫୌଜିଆ ଖାନ୍, ଏସ୍. ଫାଗ୍‌କୋନ କୋନ୍ୟାକ, ରଜନୀ ଅଶୋକରାଓ ପାଟିଲ, ଡୋଲା ସେନ, ଇନ୍ଦୁବାଲା ଗୋସ୍ୱାମୀ, ଡ. କାନିମୋଝି ଏନ୍‌ଭିଏନ୍ ସୋମୁ, କବିତା ପଟିଦାର, ମହୁଆ ମାଜି, କଳ୍ପନା ସୈନି। ଗୃହର ଅଧ୍ୟକ୍ଷ ଆସନରେ ଏମାନଙ୍କ ଉପସ୍ଥିତି ବିଶ୍ୱକୁ ଏକ ଶକ୍ତିଶାଳୀ ସନ୍ଦେଶ ପ୍ରେରଣ କରିବ। ଏମାନେ ଏହି ବୃହତ୍ ପରିବର୍ତ୍ତନରେ ବଡ଼ ଭୂମିକା ନେବାର ପ୍ରତୀକ ସାଜିଥିବା ଅଧ୍ୟକ୍ଷ ଧନକର କହିଛନ୍ତି।

## ଜାନୁୟାରୀରେ ପାକିସ୍ତାନ ନିର୍ବାଚନ

**ଇସ୍‌ଲାମାବାଦ,୨୧।୯**

ଆସନ୍ତାବର୍ଷ ଜାନୁୟାରୀ ଶେଷ ସପ୍ତାହରେ ପାକିସ୍ତାନରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପାକିସ୍ତାନ ନିର୍ବାଚନ କମିଶନ ଗୁରୁବାର ଘୋଷଣା କରିଛନ୍ତି। ପାକିସ୍ତାନରେ ବର୍ତ୍ତମାନ ଅର୍ଥନୈତିକ ଅସ୍ଥିରତା ଲାଗି ରହିଥିବାବେଳେ ଠିକଣା ସମୟରେ ନିର୍ବାଚନ କରାଇବାକୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଚାପ ପ୍ରୟୋଗ କରି ଆସୁଥିଲେ ବୋଲି କମିଶନ କହିଛନ୍ତି। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ସମୀକ୍ଷା ଏବଂ ଏହାର ତାଲିକା ସେପ୍ଟେମ୍ବର ୨୭ତାରିଖରେ ପ୍ରକାଶ ପାଇବ। ଏହାପରେ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗଗୁଡ଼ିକର ଶୁଣାଣି ପରେ ନଭେମ୍ବର ୩୦ରେ ଶେଷ ତାଲିକା ପ୍ରକାଶ ପାଇବ। ଏହା ନିର୍ବାଚନସୂଚୀ ଅନୁସାରେ ଅନୁଷ୍ଠିତ ହେବ। ସୀମା ପୁନଃ ନିର୍ଦ୍ଧାରଣ ପରେ ୫୪ ଦିନିଆ ନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା କରାଯିବ ଏବଂ ଦେଶର ସାଧାରଣ ନିର୍ବାଚନ ୨୦୨୪ ଜାନୁୟାରୀ ଶେଷ ସପ୍ତାହରେ ଅନୁଷ୍ଠିତ ହେବ ବୋଲି କମିଶନ କହିଛନ୍ତି।

## ମଣିପୁରରେ ହିଂସା, ୧୦ ଆହତ

**ଇମ୍ଫାଲ,୨୧।୯**

ପୋଲିସ ଗିରଫ କରିଥିବା ୫ଜଣଙ୍କୁ ନିସର୍ତ୍ତ ଛାଡିବା ଦାବି କରି ମଣିପୁରରେ ଗୁରୁବାର ପୁଣି ହିଂସାକାଣ୍ଡ ଘଟିଛି। ମହିଳା ବିକ୍ଷୋଭକାରୀମାନେ ପରୋମପଟ୍ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ସେମାନଙ୍କୁ ଘଉଡାଇବା ପାଇଁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଫଳରେ ୧୦ଜଣ ଆହତ ହୋଇଥିଲେ। ବିକ୍ଷୋଭକାରୀ କହିଛନ୍ତି ଯଦି ସରକାର ଗିରଫ ୫ ଯୁବକଙ୍କୁ ନ ଛାଡନ୍ତି ତେବେ ମେତଇ ସମ୍ପ୍ରଦାୟକୁ ବିରୋଧ କରିବ କିଏ। ଅପରପକ୍ଷେ ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଏକେ ୪୭, ଇନସାସ୍ ରାଇଫଲ୍ ଜବତ ହୋଇଥିଲା। ଏଗୁଡ଼ିକ ପୋଲିସ ନିକଟରୁ କିଛି ଦିନ ତଳେ ଲୁଟ୍ ହୋଇଥିଲା।

# କାନାଡା ନାଗରିକଙ୍କୁ ଭାରତ ମନା

*ଖଲିସ୍ତାନୀ ନେତା ହରଦୀପ ସିଂ ନିଜ୍ଜରଙ୍କ ପରେ ଆଉ ଜଣେ ଭାରତ ବିରୋଧୀ ଆତଙ୍କବାଦୀଙ୍କୁ କାନାଡାରେ ହତ୍ୟା କରାଯାଇଛି। ବୁଧବାର ରାତିରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୋଷ୍ଠୀ ସଂଘର୍ଷ ବେଳେ ଖଲିସ୍ତାନୀ ଆତଙ୍କବାଦୀ ସୁଖଡୁଲ ସିଂ ନିହତ ହୋଇଛନ୍ତି। କାନାଡାର ଜଷ୍ଟିନ୍ ଟ୍ରୁଡୋ ସରକାର ବିନା ପ୍ରମାଣରେ ନିଜ୍ଜରଙ୍କ ହତ୍ୟାରେ ଭାରତ ସରକାରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣିଥିବାବେଳେ ନୂଆଦିଲ୍ଲୀ ଏହାକୁ ବିଭ୍ରାନ୍ତିକର ଓ ଉଦ୍ଦେଶ୍ୟ ପ୍ରଣୋଦିତ କହି ଖଣ୍ଡନ କରିଛି। ଏହି ପ୍ରସଙ୍ଗରେ ଦୁଇଦେଶର ସମ୍ପର୍କରେ ତିକ୍ତତା ଚରମସୀମାରେ ପହଞ୍ଚିଥିବାବେଳେ ସୁଖ୍‌ଡୁଲଙ୍କ ହତ୍ୟା ସ୍ଥିତିକୁ ଆହୁରି ସଙ୍ଗିନ କରିଛି। ଭାରତ ପକ୍ଷରୁ କାନାଡା ନାଗରିକମାନଙ୍କ ପାଇଁ ସାମୟିକ ଭାବେ ଭିଜା କଟକଣା ଜାରି କରାଯାଇଛି। ସେଠାରେ ଥିବା ଭାରତୀୟ ଦୂତାବାସ କର୍ମଚାରୀମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ଏପରି ପଦକ୍ଷେପ ନିଆଯାଇଛି। ସେହିପରି ଭାରତରେ ଥିବା କାନାଡୀୟ କୂଟନୀତିଜ୍ଞମାନଙ୍କ ସଂଖ୍ୟା ହ୍ରାସ ପାଇଁ ମଧ୍ୟ ନୂଆଦିଲ୍ଲୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଇତିମଧ୍ୟରେ କାନାଡାରୁ ୨୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ଭାରତ ଅଟାଓ୍ୱାକୁ କହିଛି।*

**ସବୁ ବର୍ଗର ଭିଜା ସେବା ଅସ୍ଥାୟୀ ଭାବେ ବନ୍ଦ କଲା ନୂଆଦିଲ୍ଲୀ**

- କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ସୁଖ୍‌ଡୁଲ୍ ସିଂଙ୍କୁ ହତ୍ୟା
- ନିଜକୁ ଦାୟୀ କଲେ ଲରେନ୍ସ ବିଷ୍ଣୋଇ


ଲରେନ୍ସ ବିଷ୍ଣୋଇ


ସୁଖ୍‌ଡୁଲ ସିଂ

**ଅଟାଓ୍ୱା/ନୂଆଦିଲ୍ଲୀ,୨୧।୯**

ନିଷିଦ୍ଧ ଘୋଷିତ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଖଲିସ୍ତାନ ଟାଇଗର ଫୋର୍ସ (କେଟିଏଫ୍) ନେତା ହରଦୀପ ସିଂ ନିଜ୍ଜର(୪୫)ଙ୍କୁ ଧରାଇଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ଭାରତ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଏହି ମୋଷ୍ଟ ଓ୍ୱାଣ୍ଟେଡ୍ ଆତଙ୍କବାଦୀ ଧରାପଡ଼ିବା ପୂର୍ବରୁ ଜୁନ୍ ୧୮ରେ କାଡାନାର ବ୍ରିଟିଶ୍ କଲମ୍ବିଆସ୍ଥିତ ଏକ ଗୁରୁଦ୍ୱାରା ବାହାରେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ପଛରେ ଭାରତ ସରକାରଙ୍କ ହାତ ଥିବା ଜଷ୍ଟିନ୍ ଟ୍ରୁଡୋ ସରକାର ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାରୁ ମଙ୍ଗଳବାର କାନାଡା ଓ ଭାରତ ପରସ୍ପରର କୂଟନୀତିଜ୍ଞଙ୍କୁ ବହିଷ୍କାର କରିଥିଲେ। ଏହାର ଦିନକ ପରେ ଖଲିସ୍ତାନୀ ଆତଙ୍କବାଦୀ ସୁଖ୍‌ଡୁଲ ସିଂ ଗୋଷ୍ଠୀ ହିଂସାରେ ନିହତ ହୋଇଛନ୍ତି। ସୁଖ୍‌ଡୁଲ ଭାରତର ଓ୍ୱାଣ୍ଟେଡ୍ ତାଲିକରେ ଥିଲେ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ଓ୍ୱାଣ୍ଟେଡ୍ ତାଲିକାର ୪୩ ଜଣଙ୍କ ମଧ୍ୟରୁ ୩୩ ନମ୍ବର ସ୍ଥାନରେ ତାଙ୍କ ନାମ ରହିଥିଲା। କାନାଡାରେ ଥିବା ତାଙ୍କ ବେନାମୀ ସମ୍ପତ୍ତି ସମ୍ପର୍କରେ ସେଠାକାର ସରକାରଙ୍କୁ ଏନ୍‌ଆଇଏ ବିସ୍ତୃତ ତଥ୍ୟ ମାଗିଥିଲା। ପଞ୍ଜାବର ମୋଗା ଜିଲା ବାସିନ୍ଦା ସୁଖ୍‌ଡୁଲ ୨୦୧୭ରେ ଜାଲ୍ ଦସ୍ତାବିଜ ବଳରେ ପ୍ରସ୍ତୁତ ନକଲି ପାସ୍‌ପୋର୍ଟ ବ୍ୟବହାର କରି ଭାରତରୁ ଫେରାର ହୋଇଯାଇଥିଲେ। ମୋଗାରେ ସକ୍ରିୟ ଥିବା ଦବିନ୍ଦର ବମ୍ବିହା ଗ୍ୟାଙ୍ଗ୍ ସହ ସେ ଜଡ଼ିତ ଥିଲେ। ଭାରତୀୟ ରେକର୍ଡ ଅନୁସାରେ ତାଙ୍କ ବିରୋଧରେ ୭ଟି ମାମଲା ରହିଛି। ତାଙ୍କୁ 'ଏକ କାଟାଗୋରି'ର ଗ୍ୟାଙ୍ଗଷ୍ଟର ଭାବେ ବର୍ଗୀକୃତ କରାଯାଇଥିଲା। ଗୋଲ୍ଡି ବ୍ରାର୍ ଓ ଲରେନ୍ସ ବିଷ୍ଣୋଇଙ୍କ ବିରୋଧୀ ତଥା କାନାଡାରେ ଥିବା ଅର୍ଶଦୀପ ଦଲ୍ଲାଙ୍କ ସେ ଘନିଷ୍ଠ ସହଯୋଗୀ ଥିଲେ। କାନାଡାରେ ରହି ଖଲିସ୍ତାନ ଆନ୍ଦୋଳନ ଚଳାଇଥିବା ଆତଙ୍କବାଦୀ ସୁଖ୍‌ଡୁଲ ବୁଧବାର ରାତିରେ ଆନ୍ତଃ ଗ୍ୟାଙ୍ଗ୍ ହିଂସାରେ ନିହତ ହେବା ପଛରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ନିଜକୁ ଦାୟୀ କରିଛନ୍ତି। ପଞ୍ଜାବୀ ଗାୟକ ସିଦ୍ଧୁ ମୁସେଓ୍ୱାଲା ହତ୍ୟା ମାମଲାର ଅଭିଯୁକ୍ତ ଲରେନ୍ସ ଡ୍ରଗ୍ସ ଚାଲାଣ ମାମଲାରେ ସମ୍ପ୍ରତି ଅହମ୍ମଦାବାଦ ଜେଲରେ ଅଛନ୍ତି। ତାଙ୍କ ପକ୍ଷରୁ ଲରେନ୍ସ ଗ୍ୟାଙ୍ଗ୍ ଏକ ଫେସ୍‌ବୁକ୍ ପୋଷ୍ଟରେ କହିଛି, ସୁଖ୍‌ଡୁଲ ସିଂ ଓରଫ୍ ସୁଖା ଡୁନେକେ ଗ୍ୟାଙ୍ଗଷ୍ଟର ଗୁର୍‌ଲାଲ ବ୍ରାର ଏବଂ ଭିକି ମିଡ୍ଡୁଖେରାଙ୍କ ହତ୍ୟାରେ ମୁଖ୍ୟ ଭୂମିକା ନେଇଥିଲେ। ଡୁନେକେ ଜଣେ ଡ୍ରଗ୍ ଆଡିକ୍ଟ ଥିଲେ, ଯିଏକି ନିଜ ପାପ ପାଇଁ ଦଣ୍ଡିତ ହୋଇଛନ୍ତି। ଶତ୍ରୁମାନେ ଭାରତ କିମ୍ବା ଅନ୍ୟ କୌଣସି ଦେଶରେ ତିଷ୍ଠି ପାରିବେ ନାହିଁ। ଇତିମଧ୍ୟରେ ଖଲିସ୍ତାନୀ ଆତଙ୍କବାଦୀ ସୁଖ୍‌ଡୁଲଙ୍କ ହତ୍ୟା ପରେ ଆହୁରି ଜଟିଳ ସ୍ଥିତି ଉପୁଜିଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି, ଭରତୀୟ ବ୍ୟାପାରରେ କାନାଡୀୟ କୂଟନୀତିଜ୍ଞମାନଙ୍କ ହସ୍ତକ୍ଷେପକୁ ଭାରତ ବରଦାସ୍ତ କରାଯିବ ନାହିଁ। ଭାରତରେ ଥିବା କାନାଡାର କୂଟନୀତିଜ୍ଞମାନଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଅଧିକ ଥିବାରୁ ଏହାକୁ ହ୍ରାସ କରିବାକୁ ପରାମର୍ଶ ଦିଆଯାଇଛି। ଭାରତକୁ ଆସିବାକୁ ଚାହୁଁଥିବା କାନାଡୀୟମାନଙ୍କ ପାଇଁ ସବୁ ବର୍ଗର ଭିଜା ସେବାକୁ ମଧ୍ୟ ଅସ୍ଥାୟୀ ଭାବେ ନିଲମ୍ବନ କରାଯାଇଛି। ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି, ଯାହାର ନିୟମିତ ସମୀକ୍ଷା କରାଯିବ। ତେବେ ଯେଉଁମାନଙ୍କ ପାଖରେ ବୈଧ ଭିଜା ଏବଂ ଓଭରସିଜ୍ ସିଟଜେନ୍‌ଶିପ୍ ଅଫ୍ ଇଣ୍ଡିଆ (ଓସିଆଇ) କାର୍ଡ ରହିଛି, ସେମାନେ ଭାରତକୁ ଆସିବାରେ ଅସୁବିଧା ନାହିଁ ବୋଲି ବାଗ୍‌ଚୀ ସ୍ପଷ୍ଟ କରିଛନ୍ତି।

## ବିମାନର ଡୋର୍ ଖୋଲିବାକୁ ଉଦ୍ୟମ

**ଅଗରତାଲା,୨୧।୯**

ହାଇଦ୍ରାବାଦରୁ ଆସାମର ଗୁଆହାଟୀ ଦେଇ ତ୍ରିପୁରାର ଅଗରତାଲା ଅଭିମୁଖେ ଯାତ୍ରା କରୁଥିବା ଏକ ଇଣ୍ଡିଗୋ ବିମାନରେ ଗୁରୁବାର ଜଣେ ଯୁବକ ଡୋର୍ ଖୋଲିବାକୁ ଉଦ୍ୟମ କରିଛନ୍ତି। ଅଗରତାଲାର ବିଶ୍ୱନାଥ ଦେବନାଥ ନାମକ ଯୁବକଙ୍କ ଏଭଳି କାଣ୍ଡକୁ ନେଇ ଯାତ୍ରୀମାନେ ଆତଙ୍କିତ ହୋଇ ପଡ଼ିଛନ୍ତି। ବିମାନଟି ଅବତରଣ କରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ବିଶ୍ୱନାଥ ଡୋର୍ ନିକଟକୁ ଦୌଡ଼ି ଆସି ଖୋଲିବାକୁ ଉଦ୍ୟମ କରିଥିଲେ। ଏତିକିବେଳେ ଜଣେ ଏୟାରହୋଷ୍ଟେସ୍ ଓ ବିମାନରେ ଥିବା ଅନ୍ୟ ଯାତ୍ରୀମାନେ ତାଙ୍କୁ ବାରଣ କରିଥିଲେ। ହେଲେ ବିଶ୍ୱନାଥ ଏୟାରହୋଷ୍ଟେସଙ୍କୁ ଦୁର୍ବ୍ୟବହାର କରିବା ସହ ପୁନର୍ବାର ଦ୍ୱାର ଖୋଲିବାକୁ ଉଦ୍ୟମ କରିଥିଲେ। ଏହାପରେ ଉତ୍ୟକ୍ତ ଯାତ୍ରୀମାନେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ତ୍ରିପୁରା ପୋଲିସ ତାଙ୍କୁ ଗିରଫ କରିଛି।

## କୋଭିଡ୍ ବିଷୟରେ ଜଣାଇବ କାଶ

**ନୂଆଦିଲ୍ଲୀ,୨୧।୯**

କୋଭିଡ୍ କିପରି ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଦୀର୍ଘ ଦିନ ଧରି ପ୍ରଭାବ ପକାଉଛି ସେନେଇ ବିଶେଷଜ୍ଞମାନେ ଲୋକଙ୍କୁ ସଚେତନ କରିଛନ୍ତି। ଅଧିକ ସଂକ୍ରାମକ ବିଏ.୨.୮୬ ଓ ଇଜି.୫ ଭାରିଆଣ୍ଟ ଓମିକ୍ରନର ଏହା ଉପଭାରିଆଣ୍ଟ। ସଂକ୍ରମିତଙ୍କ ମଧ୍ୟରେ କୋଭିଡ୍ ସାଧାରଣ ଲକ୍ଷଣ ଦେଖାଯାଉଥିଲେ ବି ସେମାନେ ସପ୍ତାହ ମଧ୍ୟରେ ସୁସ୍ଥ ହେଉଛନ୍ତି। ତେବେ ସେଭେର ଆକ୍ୟୁଟ୍ ରେସ୍ପିରେଟରୀ ସିଣ୍ଡ୍ରମ୍(ଏସ୍‌ଏଆର୍‌ଏସ୍-୨) ଭାରିଆଣ୍ଟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏବେ ବି ପ୍ରଭାବ ପକାଇବାରେ ଲାଗିଛି। କିଛି ସଂକ୍ରମିତ ଲୋକଙ୍କ ମଧ୍ୟରେ ଦୁର୍ବଳତା ସହ ନିମୋନିଆ ଲକ୍ଷଣ ଦେଖାଯାଉଥିବା ଜଣାପଡ଼ିଛି। ସଂକ୍ରମିତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ଲାଗି ରେଡିଓଗ୍ରାଫି, ଅଲଟ୍ରାସାଉଣ୍ଡ ଓ ସିଟି ସ୍କାନର ସହାୟତା ନିଆଯାଉଛି, ତେବେ କୋଭିଡ୍ ରୋଗୀଙ୍କ ମଧ୍ୟରେ ଏବେ ଚର୍ମରୋଗ ଓ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଉଥିବା ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ତେଣୁ ପୂର୍ବରୁ ଦୁରାରୋଗରେ ପୀଡ଼ିତ ରୋଗୀମାନେ ଯଦି କୋଭିଡ୍ ସଂକ୍ରମିତ ହୁଅନ୍ତି, ତେବେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ପାଇଁ ନୂଆ ଉପକରଣର ଆବଶ୍ୟକତା ରହିଛି। ଫଳରେ ସେମାନଙ୍କୁ ପ୍ରାଥମିକ ସ୍ତରରେ ଘରେ ରଖି ଚିକିତ୍ସା କରାଯାଇପାରିବ। କାଶ ଶବ୍ଦ କୋଭିଡ୍ ସ୍ଥିତିକୁ ଚିହ୍ନଟ କରୁଥିବା ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଏହି ପ୍ରକ୍ରିୟା ଦ୍ୱାରା ସଂକ୍ରମଣ ବିଷୟରେ ସହଜରେ ଜାଣିହେବ। ନୂଆ ଅଧ୍ୟୟନ ଲାଗି ଗବେଷକମାନେ ଏସ୍‌ଏଆର୍‌ଏସ୍-କୋଭିଡ୍-୨ ସଂକ୍ରମିତ ୭୦ରୋଗୀଙ୍କ କାଶିବା ଶବ୍ଦକୁ ରେକର୍ଡ଼ କରିଥିଲେ। ସଂକ୍ରମିତମାନେ ହସ୍ପିଟାଲରେ ଭର୍ତ୍ତି ହେବାର ୨୪ ଘଣ୍ଟା ମଧ୍ୟରେ ଏହି ରେକର୍ଡ଼ କରାଯାଇଥିଲା। ଏଥିରୁ ଏକଥା ଜଣାପଡ଼ିଥିଲା ସଂକ୍ରମିତଙ୍କ ମଧ୍ୟରୁ କାହାର ଶ୍ୱାସକ୍ରିୟା ଅଧିକ ପ୍ରଭାବିତ ହୋଇଛି, କାହାକୁ ଜରୁରିକାଳୀନ ସ୍ଥିତିରେ ଅମ୍ଳଜାନର ଆବଶ୍ୟକତା ରହିଛି। କୋଭିଡ୍ ରୋଗୀଙ୍କ ସଂକ୍ରମଣ ପ୍ରାଥମିକ, ମଧ୍ୟମ ଅଥବା ଅଧିକ ସଙ୍ଗିନ ସ୍ଥିତିରେ ରହିଛି, ସେନେଇ ମଧ୍ୟ ଏହି ନୂଆ ଅଧ୍ୟୟନରୁ ଜଣାପଡ଼ିଥିଲା। ୨୦୨୦ ଏପ୍ରିଲରୁ ୨୦୨୧ ମେ ମଧ୍ୟରେ ଏହି ସର୍ଭେ କରାଯାଇଥିଲା।




ନୂଆଦିଲ୍ଲୀର ଆନନ୍ଦବିହାର ରେଳ ଷ୍ଟେଶନରେ କୁଲିମାନଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲାଲ ଶାର୍ଟ ପିନ୍ଧି ମୁଣ୍ଡରେ ଲଗେଜ୍ ବୋହିଛନ୍ତି।

## ୫,୦୦୦ କ୍ୟୁସେକ୍ ଜଳ ଛାଡ଼ିବ କର୍ଣ୍ଣାଟକ

**ନୂଆଦିଲ୍ଲୀ,୨୧।୯(ପି.ଟି.)**

କାବେରୀ ଜଳ ବିବାଦ ପ୍ରସଙ୍ଗରେ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍‌ଏ)ଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଉପରେ ଗୁରୁବାର ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଏଥିସହ ତାମିଲନାଡୁକୁ ୧୫ ଦିନ ପର୍ଯ୍ୟନ୍ତ ଦୈନିକ ୫ ହଜାର କ୍ୟୁସେକ୍ ଜଳ ଛାଡ଼ିବା ପାଇଁ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କାବେରୀ ଜଳ ନିୟନ୍ତ୍ରଣ କମିଟି (ସିଡବ୍ଲ୍ୟୁଆର୍‌ସି) ସେପ୍ଟେମ୍ବର ୧୨ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲା, ଯାହାକୁ ସିଡବ୍ଲ୍ୟୁଏମ୍‌ଏ ବଳବତ୍ତର ରଖିଥିଲେ। ତାମିଲନାଡୁକୁ ୧୫ ଦିନ ଧରି ଦୈନିକ ୫,୦୦୦ କ୍ୟୁସେକ୍ ଜଳ ଛାଡ଼ିବା ପାଇଁ କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେଇଥିଲେ। କର୍ଣ୍ଣାଟକ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗୁରୁବାର ଜଷ୍ଟିସ୍ ବି.ଆର୍. ଗଭାଇ, ପି.ଏସ୍. ନରସିଂହ ଏବଂ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଥିଲେ, ଅନାବୃଷ୍ଟି ହେତୁ ତାମିଲନାଡୁ ମରୁଡ଼ି ସ୍ଥିତିର ସମ୍ମୁଖୀନ ହେଉଛି। ସିଡବ୍ଲ୍ୟୁଏମ୍‌ଏ ଏବଂ ସିଡବ୍ଲ୍ୟୁଆର୍‌ସିରେ ଜଳସମ୍ପଦ ପରିଚାଳନା ତଥା କୃଷିକ୍ଷେତ୍ରର ଅନେକ ବିଶେଷଜ୍ଞ ରହିଛନ୍ତି। ସିଡବ୍ଲ୍ୟୁଆର୍‌ସି ଚଳିତବର୍ଷ ଜଳହ୍ରାସ ଓ ଗତ ୧୫ ଦିନରେ କାବେରୀ ଅବବାହିକାରେ ବଢ଼ିଥିବା ସଙ୍କଟର ସ୍ଥିତି ସହ ଆଉ କେତେକ କାରଣ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ, ଯାହାକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

**ସଂକ୍ଷେପରେ**

## ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

କଟକ,୨୧।୯(ସୁପ୍ରିୟା ପ୍ରିୟଦର୍ଶିନୀ):

ଶିଖରପୁର-ଗଣ୍ଡରପୁର-ମହାନଦୀବିହାର ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଗୁରୁବାର ମା' ଦୁର୍ଗାଙ୍କ ମାଟି ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ବୈଦିକ ବ୍ରାହ୍ମଣଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଶିଖରପୁର-ଗଣ୍ଡରପୁର-ମହାନଦୀ ବିହାର ଦୁର୍ଗା ପୂଜା କମିଟି ଓ ମା'ଦୁର୍ଗା ଯୁବକ ସଂଘର ସମସ୍ତ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂଜା କମିଟି ସଭାପତି ଜୟନ୍ତ ପ୍ରଧାନ, ସମ୍ପାଦକ ବିଷ୍ଣୁ ଚରଣ ନାୟକ, କୋଷାଧ୍ୟକ୍ଷ ନଗେଶ ସ୍ୱାଇଁ, ମା'ଦୁର୍ଗା ଯୁବକ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା, ସମ୍ପାଦକ ଦିଲ୍ଲୀପ କୁମାର ଦଳାଇ, କୋଷାଧ୍ୟକ୍ଷ ଦିଲ୍ଲୀପ ଦଳାଇ, ଲକ୍ଷ୍ମୀଧର ମହାନ୍ତି, ଅଜୟ ଗୋଚ୍ଛାୟତ, ନିର୍ମଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ନବାନ୍ନ ଭକ୍ଷଣ

ଆଠଗଡ଼, ୨୧।୯(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ସାମ୍ବାଦିକ ସଂଘ ପକ୍ଷରୁ ନବାନ୍ନ ଭୋଜନ ଓ ବନ୍ଧୁ ମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ସାମ୍ବାଦିକ ସଂଘର ସମସ୍ତ ଖବରଦାତାଙ୍କ ସହିତ ସ୍ଥାନୀୟ ପ୍ରଶାସନର ବିଭିନ୍ନ ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରଥମେ ବରିଷ୍ଠ ଖବରଦାତା ସନାତନ ରାୟଙ୍କ ଅଧ୍ୟକ୍ଷତାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ଅଧିକାରୀ, ଖବରଦାତାମାନଙ୍କ ମଧ୍ୟରେ ସହଯୋଗିତା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ରହି ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିବାକୁ ମତ ପ୍ରକାଶ କରିଥିଲେ। ପରେ ଓଡ଼ିଆ ପରମ୍ପରା ଅନୁଯାୟୀ ଉପସ୍ଥିତ ବ୍ୟକ୍ତି ବିଶେଷ ପ୍ରଭୁଙ୍କ ଉଦ୍ଦେଶ୍ୟରେ ନବାର୍ଣ୍ଣ ଅର୍ପଣ କରି ପଂକ୍ତି ଭୋଜନରେ ଯୋଗ ଦେଇଥିଲେ। ସଂଘର ବରିଷ୍ଠ ଖବରଦାତା ସୁଧି ରଞ୍ଜନ ଦାଶ, ବ୍ରହ୍ମାନନ୍ଦ ଲେଙ୍କା, ବିଷ୍ଣୁ ପ୍ରସାଦ ଦାଶ, ସତ୍ୟପ୍ରକାଶ ରଥ, ଅର୍ଦ୍ଧେନ୍ଦୁ ମହାନ୍ତି, ମନୋରଞ୍ଜନ ମହାପାତ୍ର, ସଞ୍ଜୟ ମହାନ୍ତି, ପତିତ ପାବନ ରାଉତ, ବିରୂପାକ୍ଷ ପ୍ରଧାନ, ସ୍ୱରାଜ ପଣ୍ଡା, ସୁଶାନ୍ତ କୁମାର ସାହୁ, ନୀଳକଣ୍ଠ ଦୋରା, ମାନସ ସାହୁ, ଦିଲୀପ କୁମାର ଦାଶ, ସର୍ବେଶ୍ୱର ପଣ୍ଡା, ଅଶୋକ ପ୍ରଧାନ ଯୋଗଦେଇଥିଲେ। ସେହିପରି ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ନିର୍ବାହୀ ଅଧିକାରୀ ଚର୍ଚ୍ଚିନ ମିଶ୍ର, ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାଶ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ଶତପଥୀ, ସହକାରୀ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂ, ଆଠଗଡ଼ ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ କୁମାର ପଣ୍ଡା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ବେହେରା, ଆଠଗଡ ଥାନା ସବ୍ ଇନ୍ସପେକ୍ଟର ଶକୁନ୍ତଳା ଦାଶ, ଖୁଣ୍ଟୁଣୀ ରେଞ୍ଜର ନୀଳମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଘର ସମ୍ପାଦକ ବିଭୂତି ଭୂଷଣ ଖଟୁଆ ଧନ୍ୟବାଦ ଦେଇଥିଲେ।

# ସରପଞ୍ଚ, ଗ୍ରାମବାସୀଙ୍କ ବ୍ଲକ ଅଫିସ ଆଗରେ ଧାରଣା

- ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ନ ହେବାରୁ ପ୍ରତିବାଦ
- ବଦଳିଲେ ଯନ୍ତ୍ରୀ, କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଡିଓଙ୍କ ପ୍ରତିଶ୍ରୁତି

ନିଶ୍ଚିନ୍ତକୋଇଲି,୨୧।୯ (ଅଶୋକ କୁମାର ମହାପାତ୍ର)



ନତକାଇ ପଞ୍ଚାୟତର ଉନ୍ନୟନ କାମ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ, ଗାଁର ଲୋକମାନେ ଧାରଣା ଦେଇଛନ୍ତି।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତରେ ଦୀର୍ଘଦିନ ହେବ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ଉଚ୍ଚ ନ୍ୟାୟାଳୟର ଆଦେଶ ବଳରେ ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯୋଗୁ ପଞ୍ଚାୟତରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ୟୟ ବରାଦ ହୋଇ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ କୌଣସି କାମ ହୋଇପାରିନାହିଁ। ଏହାର ପ୍ରତିବାଦରେ ଗୁରୁବାର ନିତକାଇର ସରପଞ୍ଚ ଜୟଦେବ ରାଉତ, ସମିତିସଭ୍ୟଙ୍କ ପ୍ରତିନିଧି ସନ୍ତୋଷ କୁମାର ରାଉତ ଓ ବିଜେଡି ପଞ୍ଚାୟତ ସଭାପତି କେଶବ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଶୋଭାଯାତ୍ରାରେ ଆସି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ। ଏହି ପଞ୍ଚାୟତର ମୁକୁନ୍ଦପୁର-୧ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ନ ହେବା, ସ୍ୱାସ୍ଥ୍ୟକେନ୍ଦ୍ର କାମ ଅଧାପନ୍ତରିଆ ହୋଇ ରହିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ହୋଇଥିଲେ ମଧ୍ୟ ଅର୍ଥ ପ୍ରଦାନ ନ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହାୟତା ରାଶି ତ୍ୱରିତ ପ୍ରଦାନ କରିବା ସମେତ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଶାସନିକ ଅଚଳାବସ୍ଥା ପାଇଁ ଠପ ହୋଇପଡିଛି। ଖବରପାଇ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ସହ ଏକ ପ୍ରତିନିଧି ଦଳଙ୍କୁ ନେଇ ବିଡିଓଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଏହି ପଞ୍ଚାୟତରେ କାର୍ଯ୍ୟରତ ଯନ୍ତ୍ରୀ ସମତା ଦେବତାଙ୍କୁ ବଦଳି କରାଯିବା ସହ ତାଙ୍କ ସ୍ଥାନରେ ବି.ଏନ. ଦଳବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତ୍ୱରିତ ଆବାସ ଯୋଜନା କିସ୍ତି ପ୍ରଦାନ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ କାର୍ଯ୍ୟର ବିଲ କରିବା ଓ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରେ ଆଇନଗତଃ ସମସ୍ୟା ପାଇଁ କିଛି ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ଆପାତତ ଅନ୍ୟ ପ୍ରକଳ୍ପଗୁଡିକ ତ୍ୱରାନ୍ୱିତ ହେବା ପାଇଁ କୌଣସି ବାଧା ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ଶିଶୁମନ୍ଦିରରେ ପିତୃ ସମ୍ମିଳନୀ

ନିଶ୍ଚିନ୍ତକୋଇଲି,୨୦।୯ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପିତୃ ସମ୍ମିଳନୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମା'ବାପାଙ୍କୁ ବିଦ୍ୟାଳୟ ପକ୍ଷରୁ ଯଥାବିଧି ନିମନ୍ତ୍ରଣ କରାଯାଇଥିଲା। ସେମାନଙ୍କୁ ଯଥା ସମ୍ମାନ ଦିଆଯିବା ପରେ ଏକ ସମାବେଶର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଦୀପାଞ୍ଜଳି ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବଂଶୀଧର ପଣ୍ଡା ଯୋଗଦେଇ ଶିଶୁ ଗଠନରେ ମା'ବାପାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସମ୍ପାଦକ ତପନ କୁମାର ଦାଶ, ଉପସଭାପତି ଆଇନଜୀବୀ ଅଶୋକ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସୁବୋଧ କୁମାର ଷଡ଼ଙ୍ଗୀ, ସହ ସମ୍ପାଦିକା ବିଦ୍ୟୁଲତା ପଣ୍ଡା ଯୋଗଦେଇ ମା, ବାପା, ଗୁରୁମାଗୁରୁଜୀ ମଧ୍ୟରେ ନିବିଡ ସମ୍ପର୍କ ରହିଲେ ବିଦ୍ୟାଳୟର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମ ପ୍ରମୁଖ କିଶୋର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପିତୃ ଅଭିଭାବକମାନେ ବିଦ୍ୟାଳୟ ବିକାଶ ଓ ସାମ୍ପ୍ରତିକ ସମୟରେ ଶିଶୁ ମନ୍ଦିରର ଗୁରୁତ୍ୱ ଉପରେ ଆଧାରିତ ଏକ ଆଲୋଚନାଚକ୍ରରେ ସାମିଲ ହୋଇ ଅଭିମତ ରଖିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଆଚାର୍ଯ୍ୟା ପ୍ରିୟଦର୍ଶିନୀ ପ୍ରହରାଜ, ବିଜୟଲକ୍ଷ୍ମୀ ସ୍ୱାଇଁ, ଅର୍ପିତା ସାହୁ ସଂଯୋଜନା କରିଥିଲେ। ସମସ୍ତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ମହାକାଳୀ ପୀଠର ଉନ୍ନତୀକରଣ ପାଇଁ ପଦକ୍ଷେପ

ବଡ଼ମ୍ବା,୨୧।୯(ମାୟାଧର ମଲ୍ଲିକ)

ବଡ଼ମ୍ବାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାର ବୁଧବାର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମହାକାଳୀ ପୀଠରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାର ଶୁଭାରମ୍ଭ କରିଥିଲେ। ମା' ମହାକାଳୀଙ୍କ ପୀଠର ଉନ୍ନତି କ'ଣ ପାଇଁ ପ୍ରଥମ ପର୍ଯ୍ୟାୟ ଅନୁଦାନ ଅନୁମୋଦିତ ହୋଇଥିବା ବିଧାୟକ ପ୍ରକାଶ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସୁଶାନ୍ତ ଜେନା, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସରପଞ୍ଚ ପ୍ରମୋଦିନୀ ବେହେରା, ସମିତିସଭ୍ୟା ମମତା ବେହେରା, ପୂର୍ବତନ ସରପଞ୍ଚ ଶ୍ରୀବତ୍ସ ଆରୁଖ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାକାଳୀ ପୀଠର ଉନ୍ନତୀକରଣ ପାଇଁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଛି ଏବଂ ଏବେ ବାକି କାର୍ଯ୍ୟର ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ସେଥିରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଏବଂ ଅନ୍ୟ ମଞ୍ଜୁରୀ କି ସଂଲଗ୍ନ କରି ସ୍ଥାନୀୟ କଲ୍ୟାଣ ମଣ୍ଡପ ଓ ପୀଠର ଉନ୍ନତି ପାଇଁ କାର୍ଯ୍ୟକ୍ରମ ନିଆଯାଉଛି ବୋଲି ବିଧାୟକ ମିଶ୍ର କହିଥିଲେ। ଏଥିସହ ବଡ଼ମ୍ବାର ଅନ୍ୟ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅର୍ଥ ମଞ୍ଜୁର ହୋଇଥିବା ବିଧାୟକ ମିଶ୍ର ପ୍ରକାଶ କରିଥିଲେ।




ଉତ୍ସବରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମାନେ।

## ସ୍ୱାଧୀନତା, ସାମ୍ବାଦିକତାକୁ ନେଇ ପ୍ରସ୍ତୁତ ହେବ ପୁସ୍ତକ

ଭୁବନେଶ୍ୱର,୨୧।୯ (ଅନୁରାଧା ମହାରଣା):

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ 'ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ଖବରକାଗଜ ତଥା ସମ୍ପାଦକଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟ ସେମିନାର କୋଲକାତାସ୍ଥିତ ନ୍ୟାଶନାଲ ଲାଇବ୍ରେରିରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ପ୍ରଫେସର ଡ. ସୌରଭ ଗୁପ୍ତ ସ୍ୱାଗତ ଅଭିଭାଷଣ ରଖି ଏହା ଉପରେ ପୁସ୍ତକ ପ୍ରକାଶନ କରାଯିବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କହିଲେ, ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ପୁସ୍ତକ ଭାରତର ବିଭିନ୍ନ ପ୍ରାନ୍ତରୁ ଖବରକାଗଜ ଓ ସମ୍ପାଦକଙ୍କ ଭୂମିକା ପ୍ରତିଷ୍ଠା କରିବ। ସ୍ୱାଧୀନତା ଆନ୍ଦୋଳନରେ ମିଳିତ ସାମ୍ବାଦିକତାର ଏକ ଜାତୀୟ ମଞ୍ଚ ଉପସ୍ଥାପନ କରିବ। ଉକ୍ତ ପୁସ୍ତକ ଡ. ପ୍ରଣବ କୁମାର ଶାହା ଓ ବିଶିଷ୍ଟ ଗବେଷକ ରିତ୍ୱିକ କୁମାର ମଲ୍ଲିକଙ୍କ ଦ୍ୱାରା ସମ୍ପାଦିତ ହେବ। ମୁଖ୍ୟ ଅତିଥି ଭାବେ ନ୍ୟାଶନାଲ ଲାଇବ୍ରେରି ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ଡ. ଅଜୟ ପ୍ରତାପ ସିଂ ଯୋଗଦେଇଥିଲେ। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଆସାମ, ରାଜସ୍ଥାନ, ନୂଆଦିଲ୍ଲୀ, ଉତ୍ତରପ୍ରଦେଶ, ତାମିଲନାଡୁ, ଜମ୍ମୁ କଶ୍ମୀରର ବିଶିଷ୍ଟ ଏକାଡେମିକ, ସାମ୍ବାଦିକ ଏବଂ ଗବେଷକମାନେ ଯୋଗଦେଇଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଅର୍ଦ୍ଧନିର୍ମିତ ଶବଦାହ ଗୃହ

**ଟଙ୍କା ନ ଥିବାରୁ ସମ୍ପୂର୍ଣ୍ଣ ହୋଇପାରୁନି କାର୍ଯ୍ୟ**

ନିଶ୍ଚିନ୍ତକୋଇଲି,୨୧।୯(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସୁପରପଡା ପଞ୍ଚାୟତ ଅନ୍ତର୍ଗତ ୧୩ ନମ୍ବର ୱାର୍ଡରେ ନିର୍ମାଣ କରାଯାଇଥିବା ଶବଦାହ ଗୃହ ଦୀର୍ଘଦିନ ହେବ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହି ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହି ଗୃହକୁ ପୂର୍ଣ୍ଣାଙ୍ଗ କରାଯିବା ନିମନ୍ତେ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ନିଆଯାଉନଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଥିବା ଯୋଗୁ ଲୋକେ ଶବଦାହ ନିମନ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁକରପଡା ପଞ୍ଚାୟତର ଦେଓ ପୋଖରୀ କୂଳରେ ବ୍ଲକ ପ୍ରଶାସନ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ୨ ବର୍ଷ ପୂର୍ବେ ଏହି ଶବଦାହ ଗୃହ ନିର୍ମାଣ କରାଯାଇଥିଲା। ମାତ୍ର ଟଙ୍କା ନ ଥିବାରୁ ଅଧାରୁ କାମ ବନ୍ଦ ହୋଇଯାଇଛି। ଏପର୍ଯ୍ୟନ୍ତ ଏହି ଗୃହର ଛାତ ମଧ୍ୟ ପଡ଼ିପାରିନାହିଁ। ଇତିମଧ୍ୟରେ ନିର୍ମାଣାଧୀନ ପିଲରରେ ଲାଗିଥିବା ଲୁହାରଡ୍‌ରେ କଳଙ୍କି ଲାଗିଯାଇଥିବାବେଳେ ଅନେକ ସ୍ଥାନରୁ ସିମେଣ୍ଟ ପଲସ୍ତରା ମଧ୍ୟ ଛାଡ଼ିଗଲାଣି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅର୍ଦ୍ଧ ନିର୍ମିତ ଗୃହକୁ ତୁରନ୍ତ ପୂର୍ଣ୍ଣାଙ୍ଗ କରାଯିବା ନିମନ୍ତେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସହ ସୁକରପଡାଠାରେ କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିବେ ବୋଲି କେତେଜଣ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କୁହନ୍ତି,ଏହି ଗୃହ ନିର୍ମାଣ ପାଇଁ ପୂର୍ବରୁ କେତେ ବ୍ୟୟ ବରାଦ କରାଯାଇଛି ସେନେଇ କୌଣସି ତଥ୍ୟ ତାଙ୍କ ପାଖରେ ନଥିବାବେଳେ ନୂତନ ଭାବେ ଏବେ କୌଣସି ବ୍ୟୟ ବରାଦ ହୋଇନାହିଁ। ସମ୍ପୃକ୍ତ ପଞ୍ଚାୟତର ବ୍ୟୟ ଅଟକଳ ଚିଠା ପ୍ରସ୍ତୁତ କରିବା ସମୟରେ ସ୍ଥାନୀୟ ସରପଞ୍ଚ ଏଥିପ୍ରତି ଦୃଷ୍ଟି ଦେବେ। ମୁଁ ମଧ୍ୟ ଏନେଇ ପଦକ୍ଷେପ ନେବି ବୋଲି ଦେଓ କହିଛନ୍ତି।



ଶବଦାହ ଗୃହ କାମ ଶେଷ ହୋଇନି, ଲୋକେ ବାହାରେ ମୃତଦେହ ସଂସ୍କାର କରିବାକୁ ଯାଉଛନ୍ତି।

## ବୈଜୟନ୍ତଙ୍କୁ ହତ୍ୟା ଧମକ, ଦିଲ୍ଲୀ ପୋଲିସରେ ଏତଲା

ଭୁବନେଶ୍ୱର, ୨୧।୯ (ସୁନିତ୍ ମିଶ୍ର)

ଭାଜପା ଜାତୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ହତ୍ୟା ଧମକ ମିଳିଛି। ମନ୍ତ୍ରୀ ନବ ଦାସଙ୍କ ଭଳି ଜୟ ପଣ୍ଡାଙ୍କ ଅବସ୍ଥା କରାଯିବ ବୋଲି ବୈଜୟନ୍ତଙ୍କ ସହାୟକଙ୍କୁ କେହି ଜଣେ ଫୋନ୍ ମାଧ୍ୟମରେ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଧମକପୂର୍ଣ୍ଣ କଲ୍ ଘଟଣାରେ ଦିଲ୍ଲୀ ପୋଲିସରେ ଏତଲା ରୁଜୁହେବା ସହ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ବୈଜୟନ୍ତଙ୍କ କାର୍ଯ୍ୟାଳୟର ଏକ୍‌ଜିକ୍ୟୁଟିଭ ସେକ୍ରେଟେରି ରାଜେଶ୍ୱର ଅରୋରା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ହତ୍ୟା ଧମକ ଦିଆଯାଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୈଜୟନ୍ତଙ୍କ ସହାୟକଙ୍କୁ କେହି ଜଣେ କଲ୍ କରି ଏହି ଧମକ ଦେଇଛନ୍ତି। ବ୍ୟକ୍ତି ଜଣକ ହିନ୍ଦୀ ଭାଷାରେ ଧମକ ଦେଉଥିବା ବେଳେ ସେ କେଉଁଠିକାର ବାସିନ୍ଦା ତାହା ସ୍ପଷ୍ଟ ହୋଇପାରିନାହିଁ। ତେବେ ଏହା ବ୍ୟକ୍ତିଗତ ଆକ୍ରୋଶ ନା ଏହା ପଛରେ ଆଉ କିଏ ଅଛନ୍ତି ତାହା ମଧ୍ୟ ଜଣାପଡ଼ିନାହିଁ। ଏଭଳି ଘଟଣାକୁ ହାଲକା ଭାବେ ନ ନେଇ ସମସ୍ତ ତଥ୍ୟ ଦିଲ୍ଲୀ ପୋଲିସକୁ ଦିଆଯାଇଛି। ପୋଲିସ ଏହାର ତଦନ୍ତ କରୁଛି ବୋଲି ଅରୋରା କହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.21-KUR-TRD-OT-2023-24

କାର୍ଯ୍ୟର ନାମ : ନୂତନ ଷ୍ଟେସନ ଭବନର ନିର୍ମାଣ ନିମନ୍ତେ ପୁରୀ ଷ୍ଟେସନର ବର୍ତ୍ତମାନ ଥିବା ଷ୍ଟେସନ ଭବନକୁ ଭାଙ୍ଗିବା ଏବଂ ଯାତ୍ରୀମାନଙ୍କ ନିମନ୍ତେ ଅସ୍ଥାୟୀ ମାର୍ଗ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

ବିଜ୍ଞାପିତ ମୂଲ୍ୟ: ₹ 24,48,116.68, EMD: ₹49,000/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.22.09.2023 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2023 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-595/O/23-24

**ନୂଆଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ନୂଆଗଡ଼**

**ବିଜ୍ଞାପନ**

ନୂଆଗଡ଼ ଗ୍ରାମପଞ୍ଚାୟତ ନିମନ୍ତେ "**ଯୋଗାଣ ସହାୟକ**" ପଦବୀ ଆବଶ୍ୟକ।

୧. **ବୟସ:** ତା୦୧।୦୮।୨୦୨୩ରିଖ ପର୍ଯ୍ୟନ୍ତ ୨୧ଠାରୁ ୩୫ବର୍ଷ ହୋଇଥିବା ଆବଶ୍ୟକ।
୨. **ଶିକ୍ଷାଗତ ଯୋଗ୍ୟତା:** ମାଟ୍ରିକ୍ ପାସ୍ ଓ ଊର୍ଦ୍ଧ୍ୱ
୩. **ଆବେଦନର ଶେଷ ତାରିଖ:** ତା୧୭।୧୦।୨୦୨୩ରିଖ ମଙ୍ଗଳବାର ଦିବା ୫ଘଟିକା ସମୟ।
୪. **ଡାକ ଠିକଣା:** ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟାଙ୍ଗି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟାଙ୍ଗି।

**ସ୍ପିଡ୍ ପୋଷ୍ଟ ଓ ରେଜିଷ୍ଟ୍ରି ପୋଷ୍ଟ**

Sd./- Sarapanch, Nuagarh G.P.

**ODISHA COAL AND POWER LTD.**

Odisha Coal and Power Limited
OCPL

(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

NIT No. OCPL/SER-165/2023 Date: 22.09.2023

Sealed bids in prescribed format are invited from companies/firms/agencies for the following work:

| Sl. No. | Name of the work | Cost of Tender Paper | Bid Security | Issue of Tender Document | Last date of Sale of Tender Document | Last Date of Submission/ Opening of bid |
|---|---|---|---|---|---|---|
| 01 | Providing Facility Management Services for Operation and Maintenance of Atithi Bhawan (Guest House) and Manohar Bhawan (Clubs) of Manoharpur Township Complex at Sarbahal, Sundargarh | Rs.5,900/- (Rupees Five Thousand Nine Hundred Only) including GST | Rs.3,50,000/- (Rupees Three Lakhs and Fifty Thousand Only) | 22.09.2023 | 06.10.2023 | 03.00 P.M. / 03.30 P.M. on 16.10.2023 |

For further details, bidders may visit our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Sr. General Manager (Commercial & Infra)**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-2141

**TENDER ALERT**

**1)Tender Call Notice No.14/2023-24:** Construction of Hydrant Points at 220/132/33kV Grid S/S Cuttack & Renovation of Water pipe line At Grid S/S Phulnakhara under EHT (O&M) Division, Cuttack.

**2)Tender Call Notice No.02/23-24:** Engagement of Non-AC Bolero for the SDO (Civil), Civil Work Subdivision under Civil Works Division-I,OPTCL, Bhubaneswar.

**3)Tender Call Notice No.02/KHU/2023-24:** Construction of RCC slabs for replacement of damaged cable trench slabs & earth pit slabs at 132/33kV Grid S/S,Banki under EHT (O&M) Division, Khurda.

**4)Tender Call Notice No.06/PDP/2023-24:** Supply of consumable material for annual maintenance works, GI nut & bolt, Power contactors, Thermal overload relays, AC MCB, HRC Fuse, DC indication led lights, Safety gloves and Breaker closing Coil & Tripping Coil of different Grid S/S under EHT (O&M) Division, Paradeep.

**5)Tender Call Notice No.07/PDP/2023-24:** Construction of DG Shed for Grid S/S Kendrapara, Pattamundai, Chandikhole, Marshaghai and Paradeep with Vehicle Shed at Grid S/S Marshaghai under EHT (O&M) Division, Paradeep.

**6)Tender Call Notice No.08/PDP/2023-24:** Cleaning and uprooting of Grass, Weeds, Shrubs & unwanted Plants from the switchyard premises of Grid S/S Paradeep and peripheral Grass cleaning of Grid S/S Paradeep, Kendrapara, Pattamundai, Chandikhole, Marshaghai, Olavar, Rajnagar and Tirtol under EHT (O&M) Division, Paradeep.

**7)Tender Call Notice No.09/PDP/2023-24:** Construction of Partition wall for separation of Battery room & ACDB room with provision of acid proof wall tiles, paint & two no's aluminum door in side Battery room at Paradeep Grid S/S under EHT (O&M) Division, Paradeep.

**8)Tender Call Notice No.17/2023-24:** Painting of structure for phase marking R, Y & B phase of different equipments at various Grid S/S under EHT (O&M) Division, Rourkela under EHT (O&M) Circle, Burla.

**9)Tender Call Notice No.BRL-18/2023-24:** Hiring of commercial diesel run vehicle Bolero Pickup Van(Non-AC) or equivalent on monthly Basis with daily hiring rate for engagement at Grid S/S, Sundargarh & Rajgangpur under EHT (O&M) Division, Rajgangpur under EHT (O&M) Circle, Burla.

**10)Tender Call Notice No.04/2023-24:** Construction of PCC at backside of control room building at Grid S/S Joda under EHT (O&M) Division, Joda.

**11)Tender Call Notice No.BBSR(C)-05/2023-24:** Engagement of one no. of Bolero (AC) or equivalent for EHT (Const.) Division, Cuttack, One no. of Bolero (Non-AC) or equivalent for EHT (Const.), Sub-division, Cuttack & One no. of Bolero (Non-AC) or equivalent for EHT (Const.), Sub-division,Kendrapara under EHT (Const.) Circle, Bhubaneswar.

For more details please visit OPTCL's website: **www.optcl.co.in.**

OIPR-04011/11/0087/2324 FIPR-38/2023-24

/optcl.odisha /optcl_odisha

# ଖାଦ୍ୟ, ପିଇବା ପାଣି ପାଇଁ ଡହଳବିକଳ

ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

ହୀରାକୁଦର ୨୪ଟି ଗେଟ୍ ଖୋଲିବା ପରେ ମହାନଦୀ ଫୁଲୁଛି। ଏହାର ଶାଖା ନଦୀ ରାଜୁଆର ପଛୁଆଜଳ ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତରେ ପ୍ରବେଶ କରିବାରୁ ୧୦ଟି ଗ୍ରାମର ଚାଷଜମି ଜଳମଗ୍ନ ହୋଇଛି। ହିରିମୂଳ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଗାଁରେ ଏବେ ବନ୍ୟାଜଳ ପ୍ରବେଶ କରିଛି। ହିରିମୂଳ ରାସ୍ତାରେ ୫ଫୁଟ ଉଚ୍ଚର ପାଣି ଚାଲିଥିବାବେଳେ ଚାଷଜମିରେ ୮ ଫୁଟର ପାଣି ଜମିଛି। ବୁଧବାର ବିଳମ୍ବିତ ରାତିରୁ ଏହି ଗାଁରେ ବନ୍ୟାଜଳ ପ୍ରବେଶ କରିଛି। ହିରିମୂଳ-ଡିହଖଳା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏକର ଏକର ଚାଷଜମିରେ ପାଣି ମାଡ଼ିଯାଇଛି। ଫଳରେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ସବୁଆଡ଼େ ଖାଲି ପାଣି ଆଉ ପାଣି। ଏବେ ଦୁଇଦିନ ଲଘୁଚାପ ବର୍ଷାରେ ହିରିମୂଳ ଗାଁରେ ପାଣି ପଶିଛି। ଘରଠୁ ବାହାର ସବୁଠି ପାଣି ଉଛୁଳୁଛି। ପ୍ରଶାସନ ପକ୍ଷରୁ ଡଙ୍ଗା ବ୍ୟବସ୍ଥା କରାଯାଇଛି। ତେବେ ଯାତାୟାତ ଲାଗି ଏହା ପର୍ଯ୍ୟାପ୍ତ ହେଉନି। ଫଳରେ ଲୋକେ ବାଧ୍ୟହୋଇ ଅଣ୍ଟାଏ ପାଣିରେ ପଶି ଯାତାୟାତ କରୁଛନ୍ତି। ଏଭଳି ସ୍ଥିତିରେ ଖାଦ୍ୟ ଓ ପାନୀୟଜଳ ସମସ୍ୟା ଦେଖାଦେଇଛି। ପାଣି ଟ୍ୟାଙ୍କର ଗାଁ ମୁଣ୍ଡକୁ ଆସିପାରୁନାହିଁ।

## ଗାଁରେ ପଶିଛି ବନ୍ୟାଜଳ

ଫଳରେ ପାଣିରେ ପଶି ୨କିମି ଚାଲି ଚାଲି ଯିବାକୁ ପଡୁଛି।

**ଘରେ ବେଙ୍ଗ, ସାପ ବୁଲୁଛନ୍ତି**

ଅନ୍ୟପଟେ ବନ୍ୟାଜଳରେ ହିଂସ୍ରଜନ୍ତୁଙ୍କ ପ୍ରାଦୁର୍ଭାବ ବଢିଛି। ଘର ଭିତରକୁ ବେଙ୍ଗ, ସାପ ପ୍ରଭୃତି ଭାସି ଆସୁଛନ୍ତି। ଘର ଭିତରେ ପାଣି ଜମିଛି। ଏହି ବନ୍ୟାଜଳରେ ଅଳିଆ, ଆବର୍ଜନା ମଧ୍ୟ ଭାସି ଆସୁଛି। ଫଳରେ ଅପରିଷ୍କାର ସହ ଦୁର୍ଗନ୍ଧରେ ଘରେ ରହିହେଉନି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି।

**ଦେହହାତ କୁଣ୍ଡାଇ ହେଉଛି**

ବନ୍ୟାପାଣିରେ ଚଳାଚଳ କରିବା ଯୋଗୁ ପାଦ ପାଣିଖାଇ ଯାଉଥିବାବେଳେ ହାତଗୋଡ଼ ସବୁ କୁଣ୍ଡାଇ ହେଉଛି। ପରିସ୍ଥିତି ଅସମ୍ଭାଳ ହୋଇଗଲାଣି ବୋଲି ସପ୍ତାହେ ହେଲାଣି ଘରେ ଚୁଲି ଜଳିନି। ଗାଁ ଦାଣ୍ଡରେ ପାଣି। ସେହି ପାଣିରେ ସାପ ଅଛନ୍ତି। ଭୟରେ ଘରୁ ବାହାରି ହେଉନି କି ଘର ଭିତରେ ରହି ହେଉନି। ପ୍ରତିବର୍ଷ ଏଭଳି ସମସ୍ୟା ଦେଖାଦେଉଛି ବୋଲି ଧବଳପୁର ଗ୍ରାମର ପ୍ରମିଳା ଖଣ୍ଡା, କୁନ୍ତଳତା ଖଣ୍ଡା ଓ ଭାନୁମତି ଭୂୟାଁ ପ୍ରମୁଖ କହିଛନ୍ତି। ସେହିପରି ହାଡ଼ିବନ୍ଧୁ କହିଛନ୍ତି, ଚାଷଜମି ଜଳମଗ୍ନ ହୋଇଥିବାରୁ ସବୁ ଫସଲ ଉଜୁଡ଼ିଗଲା। କିପରି ବର୍ଷସାରା ପିଲାଙ୍କ ମୁହଁରେ ଦାନା



ମୁଠାଏ ଦେବୁ ସେହି ଚିନ୍ତା ଘାରିଛି।

**ଘରେ ପାଣି, ବସିବାକୁ ଜାଗା ନାହିଁ**

ପ୍ରଶାସନ ପକ୍ଷରୁ ଦିଆଯାଉଥିବା ରନ୍ଧାଖାଦ୍ୟ ଆସିବାରେ ବିଳମ୍ବ ହେଉଛି। ବରିଷ୍ଠ ନାଗରିକ, ବୃଦ୍ଧାବୃଦ୍ଧ, ଗର୍ଭବତୀ, ଶିଶୁ ହଇରାଣ ହେଉଛନ୍ତି। ଶୁଖିଲା ଖାଦ୍ୟ ମୁଠାଏ ଲେଖାଏ ଖାଇ ଦାଣ୍ଡପିଣ୍ଡା ଓ ଛାତ ଉପରେ ପଡ଼ିରହିଛୁ ବୋଲି ଗ୍ରାମବାସୀ କୋହଭରା କଣ୍ଠରେ କହିଛନ୍ତି। ଗୁରୁବାର ଅପରାହ୍ନରେ ବର୍ଷା ହେବାରୁ ସ୍ଥାନୀୟ ନଦୀର ଜଳସ୍ତର ବଢିଛି। ଘରେ ପାଣି ପଶିଥିବାରୁ ଶୋଇବାକୁ କି ବସିବାକୁ ଜାଗା ନାହିଁ। ଖଟ ଓ ଚୌକି ଉପରେ ରାତି ବିତୁଛି। ୩ଦିନ ହେଲାଣି ଦିନରାତି ଏକାକାର ହୋଇଯାଇଛି। ବିଦ୍ୟୁତ୍ କାଟ ଅସହ୍ୟ କଲାଣି।

**ଚାଷୀ ମୁଣ୍ଡରେ ଚଡ଼କ**

ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, କୃଷ୍ଣପୁର, ରାୟପୁର, ମାନପୁର, ବଳପୁର, ଧବଳପୁର ପ୍ରଭୃତି ଗ୍ରାମରେ ବନ୍ୟାଜଳ ଲହଡ଼ି ମାରୁଛି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ଏକର ଏକର ଚାଷଜମିରେ ବନ୍ୟାଜଳ ମାଡ଼ିଯାଇଛି। ଫଳରେ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛି। ଆଗକୁ କ'ଣ ଖାଇବେ, କିପରି ପରିବାର ଚଳାଇବେ, ଚାଷ ପାଇଁ କରିଥିବା ଧାରକରଜ କିପରି ଶୁଝିବେ, ସେହି ଚିନ୍ତା ଏବେ ଚାଷୀଙ୍କୁ ଘାରିଛି।

**ହୀନସ୍ତା ହେଉଛନ୍ତି ଗୋରୁ**

ଗୁହାଳ ଘରେ ପାଣି ପଶିଛି। ଗାଁ ସାରା ପାଣି ଜମିଛି। ତେଣୁ ଗୋରୁ ଚରିବୁଲି ଯାଇପାରୁନାହାନ୍ତି। ଖୁଣ୍ଟରେ ବନ୍ଧାହୋଇ ରହିଛନ୍ତି। ସେମାନଙ୍କୁ କେଉଁଠିକି ନେବୁ ଜାଣିପାରୁନୁ। ଯେତିକି ଗୋଖାଦ୍ୟ ଦିଆଯାଉଛି, ତାହା ପର୍ଯ୍ୟାପ୍ତ ନୁହେଁ। ଅନ୍ତତଃ ପକ୍ଷେ ମାସେ ପର୍ଯ୍ୟନ୍ତ ଗୋଖାଦ୍ୟ ଦିଆଯିବା ଆବଶ୍ୟକ ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି।

**ଗୁହାରି ଶୁଣିବାକୁ କେହି ନାହିଁ**

୩ମାସ ଧରି ବହୁ କଷ୍ଟରେ ଧାନ ଓ ପରିବା ଚାଷ କରିଥିଲୁ। ଏବେ ତାହା ବନ୍ୟାପାଣିରେ ନଷ୍ଟ ହୋଇଯାଇଛି ବୋଲି କୋହଭରା କଣ୍ଠରେ କହିଛନ୍ତି ଗ୍ରାମବାସୀ। ସେହିପରି ମାନପୁର ଗ୍ରାମର କାଞ୍ଚନ ପାଇକରାୟ କହିଛନ୍ତି, ଘେରିବନ୍ଧ ନିର୍ମାଣ କରାଯାଇଥିଲେ, ଆମେ ଖରାଟିଆ ଫସଲ କରିଥାନ୍ତୁ। ବାରମ୍ବାର ଅଭିଯୋଗ କରି ଥକିଗଲୁଣି। ହେଲେ ଗୁହାରି ଶୁଣିବାକୁ କେହି ନାହାନ୍ତି। ଆଉ କେତେଦିନ ଏମିତି ବନ୍ୟା ଦୁର୍ଦ୍ଦଶା ଭୋଗିଲେ, ସରକାର ଆମ ଦୁଃଖ ବୁଝିବେ ବୋଲି କେତେଜଣ ଅଭିଯୋଗକାରୀ କ୍ଷୋଭର ସହ ପ୍ରଶ୍ନ କରିଛନ୍ତି।

**ସ୍ଥାୟୀ ପ୍ରତିକାର କରାଯାଉ**

ହିରିମୂଳ, ଡିହଖଳା, ଶରଧାପୁର ଗ୍ରାମର କେତେଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି କହିଛନ୍ତି, ପିଲାବେଳୁ ବନ୍ୟା ପରିସ୍ଥିତି ଲାଗି ରହିଛି। ସ୍ଥାୟୀ ପ୍ରତିକାର ପାଇଁ ସରକାର ପଦକ୍ଷେପ ନିଅନ୍ତୁ। ଆମେ ସରକାରଙ୍କ ସାବତ ପୁଅ କି ବୋଲି ବନ୍ୟାବିପନ୍ନ ଗ୍ରାମବାସୀ ପ୍ରଶ୍ନ କରିବା ସହ ଆଉକେତେ ଦୁର୍ଦ୍ଦଶା ଭୋଗିଲେ ସରକାର ଆମ ଦୁଃଖ ବୁଝିବେ ବୋଲି ସେମାନେ କ୍ଷୋଭର ସହ କହିଛନ୍ତି।

# ମୀନାବଜାର, ଯାତ୍ରା ଉଦ୍‌ଘାଟିତ



ମୀନାବଜାର, ଯାତ୍ରା ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

ଜଟଣୀ,୨୧।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଗଣେଶପୂଜା ପରିପ୍ରେକ୍ଷୀରେ କୁଦିଆରୀ ବଜାର ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ କୁଦିଆରୀ ବଜାର ରେଲୱେ ପଡିଆରେ ମୀନାବଜାର ଓ ଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ବ୍ୟବସାୟୀ ସଂଘର ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ନଗରପାଳ ଅନନ୍ତ ବେହେରା, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, କୈଳାସ ମହାପାତ୍ର, ଶଶାଙ୍କ ଶେଖର ରାୟ, ବିଜୟ ପଣ୍ଡା, ରାଜେନ୍ଦ୍ର ପଟ୍ଟନାୟକ, ବିଷ୍ଣୁ ସାହୁ, ଏନ୍. ସୀତା, ମନୋଜ ସ୍ୱାଇଁ, ପ୍ରଦୀପ୍ତ ବଳିଆରସିଂଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଖୁଦୁପୁର ଖେଳପଡ଼ିଆଠାରେ ମୀନାବଜାର ଓ ଯାତ୍ରା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳନ୍ତରାୟ, ଅମରେନ୍ଦ୍ର ପାଟଶାଣୀ, ମାଧବ ବଳିଆରସିଂ, ପ୍ରଶାନ୍ତ ବେହେରା, ଦିଲୀପ ମାର୍ଥା, ଦୀପକ ମହାକୁଡ଼, ଅନନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲଗଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବୋଲଗଡ଼,୨୧।୯(ଦେବବ୍ରତ ହୋତା)

ବୋଲଗଡ଼ ସଦରରେ ପ୍ରତିବର୍ଷ ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବୋଲଗଡ଼ ମହୋତ୍ସବର ଚଳିତବର୍ଷ ୨୦ତମ ସଂସ୍କରଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ କମିଟିର ବରିଷ୍ଠ ଉପଦେଷ୍ଟା ପ୍ୟାରୀମୋହନ ଦାସ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବୀର କିଶୋର ଦାସ ବିଗତ ବର୍ଷର ଆୟବ୍ୟୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ମରଣିକା ସମ୍ପାଦକ ପାର୍ବତୀ କାନ୍ତ ଚମ୍ପତିରାୟ ମହୋତ୍ସବ ସ୍ମରଣୀକା କିପରି ସର୍ବୋତ୍ତମ ହୋଇପାରିବ ସୂଚନା ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ମନୋଜ ପଣ୍ଡା, ସନାତନ ପାଟଶାଣୀ, ଗଦାଧର ଚମ୍ପତି, ଭଞ୍ଜ କିଶୋର ଯତି, ପ୍ରଫୁଲ୍ଲ ସିଂହ, ଲକ୍ଷ୍ମୀଧର ଚୌଧୁରୀ, ନବ କିଶୋର ପ୍ରଧାନ, ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ, ଶଙ୍କର ସିଂହ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଭାସ୍କରଙ୍କ କୀର୍ତ୍ତି ବୋଲଗଡ଼ ପାଇଁ ଆଲୋକବର୍ତ୍ତିକା

ବୋଲଗଡ଼,୨୧।୯(ଦେବବ୍ରତ ହୋତା)

ବୋଲଗଡ ଅଞ୍ଚଳର ସ୍ୱର୍ଗତ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକୀରେ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ନନ୍ଦିଘୋଷ ଭବନରେ ଆୟୋଜିତ ସ୍ମୃତିସଭାରେ ଶିକ୍ଷାବିତ୍ ହରିବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ରବୀନ୍ଦ୍ର ପରିଡା, ଗୁଣନିଧି ହୋତା, ବାଲ୍ମୀକି ବଳିୟାରସିଂ, ପ୍ରମୋଦ ପ୍ରତାପସିଂହ,ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ କୀର୍ତ୍ତିମାନ ବୋଲଗଡ଼ ଅଞ୍ଚଳ ପାଇଁ ଆଲୋକବର୍ତ୍ତିକା ସାଜିଛି ବୋଲି କହିଥିଲେ। ପରମାନନ୍ଦ ମହାବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଅନୁ ନିବନ୍ଧକ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ, ସାରସ୍ୱତ ଅନୁଷ୍ଠାନ ନନ୍ଦିଘୋଷ ଆଦି ପ୍ରମୁଖ କିର୍ତ୍ତୀ ସ୍ଥାପନ କରିଯାଇଛନ୍ତି। ରାଜନୈତିକ ସ୍ତରରେ ସେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନିକଟତର ହୋଇ ବୋଲଗଡକୁ ଆଗୁଆ ବ୍ଲକରେ ପରିଣତ କରିପାରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଶିକ୍ଷାବିତ୍ ପ୍ରଫୁଲ୍ଲ ମହାନ୍ତି ଧନ୍ୟବାଦ ଦେଇଥିଲେ। ଧିରେଶ ମହାପାତ୍ର, ସନାତନ ପାଟଶାଣୀ, ସନ୍ତୋଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସଂପୁର ନୂଆଁଖାଇ ମହୋତ୍ସବ ଉଦ୍‌ଯାପିତ



ନୂଆଁଖାଇ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ବୋଲଗଡ଼,୨୧।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ନୂଆଁଖାଇ ମହୋତ୍ସବ ଭେଟ୍‌ଘାଟ୍-୨୦୨୩ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଭାଜପା ନେତା ପ୍ରକାଶ ରଣବିଜୁଳି, ସଂସ୍କୃତି ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ସାହୁ, ବୋଲଗଡ଼ ଭାଜପା ମଣ୍ଡଳ ସଭାପତି ରଘୁନାଥ ଷଡ଼ଙ୍ଗୀ, ଜିଲା ଭାଜପା ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ, ପୂର୍ବତନ ସରପଞ୍ଚ ଦେବରାଜ ପଲେଇ ଯୋଗଦେଇଥିବା ବେଳେ ଖଙ୍ଗୁରିଆ ସରପଞ୍ଚ ଜଳଧର ମହାନ୍ତି, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ, ଶ୍ରୀଧର ଦତ୍ତ, ଖଙ୍ଗୁରିଆ ପଞ୍ଚାୟତର ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଗ୍ରାମର କଳାକାରଙ୍କ ଦ୍ୱାରା ପାଇକଆଖଡ଼ା, ଦୁଆରୀ, ରାମଲୀଳା, ଦଣ୍ଡନାଚ, ପରଭା, ଭାଗବତ ଆଦି ପରିବେଷଣ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ ଯୋଗଦେଇଥିବା ବେଳେ ୱାର୍ଡସଭ୍ୟ ବୈକୁଣ୍ଠ ଜେନା, ବେଣୁଧର ମହଲା, ପ୍ରମୋଦ ଚୌଧୁରୀ, ଲକ୍ଷ୍ମୀଧର ସୁବୁଦ୍ଧି, ନେପାଳ ସାମନ୍ତରାୟ, ଅଜୟ ମହାନ୍ତି, ଧନେଶ୍ୱର ସ୍ୱାଇଁ, କୃଷ୍ଣଚନ୍ଦ୍ର ଝପଟସିଂ, ପ୍ରଫୁଲ ମହାନ୍ତି, ପ୍ରମୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କଳାକାରଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଓ ରେକର୍ଡ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଖବରଦାତା ନିରଞ୍ଜନ ନାୟକ, ଅବିନାଶ ମହାନ୍ତି, ହରପ୍ରସାଦ ମହାନ୍ତି, ଏମ୍. ଆଲୋକ କୁମାର, ନେତ୍ରରଞ୍ଜନ ମିଶ୍ର ଓ ସର୍ବେଶ୍ୱର ସାହୁ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

ବେଗୁନିଆ,୨୧।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକର ୪ଟି ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମସ୍ତ ଶିବିରରେ ବ୍ଲକର ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ସିକୋସ୍ଥିତ ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟ, କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଏବଂ ବାଘମାରୀ ରଘୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବାଘମାରୀ ଶିବିରକୁ ବିଇଓ ଲେଙ୍କା, ବେଗୁନିଆ ଶିବିରକୁ ବିଆରସିସି ଲକ୍ଷ୍ମୀ ଦେଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏବିଇଓ ଦାଶରଥି ପ୍ରଧାନ, ବାଘମାରୀ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ବେଗୁନିଆ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟ, ସିଆରସିସି ସୂର୍ଯ୍ୟନାରାୟଣ ପଣ୍ଡା, ସନ୍ଧ୍ୟାରାଣୀ ରଥ ପ୍ରମୁଖ ଅତିଥିଭାବେ ଶିବିରରେ ଉପସ୍ଥିତ ଥିଲେ। ଗୌତମ କୁମାର ଦାସ, ସବ୍ୟସାଚୀ ସାହୁ, ସନାତନ ମିଶ୍ର ଏବଂ ଅନିଶା ମହାନ୍ତି ଯୋଗଦେଇ ପିଲାମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ରଶ୍ମିତା ସାହୁ, ପ୍ରସନ୍ନ ମହାପାତ୍ର ଓ ରଞ୍ଜିତା ବେଉରା ଶିବିର ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ସମସ୍ତ ଶିବିର ଅନୁଧ୍ୟାନ କରାଯାଇଥିଲା। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ, ବିପିଏମ୍ ଏ.କେ. ସାହୁଙ୍କ ସହିତ କର୍ମଚାରୀମାନେ ଏହି ଟିମରେ ସାମିଲ ଥିଲେ।

## ନୂଆଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ନୂଆଗଡ଼

**ବିଜ୍ଞାପନ**

ନୂଆଗଡ଼ ଗ୍ରାମପଞ୍ଚାୟତ ନିମନ୍ତେ "**ଯୋଗାଣ ସହାୟକ**" ପଦବୀ ଆବଶ୍ୟକ।

୧. **ବୟସ:** ତା୦୧।୦୮।୨୦୨୩ରିଖ ପର୍ଯ୍ୟନ୍ତ ୨୧୦।ରୁ ୩୫ବର୍ଷ ହୋଇଥିବା ଆବଶ୍ୟକ।
୨. **ଶିକ୍ଷାଗତ ଯୋଗ୍ୟତା:** ମାଟ୍ରିକ୍ ପାସ୍ ଓ ଊର୍ଦ୍ଧ୍ୱ
୩. **ଆବେଦନର ଶେଷ ତାରିଖ:** ତା୧୭।୧୦।୨୦୨୩ରିଖ ମଙ୍ଗଳବାର ଦିବା ୫ଘଟିକା ସମୟ।
୪. **ଡାକ ଠିକଣା:** ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟାଙ୍ଗି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟାଙ୍ଗି।

**ସ୍ପିଡ୍ ପୋଷ୍ଟ ଓ ରେଜିଷ୍ଟ୍ରି ପୋଷ୍ଟ**

Sd./- Sarapanch, Nuagarh G.P.

# ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ

ଖୋର୍ଦ୍ଧା,୨୧।୯ (ପ୍ରଭାତ ପାଣିଗ୍ରାହୀ)

୩ ଦଫା ଦାବି ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ ଚଳାଇଥିବା ୧୦ଟି ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଗୁରୁବାର ୧୧ ଦିନରେ ଆନ୍ଦୋଳନ ପହଞ୍ଚିଥିବାବେଳେ ଶିକ୍ଷକଙ୍କ ଦାବି ନେଇ ସୋମବାର ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ ବସିଥିଲା। ତାହା ଫଳପ୍ରଦ ହୋଇ ନ ଥିବା ବେଳେ ସଂଘଗୁଡିକ ମଧ୍ୟରେ ମତଭେଦ ପଦାକୁ ଆସିଥିଲା। ବୈଠକ ପରେ ୨ ଶିକ୍ଷକ ସଂଘ ଆନ୍ଦୋଳନରୁ ଓହରିଯାଇଥିବାବେଳେ ଅନ୍ୟ ଶିକ୍ଷକ ସଂଘଗୁଡିକ ଆନ୍ଦୋଳନ ଜାରି ରଖିଛନ୍ତି। ଆନ୍ଦୋଳନ ଡାକରା ଦେଇଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ (ଏୟୁପିଟିଏଫ୍) ଆନ୍ଦୋଳନକୁ ସ୍ଥଗିତ ରଖିଥିବା ବେଳେ ପୂର୍ବଭଳି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଜାରି ରଖିବାକୁ ପ୍ରାଥମିକ ଶିକ୍ଷକ ସଂଘ (ପିଷ୍ଟା) ନିଷ୍ପତ୍ତି ନେଇଛି। ସରକାର ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ କରୁ ନ ଥିବାରୁ ଏହି ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଗୁରୁବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପୂର୍ବଭଳି ପିଷ୍ଟା ଜିଲା ସଭାପତି ଅଗାଧୁ ସେଠୀ ଏବଂ ଖୋର୍ଦ୍ଧା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଓ ଏକ୍ସ କ୍ୟାଡର ସଭାପତି ପ୍ରସନ୍ନ କୁମାର ମହାପାତ୍ର ଏବଂ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକର ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ଅଜୟ କୁମାର ରାଉତଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଛି। ୩ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ କୌଣସି ପରିସ୍ଥିତିରେ ବନ୍ଦ ହେବାର ପ୍ରଶ୍ନ ଉଠୁ ନାହିଁ ବୋଲି ଚେତାବନୀ ଦେଇଛି ସଂଘ। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ ନାରାବାଜି ଦେଇଥିଲେ। ଏହି ଆନ୍ଦୋଳନ ସବୁ ବ୍ଲକରେ ଚାଲୁଥିବା ସେ ପ୍ରକାଶ କରିଥିଲେ। ଆନ୍ଦୋଳନରୁ ଓହରିଥିବା ଏୟୁପିଟିଏଫ୍‌ର ସଭାପତି ଓ ସମ୍ପାଦକଙ୍କ ବ୍ୟତୀତ ବ୍ଲକର ସମସ୍ତ ନ୍ୟୁ ପେନ୍‌ସନ୍‌ଭୁକ୍ତ (ଏନ୍‌ପିଏସ୍) ଶିକ୍ଷୟିତ୍ରୀ ଶିକ୍ଷକ, ଏକ୍ସକ୍ୟାଡର, କଳା ଓ କ୍ରୀଡ଼ା ଶିକ୍ଷକମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଗୁରୁବାର ବ୍ଲକ ଶିକ୍ଷାଧିକାରୀଙ୍କୁ ସମସ୍ତ ଶିକ୍ଷକ ସେମାନଙ୍କ ସମୂହ ଛୁଟି ଘୋଷଣାପତ୍ର ପ୍ରଦାନ କରିଛନ୍ତି।

# ୩ ଶିବିରରୁ ୩୧୯ ୟୁନିଟ୍ ରକ୍ତ ସଂଗ୍ରହ

ବୋଲଗଡ଼,୨୧।୯(ଦେବବ୍ରତ ହୋତା)

ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନକ୍ରମେ ବୋଲଗଡ଼ ବ୍ଲକର ୩ଟି ସ୍ଥାନରେ ବୁଧବାର ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ମୋଟ୍ ୩୧୯ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହି ଶିବିରକୁ ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ୨୭ନଂ. ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ଶୁଭେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ୟୋତିରଞ୍ଜନ ଖାଡଙ୍ଗା, ପ୍ରସନ୍ନ ତ୍ରିପାଠୀ, କାହ୍ନୁଚରଣ ପଣ୍ଡା, ବାନାମ୍ବର ଧଳ, ସୁରଜ ପ୍ରସାଦ ସୁବୁଦ୍ଧି, ବିଜୟ ସାହୁ, ଶ୍ରୀକାନ୍ତ ତ୍ରିପାଠୀ ଓ ଇଗଲ କ୍ଲବର ସମସ୍ତ ସଭ୍ୟ ଯୋଗଦେଇଥିଲେ। ଖୋର୍ଦ୍ଧା ବ୍ଲଡ୍ ବ୍ୟାଙ୍କ ଦ୍ୱାରା ଖଙ୍ଗୁରିଆଠାରେ ୧୧୭ ୟୁନିଟ, ନୟାଗଡ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ଦଳେଇସାହି ପଞ୍ଚାୟତରୁ ୫୨ ୟୁନିଟ୍ ଏବଂ ଭୁବନେଶ୍ୱର ରେଡକ୍ରସ ବ୍ଲଡ୍‌ବ୍ୟାଙ୍କ ଦ୍ୱାରା ଗେଡିଆପଲିଠାରୁ ୧୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅଭିଷେକ ସିଂସାମନ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.21-KUR-TRD-OT-2023-24

**କାର୍ଯ୍ୟର ନାମ :** ନୂତନ ଷ୍ଟେସନ ଭବନର ନିର୍ମାଣ ନିମନ୍ତେ ପୁରୀ ଷ୍ଟେସନର ବର୍ତ୍ତମାନ ଥିବା ଷ୍ଟେସନ ଭବନକୁ ଭାଙ୍ଗିବା ଏବଂ ଯାତ୍ରୀମାନଙ୍କ ନିମନ୍ତେ ଅସ୍ଥାୟୀ ମାର୍ଗ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

**ବିଜ୍ଞାପିତ ମୂଲ୍ୟ:** ₹ 24,48,116.68, EMD: ₹49,000/-, ଶେଷ ହେବା ଅବଧି : 180 ଦିନ।

ବିଡ଼ ଆରମ୍ଭ ହେବା ତାରିଖ : ତା.22.09.2023 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.10.2023 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-595/O/23-24

## ODISHA COAL AND POWER LTD.

Odisha Coal and Power Limited OCPL

(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

### NOTICE INVITING TENDER

NIT No. OCPL/SER-165/2023 Date: 22.09.2023

Sealed bids in prescribed format are invited from companies/firms/agencies for the following work:

| Sl. No. | Name of the work | Cost of Tender Paper | Bid Security | Issue of Tender Document | Last date of Sale of Tender Document | Last Date of Submission/ Opening of bid |
|---|---|---|---|---|---|---|
| 01 | Providing Facility Management Services for Operation and Maintenance of Atithi Bhawan (Guest House) and Manohar Bhawan (Clubs) of Manoharpur Township Complex at Sarbahal, Sundargarh | Rs.5,900/- (Rupees Five Thousand Nine Hundred Only) including GST | Rs.3,50,000/- (Rupees Three Lakhs and Fifty Thousand Only) | 22.09.2023 | 06.10.2023 | 03.00 P.M. / 03.30 P.M. on 16.10.2023 |

For further details, bidders may visit our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Sr. General Manager (Commercial & Infra)**

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-2141

### TENDER ALERT

**1)Tender Call Notice No.14/2023-24:** Construction of Hydrant Points at 220/132/33kV Grid S/S Cuttack & Renovation of Water pipe line At Grid S/S Phulnakhara under EHT (O&M) Division, Cuttack.
**2)Tender Call Notice No.02/23-24:** Engagement of Non-AC Bolero for the SDO (Civil), Civil Work Subdivision under Civil Works Division-I,OPTCL, Bhubaneswar.
**3)Tender Call Notice No.02/KHU/2023-24:** Construction of RCC slabs for replacement of damaged cable trench slabs & earth pit slabs at 132/33kV Grid S/S,Banki under EHT (O&M) Division, Khurda.
**4)Tender Call Notice No.06/PDP/2023-24:** Supply of consumable material for annual maintenance works, GI nut & bolt, Power contactors, Thermal overload relays, AC MCB, HRC Fuse, DC indication led lights, Safety gloves and Breaker closing Coil & Tripping Coil of different Grid S/S under EHT (O&M) Division, Paradeep.
**5)Tender Call Notice No.07/PDP/2023-24:** Construction of DG Shed for Grid S/S Kendrapara, Pattamundai, Chandikhole, Marshaghai and Paradeep with Vehicle Shed at Grid S/S Marshaghai under EHT (O&M) Division, Paradeep.
**6)Tender Call Notice No.08/PDP/2023-24:** Cleaning and uprooting of Grass, Weeds, Shrubs & unwanted Plants from the switchyard premises of Grid S/S Paradeep and peripheral Grass cleaning of Grid S/S Paradeep, Kendrapara, Pattamundai, Chandikhole, Marshaghai, Olavar, Rajnagar and Tirtol under EHT (O&M) Division, Paradeep.
**7)Tender Call Notice No.09/PDP/2023-24:** Construction of Partition wall for separation of Battery room & ACDB room with provision of acid proof wall tiles, paint & two no's aluminum door in side Battery room at Paradeep Grid S/S under EHT (O&M) Division, Paradeep.
**8)Tender Call Notice No.17/2023-24:** Painting of structure for phase marking R, Y & B phase of different equipments at various Grid S/S under EHT (O&M) Division, Rourkela under EHT (O&M) Circle, Burla.
**9)Tender Call Notice No.BRL-18/2023-24:** Hiring of commercial diesel run vehicle Bolero Pickup Van(Non-AC) or equivalent on monthly Basis with daily hiring rate for engagement at Grid S/S, Sundargarh & Rajgangpur under EHT (O&M) Division, Rajgangpur under EHT (O&M) Circle, Burla.
**10)Tender Call Notice No.04/2023-24:** Construction of PCC at backside of control room building at Grid S/S Joda under EHT (O&M) Division, Joda.
**11)Tender Call Notice No.BBSR(C)-05/2023-24:** Engagement of one no. of Bolero (AC) or equivalent for EHT (Const.) Division, Cuttack, One no. of Bolero (Non-AC) or equivalent for EHT (Const.), Sub-division, Cuttack & One no. of Bolero (Non-AC) or equivalent for EHT (Const.), Sub-division,Kendrapara under EHT (Const.) Circle, Bhubaneswar.

For more details please visit OPTCL's website: **www.optcl.co.in.**

OIPR-04011/11/0087/2324 FIPR-38/2023-24

/optcl.odisha /optcl_odisha

## ଏସିଆନ ଗେମ୍ସରେ ପଦକ

# ପ୍ରଥମ ଓଡ଼ିଆ ପ୍ରଣତି

## 'ପଦକ ଧରି ଜଣେ ଓଡ଼ିଆଭାବେ ଗର୍ବ ଅନୁଭବ କରିଥିଲି'



**ଚାଇନାର ହାଙ୍ଗଝୋରେ ସେପ୍ଟେମ୍ବର ୨୩ରୁ ଆରମ୍ଭ ହେବାକୁ ଯାଉଛି ଏସିଆନ୍ ଗେମ୍ସର ୧୯ଶ ସଂସ୍କରଣ। ଏବେ ଏହି ମେଗା ଇଭେଣ୍ଟ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ। ଏସିଆନ ଗେମ୍ସ ଆସିଲେ ସ୍ୱତଃ ଚର୍ଚ୍ଚାକୁ ଆସନ୍ତି ଓଡ଼ିଶାର କିମ୍ବଦନ୍ତୀ ଆଥଲେଟ୍ ପ୍ରଣତି ମିଶ୍ର। କାରଣ ପ୍ରଥମ ଓଡ଼ିଆଭାବେ ଏସିଆନ ଗେମ୍ସରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ ଏହି ତାରକା ସ୍ପ୍ରିଣ୍ଟର। ୧୨ ମେ' ୧୯୭୦ରେ ବଲାଙ୍ଗୀରରେ ଜନ୍ମିତ ପ୍ରଣତି ୧୯୯୦ ଏସିଆନ ଗେମ୍ସର ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ରିଲେରେ ତାଙ୍କ ପାର୍ଟନର ଥିଲେ ପି.ଟି. ଉଷା, କୁଟ୍ଟି ସରମ୍ମା ଓ ଶାନ୍ତିମୋଲ ଫିଲିପ୍ସ। ରିଲେ ରେସ୍‌ରେ ଭାରତୀୟ ଦଳ ହାସଲ କରିଥିଲା ରୌପ୍ୟ ପଦକ ଏବଂ ପ୍ରଣତି ଥିଲେ ଏହାର ଅନ୍ୟତମ ପ୍ରମୁଖ ଅଂଶୀଦାର। ସେତେବେଳେ ଗଣମାଧ୍ୟମରେ ପ୍ରଚାର ପ୍ରସାରର ଅଭାବରୁ ସ୍ୱଳ୍ପଭାଷୀ ସ୍ୱାଭିମାନୀ ପ୍ରଣତି ଯଦିଓ ବିଶେଷ ଲୋକଲୋଚନକୁ ଆସିପାରି ନ ଥିଲେ ତେବେ ଓଡ଼ିଶା ଆଥ୍‌ଲେଟଙ୍କ ପାଇଁ ସାଜିଥିଲେ ଉଦାହରଣ ଏବଂ ପ୍ରତିଷ୍ଠା କରିଥିଲେ ଏକ ସ୍ୱତନ୍ତ୍ର ମାଇଲଖୁଣ୍ଟ। ସେ ସମ୍ପ୍ରତି ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ, କୋଲକାତାରେ କାର୍ଯ୍ୟରତ। ଏସିଆନ ଗେମ୍ସର ଅବ୍ୟବହିତ ପୂର୍ବରୁ ଏହି ଧାବିକାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**-ପ୍ରସ୍ତୁତି: ତପନ ସ୍ୱାଇଁ**

**ପ୍ର:** କିମ୍ବଦନ୍ତୀ ଆଥ୍‌ଲେଟମାନଙ୍କର କ୍ୟାରିୟର ଆରମ୍ଭ ସମ୍ପର୍କରେ ଜାଣିବାକୁ ସମସ୍ତଙ୍କର ଇଚ୍ଛାଥାଏ। ଆଥ୍‌ଲେଟିକ୍ସକୁ ଆପଣ କିପରି ଆସିଲେ ସେ ସମ୍ପର୍କରେ କିଛି କୁହନ୍ତୁ?

**ଉ:** ବଲାଙ୍ଗୀରରେ ଏମ୍‌ଇ ସ୍କୁଲରେ ପଢୁଥିବାବେଳେ ଘୁଚି ଆଦି ଯେଉଁ ଖେଳ ହେଉଥିଲା ସେଥିରେ ମୁଁ ପ୍ରଥମସ୍ଥାନ ଅଧିକାର କରୁଥିଲି। ସେଥିରୁ ହିଁ ମୋ ଖେଳ କ୍ୟାରିୟର ଆରମ୍ଭ ହୋଇଥିଲା। ପରେ ହାଇସ୍କୁଲକୁ ଗଲାପରେ ସ୍କୁଲ ଗେମ୍ସରେ ଭାଗନେଲି। ସେତେବେଳେ ମୋ ବଡ଼ ଭଉଣୀ ପ୍ରତିମା ମିଶ୍ର ମଧ୍ୟ ଆଥ୍‌ଲେଟିକ୍ସରେ ଥିଲେ। ସ୍କୁଲରେ ମୁଁ ଭଲ ଖେଳୁଥିବାରୁ ସେ ଅଭ୍ୟାସ କଲାବେଳେ ମୋତେ ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମକୁ ସାଥିରେ ନେଇ ଯାଉଥିଲେ। ତାଙ୍କଠୁ ପ୍ରେରଣା ପାଇ ମୁଁ ଉତ୍ସାହିତ ହେଲି। ସ୍କୁଲ ଗେମ୍ସରେ ଖେଳି ଚାମ୍ପିୟନ ହେଲି। ଏପରି ସ୍ପୋର୍ଟ୍ସ କ୍ୟାରିୟର ଆଗକୁ ବଢ଼ି ଚାଲିଲା।

**ପ୍ର:** ସେ ସମୟରେ ଓଡ଼ିଶାରେ ଖେଳକୁ ଝିଅପିଲାମାନେ ବିଶେଷ ଆସୁ ନ ଥିଲେ। ଆପଣଙ୍କୁ ପରିବାରରୁ କିପରି ସମର୍ଥନ ମିଳିଥିଲା ?

**ଉ:** ମୋ ମା' କିମ୍ବା ବାପା କେବେ ଫିଲ୍ଡକୁ ଯାଇ ମୋ ରନିଂ ଦେଖି ନାହାନ୍ତି ସତ, ମାତ୍ର କେବେହେଲେ ମୋତେ ବିରୋଧ କରି ନାହାନ୍ତି। ଏମିତି କି ଭୋର ୪ଟା ୩୦ରେ ବାପା ମୋତେ ଉଠାଇ ପଡ଼ିଆକୁ ଯିବାକୁ ଉତ୍ସାହିତ କରିଥାନ୍ତି। ମୋଟାମୋଟି କହିବାକୁ ଗଲେ ପରିବାରରୁ ମୋତେ ଭରପୂର ସମର୍ଥନ ମିଳିଥିଲା।

**ପ୍ର:** ଖେଳପାଇଁ ପାଠପଢ଼ା ପ୍ରଭାବିତ ହୋଇଥିଲା କି? ଆଥ୍‌ଲେଟିକ୍ସ ଜୀବନ କିପରି ଆଗକୁ ବଢ଼ିଥିଲା।

**ଉ:** ଯେହେତୁ ମୁଁ ଖେଳରେ ବହୁତ ଭଲ କରୁଥିଲି ତେଣୁ ସ୍କୁଲ ଏବଂ କଲେଜରେ ମୋତେ ଭରପୂର ସମର୍ଥନ ମିଳୁଥିଲା। ମୋତେ ଖେଳିବା ପାଇଁ ସମସ୍ତେ ଉତ୍ସାହିତ କରୁଥିଲେ। ଫଳରେ ଖେଳ ଓ ପାଠ ଉଭୟକୁ ନେଇ ମୁଁ ଆଗକୁ ଯାଇଥିଲି।

**ପ୍ର:** କ୍ୟାରିୟର ଆରମ୍ଭରେ କେଉଁ ପ୍ରତିଯୋଗିତାର ପ୍ରଦର୍ଶନ ଆପଣଙ୍କୁ ସବୁଠାରୁ ବେଶି ଖୁସି ଦେଇଥିଲା।

**ଉ:** ମୋର ପ୍ରଥମ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଥିଲା ଓମେକ୍ସ ସ୍ପୋର୍ଟ୍ସ ଚାମ୍ପିୟନଶିପ୍। ଏହା ଗାନ୍ଧୀନଗରରେ ଅନୁଷ୍ଠିତ ହୋଇଥିଲା। ସେଠାରେ ମୁଁ ୧୦୦, ୨୦୦ ଓ ୪୦୦ ମିଟର ରେସ୍‌ରେ ପ୍ରଥମସ୍ଥାନ ଅଧିକାର କରିଥିଲି। ନୂଆ ମିଟ୍ ରେକର୍ଡ ମଧ୍ୟ ସୃଷ୍ଟି କରିଥିଲି। ଏହି ପ୍ରତିଯୋଗିତାରେ ମୁଁ ପ୍ରଥମଥର ପାଇଁ ପଦକ ହାସଲର ସ୍ୱାଦ ପାଇଥିଲି। ଏହା ମୋତେ ଆଗକୁ ଯିବାକୁ ବହୁତ ସହାୟକ ହୋଇଥିଲା। ତା' ପରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ଜୁନିୟର ନ୍ୟାଶନାଲରେ ମଧ୍ୟ ୧୦୦, ୨୦୦ ଓ ୪୦୦ ମିଟରରେ ପ୍ରଥମ ହୋଇଥିଲି। ଏହାପରେ ମୋତେ ସାଇ ସ୍ପୋର୍ଟ୍ସ ହଷ୍ଟେଲ ପାଇଁ ଚୟନ କରାଗଲା। ସେଠାରେ ସୁବାସ ଚନ୍ଦ୍ର ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରି ପ୍ରଦର୍ଶନକୁ ମାର୍ଜିତ କଲି। ଜୁନିୟର ସ୍ତରରେ ଭଲ ପ୍ରଦର୍ଶନ କରି ସିନିୟରରେ ଆଗକୁ ଯାଇଥିଲି।

**ପ୍ର:** ଏସିଆନ ଗେମ୍ସ ପାଇଁ ଚୟନ କେମିତି ହୋଇଥିଲା। ଏହା କେତେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା।

**ଉ:** ଏସିଆନ ଗେମ୍ସ ପୂର୍ବରୁ ମୁଁ ଜୁନିୟର ଏସିଆନ ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭଲ କରିଥିଲି। ନ୍ୟାଶନାଲ କ୍ୟାମ୍ପ ପାଇଁ ଏକ ଟ୍ରାଏଲ୍ କରାଯାଏ। ସେଥିରେ ମୁଁ ଭଲ ପ୍ରଦର୍ଶନ କରିଥିବାରୁ ବେଙ୍ଗାଲୁରୁରେ ଅନୁଷ୍ଠିତ କ୍ୟାମ୍ପ ପାଇଁ ମନୋନୀତ ହୋଇଯାଇଥିଲି। କ୍ୟାମ୍ପରେ ଥିବାବେଳେ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଟ୍ରାଏଲ୍ ସବୁ ହୋଇଥାଏ। ବିଶେଷ କରି ଏସିଆନ ଗେମ୍ସ ପୂର୍ବରୁ ୩ ପର୍ଯ୍ୟାୟରେ ଟ୍ରାଏଲ୍ ହୋଇଥିଲା। ଏଥିରେ ଯେଉଁ ଟାଇମିଂ ଧାର୍ଯ୍ୟ ଥିଲା ସେଥିରେ ମୁଁ କ୍ୱାଲିଫାଇଂ ମାର୍କକୁ ସ୍ପର୍ଶ କରିଥିଲି। ଏହାପରେ ଆମ ଟିମ୍ ଚୟନ ହୋଇଥିଲା।

**ପ୍ର:** ଏସିଆନ ଗେମ୍ସ ରିଲେରେ ଆପଣ, ପି.ଟି. ଉଷା, କୁଟ୍ଟି ସରମ୍ମା ଓ ଶାନ୍ତିମୋଲ ଫିଲିପ୍ସ ରେସ୍ କରିଥିଲେ। କିଏ ସବୁଠାରୁ ଦ୍ରୁତତମ ଥିଲେ। ରେସ୍ ସମ୍ପର୍କରେ କିଛି ସ୍ମରଣୀୟ ସ୍ମୃତି?

**ଉ:** ଏସିଆନ ଗେମ୍ସ ରିଲେରେ କୁଟ୍ଟି ସରମ୍ମା ପ୍ରଥମେ ଦୌଡ଼ିଥିଲେ। ଏହାପରେ ଶାନ୍ତିମୋଲ ଫିଲିପ୍ସ, ତୃତୀୟରେ ମୁଁ ଏବଂ ଶେଷରେ ପି.ଟି. ଉଷା ରେସ୍ କରିଥିଲୁ। ଫିନିଶିଂରେ ଅଧିକ ଷ୍ଟ୍ରେସ୍ ଦେବାକୁ ପଡ଼େ। ତେବେ ସମସ୍ତଙ୍କ ଉପରେ ଗୁରୁଦାୟିତ୍ୱ ଥିଲା। ଏଥିରେ ରେସ୍ କରି ଓଡ଼ିଶାର ପ୍ରଥମ ଆଥଲେଟ୍‌ଭାବେ ପଦକ ଜିତିଥିବାରୁ ବହୁତ ଗର୍ବ ଅନୁଭବ ହୋଇଥିଲା। ଏହା ମୋ ନିଜ ପାଇଁ, ଓଡ଼ିଶା ପାଇଁ ଏବଂ ଦେଶ ପାଇଁ ଗର୍ବର କଥା ଥିଲା। ଏହି ସ୍ମୃତିକୁ ଜୀବନରେ କେବେ ଭୁଲି ହେବନି।

**ପ୍ର:** ୧୦୦, ୨୦୦ କି ୪୦୦ ମିଟର ବ୍ୟକ୍ତିଗତ ରେସ୍ ଏବଂ ରିଲେ ରେସ୍ ମଧ୍ୟରେ କେଉଁଟା ଅଧିକ କଷ୍ଟକର ?

**ଉ:** ୪୦୦ ମିଟର ବ୍ୟକ୍ତିଗତ ରେସ୍ ନିଶ୍ଚିତ କଷ୍ଟସାଧ୍ୟ। ଏଥିରେ ଷ୍ଟ୍ରେନ୍ଥ, ଷ୍ଟାମିନା ଓ ସ୍ପିଡ୍ ସବୁକିଛି ଆବଶ୍ୟକ ହୋଇଥାଏ। ୧୦୦ ମିଟରରେ ସ୍ପିଡ୍ ଉପରେ ଅଧିକ ଗୁରୁତ୍ୱ ରହିଥାଏ। ରିଲେ ରେସ୍‌ରେ ୪ ଜଣଙ୍କ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ସମନ୍ୱୟ ନ ଥିଲେ ପଦକ ହାସଲ କେବେ ସମ୍ଭବ ନୁହେଁ। ମୁଖ୍ୟ ରେସ୍ ପୂର୍ବରୁ କୋଚ୍ ଆମକୁ ଅନେକଥର ଅଭ୍ୟାସ କରାଇଥିଲେ। ଏହାର ଫଳ ମଧ୍ୟ ଆମକୁ ମିଳିଥିଲା।

**ପ୍ର:** ପ୍ରଥମ ଓଡ଼ିଆ ଆଥଲେଟ୍‌ଭାବେ ଆପଣ ଏସିଆନ ଗେମ୍ସରେ ପଦକ ହାସଲ କଲେ। ସେ ମୁହୂର୍ତ୍ତଟି ଆପଣଙ୍କ ପାଇଁ କେମିତି ଥିଲା ?

**ଉ:** ମୁଁ ପ୍ରଥମେ ବିଶ୍ୱାସ କରିବା ସହଜ ନ ଥିଲା। ଓଡ଼ିଶା ପୁଣି ବଲାଙ୍ଗୀର ପରି ଏକ ଅଞ୍ଚଳରୁ ମଧ୍ୟବିତ୍ତ ପରିବାରର ଜଣେ ଝିଅ ଏସିଆନ ଗେମ୍ସରେ ପଦକ ଜିତିବା ସ୍ୱପ୍ନପରି ଥିଲା। ସେତେବେଳେ ବଲାଙ୍ଗୀରରେ ଆମ ପାଇଁ ଦୌଡ଼ିବାକୁ ଭଲ ପଡ଼ିଆ ନ ଥିଲା। ଗୋଡ଼ିମାଟିରେ ଦୌଡ଼ି ଆମେ ଅଭ୍ୟାସ କରୁଥିଲୁ। ଅନେକ ସମୟରେ ଆମେ ଗୋଡ଼ି ସଫା କରି ଦୌଡୁଥିଲୁ। ପଦକ ହାତରେ ଧରିବାପରେ ଜଣେ ଓଡ଼ିଆଭାବେ ଗର୍ବ ଅନୁଭବ କରିଥିଲି।

**ପ୍ର:** ସେତେବେଳେ ରାଜ୍ୟ କ୍ରୀଡ଼ା ମହଲ କିପରି ଥିଲା ଏବଂ ଆପଣଙ୍କୁ କିପରି ସ୍ୱାଗତ ସମ୍ବର୍ଦ୍ଧନା ମିଳିଥିଲା।

**ଉ:** ସେତେବେଳେ ଗଣମାଧ୍ୟମରେ ଏତେ ପ୍ରଚାର ପ୍ରସାର ନ ଥିଲା। ସେତେବେଳେ ମୁଁ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ରହୁଥିଲି। ତେଣୁ ସାଇ ପକ୍ଷରୁ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ମୋତେ ସମ୍ବର୍ଦ୍ଧିତ କରାଯାଇଥିଲା। ମାତ୍ର ପ୍ରଚାର ପ୍ରସାର ନ ଥିବାରୁ ଏହି ସଫଳତା ସମ୍ପର୍କରେ ଅନେକେ ଜାଣିପାରି ନ ଥିଲେ। କେତେବେଳେ କେମିତି ଖବରକାଗଜରେ କିଛି ବାହାରୁଥିଲା। ତେଣୁ ଆମେ ବିଶେଷ ଲୋକଲୋଚନକୁ ଆସିପାରି ନ ଥିଲୁ।

**ପ୍ର:** ଆଥ୍‌ଲେଟିକ୍ସ କ୍ୟାରିୟର କିପରି ଶେଷ ହୋଇଥିଲା। ଏହା ପଛର କାରଣ କ'ଣ ଥିଲା।

**ଉ:** ବେଙ୍ଗାଲୁରୁରେ ଅଲିମ୍ପିକ୍ସ କ୍ୟାମ୍ପରେ ଥିବାବେଳେ ଟ୍ରାଏଲ୍ ସମୟରେ ଆଣ୍ଠୁରେ ଆଘାତ ପାଇଥିଲି। ତା' ପରେ ମୁମ୍ବାଇରେ ସ୍ପୋର୍ଟ୍ସ ମେଡିସିନ ସ୍ପେଶାଲିଷ୍ଟ ଅନନ୍ତ ଯୋଶୀଙ୍କ ସହ ଯୋଗାଯୋଗ ମଧ୍ୟ କରିଥିଲି। ମାତ୍ର ଏ କ୍ଷେତ୍ରରେ ବିଶେଷ ଆଗେଇ ପାରି ନ ଥିଲି। ଫଳରେ ଏହି ସମସ୍ୟା ଯୋଗୁ ହିଁ ମୋ ଖେଳ କ୍ୟାରିୟର ଶେଷ ହୋଇଯାଇଥିଲା।

**ପ୍ର:** ମନରେ ସେପରି କିଛି ଅବସୋସ ରହିଛି କି, ଯାହାକୁ ଆପଣ ଭୁଲିପାରୁ ନାହାନ୍ତି।

**ଉ:** ଅଲିମ୍ପିକ୍ସ କ୍ୟାମ୍ପରେ ଯେହେତୁ ଥିଲି ଅଲିମ୍ପିକ୍ସରେ ଭାଗନେବାର ସ୍ୱପ୍ନ ରହିଥିଲା। ମାତ୍ର ଆହତ ସମସ୍ୟା କାରଣରୁ ମନରେ ଅବସୋସ ରହିଗଲା।

**ପ୍ର:** ପାରିବାରିକ ଜୀବନପରେ ଆପଣଙ୍କ ଆଥଲେଟିକ୍ସ ଜୀବନକୁ କିପରି ସମର୍ଥନ ମିଳିଛି ?

ଉ: ସ୍ୱାମୀ ସଚିକାନ୍ତ ପତି ଷ୍ଟେଟ ବ୍ୟାଙ୍କରେ କାର୍ଯ୍ୟରତ। ମୁଁ ଯେହେତୁ ଆଥଲେଟିକ୍ସକୁ କ୍ୟାରିୟର କରିଥିଲି ସେଥିରେ ଆଗକୁ ମଧ୍ୟ ମୁଁ କିଛି କରେ ବୋଲି ସେ ଚାହାନ୍ତି। ଏଥିପାଇଁ ସେ ମୋତେ ସବୁବେଳେ ଉତ୍ସାହିତ କରି ଆସିଛନ୍ତି।



ସ୍ୱାମୀ ସଚିକାନ୍ତ ପତିଙ୍କ ସହ ପ୍ରଣତି।

**ପ୍ର:** ଆପଣଙ୍କ ସମୟର ଖେଳ ପରିବେଶ ଏବଂ ବର୍ତ୍ତମାନ ସମ୍ପର୍କରେ କ'ଣ ପ୍ରଭେଦ ଅନୁଭବ କରୁଛନ୍ତି।

**ଉ:** ଆକାଶ ପାତାଳ ପ୍ରଭେଦ। ଏବେ ଖେଳକୁ ସପୋର୍ଟ କରିବାକୁ ସମସ୍ତେ ଆଗେଇ ଆସୁଛନ୍ତି। ମାତ୍ର ସେତେବେଳେ ସାହାଯ୍ୟ କରିବାକୁ କେହି ନ ଥିଲେ। ନିଜେ ଲଢ଼ିବାକୁ ପଡୁଥିଲା। ସେତେବେଳେ ଆମେ ଟେନିସ ଶୁ' ପିନ୍ଧି ଅଭ୍ୟାସ କରୁଥିଲୁ। ହଷ୍ଟେଲରେ ଯେତେବେଳେ ପାୱାର ଜୋତା ମିଳିଲା ଆମକୁ ବହୁତ ଗୋଟେ ବଡ଼ ଜିନିଷ ପାଇବାପରି ଲାଗିଥିଲା। ଏସିଆନ ଗେମ୍ସ ପାଇଁ କ୍ୟାମ୍ପ ଗଲା ପରେ ଯାଇ ଆମେ ଭଲ ସ୍ପାଇକ୍ ପାଇଥିଲୁ।

**ପ୍ର:** ଆଥ୍‌ଲେଟିକ୍ସ ସହିତ ଜଡ଼ିତ ରହି କିଛି କରିବାର ଯୋଜନା ଅଛି କି।

**ଉ:** ସୁଯୋଗ ପାଇଲେ ମୁଁ ପିଲାଙ୍କୁ ଟ୍ରେନିଂ ଦେବାକୁ ଲକ୍ଷ୍ୟ ରଖିଛି। କିଛି ଭଲ ପିଲା ଦେଖି ସେମାନଙ୍କୁ ସହାୟତା କରିବାକୁ ମଧ୍ୟ ଇଚ୍ଛା ଅଛି।

**ପ୍ର:** ଏସିଆନ ଗେମ୍ସରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଆଥଲେଟ୍‌ଙ୍କ ନିକଟରୁ ଆପଣ କ'ଣ ଆଶା ରଖିଛନ୍ତି।

**ଉ:** ରାଜ୍ୟ ସରକାର ଏବେ ଖେଳକୁ ପ୍ରାଧାନ୍ୟ ଦେଉଛନ୍ତି। ପିଲାମାନେ ଯାଇ ବାହାରେ ଟ୍ରେନିଂ ସୁଯୋଗ ପାଇଛନ୍ତି। ତେଣୁ ସେମାନେ ଭଲ କରିବାନେଇ ଆଶା ରହିଛି।

**ପ୍ର:** ଆଥ୍‌ଲେଟିକ୍ସକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାଙ୍କୁ କ'ଣ ପରାମର୍ଶ ଦେବେ।

**ଉ:** କଠିନ ପରିଶ୍ରମ କରନ୍ତୁ, କୋଚ୍‌ଙ୍କ କଥା ମାନନ୍ତୁ। ତାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରନ୍ତୁ। ଏହା କରିପାରିଲେ ନିଶ୍ଚିତ ଭବିଷ୍ୟତରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ।

### ସଂକ୍ଷେପରେ...

**ନାମ:** ପ୍ରଣତି ମିଶ୍ର
**ଜନ୍ମ:** ୧୨ ମେ', ୧୯୭୦, ବଲାଙ୍ଗୀର
**ପରିବାର:** ମା: କୁମୁଦିନୀ ମିଶ୍ର, ବାପା: ଲମ୍ବୋଦର ମିଶ୍ର, ଭାଇ: କାଳି ପ୍ରସାଦ ମିଶ୍ର, ଗୌରୀ ପ୍ରସାଦ ମିଶ୍ର ଓ ବିଷ୍ଣୁ ପ୍ରସାଦ ମିଶ୍ର,
**ଭଉଣୀ:** ପ୍ରତିମା, ପ୍ରତିଭା ଓ ପ୍ରମିଳା, ସ୍ୱାମୀ: ସଚିକାନ୍ତ ପତି, ପୁତ୍ର: ସଙ୍କେତ ପତି
(ସାତ ଭାଇ ଭଉଣୀଙ୍କ ମଧ୍ୟରୁ ପ୍ରଣତି ଥିଲେ ପଞ୍ଚମ। ସବୁଠାରୁ ବଡ଼କଥା ହେଲା ତାଙ୍କର ୩ ଭଉଣୀଯାକ ଥିଲେ ଆଥଲେଟ୍।)
ଘରୋଇ କ୍ଲବ/ଏକାଡେମୀ: ସାଇ ଟ୍ରେନିଂ ସେଣ୍ଟର, କଟକ
**କୋଚ୍:** ସୁବାସ ଚନ୍ଦ୍ର ଦାସ ମହାପାତ୍ର
**ଇଭେଣ୍ଟ:** ୧୦୦, ୨୦୦, ୪୦୦ ମିଟର ରେସ୍, ୪X୧୦୦, ୪X୪୦୦ ମିଟର ରିଲେ ରେସ୍।
**ବଡ଼ ସଫଳତା:** ୧୯୯୦ ବେଜିଂ ଏସିଆନ ଗେମ୍ସର ୪X୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ।
**ଅବସର:** ଆଣ୍ଠୁରେ ଆଘାତ ଯୋଗୁ ୧୯୯୨ରେ ଧାବିକା କ୍ୟାରିୟରର ଅବସାନ

---

# ଆଇଏସ୍‌ଏଲ୍‌ରେ ସ୍ପାନିଶ୍ ଲିଗ୍‌ର ପ୍ରଭାବ

**ବିଶ୍ୱରେ ଏକ ଫୁଟ୍‌ବଲ ମହାଶକ୍ତି ଭାବରେ ନିଜକୁ ପ୍ରତିଷ୍ଠିତ କରିବା ଦିଗରେ ଭାରତ ଅଗ୍ରସର ହେଉଥିବା ବେଳେ ଏହା ପଛରେ ସ୍ପାନିଶ୍ ଲିଗ୍ ତଥା ଲା ଲିଗାର ଅବଦାନ ଅତୁଳନୀୟ। କେବଳ ଖେଳାଳି ନୁହନ୍ତି ବରଂ ବିଭିନ୍ନ ସ୍ପାନିଶ ଲିଗ୍‌ର କୋଚ୍ ଓ ମ୍ୟାନେଜର ଏବେ ବିଭିନ୍ନ ଆଇଏସ୍‌ଏଲ୍ କ୍ଲବ୍‌ର ଦାୟିତ୍ୱରେ ଅଛନ୍ତି..**

ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍‌ଏଲ୍)ର ଦଶମ ସଂସ୍କରଣ ଆରମ୍ଭ ହୋଇ ଯାଇଛି। ୨୦୧୩ରେ ଆରମ୍ଭ ହୋଇଥିବା ଏହି ଲିଗ୍ ଇତିମଧ୍ୟରେ ଭାରତର ଏକ ନମ୍ବର ଲିଗ୍‌ର ମାନ୍ୟତା ହାସଲ କରିଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତର ପ୍ରତିଭାମାନଙ୍କୁ ସୁଯୋଗ ମିଳିବା ସହିତ ଜାତୀୟ ଦଳ ପାଇଁ ନୂଆ ଖେଳାଳି ବାହାରୁଛନ୍ତି। ଏହି ଲିଗ୍‌ର ସଫଳତା ପଛରେ ଅନେକ ବିଦେଶୀ ଖେଳାଳି ଓ କୋଚ୍‌ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ବିଦେଶୀ ଲିଗ୍‌ର ଖେଳାଳିମାନେ ସାମିଲ ହୋଇଥିଲେ ମଧ୍ୟ ସ୍ପାନିଶ୍ ଲିଗ୍ ଓ ଲା ଲିଗା ଅନ୍ୟମାନଙ୍କ ଅପେକ୍ଷା ଅଗ୍ରଣୀ ରହିଛି। ଭାରତୀୟ ଫୁଟବଲକୁ ଏକ ନୂତନ ଦିଗ୍‌ଦର୍ଶନ ଦେବାରେ ଏହାର ଖେଳାଳି ଓ କୋଚ୍‌ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ୨୦୧୬ରେ ଲା ଲିଗା ପକ୍ଷରୁ ଭାରତର ରାଜଧାନୀ ନୂଆଦିଲ୍ଲୀରେ ଏହାର ପ୍ରଥମ କାର୍ଯ୍ୟାଳୟ ଖୋଲିଥିଲା। ବିଶ୍ୱରେ ଭାରତ ଏକ ଫୁଟବଲ ମହାଶକ୍ତି ଭାବରେ ନିଜକୁ ପ୍ରତିଷ୍ଠିତ କରିବା ଦିଗରେ ଭାରତ ଅଗ୍ରସର ହେଉଥିବା ବେଳେ ଏହା ପଛରେ ସ୍ପାନିଶ୍ ଲିଗ୍ ତଥା ଲା ଲିଗାର ଅବଦାନ ଅତୁଳନୀୟ। କେବଳ ଖେଳାଳି ନୁହନ୍ତି ବରଂ ବିଭିନ୍ନ ସ୍ପାନିଶ ଲିଗ୍‌ର କୋଚ୍ ଓ ମ୍ୟାନେଜରମାନେ ବିଭିନ୍ନ ଆଇଏସ୍‌ଏଲ୍ କ୍ଲବ୍‌ଗୁଡିକର ଦାୟିତ୍ୱରେ ଅଛନ୍ତି। ନିକଟରେ ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ଭାବରେ ସର୍ଗିଓ ଲୋବେରା ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଡିଫେଣ୍ଡର୍ସ

ଲା ଲିଗାର ଅନ୍ୟତମ ଶକ୍ତିଶାଳୀ ଦଳ ରିୟଲ ମାଡ୍ରିଡ୍‌ର ଆଟାକିଂ ମିଡ୍‌ଫିଲ୍ଡର ଜାଭି ହର୍ନାଣ୍ଡେଜ୍ ପ୍ରଥମ ଖେଳାଳି ଭାବରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ ଖେଳୁଥିବା ବେଳେ ଲା ମାସିଆର ଭିକ୍ଟର ରୋଡ୍ରିଗୁଏଜ୍ ଏଫ୍‌ସି ଗୋଆ ପକ୍ଷରୁ ୱିଙ୍ଗର ଭାବରେ ଖେଳୁଛନ୍ତି। ଏହାପରେ ବିଭିନ୍ନ କ୍ଲବର ଖେଳାଳି ଆଇଏସ୍‌ଏଲ୍‌ରେ ଯୋଗ ଦେଇଥିଲେ। ଚଳିତ ସିଜନରେ ଭାଲେନ୍ସିଆ ସିଏଫ୍‌ର ଜୋସ୍ ଆଣ୍ଟୋନିଓ ପାର୍ଡୋ ଓ ଆଟଲେଟିକୋ ମାଡ୍ରିଡର ଆଲବର୍ଟ ନୋଗୁଏରାଙ୍କ ପରି ଖେଳାଳି ମଧ୍ୟ ଆଇଏସ୍‌ଏଲ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଜୋସ୍ ଆଣ୍ଟୋନିଓ ପାର୍ଡୋ ଓ ବୋର୍ଜା ହେରେରା ଇଷ୍ଟ ବେଙ୍ଗଲ ଦଳରେ ଡିଫେଣ୍ଡର ଭାବରେ ସାମିଲ ହୋଇଛନ୍ତି। ଜୋସ୍ ଲୁଇସ୍ ଏସ୍ପିନୋସା ଆରୋୟୋ ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ସେଣ୍ଟର ବ୍ୟାକ୍ ଭାବରେ ଖେଳିଥାନ୍ତି। ସେ ପୂର୍ବରୁ କାଡିଜ୍ ସିଏଫ୍ ଓ ଆଟଲେଟିକୋ ମାଡ୍ରିଡ୍ ପାଇଁ ଖେଳିଛନ୍ତି। ନର୍ଥଇଷ୍ଟର ସେଣ୍ଟର ବ୍ୟାକ୍ ରହିଥିବା ମାଇକେଲ ଜାବାକୋ ପୂର୍ବରୁ ଆଟଲେଟିକୋ ମାଡ୍ରିଡ୍ ୟୁଥ୍ ଟିମ୍ ପାଇଁ ଖେଳିଛନ୍ତି। ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳୁଥିବା ଡିଫେଣ୍ଡର କାର୍ଲୋସ ଡେଲଗାଡୋ ଭାଲେନ୍ସିଆର ବି ଟିମ୍ ପାଇଁ ଖେଳିଛନ୍ତି। ଏହା ବ୍ୟତୀତ ଆଲ୍ମେରିଆ ଓ କାସେଲିଅନ୍ ଭଳି କ୍ଲବର ପ୍ରତିନିଧିତ୍ୱ କରିଛନ୍ତି କାର୍ଲୋସ୍।

### ମିଡ୍‌ଫିଲ୍ଡର୍ସ

ଆଟଲେଟିକୋ ମାଡ୍ରିଡର ଆଲବର୍ଟ ନୋଗୁଏରା ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ଖେଳିଥାନ୍ତି। ବେଙ୍ଗାଲୁରୁର ଆଟାକିଂ ମିଡଫିଲ୍ଡର ଜାଭି ହର୍ନାଣ୍ଡେଜ୍ ରିୟଲ୍ ମାଡ୍ରିଡ୍ ୟୁଥ୍ ଟିମ୍‌ର ପ୍ରମୁଖ ସଦସ୍ୟ ରହିଥିଲେ। ଇଷ୍ଟ ବେଙ୍ଗଲର ସେଣ୍ଟ୍ରାଲ ମିଡଫିଲ୍ଡର ରହିଥିବା ସଲ୍ କ୍ରେସ୍ପୋ ଏକାଧିକ ସ୍ପାନିଶ କ୍ଲବ୍ ପାଇଁ ଖେଳିଛନ୍ତି। ପଞ୍ଜାବ ଏଫ୍‌ସିର ମିଡଫିଲ୍ଡର ଆର୍‌ସି ସେଲ୍‌ଟା ଓ ହାଇଦ୍ରାବାଦ ଏଫ୍‌ସିର ଅଧିନାୟକ ଜୋଆଓ ଭିକ୍ଟର ଲା ଲିଗା କ୍ଲବ ଆର୍‌ସିଡି ମାଲୋର୍ସା ପକ୍ଷରୁ ଖେଳି ସାରିଛନ୍ତି।

### ଷ୍ଟ୍ରାଇକର୍ସ

ଫରୱାର୍ଡ ବା ଷ୍ଟ୍ରାଇକରଙ୍କ ମଧ୍ୟରେ ସ୍ପାନିଶ ଲିଗ୍‌ର ଆଧିପତ୍ୟ ରହିଛି। ନର୍ଥଇଷ୍ଟର ଷ୍ଟ୍ରାଇକର ରହିଥିବା ନେଷ୍ଟର ଆଲବିୟାକ୍ ରୋଜର ସ୍ପାନିଶ୍ କ୍ଲବ ଲେଭାଣ୍ଟେ ୟୁଡି ପକ୍ଷରୁ ଖେଳିଛନ୍ତି। ଇଷ୍ଟ ବେଙ୍ଗଲର ଜାଭିୟର ସିଭିରେଓ ଦୁଇଟି ସ୍ପାନିଶ କ୍ଲବ(ୟୁଡି ଲା ପାଲ୍‌ମାସ ଓ ରିୟଲ ରେସିଂ କ୍ଲବ୍) ପକ୍ଷରୁ ଖେଳିଛନ୍ତି। ଏଫ୍‌ସି ଗୋଆ ପକ୍ଷରୁ ଖେଳୁଥିବା କାର୍ଲୋସ ମାର୍ଟିନେଜ୍ ଓ ଭିକ୍ଟର ରୋଡ୍ରିଗୁଏଜ୍ ତିନୋଟି କ୍ଲବ ପାଇଁ ଖେଳିଛନ୍ତି। ଉଭୟ ଭିଲାରିଏଲ୍ ସିଏଫ୍, ଲା ମାସିଆ ଓ ଏଫ୍‌ସି ବାର୍ସେଲୋନା ପାଇଁ ଖେଳିଥିବା ବେଳେ ବର୍ତ୍ତମାନ ଭାରତୀୟ ଲିଗ୍‌ରେ ନିଜର ପ୍ରତିଭା ଦେଖାଉଛନ୍ତି।

### କୋଚ୍

ସ୍ପାନିଶ ଫୁଟବଲର ପ୍ରଭାବ କେବଳ ଖେଳାଳିଙ୍କ ମଧ୍ୟରେ ସୀମିତ ନାହିଁ। ଏକାଧିକ ପୂର୍ବତନ ଖେଳାଳି ବର୍ତ୍ତମାନ ବିଭିନ୍ନ ଆଇଏସ୍‌ଏଲ୍ କ୍ଲବର କୋଚ୍ ବା ମ୍ୟାନେଜର ଭୂମିକାରେ ନଜର ଆସୁଛନ୍ତି। ଏହା ମଧ୍ୟରେ କିଛି ପ୍ରସିଦ୍ଧ ନାମ ସାମିଲ ରହିଛି। ଆଲବର୍ଟ ରୋକା ବେଙ୍ଗାଲୁରୁ ଏଫ୍‌ସି ସହିତ ଟେକ୍ନିକାଲ କନ୍‌ସଲ୍ଟାଣ୍ଟ ଭାବରେ କାମ କରୁଛନ୍ତି। କାର୍ଲେସ୍ କୁଆଡ୍ରାଟ ଇଷ୍ଟବେଙ୍ଗଲ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଡିମାସ୍ ଡେଲଗାଡୋ ସହକାରୀ କୋଚ୍ ରହିଛନ୍ତି। ମାନୋଲୋ ମାରକ୍ୱେଜ ଏଫ୍‌ସି ଗୋଆର ମୁଖ୍ୟ କୋଚ୍ ରହିଛନ୍ତି। ମୋହନବାଗାନ ସୁପର ଜାଏଣ୍ଟର ମୁଖ୍ୟ କୋଚ୍ ଜୁଆନ୍ ଫେରାଣ୍ଡୋ ଓ ନିର୍ଦ୍ଦେଶକ ଆଣ୍ଟୋନିଓ ଲୋପେଜ୍ ହବସ ଉଭୟ ସ୍ପେନ୍‌ର ବାସିନ୍ଦା। ଜୁଆନ୍ ପେଡ୍ରୋ ବେନାଲି ନର୍ଥଇଷ୍ଟର ମୁଖ୍ୟ କୋଚ୍ ଥିବା ବେଳେ ଚଳିତ ବର୍ଷ ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ସର୍ଗିଓ ଲୋବେରା। ସେ ଏହା ପୂର୍ବରୁ ଏଫ୍‌ସି ଗୋଆର ମୁଖ୍ୟ କୋଚ୍ ରହି ଦଳକୁ ଚାମ୍ପିୟନ କରାଇଥିଲେ।



ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା
ଭିକ୍ଟର ରୋଡ୍ରିଗୁଏଜ୍

### ମିରାକଲ୍

କେବେ ଫୁଲ୍ ଲେନ୍ଥ, ଆଉଟ ସୁଇଙ୍ଗ୍
ଇନ୍ ସୁଇଂ ବଲ୍ ଫିଙ୍ଗି
ଓଭରରେ ଚାରି ଉଇକେଟ ଲଙ୍କାର
ମେରୁଦଣ୍ଡ ଦେଲା ଭାଙ୍ଗି
ସିରାଜ ଖେଳରେ ଲୁଙ୍ଗି
ଡ୍ୟାନ୍ସରେ ବିଭୋର ପଡ଼ିଆରେ ଫ୍ୟାନ
ନ୍ୟୁ ରେକର୍ଡ ଗଲା ଲମ୍ବି।

ଘାତକ ବୋଲିଂରେ ଧରାଶାୟୀ ସବୁ
କଲମ୍ବୋଠି ଲଙ୍କାସୁର
ନିଶଙ୍କା, ଆସାଲଙ୍କା, ମେଣ୍ଡିସ, ବିକ୍ରମା
ଧନଞ୍ଜୟ ସରେଣ୍ଡର
ଡାଉନ୍ ଶନକା ଶିର
ଏସିଆ କପ୍ ଚାମ୍ପିୟନ ମୋ ଭାରତ
ଯା'କୁ ନେଇ ଆଠ ଥର।

ଆଇସିସି ୱାନ୍‌ଡେ ବିଶ୍ୱକପ ହବ
ଆଉ ବାର ଦିନ ବାକି
'ଦିଲ ମିଶନ ବୋଲେ' ଥିମ୍ ସଙ୍ଗ ବାଜିବ
ଉଦ୍‌ଘାଟନରେ ଯା' ଦେଖି
ସରଂଚନା କରି ଲକି
ଗାୟକ ପ୍ରୀତମ, ଶ୍ଳୋକଲାଲ, ବର୍ମା
ଅଲସୋ ଲକି ଲେଖା ଲେଖି।

**-ସୁବାସ ଚନ୍ଦ୍ର ପ୍ରଧାନ**

# ଶ୍ରେୟସ୍, ସୂର୍ଯ୍ୟଙ୍କ ଉପରେ ନଜର

**ଆଜିଠୁ ଅଷ୍ଟ୍ରେଲିଆ ସିରିଜ୍**
ସ୍ଥାନ: ମୋହାଲି
ମ୍ୟାଚ୍ ସମୟ: ଅପରାହ୍ନ ୧.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

ମୋହାଲି,୨୧।୯(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପର ଅନ୍ତିମ ପ୍ରସ୍ତୁତି ଭାବରେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବ ଭାରତ। ଶୁକ୍ରବାର ଠାରୁ ଏହି ସିରିଜ୍ ଆରମ୍ଭ ହେଉଥିବା ବେଳେ ଶ୍ରେୟସ୍ ଆୟର ଓ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଆୟରଙ୍କୁ ନିଜର ଫିଟନେସ୍ ଓ ସୂର୍ଯ୍ୟକୁମାରଙ୍କୁ ଦିନିକିଆରେ ନିଜର ଫର୍ମ ପ୍ରମାଣ କରିବା ପାଇଁ ଏହା ଅନ୍ତିମ ସୁଯୋଗ ରହିବ। ପ୍ରଥମ ଦୁଇ ଦିନିକିଆ ପାଇଁ ରୋହିତ ଶର୍ମା, ବିରାଟ କୋହଲି, କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ବେଞ୍ଚଷ୍ଟ୍ରେନ୍ଥ ପରୀକ୍ଷା ପାଇଁ ଏହା ରାହୁଲ ଦ୍ରାବିଡଙ୍କ ପାଇଁ ଅନ୍ତିମ ସୁଯୋଗ ରହିବ। ମୁମ୍ବାଇର ଦୁଇ ଖେଳାଳି ଆୟର ଓ ସୂର୍ଯ୍ୟକୁମାରଙ୍କ ଖେଳିବା ଶୈଳୀ ଭିନ୍ନ। ଆୟର ୪ ନମ୍ବରରେ ନିଜର ଦକ୍ଷତା ପ୍ରମାଣିତ କରି ସାରିଛନ୍ତି। ତେବେ ଫିଟନେସ ତାଙ୍କ ପାଇଁ ବଡ ସମସ୍ୟା ରହିଛି। ଆୟର ସମ୍ପୂର୍ଣ୍ଣ ଫିଟ୍ ନ ଥିବା ବେଳେ ଅଷ୍ଟ୍ରେଲିଆ ସିରିଜରେ ୧୦୦ ଓଭର ଖେଳିବା ପାଇଁ ପ୍ରସ୍ତୁତ ଥିବେ ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି। ମଧ୍ୟକ୍ରମରେ ଇଶାନ କିଶନ ଚମତ୍କାର ଫର୍ମରେ ରହିଥିଲେ ମଧ୍ୟ ସ୍ପିନ୍ ଖେଳିବାରେ ଆୟରଙ୍କ ଦକ୍ଷତା ଅତ୍ୟନ୍ତ ପ୍ରଭାବୀ। ଅନ୍ୟ ପକ୍ଷରେ ଟି୨୦ରେ ବିଶ୍ୱର ଏକ ନମ୍ବର ବ୍ୟାଟର ରହିଥିବା ସୂର୍ଯ୍ୟକୁମାରଙ୍କ ପାଇଁ ଦିନିକିଆରେ ସମାନ ଫଳାଫଳ ମିଳିନାହିଁ। ୨୭ ଦିନିକିଆ ଖେଳି ସାରିଥିଲେ ମଧ୍ୟ ତାଙ୍କର ଆଭରେଜ ମାତ୍ର ୨୪ ରହିଛି। ଯଦିଓ ବିଶ୍ୱକପରେ ସୂର୍ଯ୍ୟକୁମାରଙ୍କୁ ଆକ୍ସନରେ ଦେଖିବାର ସମ୍ଭାବନା କମ ତେବେ ବ୍ୟାକ ଅପ୍ ଭାବରେ ସେ ଦଳରେ ରହିଥିବାରୁ ତାଙ୍କର ଫର୍ମକୁ ଫେରିବା ଅତ୍ୟନ୍ତ ଆବଶ୍ୟକ। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଅଶ୍ୱିନଙ୍କ ପ୍ରଶଂସା କରିଥିଲେ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍। ଅଶ୍ୱିନଙ୍କ ପରି ଅଭିଜ୍ଞ ଖେଳାଳି ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଭାରତ ପାଇଁ ଶୁଭ ସଙ୍କେତ ବୋଲି କହିଛନ୍ତି ମୁଖ୍ୟ କୋଚ୍।

ସ୍ପିନ୍ ବିଭାଗରେ ଅକ୍ଷର ପଟେଲ ଆହତ ଥିବା ବେଳେ ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ଓ ୱାଶିଂଟନ୍ ସୁନ୍ଦର। ୨ ସପ୍ତାହ ତଳେ ଅଶ୍ୱିନ ଭାରତୀୟ ଦଳର ରାଡାରରେ ନ ଥିବା ବେଳେ ଅଚାନକ ତାଙ୍କୁ ଦଳକୁ ଡାକରା ମିଳିଛି। କୁଲଦୀପଙ୍କ ଅନୁପସ୍ଥିତିରେ ଉଭୟ ଅଶ୍ୱିନ ଓ ସୁନ୍ଦରଙ୍କ ପାଖରେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାର ସମାନ ସୁଯୋଗ ରହିଛି। ସେହିପରି ୱାର୍ନର ଓ ସ୍ମିଥ୍ଙ୍କ ବିପକ୍ଷରେ ଅଶ୍ୱିନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ତେବେ ଯଦି ଅକ୍ଷର ଫିଟ୍ ହୁଅନ୍ତି ତେବେ ଅଶ୍ୱିନଙ୍କ ସମ୍ଭାବନା କମ ରହିବ। ଅକ୍ଷରଙ୍କ ହାର୍ମଷ୍ଟ୍ରିଙ୍ଗରେ ସେକଣ୍ଡ ଗ୍ରେଡ୍ ଟିୟର ରହିଥିବା ବେଳେ ସୁସ୍ଥ ହେବା ପାଇଁ ୨ ସପ୍ତାହ ସମୟ ଲାଗିବ। ରୋହିତଙ୍କ ଅନୁପସ୍ଥିତିରେ ଇଶାନ କିଶନ୍ ଓ ଶୁବମନ ଗିଲ୍ ଓପନ କରିବା ସ୍ପଷ୍ଟ ହୋଇଛି। ତେବେ ପେସ୍ ବୋଲରଙ୍କ ୱାର୍କଲୋଡ ମ୍ୟାନେଜମେଣ୍ଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଏହାର ଅନ୍ତିମ ସିରିଜ ୨-୩ରେ ପରାଜିତ ହୋଇଥିଲା। ତେବେ ଦଳର କିଛି ଖେଳାଳି ଚମତ୍କାର ଫର୍ମରେ ରହଛନ୍ତି। ଘରୋଇ ପରିବେଶରେ ଭାରତ ଫେଭରିଟ୍ ହୋଇଥିଲେ ହେଁ ଅଷ୍ଟ୍ରେଲିଆ କଡା ଟକ୍କର ଦେବ। ମୋହାଲିର ପିଚ୍ ସାଧାରଣ ଭାବରେ ପେସ୍ ବୋଲିଂକୁ ଅଧିକ ସୁହାଇଥାଏ। ଉଭୟ ଦଳ ଏହାର ଫାଇଦା ନେବାକୁ ପ୍ରୟାସ କରିବେ।



ଗୁରୁବାର ନେଟ୍ସରେ ଅଧିନାୟକ ଲୋକେଶ ରାହୁଲ ଓ କୋଚ୍ ରାହୁଲ ଦ୍ରାବିଡ୍।

# ବିଜୟ ସହ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨୧।୯
(ତପନ ସ୍ୱାଇଁ)

**ଜାତୀୟ ଜୁନିୟର ବାଳିକା ଫୁଟବଲ**

ଏଠାରେ ଚାଲିଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ବିଜୟ ସହ ଓଡ଼ିଶା ଅଭିଯାନ ଆରମ୍ଭ କରିଛି। ୟୁନିଟ-୩ସ୍ଥିତ କ୍ୟାପିଟାଲ ଆରେନାରେ ଗୁରୁବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ କେରଳକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୯୦ ମିନିଟ ପର୍ଯ୍ୟନ୍ତ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ତେବେ ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ପ୍ରିୟାସା ସରକାର ପେନାଲ୍ଟିରୁ ଏକ ଗୋଲ ଦେଇ ଓଡ଼ିଶାକୁ ବିଜୟୀ କରିଥିଲେ। ଏହି ପଡ଼ିଆରେ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ହରିୟାଣା-ଦିଲ୍ଲୀ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ହରିୟାଣା ପକ୍ଷରୁ ପ୍ରାଚି ୫ ଓ ୩୪ ଏବଂ ଦିଲ୍ଲୀ ପକ୍ଷରୁ ଭାନି କାଲୁଚା ୬୦ ଓ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀରେ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ମ୍ୟାଚରେ ମଣିପୁର ୬-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମୋଇବୁଙ୍ଗଖୋଙ୍ଗବାମ୍ ସଞ୍ଜନା ୫୦ ଓ ୬୭ ମିନିଟରେ ୨ଟି ଏବଂ କୁମୁକଚେମ୍ ଭୁମିକା ଦେବୀ ୮, ନାମେରାକପାମ୍ ଆରିନା ଦେବୀ ୧୨, ହେମାମ ଲିନ୍‌ଥୋଇ ଦେବୀ ୨୩ ଓ ନାମରାମ ଲାମଙ୍ଗାବି ଚାନୁ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ଗ୍ରାଉଣ୍ଡରେ ଅପରାହ୍ନ ୩ଟାରେ ଆୟୋଜିତ ମ୍ୟାଚରେ ଗୁଜରାଟ ୨-୦ ଗୋଲରେ ଅରୁଣାଚଳ ପ୍ରଦେଶକୁ ହରାଇ ଦେଇଛି। ଗୁଜରାଟର ଦିବ୍ୟା ଦରୋଦ୍ରା ୧୧ ଓ ଗୁଡିବେନ ପିଞ୍ଜୁ ଗୁଣ୍ଡିଆ ୧୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।



ଓଡ଼ିଶା ଓ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅଲ୍ ଓଡ଼ିଶା ଓପନ ଚେସ୍ ୨୪ରେ

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ):** ସ୍ୱୟଂଶ୍ରୀ ଆକ୍ଟିଭିଟି ହବ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ସ୍କୁଲ ଚେସ୍ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ମୋଟ ୧୩,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୫,୦୦୦, ରନର ଅପ୍‌ଙ୍କୁ ୩୦୦୦ ଟଙ୍କା ପ୍ରଦାନ କରାଯିବ। ଅଂଶଗ୍ରହଣ ପାଇଁ ଇଚ୍ଛୁକ ପ୍ରତିଯୋଗୀଙ୍କୁ ୫୦୦ ଟଙ୍କା ଏଣ୍ଟ୍ରିଫି ଦେଇ ନାମ ପଞ୍ଜୀକରଣ କରିବାକୁ ହେବ। ୨୩ ତାରିଖ ରାତି ସୁଦ୍ଧା ପ୍ରତିଯୋଗୀମାନେ ନିଜ ନାମ ପଞ୍ଜୀକରଣ କରିପାରିବେ। ଟପ୍-୧୦ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ବ୍ୟତୀତ ୬୦ ଜଣଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯିବ। ମୁଖ୍ୟ ପୁରସ୍କାର ବ୍ୟତୀତ ୫ରୁ ୧୩ ବର୍ଷ ବୟସ ବର୍ଗର ୩ ଜଣ ଲେଖାଏ ବାଳିକା ଓ ବାଳକଙ୍କୁ ଏବଂ ୧୨ ଓ ୧୩ ବର୍ଷରୁ କମ୍ ବର୍ଗରେ ଜଣେ ଲେଖାଏ ଶ୍ରେଷ୍ଠ ବାଳିକା ଓ ବାଳକ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯିବ। ୧୫ ବର୍ଷରୁ କମ୍ ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି ଆୟୋଜକ ସ୍ୱୟଂଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

# ବ୍ରୋଞ୍ଜ ସହ ଅନ୍ତିମଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା



ବ୍ରୋଞ୍ଜ ପଦକ ମ୍ୟାଚ୍ ଜିତିବା ପରେ ଅନ୍ତିମ ପଙ୍ଘାଲ।

**ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍**

ବେଲଗ୍ରେଡ୍, ୨୧।୯ (ପି.ଟି.)

ବେଲଗ୍ରେଡରେ ଅନୁଷ୍ଠିତ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଭାରତର ଅନ୍ତିମ ପଙ୍ଘାଲ ବ୍ରୋଞ୍ଜ ପଦକ ହାସଲ କରିବା ସହିତ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୯ ବର୍ଷୀୟ ଅନ୍ତିମ ଷଷ୍ଠ ଭାରତୀୟ ମହିଳା ଭାବରେ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ରିପିଚେଜ୍ ରାଉଣ୍ଡରେ ସୁଇଡେନ୍‌ର ଏମ୍ମା ଜୋନା ଡେନିସ ମାଲ୍ମଗ୍ରେନଙ୍କୁ ୧୬-୬ରେ ପରାସ୍ତ କରିଥିଲେ ୧୯ ବର୍ଷୀୟା ଅନ୍ତିମ। ପ୍ରଥମ ରାଉଣ୍ଡରୁ ହିଁ ୫-୦ରେ ଆଗୁଆ ରହିଥିଲେ ଅନ୍ତିମ। ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ପ୍ରଥମ ଭାରତୀୟ ରେସ୍‌ଲର ଭାବରେ ସେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୁଧବାର ବିଶ୍ୱ ଚାମ୍ପିୟନ ଓଲିଭିଆ ଡେମିନିକ୍ ପାରିସଙ୍କୁ ହରାଇବା ସହ ଅନ୍ତିମ ସେମିଫାଇନାଲରେ ପ୍ରବେଶ କରିଥିଲେ। ଦୁଇଥର ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ପଙ୍ଘାଲ ଏକଦା ୦-୨ରେ ପଛୁଆ ରହିବା ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରି ନିଜ ଆମେରିକୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୨ରେ ପରାସ୍ତ କରିଥିଲେ। ପୋଲାଣ୍ଡର ରୋକ୍ସାନା ମାର୍ଟା ଜାସିନାଙ୍କୁ ବୈଷୟିକ କୌଶଳରେ ପଛରେ ପକାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ। ରୁଷିଆର ନାତାଲିଆ ମାଲିଶେଭାଙ୍କୁ ୯-୬ରେ ହରାଇ ସେମିରେ ପ୍ରବେଶ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ସମସ୍ତ ୧୦ ଜଣ ଯାକ ଫ୍ରିଷ୍ଟାଇଲ ରେସଲର ଅଲିମ୍ପିକ୍ସ କୋଟା ଓ ପଦକ ବିନା ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇ ସାରିଛନ୍ତି।



ଜଗତପୁରର ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପରିସରରେ ଓଡ଼ିଶା କାୟାକିଂ ଓ କାନୋଇଂ ଆସୋସିଏଶନ ଯୁଗ୍ମ ସମ୍ପାଦକ ବିମଳ କୁମାର ଦାଶ ୱାଟର ସ୍ପୋର୍ଟ୍ସର ଜାତୀୟ ପଦକଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ରାଜି ହେବନି ପାକିସ୍ତାନ

ନୂଆଦିଲ୍ଲୀ,୨୧।୯(ପି.ଟି.)

ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ ଅଫ୍ ହୋଇଥିବା ଡ୍ର' ଅନୁସାରେ ଏକ ମୁକାବିଲାରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। କିନ୍ତୁ ଏଥର ମ୍ୟାଚ ନିଜ ଦେଶରୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରାଗଲେ ସେମାନେ ଖେଳିବେ ନାହିଁ ବୋଲି ପାକିସ୍ତାନ ଟେନିସ ମହାସଂଘ (ପିଟିଏଫ୍) ଗୁରୁବାର ସ୍ପଷ୍ଟ କରିଦେଇଛି। ପୂର୍ବରୁ ୨୦୧୯ରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିଥିଲେ। ସୁରକ୍ଷାଜନିତ କାରଣରୁ ଏହି ଏସିଆନ/ଓସିନିଆ ଗ୍ରୁପ୍ -୧ ମୁକାବିଲା ଏକ ନିରପେକ୍ଷ ଭେନ୍ୟୁ କାଜାଖସ୍ତାନକୁ ସ୍ଥାନାନ୍ତର ହୋଇଥିଲା। ଏହାର ପ୍ରତିବାଦ ସ୍ୱରୂପ ପାକିସ୍ତାନର ଟପ୍ ଖେଳାଳି ଆଇସାମ-ଉଲ-ହକ୍ କୁରେଶୀ ଓ ଅକିଲ ଖାନ୍ ଖେଳିବାକୁ ରାଜି ହୋଇ ନ ଥିଲେ। ତାଙ୍କ ସ୍ଥାନରେ ମହମ୍ମଦ ଶୋଏବ୍, ହୁଜାଇଫା ଅବ୍ଦୁଲ ରେହମାନ ଓ ୟୁସୁଫ୍ ଖଲିଲ ଖେଳିଥିଲେ। ସେତେବେଳେ ଦୁର୍ବଳ ପାକିସ୍ତାନ ବିପକ୍ଷରେ ଭାରତ ୪-୦ରେ ବିଜୟ ଲାଭ କରିଥିଲା। ୨୦୧୯ରେ ନିରପେକ୍ଷ ଭେନ୍ୟୁକୁ ମ୍ୟାଚ ସ୍ଥାନାନ୍ତର କରିବାରେ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ରାଜି କରାଇବା ଲାଗି ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ପାଇଁ ସହଜ ନ ଥିଲା। ପାକିସ୍ତାନର ଭେଟେରାନ ଖେଳାଳି ଅକିଲ ଖାନ୍ କହିଛନ୍ତି, ଭାରତୀୟ ଦଳ ସେମାନଙ୍କ ଦେଶରେ ଖେଳିବା ଲାଗି ଆସିବ ବୋଲି ସେମାନେ ଆଶା କରୁଛନ୍ତି। ପାକିସ୍ତାନ ଗତ ସପ୍ତାହରେ ଇଣ୍ଡୋନେସିଆ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-୨ ମୁକାବିଲାର ଆୟୋଜନ କରିଥିଲା। ଏହା ଇସ୍‌ଲାମାବାଦର ଗ୍ରାସ୍ କୋର୍ଟରେ ଖେଳାଯାଇଥିଲା। ୪୩ ବର୍ଷୀୟ ଅକିଲ ଏଥିରେ ଗୋଟିଏ ସିଙ୍ଗଲ୍ସ ଓ ଡବଲ୍ସ ରବର ଜିତିଥିଲେ।

# ଯାଜପୁର, ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ଫାଇନାଲରେ

ଭୁବନେଶ୍ୱର,୨୧।୯
(ସରୋଜ ଜେନା)

**ସବ୍‌ଜୁନିୟର ବାଳିକା ହକି**

ହକି ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସବ୍‌ଜୁନିୟର ବାଳିକା ହକି ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ସୁନ୍ଦରଗଡ ସ୍ପୋର୍ଟ୍ସ ହଷ୍ଟେଲ ଓ ଯାଜପୁର। ଶୁକ୍ରବାର କ୍ରୀଡା ଓ ଯୁବ ସେବା ବ୍ୟାପାର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମ ସେମିଫାଇନାଲକୁ ସୁନ୍ଦରଗଡ ସ୍ପୋର୍ଟ୍ସ ହଷ୍ଟେଲ ୩-୨ର ପେନାଲ୍ଟି ଶୁଟଆଉଟରେ ସୁନ୍ଦରଗଡକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ରେ ରହିଥିଲା। ଦ୍ୱିତୀୟ ସେମିଫାଇନାଲରେ ଯାଜପୁର ୩-୧ ଗୋଲରେ ଖୋର୍ଦ୍ଧାକୁ ପରାସ୍ତ କରିଥିଲା।



ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ମୁଖ୍ୟ ଅତିଥି ଶୈଳେନ୍ଦ୍ର କୁମାର ଜେନା।

# ୨୦୦୩: ଅଷ୍ଟ୍ରେଲିଆକୁ କ୍ରମାଗତ ଟାଇଟଲ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ଅଷ୍ଟମ ସଂସ୍କରଣ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ କେନିଆ ମିଳିତ ଭାବରେ ଆୟୋଜନ କରିଥିଲେ। ଏହି ବିଶ୍ୱକପ୍‌କୁ ଜିତିବା ସହିତ ବିଶ୍ୱ କ୍ରିକେଟରେ ଏକ ମହାଶକ୍ତି ଭାବରେ ଉଭା ହୋଇଥିଲା ଅଷ୍ଟ୍ରେଲିଆ। ୧୯୯୯ରେ ଷ୍ଟିଭ୍ ୱାଙ୍କ ନେତୃତ୍ୱରେ ଚାମ୍ପିୟନ ଅଷ୍ଟ୍ରେଲିଆ ୨୦୦୩ରେ ରିକି ପଣ୍ଟିଂଙ୍କ ନେତୃତ୍ୱରେ ହାସଲ କରିଥିଲା କ୍ରମାଗତ ଦ୍ୱିତୀୟ ଟାଇଟଲ୍। ଏହି ବିଶ୍ୱକପ୍‌ଟି ଏକାଧିକ କାରଣ ପାଇଁ ଚର୍ଚ୍ଚାରେ ରହିଥିଲା। ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ପରି ଶକ୍ତିଶାଳୀ ଦଳ ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଜିମ୍ବାୱେ ଓ କେନିଆରେ ହିଂସା ଚାଲିଥିବା କାରଣରୁ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପରି ଦେଶ ମ୍ୟାଚ୍ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏହା ସହିତ କିମ୍ବଦନ୍ତୀ ଲେଗ୍ ସ୍ପିନର ସେନ୍ ୱାର୍ନଙ୍କୁ ନିଷିଦ୍ଧ ଡ୍ରଗ୍ସ ସେବନ କାରଣରୁ ଅଷ୍ଟ୍ରେଲିଆ ଫେରିବାକୁ ପଡିଥିଲା। ପାକିସ୍ତାନର ସ୍ପିଡ୍‌ଷ୍ଟର ଶୋଏବ ଅଖତର ୧୬୧.୩ କି.ମି. ବେଗରେ ବୋଲିଂ କରିବା ସହିତ ରେକର୍ଡ ମଧ୍ୟ କରିଥିଲେ। ଅଷ୍ଟମ ସଂସ୍କରଣର ବିଶ୍ୱକପ୍‌ରେ ୧୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୫୪ ମ୍ୟାଚ୍ ଖେଳା ଯାଇଥିଲା। ୧୦ ଟେଷ୍ଟ ଖେଳୁଥିବା ରାଷ୍ଟ୍ର ସହିତ ୪ ସହଯୋଗୀ ରାଷ୍ଟ୍ର ଭାବେ କେନିଆ, କାନାଡା, ନାମିବ୍ୟା ଓ ନେଦରଲାଣ୍ଡ୍ସ ଅଂଶଗ୍ରହଣ କରିଥିଲେ। ୫୪ ମ୍ୟାଚ୍ ମଧ୍ୟରୁ ୪୬ଟି ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ବେଳେ ଜିମ୍ବାୱେରେ ୬ ଓ କେନିଆରେ ୨ ମ୍ୟାଚ୍ ଖେଳାଯାଇଥିଲା। ରିକି ପଣ୍ଟିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିବା ସହିତ ଭାରତକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଭାରତୀୟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ୬୭୩ ରନ୍ ସହିତ ଟୁର୍ଣ୍ଣାମେଣ୍ଟର ହାଇଏଷ୍ଟ ସ୍କୋରର ସହିତ ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୧୩ ଦିନ**

ପୁଲ୍ ଏ'ରୁ ଅଷ୍ଟ୍ରେଲିଆ, ଭାରତ, ଜିମ୍ବାୱେ ଓ ପୁଲ୍ ବି'ରୁ ଶ୍ରୀଲଙ୍କା, କେନିଆ ଓ ନ୍ୟୁଜିଲାଣ୍ଡ ସୁପରସିକ୍ସକୁ ଉନ୍ନୀତ ହୋଇଥିଲେ। ଜିମ୍ବାୱେରେ ମ୍ୟାଚ୍ ଖେଳିବାକୁ ମନା କରିଥିଲା ନ୍ୟୁଜିଲାଣ୍ଡ। ଇଂଲଣ୍ଡ ସମାନ ଢଙ୍ଗରେ କେନିଆରେ ଖେଳିବାକୁ ମନାକରି ଦେଇଥିଲା। ଫଳରେ ଉଭୟ ଜିମ୍ବାୱେ ଓ କେନିଆ ସୁପରସିକ୍ସକୁ ଉନ୍ନୀତ ହୋଇଥିଲେ। ଏପରିକି ସୁପରସିକ୍ସକୁ ଉନ୍ନୀତ ହୋଇଥିବା ନ୍ୟୁଜିଲାଣ୍ଡ ସମାନ କାରଣ ଦର୍ଶାଇ କେନିଆ ବିପକ୍ଷରେ ନ ଖେଳିବାରୁ ସେମିଫାଇନାଲରେ ପ୍ରବେଶ କରିଥିଲା କେନିଆ। ପ୍ରଥମ ସହଯୋଗୀ ରାଷ୍ଟ୍ର ଭାବରେ କେନିଆ ବିଶ୍ୱକପ୍ ସେମିରେ ପ୍ରବେଶ କରି ଇତିହାସ ରଚିଥିଲା।

ସୁପରସିକ୍ସରେ ଅଷ୍ଟ୍ରେଲିଆ ସମସ୍ତ ମ୍ୟାଚରେ ବିଜୟୀ ହୋଇ ସେମିକୁ ଯାଇଥିବା ବେଳେ ଭାରତ ୪ ମ୍ୟାଚରେ ବିଜୟୀ ହୋଇଥିଲା। ସେମିଫାଇନାଲ ମ୍ୟାଚରେ ଶ୍ରୀଲଙ୍କାକୁ ୪୮ ରନ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ଅଷ୍ଟ୍ରେଲିଆ। ଅନ୍ୟପକ୍ଷରେ ସୌରଭ ଗାଙ୍ଗୁଲିଙ୍କ ଶତକ ବଳରେ କେନିଆକୁ ୯୧ ରନ୍‌ରେ ହରାଇଥିଲା ଭାରତ। ଫାଇନାଲ ମ୍ୟାଚରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଭାରତକୁ ଏକପାଖିଆ ଭାବେ ୧୨୫ରନରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। କ୍ରମାଗତ ଭାବରେ ଏହା ଅଷ୍ଟ୍ରେଲିଆର ଦ୍ୱିତୀୟ ତଥା ମୋଟ ଉପରେ ତୃତୀୟ ଟାଇଟଲ ରହିଥିଲା। ଫାଇନାଲରେ ଅପରାଜିତ ୧୪୦ ରନ୍‌ର ଇନିଂସ ଖେଳିଥିବା ରିକି ପଣ୍ଟିଂ ପ୍ଲେୟର ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। କ୍ଲାଇଭ୍ ଲଏଡ୍‌ଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ସେ ବିଶ୍ୱକପ୍ ଫାଇନାଲରେ ଶତକ ହାସଲ କରିବା ସହ ପ୍ଲେୟର ଅଫ୍ ଦ ମ୍ୟାଚ୍ ହେବାର ରେକର୍ଡ କରିଥିଲେ।




ଟ୍ରଫି ସହ ରିକି ପଣ୍ଟିଂ।

# ଖଟିଆରେ ବୁହାହେଲେ ଗର୍ଭବତୀ



ଲୋକେ ଖଟିଆରେ ଗର୍ଭବତୀଙ୍କୁ ବୋହି ନେଉଛନ୍ତି।

**ତେଲକୋଇ,୨୧।୯(ରଞ୍ଜିତ ବିଶ୍ୱାଳ)**

ଗାଁକୁ ରାସ୍ତା ନ ଥିବାରୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ। ଫଳରେ ଖଟିଆରେ ବୁହାହୋଇ ୧ କିଲୋମିଟର ଗଲେ ଗର୍ଭବତୀ। ଏଭଳି ଘଟଣା ସାମ୍ନାକୁ ଆସିଛି କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ତାଳପଦା ପଞ୍ଚାୟତ ଅଧୀନ ଗୁରୁମ ଚାନ୍ଦପଶି ମୁଣ୍ଡାସାହିରୁ। ଘଟଣା ଅନୁଯାୟୀ, ଗ୍ରାମର ଧୁବେଇ ମୁଣ୍ଡାଙ୍କ ସ୍ତ୍ରୀ ମାମି ମୁଣ୍ଡା (୨୩)ଙ୍କ ଗର୍ଭଯନ୍ତ୍ରଣା ଆରମ୍ଭ ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଆମ୍ବୁଲାନ୍ସ ଆସି ତାଳପଦା ହାଇସ୍କୁଲ ନିକଟରେ ଅଟକିଥିଲା। କାଦୁଅ ରାସ୍ତା ଯୋଗୁ ଗାଁକୁ ଆସିବାକୁ ଡ୍ରାଇଭର ମନା କରିଥିଲେ। ଫଳରେ ବାଧ୍ୟ ହୋଇ ଧୁବେଇ ଗାଁ ଲୋକଙ୍କ ସହାୟତାରେ ସ୍ତ୍ରୀଙ୍କୁ ଖଟିଆରେ କାନ୍ଧେଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇବା ପରେ ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ବେଳେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ଜଣାପଡ଼ିଛି। ପୂର୍ବରୁ ମଧ ତେଲକୋଇ ଅଞ୍ଚଳରେ ଏଭଳି ଜନନୀ ଯନ୍ତ୍ରଣା ସମ୍ପର୍କିତ ଖବର ପ୍ରକାଶ ପାଇଥିବା ବେଳେ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି।

# ଖାଦ୍ୟ ବିଷକ୍ରିୟା ଯୋଗୁ ପରିବାରର ୧୧ ଅସୁସ୍ଥ

**ହାଟଡ଼ିହୀ,୨୧।୯ (ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆଇତିପୁର ପଞ୍ଚାୟତ ଅମୃତପୁର ଗ୍ରାମରେ ଖାଦ୍ୟ ବିଷକ୍ରିୟା ଯୋଗୁ ଏକ ପରିବାରର ୧୧ ଜଣ ଅସୁସ୍ଥ ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ୩ ମହିଳା, ୨ ପୁରୁଷଙ୍କ ସମେତ ୬ ଛୋଟ ପିଲା ଅଛନ୍ତି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ସୂଚନା ଅନୁଯାୟୀ, ଗ୍ରାମର ଅନନ୍ତ ନାରାୟଣ ଦାଶଙ୍କ ପରିବାର ଗତ ବୁଧବାର ନିକଟସ୍ଥ ଗେଡ଼ମା ଛକରୁ କୁକୁଡ଼ା ମାଂସ କିଣି ଆଣିଥିଲେ। ମାଂସ ରୋଷେଇକରି ଭାତ ସହ ଖାଇବା ପରେ ପରିବାର ଲୋକଙ୍କର ଝାଡ଼ା, ବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା। ଚିକିତ୍ସା ପାଇଁ ସମସ୍ତେ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଖାଦ୍ୟରେ କୌଣସି ବିଷାକ୍ତ କୀଟ ପଡ଼ିଯାଇଥିବା କୁହାଯାଉଥିବା ବେଳେ ମଲା କୁକୁଡ଼ା ମାଂସକୁ ଦୋକାନୀ ବିକିଥିଲେ। ବାସିମାଂସ ଖାଇ ଏପରି ଅଘଟଣ ଘଟିଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

**ଗଣେଶ ପୂଜା ଭୋଗ ଖାଇ ଅସୁସ୍ଥ ହେବା ଘଟଣା**

# ପୁଣି ୧୮ ଡାକ୍ତରଖାନାରେ ଭର୍ତ୍ତି

**ବାହାନଗା, ୨୧।୯(ଅରୂପ କୁମାର ଦାସ)**

ବାହାନଗା ବ୍ଲକ ପଣପଣା ପଞ୍ଚାୟତ ସରସତିଆ ଗ୍ରାମ ଜେନାସାହିରେ ଗଣେଶ ପୂଜା ଭୋଗ ଖାଇ ୫୦ରୁ ଅଧିକ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୬ଜଣ ଭଲ ହୋଇ ଘରକୁ ଆସିଥିଲେ। ଗୁରୁବାର ଆଉ ୧୮ଜଣ ଆକ୍ରାନ୍ତ ହୋଇ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ମାଳତୀ ଯେନା, ବର୍ଷା ଯେନା, ବିକର୍ତ୍ତନ ଯେନା, ବାସନ୍ତୀ ଯେନା, ନିବେଦିତା ଯେନା, ରଂଜିତା ଯେନା, ତପନ ଯେନା, ଗୀତାରାଣୀ ଯେନା, ଅଞ୍ଜନା ଯେନା, ଶାନ୍ତିଲତା ଯେନା, କଳିଙ୍ଗ ଯେନା, ବର୍ଷା ଯେନା, ହିମାଂଶୁ ଯେନା, ସୁନାଲି ଯେନା, ଅନୁସୂୟା ଯେନା। ଏମାନଙ୍କ ସହ ଆଉ ୩ଜଣ ଛୋଟପିଲା ଅଛନ୍ତି। ଗୋପାଳପୁର ଓ ଖନ୍ତାପଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଧୀରେଶ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହିତ ଜିଲା ଡାକ୍ତରୀ ଦଳର ଦୁଇଟି ଟିମ୍ ଆସି ସେହି ଗ୍ରାମରେ ଆକ୍ରାନ୍ତଙ୍କ ଘରେ ବୁଲିବା ସହିତ ଔଷଧ ବଣ୍ଟନ କରିଥିଲେ।

ମଙ୍ଗଳବାର ସରସତିଆ ଗ୍ରାମର ୧୫ନମ୍ବର ୱାର୍ଡ ଜେନାସାହିରେ ଗଣେଶ ପୂଜା କରାଯାଇଥିଲା। ପୂଜା ଭୋଗ ଖାଇ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସହିତ ୩ଜଣ ଛୋଟ ପିଲା ଗୁରୁତର ଅବସ୍ଥାରେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତମାନଙ୍କୁ ବିଜେଡି ନେତା ସନ୍ତୋଷ ଖଟୁଆ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, କଂଗ୍ରେସର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଭେଟିଥିଲେ। ଗୋପାଳପୁର ଓ ଖନ୍ତାପଡା ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଧୀରେଶ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଗତକାଲି ଲେକମାନଙ୍କୁ ଯେଉଁ ଔଷଧ ବିତରଣ କରାଯାଇଥିଲା ତାହା ସେମାନେ ନ ଖାଇ ପାଖରେ ରଖିଥିଲେ। ଯେଉଁ ମାନେ ଔଷଧ ଖାଇଥିଲେ ସେମାନେ ସୁସ୍ଥ ଥିବା ଜଣାପଡିଛି।

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନା ମା' ଭୈରବୀ ମୋର ପଶ୍ଚିମ ଓଡ଼ିଶାବାସୀ ଓ ବୌଦ୍ଧବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ସୁବୋଧ କୁମାର ପ୍ରଧାନ
କାର୍ଯ୍ୟକାରୀ ସଭାପତି, ବିଜୁ ଜନତା ଦଳ ବୌଦ୍ଧ ତଥା ଏକ୍ସପର୍ଟ ସଦସ୍ୟ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଓଡ଼ିଶା

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ମହେନ୍ଦ୍ର ରଣା
କର୍ଲାମୁଣ୍ଡା କ ଜୋନ୍ ଜିଲା ପରିଷଦ ସଭ୍ୟ ତଥା ବିଜେଡି ଯୁବ ନେତା, କଳାହାଣ୍ଡି ଜିଲା

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ସଙ୍ଗୀତ ଭୋଇ
କର୍ଲାମୁଣ୍ଡା ବ୍ଲକ ଯୁବ ବିଜେଡି ସଭାପତି

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନା ମା' ଭୈରବୀ ମୋର ଜିଲାବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ସ୍ନେହଲତା ପ୍ରଧାନ
ଅଧ୍ୟକ୍ଷା, ପଞ୍ଚାୟତ ସମିତି, ହରଭଙ୍ଗା
ସରୋଜ କୁମାର ପ୍ରଧାନ
ଉପାଧ୍ୟକ୍ଷ, ପଞ୍ଚାୟତ ସମିତି, ହରଭଙ୍ଗା, ବୌଦ୍ଧ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନା ମା' ଭୈରବୀ ମୋର ଜିଲାବାସୀଙ୍କୁ ସୁଖରେ ରଖିବା ସହ ଛତରଙ୍ଗ ପଞ୍ଚାୟତବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ବୁଦ୍ଧି ସାଗର ମିଶ୍ର
ମା' ଭବାନୀ ଷ୍ଟୋନ୍ କ୍ରସର
ଖରଭୂଇଁ, ହରଭଙ୍ଗା, ବୌଦ୍ଧ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ଶ୍ରୀମତୀ କୁନି ସାହୁ
ବ୍ଲକ ଅଧ୍ୟକ୍ଷା, ପଞ୍ଚାୟତ ସମିତି କର୍ଲାମୁଣ୍ଡା, କଳାହାଣ୍ଡି ଜିଲା

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନା ମା' ଭୈରବୀ ମୋର ଜିଲାବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ବିକାଶ କୁମାର ଅଗ୍ରୱାଲା
ମା' ଭୈରବୀ ଷ୍ଟୋନ୍ କ୍ରସର
ଖରଭୂଇଁ, ହରଭଙ୍ଗା, ବୌଦ୍ଧ

Best Compliments For Nuakhai
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
SWOSTI POWERCON
PROJECT MANAGEMENT,PROCUREMENT AND CONSTRUCTION COMPANY
Govt. Electrical Contractor
Mob: +91-9438408911, Email: admin@swostipowercon.com

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ବୋରପଦର ଗ୍ରାମ ପଞ୍ଚାୟତର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ସୁବାଷ ସାହୁ
ସରପଞ୍ଚ, ବୋରପଦର ଗ୍ରାମ ପଞ୍ଚାୟତ
କର୍ଲାମୁଣ୍ଡା ବ୍ଲକ, କଳାହାଣ୍ଡି ଜିଲା

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ସୁରେଶ ଚୌଧୁରୀ
କର୍ଲାମୁଣ୍ଡା ଖ ଜୋନ୍ ଜିଲା ପରିଷଦ ସଭ୍ୟ ତଥା କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି, କଳାହାଣ୍ଡି ଜିଲା

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ତିହାର ସମସ୍ତଙ୍କ ମନରେ ଭରିଦେଉ ସୁଖ, ସମୃଦ୍ଧି ମା' ଭୈରବୀ ସମସ୍ତଙ୍କୁ ସୁଖରେ ରଖିବା ସହ ମୋର ଜିଲାବାସୀ ତଥା ହରଭଙ୍ଗା ବ୍ଲକର ଭାଇଭଉଣୀମାନଙ୍କୁ ନୂଆଁଖାଇ ଜୁହାର୍।
ପ୍ରଶାନ୍ତ କୁମାର ମହାକୁଡ଼
ମା' ଭୈରବୀ ଫ୍ଲାଏ ଆଶ୍ ଇଟା ଇଣ୍ଡଷ୍ଟ୍ରିଜ୍,
ଛତରଙ୍ଗ, ବୌଦ୍ଧ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନ, ମା' ଭୈରବୀ ମୋର ଜିଲାବାସୀଙ୍କୁ ସୁଖରେ ରଖିବା ସହ ଛତରଙ୍ଗ ପଞ୍ଚାୟତବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ପୀତବାସ ପ୍ରଧାନ
ସମାଜସେବୀ (ପୂର୍ବତନ ସମିତିସଭ୍ୟ, ଛତରଙ୍ଗ ଗ୍ରାମ ପଞ୍ଚାୟତ), ଛତରଙ୍ଗ, ବୌଦ୍ଧ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ନନ୍ଦିକିଶୋର ଭୋଇ
ଜିଲା ଯୁବ ବିଜେଡି ସମ୍ପାଦକ ତଥା ଆଦିବାସୀ ଯୁବନେତା, କର୍ଲାମୁଣ୍ଡା ବ୍ଲକ, କଳାହାଣ୍ଡି ଜିଲା

# ପାରାଦୀପରେ ୨ ଦିନିଆ ମିଳିତ ସମରାଭ୍ୟାସ

ପାରାଦୀପ,୨୧।୯ (ଶରତ ରାଉତ)

ଓଡ଼ିଶାର ୪୮୨ କିମି ପୂର୍ବ ଉପକୂଳରେ ଗୁରୁବାରଠାରୁ ଆରମ୍ଭ ହୋଇଛି ମିଳିତ ସମରାଭ୍ୟାସ। ଚଳିତଥର ଓଡ଼ିଶା ଓ ପଶ୍ଚିମବଙ୍ଗର ସୁରକ୍ଷା ଏଜେନ୍ସିଗୁଡ଼ିକ ମିଳିତ ଭାବେ ଏହି ସମରାଭ୍ୟାସ କରୁଛନ୍ତି। ଏହାର ସରକାରୀ ନାମ ସାଗର କବଚ-୨ ରହିଛି। ଏଥିରେ ନୌସେନା, କୋଷ୍ଟଗାର୍ଡ, ଓଡ଼ିଶା ପୋଲିସ, ମେରାଇନ ପୋଲିସ, ମତ୍ସ୍ୟ ବିଭାଗ, ବନ ବିଭାଗ, ଇମିଗ୍ରେସନ, ସିଆଇଏସ୍‌ଏଫ୍‌, କଷ୍ଟମ୍ସ, ପାରାଦୀପ ବନ୍ଦର ସମେତ ଅନ୍ୟ ସୁରକ୍ଷା ଏଜେନ୍ସି ସାମିଲ ହୋଇଛନ୍ତି। ଏହିସବୁ ସୁରକ୍ଷା ବଳ ୨ଦିନ ପୂର୍ବ ଉପକୂଳରେ ମିଳିତ ପାଟ୍ରୋଲିଂ କରିବେ। ଏଥିରେ ୨ଟି ଟିମ୍ କରାଯାଇଛି। ଯଥା ବ୍ଲୁ ଓ ରେଡ୍। ଛଦ୍ମବେଶୀ ଆତଙ୍କବାଦୀ ବିଭିନ୍ନ ସମ୍ବେଦନଶୀଳ ଜାଗାରେ ପ୍ରବେଶ କରିବେ। ତାକୁ ବ୍ଲୁ ଟିମ୍ ନିଜର ଗୋଇନ୍ଦା ଓ ଅସ୍ତ୍ର ଜରିଆରେ କାବୁ କରିବେ। ଏଭଳି ସମରାଭ୍ୟାସ ୨୦୦୯ରୁ ଦେଶର ପୂର୍ବ ଉପକୂଳ ସୀମାରେ ବର୍ଷକୁ ଦୁଇଥର ହେଉଛି। ସୂଚନାଯୋଗ୍ୟ,୨୦୦୮ ନଭେମ୍ବର ୨୬ରେ ପାକିସ୍ତାନ ଆତଙ୍କବାଦୀମାନେ ଉପକୂଳ ସୀମା ଦେଇ ବମ୍ବେ ସହର ଉପରେ ଆକ୍ରମଣ କରିଥିଲେ। ସେତେବେଳେ ତାଙ୍କୁ କାବୁ କରିବା ବେଳେ ସୁରକ୍ଷା ଏଜେନ୍ସି ମଧ୍ୟରେ ସମନ୍ୱୟ ରହି ନ ଥିଲା। ସେଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରତିବର୍ଷ ଉପକୂଳ ସୀମାରେ ମିଳିତ ସମରାଭ୍ୟାସ କରାଯାଉଛି। ତଟ ସୁରକ୍ଷା ପାଇଁ କୋଷ୍ଟଗାର୍ଡକୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି। ପୂର୍ବ ଉପକୂଳରେ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଛି। ଏହି କ୍ରମରେ ଓଡ଼ିଶାରେ ୧୮ଟି ସାମୁଦ୍ରିକ ଥାନା ୨୦୦୯ଠାରୁ ୨୦୨୦ ମଧ୍ୟରେ ହୋଇଛି।



ଉପକୂଳକୁ ସୁରକ୍ଷା ଦେବା ଲାଗି ପାରାଦୀପ ସମୁଦ୍ରରେ ଚାଲିଥିବା ମିଳିତ ସମରାଭ୍ୟାସ।

# ବାର୍‌କୁ ଡାକି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣକରି ଲୁଟିଲେ

## ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧।୯
(ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ବିବାଦକୁ ନେଇ ବାର୍‌କୁ ଡାକି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ସୁନା ଚେନ୍ ଲୁଟି ନିଆଯାଇଛି। ଏନେଇ ଅଭିଯୋଗ ପରେ ମୈତ୍ରୀ ବିହାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଅଞ୍ଚଳର ରେନ୍ ପଟ୍ଟନାୟକ। ଜାମିନ ନାମଞ୍ଜୁର ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ଆକ୍ରମଣର ଶିକାର ହୋଇଥିବା ଯୁବକ ଓ ଅଭିଯୁକ୍ତ ପରସ୍ପରକୁ ଭଲ ଭାବେ ଜାଣନ୍ତି। ଆକ୍ରମଣର ଶିକାର ଯୁବକ ଜଣକ ନିଜ ବନ୍ଧୁଙ୍କ ଗହଣରେ କିଟ୍ କଲେଜ ପରିସରରେ ଗଣେଶ ପୂଜା ପାଳନ କରୁଥିବାବେଳେ ରାତି ପ୍ରାୟ ୧୦ଟା ୩୦ରେ ସୁମିତ ପାଇକରାୟ ନାମକ ଜଣେ ଯୁବକ ପୂର୍ବ ବିବାଦ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ତାଙ୍କୁ ଫୋନ୍ କରି ଅଞ୍ଜୁମନ ବାର୍‌କୁ ଡାକିଥିଲେ। ଯୁବକ ଜଣକ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ସୁମିତ, ସହଯୋଗୀ ରେନ୍ ପଟ୍ଟନାୟକ, ବିବେକ ପାତ୍ର, ବିକାଶ ପାତ୍ର ଓ ଅନ୍ୟମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ସଂଘବଦ୍ଧ ଭାବେ ମାଡ ମାରିଥିଲେ। ପରେ ତାଙ୍କ ବେକରୁ ଏକ ସୁନାଚେନ ଲୁଟିନେଇ ଅଭିଯୁକ୍ତମାନେ ପଳାଇଥିଲେ। ଆକ୍ରମଣର ଶିକାର ଯୁବକଙ୍କ ବାପା ବାପା ଶୁଭ୍ରାଂଶୁ ତ୍ରିପାଠୀ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ।

ବଲାଙ୍ଗୀର ଜିଲ୍ଲାବାସୀଙ୍କୁ ନୂଆଁଖାଇ ଜୁହାର ଓ ଶୁଭକାମନା
ନୂଆଁଖାଇ ଜୁହାର
ବିଜ୍ଞାନ କୁମାର
ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ

କୃଷିଭିତ୍ତିକ ପର୍ବ ନୂଆଁଖାଇ ଜୁହାର
ପ୍ରଶାନ୍ତ ତ୍ରିପାଠୀ — ସରପଞ୍ଚ,ବାଦିବାହାଲ
ପାର୍ବତୀ ତ୍ରିପାଠୀ — ସମିତିସଭ୍ୟା,ବୁଢ଼ୀପଦର

ପଞ୍ଚାୟତବାସୀଙ୍କୁ ଗଣପର୍ବ ନୂଆଁଖାଇ ଜୁହାର
ନୂଆଁଖାଇ ଜୁହାର
କୌସ୍ତୁବ ସାହୁ
ସରପଞ୍ଚ, କୁଶମେଲ

ବଲାଙ୍ଗୀର ଜିଲ୍ଲାବାସୀଙ୍କୁ ଗଣପର୍ବ ନୂଆଁଖାଇ ଜୁହାର
ନୂଆଁଖାଇ ଜୁହାର
ଗଣେଶ ସାହୁ
ଜିଲ୍ଲା ଯୁବ କଂଗ୍ରେସ ସଭାପତି

ଗଣପର୍ବ ନୂଆଁଖାଇ ଜୁହାର
ଲକ୍ଷ୍ମୀ ପଧାନ — ବୁଢ଼ୀପଦର ସରପଞ୍ଚ
ଯୁଧିଷ୍ଠିର ପଧାନ — ସାମାଜିକ କର୍ମୀ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ମୋର ସମସ୍ତ ବୌଦ୍ଧବାସୀଙ୍କୁ ନୂଆଁଖାଇ ଜୁହାର
ଏମ୍. ପ୍ରସାଦ ରାଓ
ଫରେଷ୍ଟର
ବଘିଆପଡ଼ା ସେକ୍ସନ, ବୌଦ୍ଧ ରେଞ୍ଜ

ଗଣପର୍ବ ନୂଆଁଖାଇ ଜୁହାର
ନୂଆଁଖାଇ ଜୁହାର
ଲକ୍ଷ୍ମୀପ୍ରିୟା ମିଶ୍ର
ଭାଜପା ଜିଲ୍ଲାପରିଷଦ ପ୍ରାର୍ଥିନୀ, ଯୋଗୀସର୍ଡା

କୃଷିଭିତ୍ତିକ ପର୍ବ ନୂଆଁଖାଇ ଜୁହାର
ନୂଆଁଖାଇ ଜୁହାର
ବିଜୁଳି ପଧାନ
ସରପଞ୍ଚ, ଯୋଗୀସର୍ଡା

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକ ତଥା ୧୩ନଂ ଜୋନ୍‌ର ସମସ୍ତ ଜନସାଧାରଣ ଓ ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ଶ୍ରୀମତୀ ସୁମତୀ ସେଠ
ଜିଲ୍ଲାପରିଷଦ ସଭ୍ୟା ୧୩ନଂ. ଜୋନ୍,ଦେଓଗାଁ ବ୍ଲକ,ବଲାଙ୍ଗୀର

ନୂଆଁଖାଇ ଜୁହାର
ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ମେହେର — ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦେଓଗାଁ ବ୍ଲକ
ଶ୍ରୀଯୁକ୍ତ ଦୟାନିଧି ଖମାରୀ — ବ୍ଲକ ଅଧ୍ୟକ୍ଷ, ଦେଓଗାଁ ବ୍ଲକ

ନୂଆଁଖାଇ ଜୁହାର
ପବିତ୍ର ନୂଆଁଖାଇ ମହାନ ଗଣପର୍ବ ପାଳନ ଅବସରରେ ସମଗ୍ର କେସିଙ୍ଗା ତଥା ଜିଲାବାସୀଙ୍କୁ ନୂଆଁଖାଇ ଜୁହାର ଓ ଶୁଭେଚ୍ଛା। ସମସ୍ତେ ମିଳିମିଶି ଆନନ୍ଦ ଉଲ୍ଲାସରେ ନୂଆଖାଇବାକୁ ଅନୁରୋଧ। ଆପଣମାନଙ୍କ ସମସ୍ତଙ୍କ ନିରାମୟ ଜୀବନ ସୁଖମୟ ପାଇଁ ମା' ମାଣିକେଶ୍ୱରୀଙ୍କଠାରେ ପ୍ରାର୍ଥନା କରୁଛୁ।
ଲମ୍ବୁ ଶିଖା
ନିର୍ବାହୀ ଅଧିକାରୀ, ଉତକେଲା, ଚାଞ୍ଚେର ଗ୍ରା.ପ ତଥା ଯୁଗ୍ମ ସମ୍ପାଦକ, ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ, କଳାହାଣ୍ଡି ଶାଖା

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ମୋର ସମସ୍ତ ବୌଦ୍ଧବାସୀଙ୍କୁ ନୂଆଁଖାଇ ଜୁହାର
ନୂଆଁଖାଇ ଜୁହାର
ନେତ୍ରାନନ୍ଦ ପୁରୋହିତ
ମୁଣ୍ଡାପଡ଼ା ସୋସାଇଟି ସମ୍ପାଦକ, ବୌଦ୍ଧ

ପଶ୍ଚିମ ଓଡ଼ିଶାର ମୁଖ୍ୟ ପର୍ବ ନବାନ୍ନ ଭକ୍ଷଣ ପବିତ୍ର ତିଥିରେ କୃଷକମାନଙ୍କର ସ୍ୱାର୍ଥରେ ଉଦ୍ଦିଷ୍ଟ ପ୍ରାଥମିକ କୃଷି ସମବାୟ ସମିତି ପଦ୍ମପୁର ତରଫରୁ ଅଭିନନ୍ଦନ ଜଣାଉଛୁ।
ସମସ୍ତଙ୍କୁ ନୂଆଁଖାଇ ଜୁହାର
ପ୍ରୀତମ ମେହେର — ସଭାପତି
ଗୋପାଳ ଷାଣ୍ଢ — ସମ୍ପାଦକ
ପ୍ରାଥମିକ କୃଷି ସମବାୟ ସମିତି, ପଦ୍ମପୁର

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ସରୋଜ କୁମାର ତାଣ୍ଡି
ଗ୍ରାମ ରୋଜଗାର ସେବକ, ସାଲେପାଲି ଓ ଉଡାର ପଞ୍ଚାୟତ, ଦେଓଗାଁ ବ୍ଲକ

ନୂଆଁଖାଇ ଜୁହାର
ନୂଆଁଖାଇ ଆଏ ଭାବର୍ ତିହାର୍ ଭାଇ ମନ୍‌କେ କରିଥିସି ବର୍‌କସ୍ କସିକରି ବାନ୍ଧିଦେସି ବଛର୍‌କେ ଘାଏ ହେଇଯାଇଥିଲେ ଭିଲ୍‌ଫସ୍ ସମଲେଇ ମାଁ ମୁଲ୍‌ମୁଲ୍ ହଁସ୍‌ଲାନ ବୁଝ୍‌ଲ କାଏଁ ଭାଇ ନୂଆଁଖାଇ ଆଏଲାନ
ସମ୍‌କୁ ନୂଆଁଖାଇର୍ ଶୁଭେଚ୍ଛା ଆର୍ ଜୁହାର
ଶିକ୍ଷା ନିକେତନ ପରିବାର
JAGATBANDHU BISWA BHARATI SIKSHYA NIKETAN
(ଶିକ୍ଷକ ଶିକ୍ଷା ତାଲିମ ମହାବିଦ୍ୟାଳୟ)
ସାଲେପାଲି, ବ୍ଲକ୍-ଦେଓଗାଁ, ବଲାଙ୍ଗୀର

ସମସ୍ତଙ୍କୁ ନୂଆଁଖାଇ ଜୁହାର
ନୂଆଁଖାଇ ତିହାର ମୋର ପଞ୍ଚାୟତ ବାସୀଙ୍କ ପାଇଁ ଭରିଦେଉ ସୁଖ, ଆଉ ସମୃଦ୍ଧି, ମା କନ୍ଧୁଣୀଦେବୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ସମସ୍ତଙ୍କୁ ମୋ ନୂଆଁଖାଇ ଜୁହାର।
ଅରୁଣ କୁମାର ବାଘ
ସରପଞ୍ଚ,
ବ୍ରାହ୍ମଣପାଲି ଗ୍ରାମ ପଞ୍ଚାୟତ, ବୌଦ୍ଧ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ପବିତ୍ର ନୂଆଁଖାଇ ମହାନ ଗଣପର୍ବ ପାଳନ ଅବସରରେ ସମଗ୍ର କେସିଙ୍ଗା ନଗରବାସୀ ତଥା ଜିଲ୍ଲାବାସୀଙ୍କୁ ନୂଆଁଖାଇ ଜୁହାର ଓ ଶୁଭେଚ୍ଛା। ସମସ୍ତେ ମିଳିମିଶି ଆନନ୍ଦ ଉଲ୍ଲାସରେ ନୂଆଖାଇବାକୁ ଅନୁରୋଧ। ଆପଣମାନଙ୍କ ସମସ୍ତଙ୍କ ନିରାମୟ ଜୀବନ ସୁଖମୟ ପାଇଁ ମା' ମାଣିକେଶ୍ୱରୀଙ୍କଠାରେ ପ୍ରାର୍ଥନା କରୁଛୁ।
ନୃପରାଜ ଯାଦବ
ଅଧ୍ୟକ୍ଷ, ଏନ୍.ଏ.ସି, କେସିଙ୍ଗା

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ସମଗ୍ର ରେଙ୍ଗାଲି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ତଥା ଶୁଭେଚ୍ଛା ଜଣାଇବା ସହ ମା' ସମଲେଶ୍ୱରୀ ପାଖରେ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧି ପ୍ରାର୍ଥନା କରୁଛି।
ନିର୍ମଳ ବେହେରା
ଯୁବ ବିଜେଡି ନେତା, ଲପଙ୍ଗା, ରେଙ୍ଗାଲି

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ତଥା ରେଢ଼ାଖୋଲର ଇଷ୍ଟଦେବତା ପ୍ରଭୁ ପଞ୍ଚଖଣ୍ଡା ପୂଜା ଅବସରରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କୁ ଅଭିନନ୍ଦନ ଓ ନୂଆଁଖାଇ ଜୁହାର
ପ୍ରମୋଦ କୁମାର ବେହେରା
ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ, ରେଢ଼ାଖୋଲ

ପଶ୍ଚିମ ଓଡ଼ିଶାର ପବିତ୍ର ନୂଆଁଖାଇ ମହାନ ଗଣପର୍ବ ପାଳନ ଅବସରରେ ସମଗ୍ର ନର୍ଲା ଓ କେସିଙ୍ଗା ନଗରବାସୀ ତଥା ଜିଲାବାସୀଙ୍କୁ ନୂଆଁଖାଇ ଜୁହାର ଓ ଶୁଭେଚ୍ଛା। ସମସ୍ତେ ମିଳିମିଶି ଆନନ୍ଦ ଉଲ୍ଲାସରେ ନୂଆଖାଇବାକୁ ଅନୁରୋଧ। ଆପଣମାନଙ୍କ ସମସ୍ତଙ୍କ ନିରାମୟ ଜୀବନ ସୁଖମୟ ପାଇଁ ମା' ମାଣିକେଶ୍ୱରୀଙ୍କଠାରେ ପ୍ରାର୍ଥନା କରୁଛୁ।
ଭୂପିନ୍ଦର ସିଂ
ନର୍ଲା, ବିଧାୟକ, କଳାହାଣ୍ଡି

# ସେମିରେ ମହିଳା କ୍ରିକେଟ ଦଳ



ସ୍ମୃତି ମନ୍ଧାନାଙ୍କ ସହିତ ମାଲେସିଆର ମାରିଆ ଇଜାତି ଇସମାଇଲ।

**ହାଙ୍ଗଝୋ,୨୧।୯(ପି.ଟି.)**

ବର୍ଷା କାରଣରୁ ମାଲେସିଆ ବିପକ୍ଷ ମ୍ୟାଚ ଧୋଇ ଯାଇଥିବା ବେଳେ ଭାରତୀୟ ମହିଳା କ୍ରିକେଟ ଦଳ ଏସିଆନ୍ ଗେମ୍ସ ୨୦୨୩ର ସେମି ଫାଇନାଲରେ ପ୍ରବେଶ କରିଛି। ଗୁରୁବାରର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଟି ବର୍ଷା କାରଣରୁ ୧୫ ଓଭର ବିଶିଷ୍ଟ କରାଯାଇଥିଲା। ମାଲେସିଆ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଭାରତ ୧୫ ଓଭରରେ ୨ ଉଇକେଟ ହରାଇ ୧୭୩ ରନ୍ ସ୍କୋର କରିଥିଲା। ଭାରତ ପକ୍ଷରୁ ଶେଫାଳି ବର୍ମା ସର୍ବାଧିକ ୬୭ ରନ୍ ସ୍କୋର କରଥିଲେ। ୩୯ ବଲ୍ ଖେଳିଥିବା ଶେଫାଳି ୪ ଚୌକା ଓ ୫ ଛକା ମାରିଥିଲେ। ଅଧିନାୟିକା ସ୍ମୃତି ମନ୍ଧାନା ୨୭ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁଏଜ୍ ୪୭ ଓ ରିଚା ଘୋଷ ୨୧ ରନରେ ଅପରାଜିତ ରହିଥିଲେ। ମାଲେସିଆ ପକ୍ଷରୁ ମାରିଆ ଇଜାତି ଇସମାଇଲ ଓ ମାସ ଏଲିସା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମାଲେସିଆ ବ୍ୟାଟିଂ ଆରମ୍ଭ କରିଥିବା ବେଳେ ମାତ୍ର ଦୁଇଟି ବଲ୍ ପଡିବା ସମ୍ଭବ ହୋଇଥିଲା। ମ୍ୟାଚ୍ ବାତିଲ ହେବା ଫଳରେ ଆଇସିସି ର୍‍ୟାଙ୍କିଙ୍ଗରେ ଉପରେ ଥିବା କାରଣରୁ ଭାରତୀୟ ମହିଳା ଦଳକୁ ବିଜୟୀ ଘୋଷଣା କରାଯାଇଥିଲା।

# ବାଂଲାଦେଶକୁ ହରାଇଲା ଭାରତ

**ଏସିଆନ୍ ଗେମ୍ସ**

**ହାଙ୍ଗଝୋ,୨୧।୯(ପି.ଟି.)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ୍ ଗେମ୍ସ ଫୁଟବଲରେ ବାଂଲାଦେଶକୁ ପରାସ୍ତ କରି ନକ୍‌ଆଉଟ ଆଶା ଉଜ୍ଜୀବିତ ରଖିଛି ଭାରତ। ଅଧିନାୟକ ସୁନୀଲ ଛେତ୍ରୀଙ୍କ ଗୋଲ୍ ବଳରେ ଶୁକ୍ରବାର ଭାରତ ୧-୦ରେ ମ୍ୟାଚ୍‌କୁ ଜିତି ନେଇଥିଲା। ପ୍ରଥମ ମ୍ୟାଚରେ ଚାଇନା ନିକଟରୁ ୫-୧ରେ ପରାଜିତ ହେବା ପରେ ଦୃଢ ଭାବେ ପ୍ରତ୍ୟାବର୍ତ୍ତନ କରିଛି ଭାରତ। ୩୯ ବର୍ଷୀୟ ଛେତ୍ରୀ ମ୍ୟାଚ୍‌ର ୮୫ ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ ଯାହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଭାରତ ଏହାର ଅନ୍ତିମ ମ୍ୟାଚ୍‌ରେ ମ୍ୟାନମାରକୁ ଭେଟିବ। ଏହି ମ୍ୟାଚରେ ବିଜୟୀ ହେଲେ ଦଳ ନକ୍‌ଆଉଟରେ ପ୍ରବେଶ କରିବ।

ଶୁକ୍ରବାର ଭାରତୀୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହିତ ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା। ଆୟୁଷ ଦେବ ଛେତ୍ରୀ ଓ ରାହୁଲ କେପିଙ୍କ ମିଳିତ ଉଦ୍ୟମରେ ଭାରତୀୟ ଦଳ ଏକାଧିକ ସୁଯୋଗ ପାଇଥିଲା। ଆୟୁଷଙ୍କ ଏକ ପାଶ୍ ବକ୍ସର ୬ ୟାର୍ଡ ଦୂରରେ ଛେତ୍ରୀଙ୍କ ନିକଟକୁ ଆସିଥିଲା। ଛେତ୍ରୀଙ୍କ ଶଟ୍‌କୁ ବାଂଲାଦେଶ ଗୋଲକିପର ଅଟକାଇବାରେ ସମର୍ଥ ହୋଇଥିଲେ। ଉଭୟ ଦଳର ମିଡଫିଲ୍ଡର ମାନେ ଖେଳର ଅଧିକାଂଶ ସମୟ ନିୟନ୍ତ୍ରଣରେ ରଖିଥିଲେ। ୪୦ ତମ ମିନିଟରେ ଭାରତକୁ ମିଳିଥିବା କର୍ନରକୁ ଚିଙ୍ଗଲସେନା ସିଂ ହେଡର କରିଥିଲେ ମଧ୍ୟ ବାଂଲା ଗୋଲି ଏହାକୁ ରୋକି ଦେଇଥିଲେ। ତେବେ ୮୫ ତମ ମିନିଟରେ ଛେତ୍ରୀଙ୍କ ଚମତ୍କାର ଗୋଲରେ ଭାରତ ମ୍ୟାଚ୍ ଜିତି ନେଇଥିଲା।

# ୩ ଫାଇନାଲରେ ଭାରତୀୟ ରୋୟର

**ହାଙ୍ଗ୍‌ଝୋ, ୨୧।୯ (ପି.ଟି.)**

ଏସିଆନ ଗେମ୍ସରେ ଭାରତୀୟ ରୋୟରମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ସେମାନେ ଆଉ ୩ଟି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ସତନାମ ସିଂ, ପରମିନ୍ଦର ସିଂ, ଜାକର ଖାନ୍ ଓ ସୁଖମିତ୍ ସିଂଙ୍କୁ ନେଇ ଭାରତୀୟ ପୁରୁଷ ଦଳ ୬:୦୯.୯୪ ଟାଇମିଂରେ କ୍ୱାଡରପଲ୍ ସ୍କଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଲାଇଟୱେଟ୍ ଡବଲ୍ ସ୍କଲ୍ସ କାଟେଗୋରିରେ ଭାରତୀୟ ଯୋଡ଼ି ଅରୁଣ ଲାଲ ଜାଟ୍ ଓ ଅରବିନ୍ଦ ସିଂ ୬:୫୫.୭୮ ସେକେଣ୍ଡ ଟାଇମିଂରେ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେହିପରି ପୁରୁଷ ଡବଲ ସ୍କଲ୍ସରେ ସତନାମ ସିଂ ଓ ପରମିନ୍ଦର ସିଂ ୬:୪୮.୦୬ ସେକେଣ୍ଡରେ ରିପଚେଜ ଜିତି ଭାରତର ତୃତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର କିନ୍ତୁ ଏକମାତ୍ର ମହିଳା ଲାଇଟ୍‌ୱେଟ୍ ଡବଲ୍ ସ୍କଲ ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲା। କିରଣ ଓ ଅଂଶିକା ଭାରତୀ ୮:୦୧.୮୦ ଟାଇମିଂରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଫଳରେ ଏହି ଯୋଡ଼ି ସେମାନଙ୍କ ପରବର୍ତ୍ତୀ ମ୍ୟାଚ ୭ରୁ ୧୨ତମ ସ୍ଥାନ ପାଇ ଖେଳିବେ।











# ଚାଇନିଜ୍ ତାଇପେଠାରୁ ହାରିଲା ଭାରତ

**ହାଙ୍ଗ୍‌ଝୋ, ୨୧।୯ (ପି.ଟି.):** ଏସିଆନ ଗେମ୍ସ ମହିଳା ଫୁଟ୍‌ବଲରେ ଭାରତର ଆରମ୍ଭ ନିରୁତ୍ସାହଜନକ ରହିଛି। ଗୁରୁବାର ଦଳ ଏହାଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ ତାଇପେ ନିକଟରୁ ୨-୧ ଗୋଲରେ ହାରିଯାଇଛି। ମ୍ୟାର ଓପନିଂ ଗୋଲ୍ ମଧ୍ୟାନ୍ତର ପରେ ଅର୍ଥାତ ୪୭ତମ ମିନିଟ୍‌ରେ ଅନୁଜ ତମାଙ୍ଗ ଏକ ଗୋଲ୍ ସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଚାଇନିଜ ତାଇପେ ପରେ ଲି-ଚିନ୍ ଲାଇ (୬୮ତମ ମିନିଟ) ଏବଂ ବଦଳ ଖେଳାଳି ହୁଆନ୍ ସୁ (୮୪ତମ ମିନିଟ)ଙ୍କ ଗୋଲ୍ ବଳରେ ମ୍ୟାଚକୁ ୨-୧ରେ ଜିତିନେଇଥିଲା।
















4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ